# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ଜୁନ୍ ୨୯/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, June 29 / 2019 ★★

୧୫ଶ ଭାଗ ୧୯୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଗଫ୍ ସର୍ବକନିଷ୍ଠ ଖେଳାଳି

ଆମେରିକାର ୧୫ବର୍ଷୀୟା କୋରି ଗଫ୍ ଏଥର ସର୍ବକନିଷ୍ଠ ଖେଳାଳି ଭାବେ ୱିମ୍ବେଲଡନ ଓପନ୍ ଟେନିସ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

୧୫ ୦୨

## ‘ବୋଲେ ଚୁଡ଼ିୟା’ରେ ତମନ୍ନା

ଅଭିନେତ୍ରୀ ତମନ୍ନା ଭାଟିଆ ‘ବୋଲେ ଚୁଡ଼ିୟା’ର ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଯାଉଥିବାବେଳେ ଏହାର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ।



# ୧.୩୯ ଲକ୍ଷ କୋଟିର ରାଜ୍ୟ ବଜେଟ

ଭୁବନେଶ୍ୱର,୨୮।୬(ବ୍ୟୁରୋ)

ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ସକାଶେ ୧ ଲକ୍ଷ ୩୯ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପୃଥକ୍ ଭାବେ କୃଷି ଓ ସାଧାରଣ ବଜେଟକୁ ଶୁକ୍ରବାର ବିଧାନସଭାରେ ଉପସ୍ଥାପନ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ମହିଳାମାନେ ଅଧିକ ଭୋଟ ଦେଇଥିବାରୁ ଚଳିତ ବଜେଟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମିଶନ ଶକ୍ତି ପାଇଁ ସରକାର ହାତ ଖୋଲି ଦେଇଛନ୍ତି। ଏଥିସହିତ କୃଷକ, ଯୁବକ, ଭିତ୍ତିଭୂମି, ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ, ଖାଦ୍ୟ ନିରାପତ୍ତା, ସାମାଜିକ ସୁରକ୍ଷା, ଆଦିବାସୀମାନଙ୍କ ବିକାଶ ଉପରେ ଏହି ବଜେଟରେ ଗୁରୁତ୍ୱ ଦିଆଯାଇଛି। କାଳିଆ ଯୋଜନାକୁ ବାଦ ଦେଲେ ଅନ୍ୟ କୌଣସି ନୂତନ ଯୋଜନା ପାଇଁ ଏହି ବଜେଟରେ ବ୍ୟୟ ବରାଦ କରାଯାଇ ନାହିଁ। ୨୦୧୮-୧୯ରେ ସରକାର ୧ ଲକ୍ଷ ୨୦ ହଜାର କୋଟି ଟଙ୍କାର ବଜେଟ କରିଥିଲେ। ଚଳିତ ବଜେଟର ଆକାର ଗତବର୍ଷ ତୁଳନାରେ ୧୫.୮ ପ୍ରତିଶତ ବୃଦ୍ଧି କରାଯାଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ କୃଷି ବଜେଟରେ୨୦ ହଜାର ୭୧୪ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଗତବର୍ଷ ତୁଳନାରେ ଏହା ୨୩.୫ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କୃଷି ବଜେଟ ମୋଟ ବଜେଟ ଆକଳନର ୧୪.୯ ପ୍ରତିଶତ।

ଚଳିତ ବଜେଟରେ ପ୍ରଶାସନିକ ଖର୍ଚ୍ଚ ୫୭ ହଜାର ୩୧୦ କୋଟି ଟଙ୍କା ଆକଳନ କରାଯାଇଥିବାବେଳେ ବିଭିନ୍ନ ଯୋଜନା ବାବଦରେ ୭୦ ହଜାର ୬୦୦ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୪ ହଜାର ୬୦୦ କୋଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଅର୍ଥରୁ ୬ ହଜାର ୪୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଶିକ୍ଷା ଓ ଦକ୍ଷତା କ୍ଷେତ୍ର ପାଇଁ ୧୯ ହଜାର ୪୯୨ କୋଟି, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୬ହଜାର ୭୭୯ କୋଟି, ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୫ ହଜାର କୋଟି, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ୨୩ ହଜାର ୭୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଆର୍ଥିକ ବର୍ଷରେ ପୁଞ୍ଜିବ୍ୟୟ ଅଟକଳ ୨୪ ହଜାର ୭୨୩ କୋଟି ଟଙ୍କା ରହିଛି, ଯାହାକି ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୪.୫ ପ୍ରତିଶତ ଅଟେ। ଏସବୁ ଖର୍ଚ୍ଚ ତୁଲାଇବାକୁ ରାଜ୍ୟ ସରକାର ୧ ଲକ୍ଷ ୧୫ ହଜାର ୨୬୬ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଋଣ ଓ ଅନ୍ୟାନ୍ୟ ପାଣ୍ଠିରୁ ୨୩ ହଜାର ୭୩୪ କୋଟି ଟଙ୍କା ଭରଣା କରିବାକୁ ଯୋଜନା ରଖିଛନ୍ତି। ରାଜ୍ୟରେ ନିଜସ୍ୱ ଟିକସ ବାବଦରେ ୩୩ ହଜାର କୋଟି, ଅଣ ଟିକସ ବାବଦରେ ୧୨ ହଜାର ୫୦୦ କୋଟି, କେନ୍ଦ୍ରୀୟ ଟିକସରେ ରାଜ୍ୟ ଅଂଶ ବାବଦରେ ୩୯ ହଜାର ୨୦୭ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଅନୁଦାନ ୩୦ ହଜାର ୫୫୯ କୋଟି ଟଙ୍କା ରହିଛି। ରାଜସ୍ୱ ବଳକା ୧୦ ହଜାର ୫୫୫ କୋଟି ଟଙ୍କା ହେବାକୁ ଥିବାବେଳେ ବିତ୍ତୀୟ ନିଅଣ୍ଟ ଜିଏସ୍‌ଡିପିର ୨.୯ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି।

ରାଜ୍ୟରେ ଋଣ ଭାର ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲିଛି। ୨୦୧୮-୧୯ରେ ଋଣ ଭାର ୮୭ ହଜାର ୬୪୯ କୋଟି ଥିବା ବେଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ୧ ଲକ୍ଷ ୬ ହଜାର କୋଟିରେ ପହଞ୍ଚିବ, ଯାହାକି ଜିଏସ୍‌ଡିପିର ୧୯.୭ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ନିଅଣ୍ଟିଆ ଖର୍ଚ୍ଚ ତୁଲାଇବାକୁ ୨୦୧୮-୧୯ରେ ରାଜ୍ୟ ସରକାର ଖୋଲା ବଜାରରୁ ୧୨ ହଜାର ୩ କୋଟି ଋଣ ଆଣିବାକୁ ଧାର୍ଯ୍ୟ କରିଥିଲେ। ସେଥିରୁ ଏ ପର୍ଯ୍ୟନ୍ତ ୫,୭୦୦ କୋଟି ଟଙ୍କା ଋଣ ଆଣିଛନ୍ତି। ଚଳିତବର୍ଷ ଖୋଲା ବଜାରରୁ ୧୮ ହଜାର ୬୭୭ କୋଟି ଟଙ୍କା ଋଣ କରିବେ। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ରାଜ୍ୟ ସରକାର ଚଳିତ ବଜେଟରେ କୌଣସି ନୂତନ ଯୋଜନା କରିନାହାନ୍ତି।

କୃଷି ଓ କୃଷକର ବିକାଶ ପାଇଁ କୃଷକ ସହାୟତା ଯୋଜନା ମାଧ୍ୟମରେ ୭୫ ଲକ୍ଷ କୃଷକଙ୍କୁ ସେମାନଙ୍କର ଜୀବିକା ନିର୍ବାହ ଏବଂ ଆୟ ବୃଦ୍ଧି ପାଇଁ କାଳିଆ ଯୋଜନାରେ ଚଳିତ ବର୍ଷ ବଜେଟରେ ୫ ହଜାର ୬୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବିଭିନ୍ନ ବାଣିଜ୍ୟିକ ଓ ସମବାୟ ବ୍ୟାଙ୍କ ଜରିଆରେ ଚାଷୀମାନଙ୍କୁ ସୁଧ ରିହାତି ପାଇଁ ୮ ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କୃଷିଭିତ୍ତିକ ଯନ୍ତ୍ରପାତି ଓ ସରଞ୍ଜାମର ବହୁଳ ପ୍ରସାର ପାଇଁ ୧୮୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କୃଷକମାନଙ୍କୁ ଉନ୍ନତ ସାର ଓ ବିହନ ଯୋଗାଇବା ପାଇଁ ୨୬୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯାଇଛି।

ରାଜ୍ୟରେ ଜଳସେଚନ କ୍ଷେତ୍ର ପାଇଁ ୯ ହଜାର ୭୧୩ କୋଟି ବ୍ୟୟବରାଦ କରାଯାଇଥିବା ବେଳେ ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ ପାଇଁ ୧ ହଜାର ୭୭୭ କୋଟି, ଚଳିତ ବର୍ଷ ୮ଟି ତ୍ୱରିତ ଜଳସେଚନ ସୁବିଧା ଯୋଜନା ପାଇଁ ୧ ହଜାର ୮୬୧ କୋଟି, ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ପାଇଁ ୩ ଶହ ୩୪ କୋଟି, ଗଭୀର ନଳକୂପ ଖନନ ପାଇଁ ୫ଶହ ୪୦ କୋଟି, ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ପାଇଁ ୪ ଶହ ୨୦ କୋଟି ବ୍ୟୟବରାଦ କରାଯାଇଛି। ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ୧ ହଜାର ୫୬୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା ପାଇଁ ୧ ହଜାର ୨୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସାମାଜିକ ନିରାପତ୍ତା ନିମନ୍ତେ ୪ ହଜାର ୪୨୭ କୋଟି ଟଙ୍କା ଖର୍ଚ୍ଚ ବରାଦ କରାଯାଇଛି। ମଧୁବାବୁ ପେନସନ ଯୋଜନା ପାଇଁ ୨ ହଜାର ୧୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପାଇଁ ୧ ହଜାର ୨୦୧ କୋଟି, ସ୍ୱାସ୍ଥ୍ୟସେବା ପାଇଁ ୬ ହଜାର ୭୮୩ କୋଟି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ୧ ହଜାର ୨୦୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ମହିଳା ସଶକ୍ତୀକରଣ ପାଇଁ ୨ ହଜାର ୪୪୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତି ମାଧ୍ୟମରେ ଫେଡେରେଶନଗୁଡ଼ିକୁ ଆର୍ଥିକ ସହାୟତା ଦେବା ପାଇଁ ୩୦୧ କୋଟି ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୧୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଆଦିବାସୀ ଉନ୍ନୟନ ଯୋଜନାରେ ପୌରାଞ୍ଚଳରେ ଛାତ୍ରାବାସ ନିର୍ମାଣ ପାଇଁ ୨ ଶହ ୨୬ କୋଟି ଓ ଶିକ୍ଷା ଏବଂ ଦକ୍ଷତା ବିକାଶ ପାଇଁ ୧୯ ହଜାର ୪୯୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସତ୍ୟବାଦୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ୧୫ କୋଟି, ଆଇଟିଆଇ ଏବଂ ପଲିଟେକନିକ୍‌ଗୁଡ଼ିକର ବିକାଶ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ଗ୍ରାମ୍ୟ ଉନ୍ନୟନ କ୍ଷେତ୍ର ପାଇଁ ୨୦ ହଜାର ୮୨୪ କୋଟି ଟଙ୍କା ଏବଂ ପାନୀୟ ଜଳ ଯୋଗାଣ ପାଇଁ ୫ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପୀଠା ଯୋଜନା ଅଧୀନରେ ଆମ ଗାଁ ଆମ ବିକାଶ ପାଇଁ ୪ ଶହ କୋଟି, ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଇଁ ୫୪୦ କୋଟି ଟଙ୍କା, ବସୁଧା ଯୋଜନା ପାଇଁ ୨ ହଜାର ୭୪୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ନଗର ଉନ୍ନୟନ ପାଇଁ ୫ ହଜାର ୫୭୯ କୋଟି, ଭିତ୍ତିଭୂମି ଉନ୍ନୟନ ପାଇଁ ୧୭ ହଜାର ୮୦୯ କୋଟି, ବିପର୍ଯ୍ୟୟ ପରିଚାଳନା ପାଇଁ ୪ ହଜାର ୬୦୦ କୋଟି, ସବୁଜ ବଳୟ ଓ ବନୀକରଣ ପାଇଁ ୫୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ବଜେଟରେ ରାଜସ୍ୱ ବଳକା ଜିଏସଡିପିର ୧.୨୧ ପ୍ରତିଶତ ଏବଂ ବିତ୍ତୀୟ ନିଅଣ୍ଟ ୩.୪୯ ପ୍ରତିଶତରେ ସୀମିତ ରହିବା ନେଇ ଆକଳନ କରାଯାଇଛି। ସୁଧ ଦେୟ ଓ ରାଜସ୍ୱ ଆଦାୟକୁ ୫.୬୪ ପ୍ରତିଶତ ମଧ୍ୟରେ ସୀମିତ କରାଯାଇଛି, ଯାହାକି ଏଫ୍ଆରବିଏମ୍ ଅନୁପାଳନର ୧୫ ପ୍ରତିଶତରୁ କମ୍। ଆର୍ଥିକ ପରିଚାଳନା କ୍ଷେତ୍ରରେ ଅନ୍ୟ ରାଜ୍ୟଠାରୁ ଓଡ଼ିଶା ଅଗ୍ରଣୀ ହୋଇପାରିଛି। ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ପ୍ରସ୍ତୁତ କରାଯାଇଥିବାବେଳେ ମୁଦ୍ରଣଜନିତ ଖର୍ଚ୍ଚକୁ ହ୍ରାସ କରିବାକୁ ଇଲେକ୍ଟ୍ରୋନିକ ବଜେଟ ଦସ୍ତାବିଜ୍ ପ୍ରସ୍ତୁତ କରାଯାଇଛି। ଆସନ୍ତାବର୍ଷରୁ ବଜେଟକୁ ସମ୍ପୂର୍ଣ୍ଣ ଭାବେ ଇ-ବଜେଟ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ବଜେଟରେ ଜନସାଧାରଣଙ୍କ ପାଇଁ କୃଷି ଉତ୍ପାଦନ ବୃଦ୍ଧି, ଜଳସେଚନ ସମ୍ପ୍ରସାରଣ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଭିତ୍ତିଭୂମି, ବିଦ୍ୟୁତ୍ ଯୋଗାଣ ଓ ଗ୍ରାମ ସଂଯୋଗୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଏକ ଲୋକାଭିମୁଖୀ ବଜେଟ ବୋଲି ଅର୍ଥମନ୍ତ୍ରୀ ପୂଜାରୀ ବିଧାନସଭାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହା ନିଅଣ୍ଟିଆ ନୁହେଁ ଏକ ବଳକା ବଜେଟ। ଏଥିରେ ମହିଳା, ଯୁବଗୋଷ୍ଠୀ, ଆଦିବାସୀ, ପଛୁଆ ବର୍ଗ, କୃଷି ଓ କୃଷକଙ୍କ ହିତ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି ବୋଲି ସେ କହିଛନ୍ତି।

### ଏକ ଟଙ୍କାର ଆୟ




- କେନ୍ଦ୍ରୀୟ ଟିକସ ବାବଦରେ ଅଂଶଧନ(୨୮.୨୧%)
- କେନ୍ଦ୍ରରୁ ମିଳୁଥିବା ଅନୁଦାନ(୨୧.୯୯%)
- ନିଜସ୍ୱ ଟିକସ(୨୩.୭୪%)
- ନିଜସ୍ୱ ଅଣ ଟିକସ(୮.୯୯%)
- ପୁଞ୍ଜି ପ୍ରାପ୍ତି(ସରକାରୀ ଋଣ, ବକେୟା ଋଣ ପ୍ରାପ୍ତି ଏବଂ ଅଗ୍ରିମ)(୧୭.୦୭%)

### ଏକ ଟଙ୍କାର ବ୍ୟୟ




- ପ୍ରଶାସନିକ ବ୍ୟୟ(୪୧.୨%)
- ଯୋଜନା ବାବଦରେ ବ୍ୟୟ(୫୦.୮%)
- ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(୪.୭%)
- ରାଜ୍ୟରୁ ସ୍ଥାନାନ୍ତର(୩.୩%)

### ୨୦୧୯-୨୦ ଆର୍ଥିକ ବର୍ଷ

- ଖୋଲା ବଜାରରୁ ୧୮ ହଜାର କୋଟି ଋଣ କରିବେ ସରକାର
- ରାଜ୍ୟର ମୋଟ ଋଣ ଭାର ପହଞ୍ଚିବ ୧ ଲକ୍ଷ ୬ ହଜାର କୋଟି
- କାଳିଆ ଯୋଜନା ପାଇଁ ୫,୬୧୧କୋଟି
- ମହିଳା, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ପାନୀୟଜଳ ଯୋଗାଣକୁ ଗୁରୁତ୍ୱ
- କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୨୦ ହଜାର ୭୧୪ କୋଟି
- ଜଳସେଚନ ପାଇଁ ୯ ହଜାର ୭୧୩ କୋଟି
- ଆସନ୍ତା ବର୍ଷରୁ ଇ-ବଜେଟ, କମିବ ମୁଦ୍ରଣ ଖର୍ଚ୍ଚ



ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟ୍ ଉପସ୍ଥାପନ କରୁଛନ୍ତି।

### କେଉଁ ବିଭାଗ ପାଇଁ କେତେ

| ବିଭାଗ | ବ୍ୟୟବରାଦ (କୋଟିରେ) |
|---|---|
| ଗୃହ | ୫୨୯୮.୦୫ |
| ସାଧାରଣ ପ୍ରଶାସନ | ୪୧୧.୭୪ |
| ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ | ୧୧୩୦.୩୩ |
| ଆଇନ | ୪୪୦.୭୮ |
| ଅର୍ଥ | ୨୭,୯୪୨.୭୨ |
| ବାଣିଜ୍ୟ | ୯୩.୩୪ |
| ପୂର୍ତ୍ତ | ୪୦୪୯.୨୦ |
| ଓଡ଼ିଶା ବିଧାନସଭା | ୮୦.୧୭ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୧୧୩୪.୧୫ |
| ସ୍କୁଲ ଓ ଗଣଶିକ୍ଷା ବିଭାଗ | ୧୬,୪୦୦ |
| ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ | ୩୬୨୨.୮୪ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୬୭୮୨.୮୫ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୫୫୭୮.୭୦ |
| ଶ୍ରମ ଓ କର୍ମଚାରୀଙ୍କ ବୀମା | ୧୯୫.୬୩ |
| କ୍ରୀଡ଼ା ଓ ଯୁବ ସେବା | ୨୬୬.୩୧ |
| ଯୋଜନା ଓ ସଂଯୋଜନ | ୧୦୯୩.୯୬ |
| ପଞ୍ଚାୟତିରାଜ ଓ ପାନୀୟ ଜଳ | ୧୮,୪୧୯.୦୩ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | ୨.୨୦ |
| ଶିଳ୍ପ | ୨୩୭.୩୯ |
| ଜଳସମ୍ପଦ ବିଭାଗ | ୯୭୧୩.୪୩ |
| ପରିବହନ | ୬୩୯.୫୮ |
| ଜଙ୍ଗଲ ଓ ପରିବେଶ | ୯୦୨.୨୩ |
| କୃଷି ଓ କୃଷକ କଲ୍ୟାଣ | ୮୭୦୨.୨୭ |
| ଇସ୍ପାତ ଓ ଖଣି | ୧୨୨.୨୪ |
| ସୂଚନା ଓ ଲୋକସମ୍ପର୍କ | ୧୦୫.୩୩ |
| ଅବକାରୀ | ୧୨୯.୮୨ |
| ବିଜ୍ଞାନ ଓ ବୈଷୟିକ ବିଦ୍ୟା | ୭୦.୧୨ |
| ଗ୍ରାମ୍ୟ ଉନ୍ନୟନ | ୫୫୩୦.୦୯ |
| ସଂସଦୀୟ ବ୍ୟାପାର | ୬୩.୩୬ |
| ଶକ୍ତି | ୨୨୫୦.୫୮ |
| ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ | ୧୮୨.୮୨ |
| ପର୍ଯ୍ୟଟନ | ୧୯୪ |
| ମତ୍ସ୍ୟ ଓ ପଶୁସମ୍ପଦ | ୮୯୪.୫୯ |
| ସମବାୟ ବିଭାଗ | ୧୪୦୩.୫୪ |
| ସାଧାରଣ ଉଦ୍ୟୋଗ | ୮.୪୮ |
| ମହିଳା ଓ ଶିଶୁ ବିକାଶ | ୩୪୫୭.୨୮ |
| ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା | ୧୧୮.୯୦ |
| ଉଚ୍ଚଶିକ୍ଷା | ୨୩୭୫.୩୪ |
| ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା | ୭୧୭.୦୪ |
| ଅଣୁ, କ୍ଷୁଦ୍ର, ମଧ୍ୟମ ଓ ଲଘୁ ଶିଳ୍ପ | ୧୯୨.୪୭୦୭ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ | ୩୧୬୬.୬୨ |
| ବିପର୍ଯ୍ୟୟ ପ୍ରଶମନ ପରିଚାଳନା | ୪୭୦୬.୫୮ |
| ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | ୧୭୩.୯୦ |
| ମୋଟ | ୧,୩୯,୦୦୦ |

### ଆଜିର ସମ୍ପାଦକୀୟ

ବାବୁଙ୍କ ଉପରେ ଭରସା

### ଆଜିର ମନ୍ତବ୍ୟ

“ନେହେରୁ ଓ କଂଗ୍ରେସ ଅଧ୍ୟକ୍ଷମାନଙ୍କ ଯୋଗୁ ଜମ୍ମୁ-କଶ୍ମୀରର ଏକ-ତୃତୀୟାଂଶ ଆମ ସହିତ ନାହିଁ।

-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ





NECC NATIONAL EGG CO-ORDINATION COMMITTEE 28.06.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 107 | 167 | 177 |
| BDK | 106 | 166 | 176 |
| BLS | 107 | 167 | 177 |
| ANG | 107 | 167 | 177 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


# ବାଣିଜ୍ୟ ବିବାଦର ସମାଧାନ ପାଇଁ ସହମତି

ଓସାକା,୨୮।୬

ଜାପାନର ଓସାକାଠାରେ ଜି-୨୦ ରାଷ୍ଟ୍ରନେତାମାନଙ୍କ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏଥିରେ ବାଣିଜ୍ୟ, ପ୍ରତିରକ୍ଷା, ୫ଜି ଯୋଗାଯୋଗ ନେଟ୍‌ୱାର୍କ ସମେତ ଇରାନ ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇଥିଲା। ନିକଟରେ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କ ମାଧ୍ୟମରେ ପତ୍ର ଲେଖି ଟ୍ରମ୍ପ ଭାରତ ପ୍ରତି ତାଙ୍କର ଭଲପାଇବା ଜଣାଇଥିବାରୁ ମୋଦି ତାଙ୍କୁ ଧନ୍ୟବାଦ ଦେଇଥିଲେ। ଲୋକ ସଭା ନିର୍ବାଚନରେ ମୋଦିଙ୍କ ବିପୁଳ ବିଜୟ ଲାଗି ଆମେରିକା ରାଷ୍ଟ୍ରପତି ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଦୁଇ ଦେଶ ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଏକାଠି କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଦ୍ୱିପାକ୍ଷିକ ବାଣିଜ୍ୟକୁ ନେଇ ଦୁଇଦେଶ ମଧ୍ୟରେ ବିବାଦ ଦେଖାଦେଇଥିବାବେଳେ ଏହାର ସମାଧାନ ପନ୍ଥା ବାହାର କରିବା ଲାଗି ଖୁବ୍‌ଶୀଘ୍ର ବାଣିଜ୍ୟମନ୍ତ୍ରୀସ୍ତରୀୟ ବୈଠକର ଆୟୋଜନ କରାଇବା ପାଇଁ ଉଭୟ ଟ୍ରମ୍ପ ଓ ମୋଦି ସହମତ ହୋଇଥିଲେ। ଆଲୋଚନା ବେଳେ ଆମେରିକା ବାଣିଜ୍ୟ ପ୍ରତିନିଧି ରବର୍ଟ ଲିଥାଇଜର ଏବଂ ଟ୍ରେଜେରି ସଚିବ ଷ୍ଟିଭେନ୍ ମନିନ୍ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭାରତ ଆମେରିକୀୟ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରିଥିବାରୁ ଏହାକୁ ନେଇ ଟ୍ରମ୍ପ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ବର୍ଦ୍ଧିତ ଶୁଳ୍କ ପ୍ରତ୍ୟାହାର କରିନେବା ଲାଗି ଗୁରୁବାର ଦାବି କରିଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ବାଣିଜ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ବଜାର ପ୍ରବେଶ ଏବଂ ଶୁଳ୍କ ବୃଦ୍ଧିକୁ ନେଇ ଦୁଇଦେଶ ମଧ୍ୟରେ ବିବାଦର ଆଶଙ୍କା ସୃଷ୍ଟି ହୋଇଥିଲା।

ବୈଷୟିକ ସହଯୋଗ ବୃଦ୍ଧି, ପ୍ରତିରକ୍ଷା ଓ ନିରାପତ୍ତା ସମ୍ପର୍କ ବଢ଼ାଇବା ସମେତ ବାଣିଜ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିବା ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍ କରିଛନ୍ତି। ଆମେରିକା ସହ ଅର୍ଥନୈତିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଦୁଇନେତାଙ୍କ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା ଏବଂ ଉଭୟେ ପରସ୍ପରର ଉଦ୍‌ବେଗ ଜଣାଇବା ସହ ବାଣିଜ୍ୟ ମନ୍ତ୍ରୀସ୍ତରୀୟ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ପାଇଁ ରାଜି ହୋଇଥିଲେ ବୋଲି ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ଖବରଦାତାମାନଙ୍କୁ କହିଛନ୍ତି। ଆଲୋଚନା ବେଶ୍ ଫଳପ୍ରଦ ହୋଇଥିବା ଗୋଖଲେ କହିବା ସହ ଦୁଇଦେଶ ମଧ୍ୟରେ ବୃହତ୍ତର ପ୍ରତିରକ୍ଷା ସମ୍ପର୍କକୁ କୌଣସି ପ୍ରସଙ୍ଗ ପ୍ରଭାବିତ କରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ ଆମେରିକା ପରରାଷ୍ଟ୍ର ସଚିବ ପମ୍ପିଓ ବୁଧବାର ନୂଆଦିଲ୍ଲୀ ଆସିଥିବାବେଳେ ଭାରତ-ଆମେରିକା ଗୁରୁତ୍ୱପୂର୍ଣ୍ଣ ବନ୍ଧୁ ହୋଇଥିବାରୁ ମତଭେଦ ରହିବା ସ୍ୱାଭାବିକ ବୋଲି କହିଥିଲେ। ତେବେ ଅର୍ଥନୈତିକ ବିବାଦର ସମାଧାନ ଲାଗି କାର୍ଯ୍ୟ ଜାରି ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଭାରତୀୟ ସାମଗ୍ରୀ ଉପରୁ ଆମେରିକା ଅଗ୍ରାଧିକାର ପ୍ରବେଶ ସୁବିଧା ପ୍ରତ୍ୟାହାର କରିନେବା ପରେ ନୂଆଦିଲ୍ଲୀ ଆମେରିକାରୁ ଆସୁଥିବା ଆଲମଣ୍ଡ, ଡାଲି, ୱାଲନଟ୍ ଆଦି ୨୮ଟି ସାମଗ୍ରୀ ଉପରେ ଆମଦାନି ଶୁଳ୍କ ବୃଦ୍ଧି କରିଥିଲା।

ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଶକ୍ତି ସୁରକ୍ଷା ଏବଂ ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଶାନ୍ତିକୁ ନେଇ ଭାରତର ଉଦ୍‌ବେଗ ସମ୍ପର୍କରେ ମୋଦି ଟ୍ରମ୍ପଙ୍କୁ ଜଣାଇଥିଲେ। ଉପସାଗରୀୟ ଜଳରାଶିରେ ତୈଳବାହୀ ଜାହାଜଗୁଡ଼ିକର ଯାତାୟାତରେ ତେହେରାନ ପ୍ରତିବନ୍ଧକ ସୃଷ୍ଟି କରିବା ସହ ଆମେରିକାର ଏକ ଗୋଇନ୍ଦା ଡ୍ରୋନ୍‌କୁ ଖସାଇ ଦେଇଥିବା ଟ୍ରମ୍ପ କହିଥିଲେ। ପାରସ୍ୟ ଉପସାଗର ଅଞ୍ଚଳରେ ସ୍ଥିରତା କିପରି ବଜାୟ ରହିପାରିବ ତାହା ଉପରେ ମୋଦି ଗୁରୁତ୍ୱ ଦେଇଥିଲେ।

ଦୁଇନେତାଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଭାରତ-ଜାପାନ-ଆମେରିକା ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଯୋଗାଯୋଗ ଓ ଭିତ୍ତିଭୂମି ବିକାଶ ଲାଗି ଏକାଠି କାର୍ଯ୍ୟ କରିବାକୁ ଏବଂ ଚାଇନା ପ୍ରଭାବ ବିସ୍ତାର କରିବାକୁ ଉଦ୍ୟମ ଚଳାଇଥିବା ଅଞ୍ଚଳରେ ଶାନ୍ତି ସୁନିଶ୍ଚିତ କରିବା ପ୍ରସଙ୍ଗ ଟ୍ରମ୍ପ, ମୋଦି ଓ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଆଲୋଚନାରେ ସ୍ଥାନ ପାଇଥିଲା। ଆଲୋଚନା ଫଳପ୍ରଦ ଥିଲା ବୋଲି ମୋଦି ଟୁଇଟ୍ କରି ଜଣାଇଛନ୍ତି।



### ମୋଦି-ଟ୍ରମ୍ପ ଆଲୋଚନା

- ପ୍ରତିରକ୍ଷା, ୫ଜି, ଇରାନ ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇଲା
- ଭାରତ-ଜାପାନ-ଆମେରିକା ତ୍ରିରାଷ୍ଟ୍ରୀୟ ଆଲୋଚନାରେ ଯୋଗାଯୋଗ, ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

### ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

# ୨ଦିନ ବିଧାନସଭା ଛୁଟି

ଭୁବନେଶ୍ୱର,୨୮।୬(ବ୍ୟୁରୋ)-ଶନିବାର ଓ ରବିବାର ଦୁଇଦିନ ବିଧାନସଭା ବନ୍ଦ ରହିବ। ଶୁକ୍ରବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭାରେ ଏହି ଘୋଷଣା କରିଥିଲେ। ପୂର୍ବ ନିର୍ଦ୍ଧାରୀତ କାର୍ଯ୍ୟ ସୂଚୀ ଅନୁଯାୟୀ ଶନିବାର ସରକାରୀ କାର୍ଯ୍ୟଦିବସ ଥିଲା। ତେବେ ବିଧାନସଭା କାର୍ଯ୍ୟ ପରାମର୍ଶ ଦାତା କମିଟି ସୁପାରିଶ କ୍ରମେ ଗୃହକୁ ଶନିବାର ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଛୁଟି ଦିବସ ଘୋଷଣା କରିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ଗୃହରେ ଏକ ପ୍ରସ୍ତାବ ଆଣିଥିଲେ। ବାଚସ୍ପତି ଏହାକୁ ଗ୍ରହଣ କରି ଛୁଟି ଘୋଷଣା କରିଥିଲେ।



“ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରେ ରହିବାର ୧ ପ୍ରତିଶତ ସମ୍ଭାବନା ମଧ ନାହିଁ। ସେ ନିଜ ନିଷ୍ପତ୍ତିରେ ଅଟଳ।

-ବୀରାପ୍ପା ମୋଇଲି,
ବରିଷ୍ଠ କଂଗ୍ରେସ ନେତା

■ ଚତୁର୍ଦ୍ଦଶ ଜି-୨୦ ସମ୍ମିଳନୀ: ଆମେରିକା-ଚାଇନା ଉତ୍ତେଜନା ହ୍ରାସ ପାଇଁ ଆବେଙ୍କ ଆହ୍ୱାନ

# ବିଶ୍ୱକୁ ବିପଦ ବାଣିଜ୍ୟ ଯୁଦ୍ଧ

ଓସାକା,୨୮।୬ (ପି.ଟି./ଆଇଏଏନ୍‌ଏସ୍)

ଜାପାନର ଓସାକାରେ ଶୁକ୍ରବାର ଜି-୨୦ ସମ୍ମିଳନୀ ଆରମ୍ଭ ହୋଇଛି। ଏଥିରେ ବିଶ୍ୱ ଅର୍ଥନୀତି, ବହୁପାକ୍ଷିକ ବାଣିଜ୍ୟ ଓ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଛି। ଏହି ଦୁଇଦିନିଆ ସମ୍ମିଳନୀରେ ନିଯୁକ୍ତି, ମହିଳା ସଶକ୍ତୀକରଣ ଓ ସ୍ୱାସ୍ଥ୍ୟସେବା ଆଦି ପ୍ରସଙ୍ଗ ନେଇ ମଧ ଆଲୋଚନା ହୋଇଛି। ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଜି-୨୦ ଅର୍ଥନୀତିର ନେତା ଓ ଅନ୍ୟ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମିଳନୀକୁ ସମ୍ବୋଧିତ କରି ଆବେ କହିଥିଲେ, ସାମ୍ପ୍ରତିକ ବାଣିଜ୍ୟିକ ପରିବେଶକୁ ନେଇ ସେ ଚିନ୍ତିତ। ମୁକ୍ତ ଓ ଭେଦଭାବରହିତ ବାଣିଜ୍ୟ ଉପରେ ଏକ କଡ଼ା ସନ୍ଦେଶ ଜରୁରୀ। ବିଶ୍ୱ ଅର୍ଥନୀତିକୁ ଆଗେଇ ନେବା ପାଇଁ ଆବଶ୍ୟକ ସମସ୍ତ ନୀତିକୁ ଜି-୨୦ ରାଷ୍ଟ୍ର ସମୂହ ଆପଣାଇବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ।

ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଲାଗିରହିଥିବାବେଳେ ଏହାକୁ ହ୍ରାସ କରିବା ଉପରେ ଜି-୨୦ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଛି। ଦୁଇଦେଶ 'ଯେସାକୁ ତେସା' ନ୍ୟାୟରେ ପରସ୍ପର ବିରୋଧରେ କଟକଣା ଜାରି କଲେ କୌଣସି ରାଷ୍ଟ୍ର ଏଥିରୁ ଲାଭବାନ ହେବେନାହିଁ। ତେଣୁ ଏହାର ତୁରନ୍ତ ସମାଧାନ କରାଯିବା ଉଚିତ। ଏହି ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଚାଇନା ପ୍ରତିପକ୍ଷ ଜି ଜିନ୍‌ପିଙ୍ଗ୍ ଶନିବାର ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶ ଯେ, ୱାଶିଂଟନ ଓ ବେଜିଂ ମଧ୍ୟରେ ୨୦୧୮ରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ଏହାକୁ ନେଇ ଅନ୍ତର୍ଜାତୀୟ ସମୁଦାୟ ଚିନ୍ତାବ୍ୟକ୍ତ କରି ସମାଧାନର ପନ୍ଥା ବାହାର କରିବାକୁ ପରାମର୍ଶ ଦେଇଛନ୍ତି। ୧୯୯୯ରେ ପ୍ରତିଷ୍ଠିତ ଜି-୨୦ ହେଉଛି ଆର୍ଥିକ ପ୍ରସଙ୍ଗଗୁଡ଼ିକ ଉପରେ ସହଯୋଗ ବୃଦ୍ଧି ପାଇଁ ଏକ ଅନ୍ତର୍ଜାତୀୟ କେନ୍ଦ୍ରୀୟ ମଞ୍ଚ। ୟୁରୋପୀୟ ସଂଘ (ଇୟୁ) ଏବଂ ୧୯ଟି ରାଷ୍ଟ୍ର ଏହାର ସଦସ୍ୟ। ଏହି ରାଷ୍ଟ୍ରଗୁଡ଼ିକ ହେଲା ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ମେକ୍ସିକୋ, ରୁଷିଆ, ସୌଦି ଆରବ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ତୁର୍କୀ, ବ୍ରିଟେନ ଓ ଆମେରିକା।



ଓସାକା ସମ୍ମିଳନୀରେ ଜି-୨୦ ରାଷ୍ଟ୍ର ସମୂହର ନେତୃବୃନ୍ଦ।

## ଆମେରିକା-ଚାଇନାକୁ ଇୟୁ ନେତାଙ୍କ ଚେତାବନୀ

**ଓସାକା,୨୮।୬(ଆଇଏଏନ୍‌ଏସ୍):** ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ବିଶ୍ୱ ଅର୍ଥନୀତି ପାଇଁ ବିପଜ୍ଜନକ। ତେଣୁ ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ଅନ୍ତର୍ଜାତୀୟ ବାଣିଜ୍ୟିକ ନିୟମକୁ ଅନୁସରଣ କରି ଏଥିରୁ କ୍ଷାନ୍ତ ରହିବାକୁ ଶୁକ୍ରବାର ୟୁରୋପୀୟ ସଂଘ (ଇୟୁ) ନେତାମାନେ ଚେତାବନୀ ଦେଇଛନ୍ତି। ଓସାକାରେ ଜି-୨୦ ସମ୍ମିଳନୀ ଅବସରରେ ୟୁରୋପୀୟ କମିଶନ ଅଧ୍ୟକ୍ଷ ଜିନ୍-କ୍ଲାଉଡେ ଜନ୍‌କେର କହିଛନ୍ତି, ୱାଶିଂଟନ ଓ ବେଜିଂ ମଧ୍ୟରେ ବାଣିଜ୍ୟକୁ ନେଇ ଉତ୍ତେଜନାପୂର୍ଣ୍ଣ ସମ୍ପର୍କ ଅତ୍ୟନ୍ତ କଠିନ। ଏଥିଯୋଗୁ ବିଶ୍ୱ ଅର୍ଥନୀତି ଅଭିବୃଦ୍ଧି ମନ୍ଥର ହୋଇଛି। ଆମେରିକା ଓ ଚାଇନା ତୁରନ୍ତ ଏହାର ସମାଧାନ କରିବା ପାଇଁ ଆଗ୍ରହୀ ହୁଅନ୍ତୁ। ସେହିପରି ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଡୋନାଲ୍ଡ ଟସ୍କ ମଧ ସମସ୍ତ ରାଷ୍ଟ୍ରକୁ ଅଧିକ ଉଦାରବାଦୀ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଛନ୍ତି।


ମୁମ୍ବାଇରେ ପ୍ରଥମ ମୌସୁମୀ ବର୍ଷା ପରେ ୱେଷ୍ଟର୍ନ ଏକ୍ସପ୍ରେସ ୱେରେ ଟ୍ରାଫିକ୍ ଜାମ୍।

## ବଜ୍ରପାତରେ ୨୦ ମୃତ

ରାଞ୍ଚି,୨୮।୬(ଆଇଏଏନ୍‌ଏସ୍)

ମୌସୁମୀ ବର୍ଷା ପ୍ରଚଣ୍ଡ ରୌଦ୍ରତାପରୁ ଝାଡ଼ଖଣ୍ଡ ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ଦେଉଥିଲାବେଳେ ୩ ଦିନରେ ବଜ୍ରପାତରେ ୨୦ ଜଣଙ୍କ ଜୀବନ ନେଲାଣି। ବୁଧବାର ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁବାର ୯ ଜଣ ଓ ଶୁକ୍ରବାର ୪ ଜଣଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଲାଟେହାରରେ ୩ ଜଣ, ପାଲାମୌରେ ୨, ଗୁମ୍‌ଲା ଓ ଲୋହାରଡାଗା ଜିଲାରେ ୪ ଜଣ ଲେଖାଏ ପ୍ରାଣ ହରାଇଥିବାବେଳେ ଜାମସେଦ୍‌ପୁର, ବୋକାରୋ, ହଜାରିବାଗ ଏବଂ ସାହେବ୍‌ଗଞ୍ଜରେ ମଧ୍ୟ ବଜ୍ରପାତଜନିତ ମୃତ୍ୟୁ ଘଟିଛି। ଝାଡଖଣ୍ଡରେ ପ୍ରତିବର୍ଷ ବଜ୍ରପାତରେ ୫୦ରୁ ୬୦ ଲୋକଙ୍କ ମୃତ୍ୟୁ ଘଟିଥାଏ।

## ପ୍ରିୟା ପିନ୍ଧିଲେ 'ମିସ୍ ୟୁନିଭର୍ସ ଅଷ୍ଟ୍ରେଲିଆ' ମୁକୁଟ

ମେଲବୋର୍ନ,୨୮।୬

ଭାରତୀୟ ବଂଶୋଦ୍ଭବ ୨୬ ବର୍ଷୀୟା ପ୍ରିୟା ସେରାଓ 'ମିସ୍ ୟୁନିଭର୍ସ ଅଷ୍ଟ୍ରେଲିଆ ୨୦୧୯'ର ବିଜେତା ଘୋଷିତ ହୋଇଛନ୍ତି। ମେଲବୋର୍ନଠାରେ ଗୁରୁବାର ରାତିରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ୨୬ ଜଣଙ୍କୁ ପଛରେ ପକାଇ ପ୍ରିୟା ଏହି ସଫଳତା ହାସଲ କରିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ପ୍ରିୟା ଅଷ୍ଟ୍ରେଲିଆରୁ ପ୍ରତିନିଧିତ୍ୱ କରିବେ। ମିସ୍ ୟୁନିଭର୍ସ ଅଷ୍ଟ୍ରେଲିଆ ୱେବ୍‌ସାଇଟ୍‌ର ସୂଚନା ଅନୁଯାୟୀ, ପ୍ରିୟାଙ୍କ ଜନ୍ମ କର୍ଣ୍ଣାଟକର ବେଲମାନ୍ନୁରେ ହୋଇଥିବା ବେଳେ ତାଙ୍କର ପାଳନପୋଷଣ ମଧ୍ୟପ୍ରାଚ୍ୟରେ ହୋଇଛି। ମାତ୍ର ୧୧ ବର୍ଷ ବୟସରେ ସେ ନିଜ ପରିବାର ସହ ଅଷ୍ଟ୍ରେଲିଆ ଚାଲି ଯାଇଥିଲେ। ଆଇନରେ ସେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି।



## ପାକିସ୍ତାନୀ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୮।୬(ପି.ଟି.):** ଜମ୍ମୁ-କଶ୍ମୀରର ବଡ଼ଗାମ୍ ଜିଲାରେ ଶୁକ୍ରବାର ଏନ୍‌କାଉଣ୍ଟରରେ ପାକିସ୍ତାନର ଜଣେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀ ଆତ୍ମଗୋପନ କରିଥିବା ସୂଚନା ପାଇ ଶୁକ୍ରବାର ସକାଳେ ସୁରକ୍ଷା ବଳ ବଡ଼ଗାମ ଜିଲାର କ୍ରାଲପୋରା ଚେକ୍‌ପୋରା ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଏହି ସମୟରେ ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇବାରୁ ସେମାନେ ଏହାର ପାଲଟା ଜବାବ ଦେଇଥିଲେ। ଏହି ଗୁଳି ବିନିମୟ ବେଳେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ତାଙ୍କ ମୃତଦେହ ଜବତ ହେବା ସହ ଏନ୍‌କାଉଣ୍ଟର ସ୍ଥଳରୁ ମିଳିଥିବା କାଗଜପତ୍ରରୁ ସେ ପାକିସ୍ତାନୀ ଆତଙ୍କବାଦୀ ଜରାର ବୋଲି ଜଣାପଡିଛି।

## ଏଥର ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ କରିବ ନାହିଁ

ଓସାକା,୨୮।୬(ଆଇଏଏନ୍‌ଏସ୍)

### ପୁଟିନ୍‌ଙ୍କୁ ବ୍ୟଙ୍ଗ କଲେ ଟ୍ରମ୍ପ୍

ଜାପାନର ଓକାସା ସହରରେ ଚାଲିଥିବା ୨ ଦିନିଆ ଜି-୨୦ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ହ୍ୱାଇଟ୍ ହାଉସ୍‌କୁ ପୁଣି ଫେରିବାକୁ ଲକ୍ଷ୍ୟ ରଖିଥିବା ଟ୍ରମ୍ପ୍ ଏହି ଅବସରରେ ପୁଟିନ୍‌ଙ୍କୁ ବ୍ୟଙ୍ଗ କରି ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ ନ କରିବାକୁ ଅନୁରୋଧ କରିଛନ୍ତି।

୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମସ୍କୋ ହସ୍ତକ୍ଷେପ କରିଥିବା ଅଭିଯୋଗ ହେବା ପରେ ବିବାଦ ସୃଷ୍ଟି ହୋଇଥିଲା। ଓସାକାରେ ଶୁକ୍ରବାର ଦୁଇ ବିଶ୍ୱନେତା ପରସ୍ପରକୁ ସାକ୍ଷାତ କରିବା ସମୟରେ ଜଣେ ଖବରଦାତା ଟ୍ରମ୍ପ୍‌ଙ୍କୁ ପ୍ରଶ୍ନ କରିଥିଲେ, ଆପଣ ରୁଷିଆ ରାଷ୍ଟ୍ରପତିଙ୍କୁ ୨୦୨୦ ନିର୍ବାଚନରେ ହସ୍ତକ୍ଷେପ ନ କରିବାକୁ କହିବେ କି। ଏହାର ଉତ୍ତରରେ ଟ୍ରମ୍ପ୍ କହିଥିଲେ, ହଁ ନିଶ୍ଚୟ। ପରେ ସେ ପୁଟିନ୍‌ଙ୍କ ଆଡ଼କୁ ପାଖେଇ ଯାଇ ଓ ତାଙ୍କ ଆଖିକୁ ନ ଚାହିଁ ସ୍ମିତହାସ୍ୟ ମୁହଁରେ କହିଥିଲେ, ଦୟାକରି ଏହି ନିର୍ବାଚନରେ ହସ୍ତକ୍ଷେପ କରନାହିଁ। ପୁଟିନ୍ ମଧ ହସିଦେଇ ତାଙ୍କ କଥା ଦୋହରାଇଥିଲେ, ଏହି ନିର୍ବାଚନରେ ମୁଣ୍ଡ ଖେଳାଅ ନାହିଁ। ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରୁଷିଆର ହସ୍ତକ୍ଷେପରେ ପୁଟିନଙ୍କ ବିଶ୍ୱସନୀୟତାକୁ ନେଇ ଟ୍ରମ୍ପ୍ ପ୍ରଶ୍ନ ଉଠାଇଥିଲେ। ହେଲ୍‌ସିଙ୍କି ସମ୍ମିଳନୀ ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ଥିଲା ପ୍ରଥମ ସାକ୍ଷାତ। ଏହି ଅବସରରେ ଟ୍ରମ୍ପ୍ ତାଙ୍କ ରୁଷିଆ ପ୍ରତିପକ୍ଷଙ୍କୁ ପ୍ରଶଂସା କରିବା ସହ ବାଣିଜ୍ୟ, ନିରସ୍ତ୍ରୀକରଣ ଓ ଭେନିଜୁଏଲା ସଙ୍କଟ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ନବାମ ତୁକୀଙ୍କ ଭାଇ ବିରୋଧରେ ଦୁର୍ନୀତି ମାମଲା

ନୂଆଦିଲ୍ଲୀ,୨୮।୬(ପି.ଟି.)

ସରକାରୀ ଠିକା କାମରେ ଦୁର୍ନୀତିକୁ ନେଇ ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ନବାମ ତୁକୀଙ୍କ ଭାଇ ନବମ ହରିଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଛି। ଏଥିସହିତ ତାଙ୍କ ସ୍ତ୍ରୀ ଓ ପିଡବ୍ଲୁଡିର କେତେଜଣ ଅଫିସରଙ୍କ ବିରୋଧରେ ମଧ ଦୁର୍ନୀତି ମାମଲା ରୁଜୁ କରାଯାଇଛି। ପିଡବ୍ଲୁଡି ବିଭାଗ ଦାୟିତ୍ୱରେ ଥିବା ତୁକୀ ଟେଣ୍ଡର ନ ଡାକି ନିଜ ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କୁ କାମ ଠିକା ଦେଇଥିଲେ ବୋଲି ସିବିଆଇ ଅଭିଯୋଗ କରିଛି। ସିଲଂର ଉମରୋଇ କ୍ୟାଣ୍ଟନମେଣ୍ଟଠାରେ କେନ୍ଦ୍ରୀୟ ବିଦ୍ୟାଳୟ ବିଲ୍ଡିଂ ନିର୍ମାଣକୁ ନେଇ ଗୌହାଟୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଘଟଣାର ତଦନ୍ତ କରିଥିଲା। ତୁକୀଙ୍କ ଭାଉଜ ନବମ ମେରୀଙ୍କ ନାଁରେ ଥିବା ମେରୀ ଆସୋସିଏଟ୍ ନାମକ କମ୍ପାନୀକୁ ଅନେକ ଠିକାକାମ ଦିଆଯାଇଥିବା ଜଣାପଡିଥିଲା।

■ ବଳାତ୍କାର ଉଦ୍ୟମକୁ ପ୍ରତିରୋଧ କରିବାରୁ

## ୨ ମହିଳାଙ୍କୁ କାଉନ୍‌ସିଲରଙ୍କ ମାଡ଼

ପାଟନା,୨୮।୬

ବଳାତ୍କାର ଉଦ୍ୟମକୁ ପ୍ରତିରୋଧ କରିବାରୁ ବିହାର ବୈଶାଳୀ ଜିଲାର ଏକ ଗ୍ରାମରେ ଜଣେ ୪୮ ବର୍ଷୀୟା ମହିଳା ଓ ତାଙ୍କ ନବବିବାହିତ ଝିଅଙ୍କୁ ସ୍ଥାନୀୟ ୱାର୍ଡ କାଉନସିଲର ମାଡ଼ ମାରିବା ସହ ଲଣ୍ଡା କରି ଗାଁରେ ବୁଲାଇଛନ୍ତି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସମ୍ପୃକ୍ତ କାଉନସିଲର ମହମ୍ମଦ ଖୁର୍ଶିଦ, ତାଙ୍କର ୩ଜଣ ଅନୁଗାମୀ ଓ ଜଣେ ବାରିକଙ୍କୁ ପୋଲିସ ଗିରଫ କରିଛି। ଅଭିଯୋଗ ଅନୁଯାୟୀ କାଉନସିଲରଙ୍କ ସମେତ ୬ଜଣ ପୀଡିତାଙ୍କ ଘରେ ପଶି ତାଙ୍କ ଝିଅଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମାଆ ସେଥିରେ ବାଧାଦେବାରୁ ସେମାନେ ଉଭୟଙ୍କୁ କାଠଫାଳିଆରେ ପିଟିବା ସହ ଘର ବାହାରକୁ ଘୋଷାଡ଼ି ନେଇଥିଲେ। ସେଠାରେ ପଞ୍ଚାୟତ ବସାଇ ଖୁର୍ଶିଦ ଜଣେ ବାରିକ ଡାକି ସେମାନଙ୍କୁ ଲଣ୍ଡା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଦୁଇ ମହିଳାଙ୍କୁ ଗାଁ ଦାଣ୍ଡରେ ବୁଲାଇଥିଲେ।

## ଥାଇ ଇଂଲିଶ 'ଦି ନେଶନ୍'ର ମୁଦ୍ରଣ ବନ୍ଦ

ବ୍ୟାଙ୍କକ୍, ୨୮।୬

ଥାଇଲାଣ୍ଡର ଇଂଲିଶ ଦୈନିକ 'ଦି ନେଶନ୍'ର ଶେଷ ମୁଦ୍ରିତ ପ୍ରକାଶନ ଶୁକ୍ରବାର ପ୍ରକାଶ ପାଇଛି। ଏହା ଆଉ ପ୍ରକାଶ ପାଇବ ନାହିଁ, ବରଂ ଏହାକୁ ଅନଲାଇନ୍ ଭର୍ସନରେ ପାଠକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ ହେଉଛି। ବିଦେଶୀ କମ୍ପାନୀ ଥାଇଲାଣ୍ଡର ଇଂଲିଶ ପ୍ରେସ୍ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିବାବେଳେ 'ଦି ନେଶନ୍' ୧୯୭୧ ଜୁଲାଇ ୧ରେ ପ୍ରତିଷ୍ଠା ହୋଇଥିଲା ।

ଉକ୍ତ ଖବରକାଗଜ ଏହାର ସମ୍ମୁଖ ପୃଷ୍ଠାରେ 'ଏ ନ୍ୟୁ ବିଗ୍‌ନିଙ୍ଗ୍ ଆଟ୍ ୪୮' ଶୀର୍ଷକରେ ଏକ ବିଦାୟୀ ବାର୍ତ୍ତା ଦେଇଛି। ଉକ୍ତ ଦୈନିକ ଜୁଲାଇ ୧ରୁ ଡିଜିଟାଲ ପ୍ଲାଟଫର୍ମ ଆରମ୍ଭ କରିବ ବୋଲି ଦି ନେଶନ୍ ମଲ୍ଟିମେଡିଆ ଗ୍ରୁପ୍ ସୋମ୍‌ଚାଇ ମିସାଇନ୍ ସିଇଓ ପୂର୍ବରୁ ଘୋଷଣା କରିଥିଲେ। କାରଣ ଏହାର ୨୬% ପାଠକ ଥାଇଲାଣ୍ଡର ହୋଇଥିବାବେଳେ ପାଖାପାଖି ୭୦% ପାଠକ ବିଦେଶୀ। କିନ୍ତୁ ବିଦେଶୀ ପାଠକମାନେ ଏହାର ମୁଦ୍ରିତ ପ୍ରକାଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ୨୫ରୁ ୪୦ବର୍ଷ ବୟସ୍କ ଅଧିକାଂଶ ପାଠକ ନୂଆ ମିଡିଆ ପ୍ଲାଟଫର୍ମ ବ୍ୟବହାର କରୁଥିବାରୁ ଏହାର ଡିଜିଟାଲ୍ ଭର୍ସନ ସମସ୍ତଙ୍କ ପାଖରେ ପହଞ୍ଚିପାରିବ ବୋଲି ସେ କହିଛନ୍ତି। କିଛି ଦଶନ୍ଧି ହେଲା ଏହା କ୍ଷତିରେ ଚାଲିଥିବା ଜଣାପଡିଛି।




ଇତିହାସର ଆଇନାରେ

### ଜୁନ୍ ୨୯ର ପ୍ରମୁଖ ଘଟଣା

୧୯୭୪ ଜୁନ୍ ୨୯ରେ ଇସାବେଲ ପେରନ୍ ଆର୍ଜେଣ୍ଟିନାର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେ ୧୯୩୧ ଫେବୃୟାରୀ ୪ରେ ଜନ୍ମଗ୍ରହଣ କରିଥିଲେ।

୨୦୦୭ ଜୁନ୍ ୨୯ରେ ଆପଲ୍ ଇଙ୍କ୍ ଏହାର ପ୍ରଥମ ମୋବାଇଲ ଫୋନ୍ ଲଞ୍ଚ୍ କରିଥିଲା। ଦି ଆଇଫୋନ୍ ଆପଲ ଇଙ୍କ୍ ହେଉଛି ଏକ ଆମେରିକୀୟ ମଲ୍ଟିନ୍ୟାଶନାଲ୍ ଟେକ୍ନୋଲୋଜି କମ୍ପାନୀ।

## ୨ ଲକ୍ଷ ମୁସଲମାନ ହଜ୍ ଯାଇପାରିବେ

ଓସାକା,୨୮।୬(ପି.ଟି.)

### ଭାରତର ୩୦ ହଜାର କୋଟା ବଢ଼ାଇଲା ସୌଦି ଆରବ

ସୌଦି ଆରବର ମକ୍କାକୁ ଏଣିକି ଭାରତରୁ ୨ ଲକ୍ଷ ମୁସ୍‌ଲିମ୍ ହଜ୍ ଯାତ୍ରା କରିପାରିବେ। ପୂର୍ବରୁ ଏହି ସଂଖ୍ୟା ୧୭୦,୦୦୦ ଥିବାବେଳେ ଶୁକ୍ରବାର ସୌଦି ଆରବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କ୍ରମେ ଏଥିରେ ୩୦,୦୦୦ ବୃଦ୍ଧି କରିଛି। ଜାପାନର ଓସାକାରେ ଜି-୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୌଦି ଆରବର କ୍ରାଉନ୍ସ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ହଜ୍ ଯାତ୍ରୀଙ୍କ ସଂଖ୍ୟା ୨ ଲକ୍ଷକୁ ବୃଦ୍ଧି କରାଯାଇଥିବା ନେଇ ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ସୂଚନା ଦେଇଛନ୍ତି।

## 'ବୋଲେ ଚୁଡିୟା'ରେ ତମନ୍ନା, ନୱାଜୁଦ୍ଦିନ୍

**ମୁମ୍ବାଇ:** ଅଭିନେତ୍ରୀ ତମନ୍ନା ଭାଟିଆ 'ବୋଲେ ଚୁଡିୟା'ର ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ପୂର୍ବରୁ ଏହି ଚରିତ୍ରରେ ମୌନୀ ରଏ ଅଭିନୟ କରିବେ ବୋଲି ଚର୍ଚ୍ଚା ହେଉଥିଲା। ଏଥିରେ ପ୍ରଥମ ଥର ପାଇଁ ତମନ୍ନାଙ୍କୁ ନୱାଜୁଦ୍ଦିନ ସିଦ୍ଦିକ୍‌ଙ୍କ ସହିତ ଦେଖିବାକୁ ମିଳିବ। ଏଥିରେ ମୌନୀ ରଏଙ୍କୁ ନିଆଯିବ ନାହିଁ ବୋଲି ମେ ମାସରେ ଘୋଷଣା କରାଯାଇଥିଲା। କାରଣ ପ୍ରଯୋଜକ ଏବଂ ଅଭିନେତ୍ରୀଙ୍କ ମଧ୍ୟରେ ମତପାର୍ଥକ୍ୟ ନେଇ ମୌନୀ ଉକ୍ତ ଫିଲ୍ମରୁ ଓହରି ଯାଇଥିଲେ। ତେବେ ତମନ୍ନା କହନ୍ତି, ଉକ୍ତ ପ୍ରୋଜେକ୍ଟରେ ସେ ଅଂଶୀଦାର ହେବାକୁ ଯାଉଛନ୍ତି। ବାସ୍ତବରେ ଫିଲ୍ମର କାହାଣୀ ତାଙ୍କୁ ଆକୃଷ୍ଟ କରିଛି। ଆମ ସମାଜରେ ବର୍ତ୍ତମାନର ସମସ୍ୟାକୁ କେନ୍ଦ୍ର କରି ଫିଲ୍ମର କାହାଣୀ ଗଢ଼ିଉଠିଛି। ନିଜର ବାସ୍ତବ ଚରିତ୍ର ଅପେକ୍ଷା ଏହା ସମ୍ପୂର୍ଣ୍ଣ ବିପରୀତ ଥିବାରୁ ପ୍ରଥମଥର ପାଇଁ ଏଥିରେ ପରୀକ୍ଷାନିରୀକ୍ଷା କରିବାକୁ ପଡୁଛି ବୋଲି ସେ ପ୍ରକାଶ କରିଛନ୍ତି। 'ବୋଲେ ଚୁଡିୟା'ରେ ପ୍ରଥମ କରି ନିର୍ଦ୍ଦେଶନା ଦେଉଛନ୍ତି ନୱାଜୁଦ୍ଦିନଙ୍କ ଭାଇ ଶାମ୍‌ସ ନବାବ୍ ସିଦ୍ଦିକ୍। ଉଡ୍‌ପେକର ମୁଭିଜ୍ ବ୍ୟାନରରେ ଏହାର ମିଳିତ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ରାଜେଶ ଭାଟିଆ ଏବଂ କିରନ୍ ଭାଟିଆ। ରାଜସ୍ଥାନରେ ଉକ୍ତ ଫିଲ୍ମର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ।




■ କଶ୍ମୀରରୁ ଆତଙ୍କବାଦର ମୂଳୋତ୍ପାଟନ ସରକାରଙ୍କ ପ୍ରାଥମିକତା:ଶାହ

## ରାଷ୍ଟ୍ରପତି ଶାସନ ୬ ମାସ ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୮।୬(ପି.ଟି)



ଜମ୍ମୁ-କଶ୍ମୀରରେ ଗଣତନ୍ତ୍ରକୁ କାଏମ ରଖିବା ସହ ଆତଙ୍କବାଦର ମୂଳୋତ୍ପାଟନକୁ ସରକାର ସର୍ବାଧିକ ପ୍ରାଥମିକତା ଦେଉଥିବା ଶୁକ୍ରବାର ଲୋକ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କହିଛନ୍ତି। ସେଠାରେ ରାଷ୍ଟ୍ରପତି ଶାସନ ସମୟସୀମା ଆଉ ୬ ମାସ ବଢ଼ାଇବା ପାଇଁ ଶାହ ଆଣିଥିବା ବୈଧାନିକ ପ୍ରସ୍ତାବ ଲୋକ ସଭାର ଅନୁମୋଦନ ଲାଭ କରିଛି। ରାଜ୍ୟ ବିଧାନସଭା ଭଙ୍ଗ ହେବା ସହ ଚଳିତ ବର୍ଷ ଶେଷ ଭାଗରେ ନିର୍ବାଚନ କରାଇବାକୁ ନିର୍ବାଚନ କମିଶନ (ଇସି) ନିଷ୍ପତ୍ତି ନେଇଥିବାରୁ ରାଷ୍ଟ୍ରପତି ଶାସନ ଆସନ୍ତା ଜୁଲାଇ ୩ରୁ ଆଉ ୬ ମାସ ବଢ଼ାଇବାର ଆବଶ୍ୟକତା ରହିଥିବା ସେ କହିଥିଲେ।

ଗତ ମାସରେ ରମଜାନ ଥିଲା। ଆସନ୍ତା ୩୦ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଅମରନାଥ ଯାତ୍ରା ଚାଲିବ। ଏହା ପରେ ବକରୱାଲ ସମ୍ପ୍ରଦାୟ ପର୍ବତ ଆରୋହଣ କରନ୍ତି ଓ ସେମାନେ ଅକ୍ଟୋବରରେ ଫେରିଥାନ୍ତି। ତେଣୁ ବର୍ଷ ଶେଷ ବେଳକୁ ନିର୍ବାଚନ କରିବା ଲାଗି ଇସି ନିଷ୍ପତ୍ତି ନେଇଛନ୍ତି। ଆତଙ୍କବାଦକୁ କଦାପି ବରଦାସ୍ତ କରାଯିବନି। ଏହାର ମୂଳୋତ୍ପାଟନ ଲାଗି ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ଗ୍ରାମାଞ୍ଚଳର ବିକାଶମୂଳକ କାର୍ଯ୍ୟ ଲାଗି ସରକାର ସରପଞ୍ଚ ଓ ୱାର୍ଡମେମ୍ବରମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୭୦୦ କୋଟି ଟଙ୍କା ପଠାଇବାକୁ ନିର୍ଦ୍ଦେଶ ଦେଇଥିବା ଶାହ କହିଥିଲେ। ପୂର୍ବରୁ ନିର୍ବାଚନ ବେଳେ ଜମ୍ମୁ-କଶ୍ମୀରରେ ରକ୍ତପାତ ହେଉଥିଲା। ଏଥର ଲୋକ ସଭା ନିର୍ବାଚନ ବେଳେ ଜଣେ ହେଲେ ନିର୍ବାଚନୀ ହିଂସାରେ ପ୍ରାଣ ହରାଇ ନାହାନ୍ତି। ଭୋଟହାର ବଢ଼ିବା ସହ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣରେ ରହିଛି। ପ୍ରଥମ ଥର ଲାଗି ଜମ୍ମୁ ଓ ଲଦାଖର ଲୋକେ ରାଜ୍ୟର ଅଂଶବିଶେଷ ବୋଲି ହୃଦୟଙ୍ଗମ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

ଆଲୋଚନା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ କଶ୍ମୀର ବିଭାଜନ ପାଇଁ କିଏ ଦାୟୀ ବୋଲି ପ୍ରଶ୍ନ କରିବାରୁ ଏହାକୁ ନେଇ ଗୃହରେ ହଟ୍ଟଗୋଳ ହୋଇଥିଲା। କଂଗ୍ରେସ ଓ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପାଇଁ ଆମେ ଏକତୃତୀୟାଂଶ କଶ୍ମୀରୀବାସୀ ଆମ ସହିତ ନାହାନ୍ତି ବୋଲି ଶାହ କହିଥିଲେ। ରାଜ୍ୟ ସରକାରଙ୍କୁ ବରଖାସ୍ତ କରି କେନ୍ଦ୍ରୀୟ ଶାସନ ଲାଗୁ କରିବାରେ କଂଗ୍ରେସ ଦଳ ଧାରା ୩୫୬କୁ ବ୍ୟବହାର କରିଆସିଛି ବୋଲି ସେ କହିଥିଲେ। ମୋଟ ୧୩୨ ଥର ଧାରା ୩୫୬ର ପ୍ରୟୋଗ କରାଯାଇଥିବାବେଳେ ସେଥିରୁ କଂଗ୍ରେସ ସରକାର ସମୟରେ ୯୩ ଥର ବ୍ୟବହାର କରାଯାଇଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଧାରା ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ବୋଲି ଏହି ଅବସରରେ ଶାହ କହିଥିଲେ।




## ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଉଚ୍ଚଶିକ୍ଷା ସଚିବଙ୍କ ଚିଠି

ଭୁବନେଶ୍ୱର,୨୮।୬ (ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭର୍ସିଟି ଲ' କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ କୁଳପତିଙ୍କୁ ଉଚ୍ଚଶିକ୍ଷା ସଚିବ ଚିଠି ଲେଖିଛନ୍ତି। ଏହାର ତଦନ୍ତ କରିବା ସହ ମାସକରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଛନ୍ତି। ୟୁନିଭର୍ସିଟି ଲ' କଲେଜରେ ଗେଷ୍ଟ ଫାକଲ୍ଟିମାନଙ୍କୁ କିଛି ମାସ ଧରି ଦରମା ଦିଆଯାଉ ନ ଥିବା ସହ ନିର୍ଦ୍ଧାରିତ ପରିମାଣର ଟଙ୍କା ଦିଆଯାଉ ନାହିଁ ବୋଲି ଅଭିଯୋଗ ହୋଇଥିଲା। ରେଗୁଲାର ଟିଚରମାନେ ଏକ୍ସଟ୍ରା କ୍ଲାସ କରି ଗେଷ୍ଟ ଫାକଲ୍ଟିଙ୍କ ପାଇଁ ଉଦ୍ଦିଷ୍ଟ ଦରମାକୁ ନେଇଯାଉଥିବା ମଧ୍ୟ ଅଭିଯୋଗ ହୋଇଛି।

VIT-AP AMARAVATI
Apply Knowledge. Improve Life!
VIT-AP SCHOOL OF LAW (VSL)
For Bright Career in Legal Profession / Legal Administration
Join 5-year Integrated
B.A., LL.B. (Hons) | B.B.A., LL.B. (Hons) in VIT-AP
[Approved by Bar Council of India]
Key Features :
• Fully Flexible Credit System (FFCS) • Legal Aid Clinic Sessions
• Moot Court Sessions • Legal problem solving / Project Based Learning
• Qualified Faculty • Fully equipped law Library with online Law databases
• Internships • Computer Lab
• Foreign language option • Separate Hostels for Boys & Girls
• Softskill Improvement programme • University Buses for Day Scholars
Eligibility Criteria :
• Intermediate / +2 in any group with 60% aggregate
• 2019 CLAT / LSAT Score
Apply for Admissions
Last Date to Apply online :- Monday, 15th July 2019
Date of Admission Counselling :- Monday, 22nd July 2019
Application Fee :- Rs.850/-
VIT-AP University, Near AP Secretariat
Amaravati, Andhra Pradesh - 522237
ADMISSION HELPLINE 7901091283 | 0863-2370444
Website : www.vitap.ac.in E-mail : admission@vitap.ac.in
/vitap.university @vitap.university @VITAPuniversity vit-ap VITAP

## ସଂକ୍ଷେପରେ

### ୨ ପର୍ଯ୍ୟନ୍ତ ବର୍ଷା

ଭୁବନେଶ୍ୱର,୨୮।୬(ବ୍ୟୁରୋ): କିଛିଦିନ ଧରି ରାଜ୍ୟରେ ଅସହ୍ୟ ଗରମ ପରେ ପୁଣି ପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଉତ୍ତର ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହ ବାୟୁମଣ୍ଡଳର ଉପରି ଭାଗରେ ଏକ ମନ୍‌ସୁନ୍ ଟ୍ରଫ୍ ଲାଇନ୍ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ। ୩ତାରିଖରୁ ବର୍ଷାର ପରିମାଣ କମିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର ରାତିରୁ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ପରିମାଣ ବଢ଼ିଛି। ଫଳରେ ଦୁର୍ବଳ ହୋଇଯାଇଥିବା ମୌସୁମୀ ପୁଣିଥରେ ସକ୍ରିୟ ହୋଇଛି। ଦକ୍ଷିଣ ଓଡ଼ିଶା ଓ ଉପକୂଳବର୍ତ୍ତୀ ଉତ୍ତର ଓଡ଼ିଶାରେ ବର୍ଷାର ପରିମାଣ ବଢ଼ିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲାରେ ଅଧିକ ପରିମାଣର ବର୍ଷା ହେବ। ମାଲକାନଗିରି, କୋରାପୁଟ, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଜଗତ୍‌ସିଂହପୁର, ଢେଙ୍କାନାଳ, ଗଜପତି ଆଦି ୧୦ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଜୁନ୍ ୩୦ରୁ କନ୍ଧମାଳ, ବଲାଙ୍ଗୀର, ସୋନପୁର, ବରଗଡ଼, ଅନୁଗୋଳ, ବୌଦ୍ଧ, ଦେବଗଡ଼, ସମ୍ବଲପୁର ଓ କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, କଟକ, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା ଓ କୋରାପୁଟ ଜିଲାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି।

### ■ ୩୦ ମିନିଟରେ ସରିଲା ରଥଯାତ୍ରା ସମୀକ୍ଷା ବୈଠକ

# ରଥଯାତ୍ରା ପାଇଁ ୩ଦିନ ନିଶୁଳ୍କ ରହିବ ଟୋଲ ଗେଟ୍

- ପୁରୀକୁ ଆସୁଥିବା ଭକ୍ତ ଆମ ଅତିଥି: ମୁଖ୍ୟମନ୍ତ୍ରୀ
- ପ୍ରଶ୍ନବାଣରୁ ଅଧିକାରୀଙ୍କୁ ମିଳିଲା ନିସ୍ତାର
- ମୁଖ୍ୟମନ୍ତ୍ରୀଙ୍କୁ ଯୁବ କଂଗ୍ରେସର କଳା ପତାକା ପ୍ରଦର୍ଶନ
- ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ରହିବ ୫ ଆମ୍ବୁଲାନ୍ସ

ପୁରୀ ଅଫିସ, ୨୮।୬


ନିଳାଦ୍ରୀ ଭକ୍ତନିବାସଠାରେ ଆୟୋଜିତ ରଥଯାତ୍ରା ସମୀକ୍ଷା ବୈଠକରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ମନ୍ତ୍ରୀ ଏବଂ ଅଧିକାରୀମାନେ।

ରଥଯାତ୍ରା ଦେଖିବା ପାଇଁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା, ରହଣି ଓ ଯାତାୟାତ ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର। ରଥଯାତ୍ରା ସମୟରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପିପିଲିଠାରେ ଥିବା ଟୋଲ ଗେଟ୍‌ରେ ଯାତ୍ରୀଙ୍କଠାରୁ ଶୁଳ୍କ ଆଦାୟ କରାଯିବ ନାହିଁ। ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଏହି ତିନି ଦିନ ଟୋଲଗେଟ୍ ନିଶୁଳ୍କ ରହିବ ବୋଲି ଶୁକ୍ରବାର ଅନୁଷ୍ଠିତ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ରଥଯାତ୍ରାକୁ ଭଲ ଭାବେ ପାଳନ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏ ଦିଗରେ ସେବାୟତ ବନ୍ଧୁମାନେ ସବୁବେଳେ ସହଯୋଗ କରିଆସିଛନ୍ତି। ରଥଯାତ୍ରା ପାଇଁ ପୁରୀକୁ ଆସୁଥିବା ସବୁ ଭକ୍ତ ହେଉଛନ୍ତି ଆମର ଅତିଥି। ସେମାନେ ଯେପରି ଭଲ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଆମେ ବିଶେଷ ଧ୍ୟାନ ଦେବା ଦରକାର ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଶୁକ୍ରବାର ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଥିଲେ, ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ସରକାର ଅନେକ ପଦକ୍ଷେପ ନେଇଛନ୍ତି। ମହାପ୍ରଭୁଙ୍କ ଏହି ପବିତ୍ର ଘୋଷଯାତ୍ରା ପାଇଁ ସମସ୍ତଙ୍କୁ ବିଶେଷକରି ପୁରୀର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ। ସମୀକ୍ଷା ବୈଠକ ୧୧ଟା ୫ରେ ଆରମ୍ଭ ହୋଇ ୧୧ଟା ୩୫ ମିନିଟରେ ସରିଥିଲା। ଗତବର୍ଷ ଭଳି ଏଥର ମଧ୍ୟ ଅଧଘଣ୍ଟାଏରେ ଶେଷ ହୋଇଛି ଏହି ସ୍ୱତନ୍ତ୍ର ସମୀକ୍ଷା ବୈଠକ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କଠାରୁ ଅନୁମତି ନେଇ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ପ୍ରଶାସକ ଗୋଟିଏ ପରେ ଗୋଟିଏ ବିଷୟରେ ଆଲୋଚନା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡାକି ବୈଠକକୁ ଆଗକୁ ନେଇଥିଲେ। ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଶ୍ନବାଣରୁ ଏକପ୍ରକାର ନିସ୍ତାର ମିଳିଥିଲା। କାଁ ଭାଁ ପ୍ରଶ୍ନ ପଚରାଯାଇଥିଲେ ମଧ୍ୟ ମଞ୍ଚାସୀନ ବରିଷ୍ଠ ଅଧିକାରୀ ସତର୍କତାର ସହ ପ୍ରଶ୍ନକର୍ତ୍ତାଙ୍କୁ ବସାଇ ଦେଉଥିଲେ। ତେବେ ବୈଠକରେ ଜଣେ ପରେ ଜଣେ ଅଧିକାରୀ ରଥଯାତ୍ରା ପାଇଁ ତାଙ୍କ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ଖୁବ କମ୍ ସମୟ ଅର୍ଥାତ୍ ୧ରୁ ୨ମିନିଟ ମଧ୍ୟରେ କହିଥିଲେ। ଏପରିକି ରଥଯାତ୍ରା ପ୍ରସ୍ତୁତି ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ କହିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ସୁଯୋଗ ଦିଆଯାଇ ନ ଥିଲା। ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତି ସଂକ୍ରାନ୍ତରେ ବୈଠକରେ ଚୁମ୍ବକରେ ସୂଚନା ଦେଇଥିଲେ।

ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଥଯାତ୍ରାକୁ ନେଇ ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ରଥ ନିର୍ମାଣଠୁ ଆରମ୍ଭ କରି ମହାପ୍ରଭୁଙ୍କ ରୀତିନୀତି ସବୁ ଶୃଙ୍ଖଳିତ ଭାବେ ଚାଲିଛି। ରଥ ପାଇଁ ଆବଶ୍ୟକ କାଠ ଆସିଯାଇଥିବା ବେଳେ ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କହିଥିଲେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲେ, ରଥଯାତ୍ରା ପାଇଁ ୨୯ଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ। ବଡ଼ଦାଣ୍ଡରେ ୧୮ ଏବଂ ଜାତୀୟ ରାଜପଥ ପାର୍ଶ୍ୱରେ ୧୧ଟି ଆଶୁ ଚିକିତ୍ସା କେନ୍ଦ୍ର ରହିବ। ମୋଟ ୩୦ ଆମ୍ବୁଲାନ୍ସ ମଧ୍ୟରୁ ବଡ଼ଦାଣ୍ଡରେ ୧୩, ସମୁଦ୍ର କୂଳରେ ୪, ଅନ୍ୟ ଚିକିତ୍ସାଳୟରେ ୮ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ଟି ଆମ୍ବୁଲାନ୍ସ କାର୍ଯ୍ୟ କରିବ। ୧୭୦ଟି ଅଧିକ ଶଯ୍ୟା ବ୍ୟବସ୍ଥା ହେବ। ସେହିପରି ଜାତୀୟ ରାଜପଥରେ ୫ଟି ଆମ୍ବୁଲାନ୍ସ ରହିବ। ବାହାରୁ ୧୮୭ ଜଣ ଡାକ୍ତର ଏବଂ ୩୯୯ ଜଣ ପାରାମେଡିକାଲ ଷ୍ଟାଫ ନିୟୋଜିତ ହେବେ। ରକ୍ତଭଣ୍ଡାରରେ ୨୦୦ ବୋତଲ ରକ୍ତ ମହଜୁଦ୍ ରହିବ। ୨୫୦ ଜଣ ସ୍ୱେଚ୍ଛାସେବୀ ସ୍ୱାସ୍ଥ୍ୟସେବାରେ ସହଯୋଗ କରିବେ। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପିପିଲିଠାରେ ଥିବା ଟୋଲ ଗେଟ୍‌କୁ ୩ଦିନ ପାଇଁ ଛାଡ଼ କରାଯିବା କଥା ଏନ୍ଏଚ୍ଆଇ କର୍ତ୍ତୃପକ୍ଷ ବୈଠକରେ ଘୋଷଣା କରିଥିଲେ। ୬ଜଣ ଫୁଡ୍ ସେଫ୍ଟି ଅଫିସର ମଧ୍ୟ କାର୍ଯ୍ୟ କରିବେ। ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ ଶରତ କୁମାର ମିଶ୍ର କହିଥିଲେ, ରଥଯାତ୍ରା ସମୟରେ ନିରବଚ୍ଛିନ୍ନ ଭାବେ ଜଳ ଯୋଗାଣ କରାଯିବ। ଏଥିନେଇ ସମସ୍ତ ପ୍ରସ୍ତୁତି ସରିଛି। ସେହିପରି ପୂର୍ତ୍ତ, ସେସୁ, ପରିବହନ, ରେଳ ବିଭାଗ, ଜାତୀୟ ରାଜପଥ, ପୌରସଂସ୍ଥା ପକ୍ଷରୁ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଯାତ୍ରୀ ତଥା ଭକ୍ତଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ଉପରେ ସବୁ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ରଥଯାତ୍ରା ସୁରକ୍ଷା ଓ ଟ୍ରାଫିକ ପରିଚାଳନା ଉପରେ ପୋଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏସ୍‌ପି ଉମାଶଙ୍କର ଦାଶ କହିଥିଲେ ଯେ, ଚଳିତ ବର୍ଷ ୧୫୫ ପ୍ଲାଟୁନ ଫୋର୍ସ ଏବଂ ୧ ହଜାରରୁ ଅଧିକ ଅଫିସିଆଲ ନିୟୋଜିତ ହେବେ। ବିଭାଗୀୟ ଅଧିକାରୀମାନେ ସ୍ୱତନ୍ତ୍ର ଭାବେ ବିଭିନ୍ନ ସ୍ଥାନରେ ରହି ସୁରକ୍ଷା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବେ। ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରହିବ ପୁରୀ ସହର। ସହରର ପ୍ରମୁଖ ପ୍ରବେଶ ପଥରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ବଡ଼ଦାଣ୍ଡ ଦେଇ ସଭାସ୍ଥଳକୁ ଯାଉଥିବା ବେଳେ ବଗଲା ଧର୍ମଶାଳା ନିକଟରୁ ଛାତ୍ର କଂଗ୍ରେସ କର୍ମୀମାନେ ବାଇକ୍‌ରେ କଳା ପତାକା ଦେଖାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର ପଛରେ ଯାଇଥିଲେ। ଟାଉନ ଥାନା ସମ୍ମୁଖରୁ ପୋଲିସ ଯୁବ କଂଗ୍ରେସର ଆଲୋକ ଦାଶ, ଆଶୁତୋଷ ମିଶ୍ର, ଦେବାଶିଷ ଦାସମହାପାତ୍ର, ସୂର୍ଯ୍ୟକାନ୍ତ ପଣ୍ଡା, ବିଭୁ ରଥ, ଅନୀଲ ପ୍ରଧାନ, ରୁଦ୍ର ଦାଶ ଓ ସମ୍ବିତ ବାରିକଙ୍କୁ ଧରି ନେଇ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା।

ବୈଠକରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଏମ୍‌ପି ପିନାକୀ ମିଶ୍ର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପରିଷଦ ସଭାପତି ଜ୍ୟୋତିର୍ମୟ ଦଳାଇ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଆଇନ ବିଭାଗ ସଚିବ ଶଶିକାନ୍ତ ମିଶ୍ର, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନୀଲ କୁମାର ସାମଲ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ କୁମାର ପଣ୍ଡା, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହିତ ବିଭିନ୍ନ ବିଭାଗୀୟ ସଚିବ, ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ରାଜ୍ୟବାସୀଙ୍କ ଆଶା ଅନୁଯାୟୀ ବଜେଟ୍: ନବୀନ

ଭୁବନେଶ୍ୱର, ୨୮।୬ (ବ୍ୟୁରୋ)

୨୦୧୯-୨୦ ବଜେଟ୍ ଉପସ୍ଥାପନା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟବାସୀଙ୍କ ଆଶା ଯାହା ଥିଲା, ତାହା ବଜେଟ୍‌ରେ ପ୍ରତିଫଳିତ ହୋଇଛି। ବଜେଟ୍‌ରେ କାଳିଆ ଯୋଜନାକୁ ବଢାଯିବା ସହ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଏଥିରେ ସାମିଲ କରାଯାଇଛି। ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ପୂର୍ବ ନିର୍ଦ୍ଧାରିତ ଅର୍ଥ ରାଶି ବୃଦ୍ଧି କରାଯାଇ ୧୦ ଲକ୍ଷ ଟଙ୍କା କରାଯାଇଛି। ଏହି ୨ଟି ଯାକ ପ୍ରତିଶ୍ରୁତି ବଜେଟ୍‌ରେ ପୂରଣ କରାଯାଇଛି। କାଳିଆ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି, ଯାହା ୭୫ ଲକ୍ଷ ଯୋଗ୍ୟ ଚାଷୀ ସହାୟତା ପାଇପାରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମେଡିକାଲ ସହାୟତା ମିଳିବ ବୋଲି ନବୀନ କହିଛନ୍ତି। ଏହାଛଡା ଓଡିଆ ବିଶ୍ୱବିଦ୍ୟାଳୟ ଏବଂ ଫନୀ ପରବର୍ତ୍ତୀ ସମୟର ପୁନରୁଦ୍ଧାର ପାଇଁ ଅର୍ଥ ବରାଦ କରାଯାଇଥିବାରୁ ଖୁସି ଲାଗୁଛି। ଜାଗା ମିଶନ ପାଇଁ ୧୦୦ କୋଟି ଟଙ୍କା ବଜେଟ୍‌ରେ ରଖାଯାଇଛି, ଯାହାଦ୍ୱାରା ବସ୍ତି ବାସିନ୍ଦା ସଶକ୍ତ ହୋଇପାରିବେ। ମିଶନ ଶକ୍ତି ପାଇଁ ଘର ପ୍ରତି ପଞ୍ଚାୟତରେ କରାଯିବ। ଏଥିପାଇଁ ୩୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ମୋଟାମୋଟି ଭାବେ କୃଷକ, ମହିଳା ଏବଂ ଗରିବମାନଙ୍କ ବିକାଶ ପାଇଁ ଏହି ବଜେଟ୍। ରାଜ୍ୟ ଅର୍ଥନୀତି ଶେଷ ୬ ବର୍ଷ ହେଲା ଦେଶର ଅର୍ଥନୀତିଠାରୁ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ରାଜ୍ୟ ବିକାଶ ପାଇଁ ବଜେଟ୍‌ରେ ବିଶେଷ ଗୁରୁତ୍ୱ ଦିଆଯାଇଥିବାରୁ ରାଜ୍ୟ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ଏହି ବଜେଟ୍ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ ବୋଲି ଆଶା କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଜି କ'ଣ କେଉଁଠି

**ବରଗଡ଼**

- ସଡ଼କ ସୁରକ୍ଷା ସଚେତନତା ବୈଠକ, ଜିଲାପାଳ ଅଫିସ ସମ୍ମିଳନୀ କକ୍ଷ, ଅପରାହ୍ଣ ୫ଟା।

**ସମ୍ବଲପୁର**

- ଶିକ୍ଷା ସଚେତନତା ମୋଟର ସାଇକଲ ରାଲି ଶୁଭାରମ୍ଭ, ନେଲସନ୍ ମଣ୍ଡେଲା ଛକ, ସକାଳ ୫ଟା।
- ରାଜ୍ୟସ୍ତରୀୟ ଫେଶନ ଶୋ, ଖାଉଆପଡ଼ା ଆରଣ୍ୟକ ମଞ୍ଚ, ଅପରାହ୍ଣ ୧ଟା।
- ଓଡ଼ିଶା ଲୋକାୟୁକ୍ତ ଆଇନ ସଚେତନତା ଶିବିର, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ଣ ସାଢ଼େ ୧୦ଟା

**କାମଟିକ୍ରା**

- ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା, ଗୁଟଗୁଟା ପିଜିୟୁପି ସ୍କୁଲ, ସକାଳ ୮ଟା।

### ■ ବାର୍‌କୋଟରୁ କଲରାପତରିଆ ବାଘଛାଲ ଜବତ ଘଟଣା

## ଆଉ ୪ଜଣଙ୍କୁ ଗିରଫ କଲା ଏସ୍‌ଟିଏଫ୍


ଗିରଫ ୪ ଅଭିଯୁକ୍ତ।

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ଦେବଗଡ଼ ଜିଲା ବାର୍‌କୋଟ ଅଞ୍ଚଳରେ କଲରାପତରିଆ ବାଘଛାଲ ଚୋରା ଚାଲାଣ ର୍‌ୟାକେଟରେ ସମ୍ପୃକ୍ତ ଥିବା ଅଭିଯୋଗରେ ଆଉ ୪ଜଣଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍)। ସେମାନେ ହେଲେ କେଉଁଝର ଜିଲା ନୟାକୋଟ ଅଞ୍ଚଳର କାଳୀୟ ଚରଣ ଦାସ(୫୬), ଭାସ୍କର ଓରଫ ଭାଗୀରଥି ନାୟକ(୪୦) ପଣ୍ଡିତ ଓରଫ ପୀତାମ୍ବର ଖଟେଇ (୪୦) ଏବଂ ସୁନ୍ଦରଗଡ ଜିଲା ବଣେଇ ଥାନା ଅଞ୍ଚଳର ନେତ୍ର ଓରଫ ନେତ୍ରାନନ୍ଦ କିଶାନ(୨୨)। ପୂର୍ବରୁ ଏହି ଘଟଣାରେ ଗତ ୨୦ତାରିଖରେ ସୁନ୍ଦରଗଡ଼ ଜିଲାର ଶଶିକାନ୍ତ ନାୟକ, ଦେବଗଡ଼ ଜିଲାର ଜଗନସନ ବେହେରା ଓ ରମଣୀସେନ ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଅଧିକ ତଥ୍ୟ ପାଇଁ ପରେ ସେମାନଙ୍କୁ ରିମାଣ୍ଡରେ ଆଣି ଜେରା କରିଥିଲା ଏସ୍‌ଟିଏଫ୍ ଟିମ୍। ସେମାନଙ୍କଠାରୁ ମିଳିଥିବା ତଥ୍ୟ ଭିତ୍ତିରେ ଉକ୍ତ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଗୁରୁବାର ଆଉ ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କୁ ଶୁକ୍ରବାର ଦେବଗଡ଼ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ଭାଗୀରଥି ଓ ପୀତାମ୍ବର କଲରାପତରିଆ ବାଘଛାଲ ଯୋଗାଡ଼ କରି କାଳୀୟ ଚରଣଙ୍କୁ ଦେଇଥିଲେ। ନେତ୍ରାନନ୍ଦ ଏହି କାରବାରରେ ମୁଖ୍ୟ ମଧ୍ୟସ୍ଥି ସାଜିଥିଲେ। କାଳୀୟ ଚରଣଙ୍କଠାରୁ ନେତ୍ରାନନ୍ଦ ବାଘଛାଲ ଆଣି ଶଶିକାନ୍ତ, ଜଗନସନ ଓ ରମଣୀସେନଙ୍କ ନିକଟରେ ବିକ୍ରି କରିବା ଲାଗି ପହଞ୍ଚାଇଥିଲେ। ଏ ନେଇ କେସ୍ ନଂ. ୮/୧୯ ରୁଜୁ କରାଯିବା ସହ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଜେରା କରାଯାଇଥିଲା। ଘଟଣାରେ ଏକ ର୍‌ୟାକେଟ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଥିଲା।

BADRIPRASAD
DEGREE COLLEGE
+ 3 Online Admission Through SAMS
ADMISSION OPEN
BSc | BCom | BA
70089 20803, 70087 57504, 83277 25282, 70084 83493, bdcsbp@gmail.com, bcctssbp@gmail.com Visit: www.bitsambalpur.in
Debaipali. Majhipali Chowk, Sason, SAMBALPUR

DAYANAND INSTITUTE
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
ADMISSION NOTICE
NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US-8 TO 11AM (OFFICE) EVERYDAY

### ■ ଜମିବାଡ଼ି ବିବାଦ କାଳ ହେଲା

## ସାନପୁଅ ଫାଉଡା ଚୋଟରେ ବାପ ମୃତ

ରେଢାଖୋଲ,୨୮।୬(ଡି.ଏନ.ଏ.)

**ହତ୍ୟାକାରୀଙ୍କ ସମେତ ୨ପୁଅ ଗିରଫ**

ସମ୍ବଲପୁର ଜିଲା ରେଢାଖୋଲ ଥାନା ଲୁହାପଙ୍କ ପଞ୍ଚାୟତର ବେଲଡିହି ନିକଟସ୍ଥ ନୂଆପାଲି ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି । ସାନପୁଅଙ୍କ ଫାଉଡ଼ା ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରୋହିଦାସ ଗିଲୁଆ । ଏହି ଘଟଣାରେ ପୋଲିସ ଅଭିଯୁକ୍ତ ୨ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ରାଇସିଂ ଗିଲୁଆ,ରାମେଶ୍ୱର ଗିଲୁଆ। ଶୁକ୍ରବାର ସକାଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ରେଢାଖୋଲ ଥାନାରେ ଆଇପିସିର ଦଫା ୩୦୨/ ୩୪ରେ ଏକ ମାମଲା (ନଂ. ୧୩୨/୧୯)ରୁଜୁ ହୋଇଛି। ଶନିବାର ଗିରଫ ୨ ଭାଇଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ରୋହିଦାସଙ୍କ ୨ ସ୍ତ୍ରୀ ଅଛନ୍ତି। ପ୍ରଥମ ସ୍ତ୍ରୀଙ୍କ ୨ ପୁଅ ଓ ଦ୍ୱିତୀୟ ସ୍ତ୍ରୀଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଜମିବାଡି ଭାଗ ବଣ୍ଟାକୁ ନେଇ ପ୍ରଥମ ସ୍ତ୍ରୀଙ୍କ ୨ ପୁଅ ଓ ବାପା ମଧ୍ୟରେ ବିବାଦ ଲାଗି ରହିଥିଲା। ଗୁରୁବାର ରାତିରେ ଏହି ବିବାଦ ଉଗ୍ର ରୂପ ନେଇଥିଲା। ଜମିରେ ଖତ ପକାଇବାକୁ ନେଇ ରୋହିଦାସ ଓ ୨ ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସାନପୁଅ ରାମେଶ୍ୱର ଏକ ଫାଉଡାରେ ବାପାଙ୍କ ମୁଣ୍ଡରେ ଚୋଟ ପକାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ରୋହିଦାସଙ୍କ ମୃତ୍ୟୁ ଘଟିଥିଲା। ରୋହିଦାସଙ୍କ ଦ୍ୱିତୀୟ ସ୍ତ୍ରୀ ଚିନ୍ତାମଣି ଗିଲୁଆ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ୨ ଭାଇଙ୍କୁ ଗିରଫ କରିଥିଲା।

ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ
(ଭାରତ ସରକାରଙ୍କ ଉପକ୍ରମ)
୨୩୯, ବିଧାନ ଭବନ ମାର୍ଗ, ନରିମାନ ପଏଣ୍ଟ, ମୁମ୍ବାଇ - ୪୦୦୦୨୧
ସର୍ବସାଧାରଣ ବିଜ୍ଞପ୍ତି
ଆମର ସମ୍ମାନନୀୟ ଗ୍ରାହକଙ୍କ ଧ୍ୟାନ ଆକର୍ଷଣ ପାଇଁ
କେୱାଇସି ଅନୁପାଳନ
ନିଜ ଗ୍ରାହକଙ୍କୁ ଜାଣନ୍ତୁ (କେୱାଇସି) ଦିଗ୍‌ନିର୍ଦ୍ଦେଶାବଳୀର ଅନୁପାଳନ ପାଇଁ, ଯେଉଁ ଗ୍ରାହକମାନଙ୍କର ଖାତା ତା୦୧।୦୪।୨୦୧୦ରିଖ ପୂର୍ବରୁ ଖୋଲାଯାଇଛି ଓ ଯେଉଁମାନେ ପ୍ୟାନ୍ ନମ୍ବର କିମ୍ବା ଫର୍ମ ୬୦ ଦାଖଲ କରିନାହାନ୍ତି, ସେହି ଗ୍ରାହକମାନଙ୍କୁ ଏହି ସର୍ବସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଏତଦ୍ୱାରା ସୂଚିତ କରାଯାଉଛି ଯେ ସେମାନେ ଯଥାଶୀଘ୍ର ୟୁନିୟନ ବ୍ୟାଙ୍କ ଶାଖାରେ ନିଜର ପ୍ୟାନ୍ ନମ୍ବର କିମ୍ବା ଫର୍ମ ୬୦ ଦାଖଲ କରନ୍ତୁ । ଦୟାକରି ଧ୍ୟାନ ରଖନ୍ତୁ ଯେ ପ୍ୟାନ୍ ନମ୍ବର ଅଥବା ଫର୍ମ ୬୦ ଦାଖଲ କରା ନ ଗଲେ, ଆବଶ୍ୟକୀୟ ଔପଚାରିକତା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଖାତାଗୁଡ଼ିକର ଡେବିଟ୍ ଅଚଳ କରିଦିଆଯିବ ।
ଦୟାକରି ନିମ୍ନଲିଖିତ ସୂଚନା/ ଆନୁଷ୍ଠାନିକ ଭାବେ ବୈଧ ଦସ୍ତାବିଜ (ଓଭିଡି) ମଧ୍ୟ ଦାଖଲ କରନ୍ତୁ:
■ ଖାତାଧାରୀଙ୍କ ସଦ୍ୟତମ ଫଟୋଗ୍ରାଫ୍ (ପାସ୍‌ପୋର୍ଟ ଆକାର)
■ ପରିଚୟ ପ୍ରମାଣପତ୍ର ଓ ମୋବାଇଲ ନମ୍ବର
■ ସଦ୍ୟତମ ଆବାସିକ ଠିକଣା ପ୍ରମାଣ
ଆପଣଙ୍କୁ ଉତ୍ତମ ସେବା ଯୋଗାଇବାରେ ଆମକୁ ସକ୍ଷମ କରିବା ପାଇଁ ଆମେ ଆପଣଙ୍କଠାରୁ ତତ୍କାଳ ପ୍ରତ୍ୟୁତ୍ତର ଆଶା କରୁଛୁ ।
ମୁଖ୍ୟ
ସାଧାରଣ ବ୍ୟାଙ୍କିଙ୍ଗ୍ ପରିଚାଳନା ବିଭାଗ
କେନ୍ଦ୍ରୀୟ କାର୍ଯ୍ୟାଳୟ, ମୁମ୍ବାଇ

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୯ ଜୁନ, ୨୦୧୯




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁଡ୍ଡୁଲୁ
ପରିବାରବର୍ଗ


ଆରୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

# ଝିଅକୁ ହାଣିବା ପରେ ନିଜ ଗଳା କାଟିଲେ

**ଲାଞ୍ଜିଗଡ଼,୨୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ମସ୍କାପଦର ଗ୍ରାମରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କାର୍ମୁ ମାଝି (୪୦) ନାମ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ନିଜ ଝିଅ ସରିତା (୧୩)ଙ୍କୁ ଟାଙ୍ଗିଆରେ ହାଣି ପକାଇଥିଲେ। ଯେତେବେଳେ ସେ ନିଜର ଭୁଲ ବୁଝିପାରିଥିଲେ ମାନସିକ ଭାରସାମ୍ୟ ହରାଇ ନିଜ ନିଜର ଗଳା କାଟି ଗୁରୁତର ହୋଇଛନ୍ତି । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଗାଁ ଲୋକେ ଲାଞ୍ଜିଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ଦୁହିଁଙ୍କୁ ଭବାନୀପାଟଣା ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଲାଞ୍ଜିଗଡ଼ ଥାନା ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ମସ୍କାପଦର ଗାଁରେ ଗୁରୁବାର ରାତିରେ କାର୍ମୁଙ୍କ ସ୍ତ୍ରୀ କଡ଼ମି, ପୁଅ ହେମନ୍ତ (୧୬), ଅଶୋକ(୧୧) ଝିଅ ସରିତା (୧୩) ଶୋଇଥିଲେ । ରାତି ପ୍ରାୟ ୧ଟାରେ ନିଶାସକ୍ତ ଅବସ୍ଥା କାର୍ମୁ ଘରକୁ ଫେରିଥିଲେ। ହାତରେ ଧରିଥିବା ଟାଙ୍ଗିଆରେ ସେ ଶୋଇଥିବା ସରିତାଙ୍କୁ ଲକ୍ଷ୍ୟ କରି ଚୋଟ ପକାଇଥିଲେ । ଭାଗ୍ୟକୁ ସରିତାଙ୍କ ଛାତିରେ ଅଳ୍ପ ଆଘାତ ଲାଗିଥିଲା । ଏଥିରେ ଭୟଭୀତ ହୋଇ ସରିତା ପରିବାର ଲୋକଙ୍କୁ ଉଠାଇ ସମସ୍ତ କଥା କହିଥିଲେ । ନିଶାସକ୍ତ ଅବସ୍ଥାରେ କାର୍ମୁ ଏପରି କରିଥିବାରୁ ସମସ୍ତେ ତାଙ୍କୁ ଦୋଷ ଦେଇଥିଲେ। ପରେ କାର୍ମୁ ନିଜ ଭୁଲ ବୁଝିପାରି ଭୋର ୫ଟାରେ ନିଜ ଗଳା କାଟି ଦେଇଥିଲେ । ଏପରି ଅବସ୍ଥାରେ ଗାଁ ଲୋକେ ବେଦାନ୍ତ ମେଡିକାଲ ଆମ୍ବୁଲାନ୍ସରେ କାର୍ମୁ ଓ ସରିତାଙ୍କୁ ଲାଞ୍ଜିଗଡ଼ ସରକାରୀ ମେଡିକାଲକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ ଭବାନୀପାଟଣା ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିଲା।



ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କାର୍ମୁ ଓ ସରିତା ।

# କିଶୋରୀଙ୍କୁ ଦିଆଯିବ ଟିଡି ଟିକା

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ଜାତୀୟ ଟିକାକରଣ କାର୍ଯ୍ୟକ୍ରମରେ ୧୦ ରୁ ୧୬ବର୍ଷ ବୟସର କିଶୋରୀମାନଙ୍କୁ ଟିଟାନାସ ଡିପ୍‌ଥେରିଆ (ଟିଡି) ଟିକା ଦେବାଲାଗି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଯାଉଥିବା ୫ମରୁ ୧୦ମ ଶ୍ରେଣୀର କିଶୋରୀମାନଙ୍କୁ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଏହା ପ୍ରଦାନ କରାଯିବ। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ଅଧିନରେ ବର୍ଷକୁ ଥରୁଟିଏ ଏହି ଟିକା ଦିଆଯିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ୯୦ ପ୍ରତିଶତ କିଶୋରୀଙ୍କୁ ଟିଡି ଟିକା ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ କିଶୋରୀ ଓ ଗର୍ଭବତୀ ମହିଳାମାନଙ୍କୁ ଟିଟି ଦିଆଯାଉଥିବାବେଳେ ଏବେ ତାହା ସ୍ଥାନରେ ଟିଡି ଟିକା ପ୍ରଦାନ କରାଯିବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଟିକାକରଣ ଡାଟା ଅନୁଯାୟୀ, ୨୦୧୭ ମସିହାରେ ୭୭ ପ୍ରତିଶତ ଏବଂ ୨୦୧୮ ମସିହାରେ ୭୬ ପ୍ରତିଶତ ଡିପ୍‌ଥେରିଆ କେବଳ ୫ବର୍ଷ ଓ ତଦୁର୍ଦ୍ଧ ବୟସର ପିଲାଙ୍କୁ ଦିଆଯାଇଥିଲା। ପିଲାବେଳେ ଟିକା ନେଇ ନ ଥିଲେ ପରିଣତ ବୟସରେ ଡିପ୍‌ଥେରିଆ ହେବାର ଆଶଙ୍କା ରହିଥାଏ। ୨୦୧୮-୧୯ ବର୍ଷରେ ଟିଟି ଟିକାକରଣ କ୍ଷେତ୍ରରେ ଯଥାକ୍ରମେ ୫୫ ପ୍ରତିଶତ ଓ ୬୪ ପ୍ରତିଶତ ସଫଳତା ମିଳିଛି। ଟିଡି ଟିକାକରଣ

### ୯୦ ପ୍ରତିଶତ ଲକ୍ଷ୍ୟ ହାସଲ ଲାଗି ପରାମର୍ଶ

କ୍ଷେତ୍ରରେ ୯୦ ପ୍ରତିଶତରୁ ଅଧିକ ଲକ୍ଷ୍ୟ ହାସଲ ଲାଗି ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଯୋଜନା ପ୍ରସ୍ତୁତ କରିବେ। ଆଶାକର୍ମୀମାନେ ସ୍ୱାସ୍ଥ୍ୟକର୍ମୀଙ୍କୁ ଗୋଷ୍ଠୀସ୍ତରରେ ସହାୟତା କରିବା ସହିତ ବିଦ୍ୟାଳୟ ଟିକାକରଣ କାର୍ଯ୍ୟକ୍ରମରେ ମଧ୍ୟ ସହଯୋଗ କରିବେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା କହିଛନ୍ତି ଯେ, ବ୍ଲକ ସ୍ତରର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଏଥିପାଇଁ ବ୍ଲକ ମାଇକ୍ରୋ ପ୍ଲାନ, ଇଞ୍ଜେକ୍ସନ ଓ ଟିକାର ଆବଶ୍ୟକ, ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ବିଦ୍ୟାଳୟରେ ଶିକ୍ଷକ- ଅଭିଭାବକ ବୈଠକ, ସଚେତନତା ଦ୍ୱାରା ଟିଡି ଟୀକା ସଂକ୍ରାନ୍ତରେ ପ୍ରଚାର ପ୍ରସାର କରିବେ। ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଆରବିଏସ୍‌କେ ଟିମ୍‌ର ସହାୟତା ନେବେ। ଜିଲା ସ୍ତରରେ ଥିବା ଟିମ୍‌ଗୁଡ଼ିକ ଜିଲା ମାଇକ୍ରୋ ପ୍ଲାନ ପ୍ରସ୍ତୁତ ସହିତ କେତେ ଟିକା ଆବଶ୍ୟକ ତାହା ଦର୍ଶାଇବେ। ପ୍ରତିଦିନ ଟିକାକରଣର ସୂଚନା ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ବ୍ଲକକୁ ଦେବେ। ବ୍ଲକ ସ୍ତରରେ ଏହାର ସମୀକ୍ଷା ହୋଇ ପ୍ରତିଦିନ ଜିଲାକୁ ରିପୋର୍ଟ ଦିଆଯିବ। ଜିଲାସ୍ତରରୁ ପ୍ରତିଦିନ ଏହି ରିପୋର୍ଟ ରାଜ୍ୟସ୍ତରକୁ ଆସିବା ସହିତ ଏହା ଏଚ୍‌ଏମ୍‌ଆଇଏସ୍ ପୋର୍ଟାଲରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶିକା ନିର୍ଦ୍ଦେଶ ଦେଇଛନ୍ତି।

### ରାଜ୍ୟ ସଭା ଉପନିର୍ବାଚନ

# ସସ୍ମିତ, ଅମର ଏବଂ ଅଶ୍ୱିନୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ


ନବ ନିର୍ବାଚିତ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ଅମର ପଟ୍ଟନାୟକ ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ ସଦସ୍ୟତା ପ୍ରମାଣ ପତ୍ର ନିର୍ବାଚନ ରିଟର୍ନିଂ ଅଫିସର ବିଷ୍ଣୁପ୍ରସାଦ ମିଶ୍ର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ରାଜ୍ୟ ସଭାକୁ ଓଡ଼ିଶାର ୩ ଆସନ ପାଇଁ ସସ୍ମିତ ପାତ୍ର, ଅମର ପଟ୍ଟନାୟକ ଏବଂ ଅଶ୍ୱିନୀ ବୈଷ୍ଣବ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଜେଡି ସସ୍ମିତ ଏବଂ ଅମରଙ୍କୁ ପ୍ରାର୍ଥୀ କରିଥିବା ବେଳେ ଗୋଟିଏ ଆସନରେ ଭାଜପାକୁ ସମର୍ଥନ କରିଥିଲା। ସଂଖ୍ୟା ଦୃଷ୍ଟିରୁ ବିଜେଡି ୩ଟି ଯାକ ରାଜ୍ୟ ସଭା ଆସନ ହାତେଇ ପାରିଥାଆନ୍ତା। ହେଲେ ଏପରି କରିବା ବଦଳରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁରୋଧକୁ ରକ୍ଷା କରି ଗୋଟିଏ ଆସନରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ ଜଣାଇଲେ। ଅନ୍ୟପଟେ ଏହି ୩ ପ୍ରାର୍ଥୀଙ୍କୁ ଛାଡିଦେଲେ ସ୍ୱାଧୀନଭାବେ ନାମାଙ୍କନ ଦାଖଲ କରିଥିବା ନଗେନ୍ଦ୍ର ମିଶ୍ରଙ୍କ ପ୍ରାର୍ଥୀପତ୍ର ରଦ୍ଦ ହୋଇଯାଇଥିଲା। ତେଣୁ ପ୍ରାର୍ଥୀପତ୍ର ଯାଞ୍ଚ ଅର୍ଥାତ୍ ଗତ ୨୬ ତାରିଖରୁ ହିଁ ବିଜେଡି ଓ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନେଇ ସ୍ପଷ୍ଟ ହୋଇଯାଇଥିଲା। ଅନ୍ୟପଟେ ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା। ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ପ୍ରାର୍ଥୀ ପ୍ରତ୍ୟାହାର କରି ନ ଥିଲେ। ଶେଷରେ ରାଜ୍ୟ ସଭା ନିର୍ବାଚନ ରିଟର୍ନିଂ ଅଫିସର ବିଷ୍ଣୁପ୍ରସାଦ ମିଶ୍ର ନିୟମ ଅନୁସାରେ ସସ୍ମିତ ପାତ୍ର, ଅମର ପଟ୍ଟନାୟକ ଏବଂ ଅଶ୍ୱିନୀ ବୈଷ୍ଣବ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନେଇ ଘୋଷଣା କରିବା ସହ ସେମାନଙ୍କୁ ରାଜ୍ୟ ସଭା ସଦସ୍ୟତାର ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

ଏହି ଅବସରରେ ଅଶ୍ୱିନୀ କହିଛନ୍ତି, ଲୋକଙ୍କ ପାଇଁ ଦୀର୍ଘଦିନ ହେଲା କାମ କରିଛି। ଓଡିଶାର କେତେଗୁଡିଏ ଜିଲାରେ କାମ କରିଛି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ୍ୟ କାର୍ଯ୍ୟ କରିଛି। ଯେଉଁଠାରେ ପଚାରିବେ କେହି ବିରୋଧରେ କହିବେନି। ମୋ ଜୀବନ ଏକ ଖୋଲା ବହି ସଦୃଶ। ମୋର କୌଣସି ଖଣି ନାହିଁ। କଂଗ୍ରେସ ନେତାମାନେ ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆଣୁଛନ୍ତି, ତାହାର ତଥ୍ୟ ଦିଅନ୍ତୁ। ଏପରିକି ଯଦି ଚାହୁଁଛନ୍ତି ଆଇନର ଆଶ୍ରୟ ନିଅନ୍ତୁ। ଆଜିର ଯୁଗରେ କୌଣସି କଥା କାହାକୁ ଲୁଚି ରହେ ନାହିଁ। ସବୁ ଜିନିଷ ଲୋକଙ୍କ ସାମ୍ନାରେ ରହିଛି। ମହାପ୍ରଭୁ ଜଗନ୍ନାଥ ଯାହା ସୁଯୋଗ ଦେଇଛନ୍ତି ତାକୁ ଠିକ ଢଙ୍ଗରେ ପାଳନ କରିବି। ରାଜ୍ୟ ସଭାରେ ଓଡିଶାର ସ୍ୱର ପ୍ରଥମେ ଉଠିବ। ଏହି ରାଜ୍ୟର ବିକାଶ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରିବି। ଜଣେ ରାଜନେତା ନୁହେଁ, କାର୍ଯ୍ୟକର୍ତ୍ତା ଭାବେ କାମ କରିବାକୁ ପ୍ରୟାସ କରିବି ବୋଲି ଅଶ୍ୱିନୀ କହିଛନ୍ତି।

ସସ୍ମିତ ପାତ୍ର କହିଛନ୍ତି, ଏହି ସୁଯୋଗ ପାଇଥିବାରୁ ଦଳର ସଭାପତିଙ୍କୁ ଧନ୍ୟବାଦ ଦେଉଛି। ଯୋଉ ଆଶା ଏବଂ ବିଶ୍ୱାସ ନେଇ ଦାୟିତ୍ୱ ଦେଇଛନ୍ତି ତାକୁ ପୂର୍ଣ୍ଣ କରିବି। ରାଜ୍ୟ ହିତ ଲାଗି ବହୁ ପ୍ରସଙ୍ଗ ଉଠାଇବାର ଆବଶ୍ୟକତା ରହିଛି। ସେହିସବୁ ପ୍ରସଙ୍ଗ ଉଠାଇବି। ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା, ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ଭାବେ ଓଡିଶା ଉପରେ ଗୁରୁତ୍ୱ ଦେବା। କୋଇଲା ରୟାଲଟି ବଢାଇବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବି ବୋଲି ସସ୍ମିତ କହିଛନ୍ତି।

### ଉଲିବୁରୁ ଖଣି ଦୁର୍ନୀତି

# ଆବେଦନକାରୀଙ୍କ ଯୁକ୍ତି ଉପସ୍ଥାପନ ଶେଷ

**କଟକ ଅଫିସ, ୨୮।୬**

ରାଜ୍ୟର ବହୁଚର୍ଚ୍ଚିତ କେନ୍ଦୁଝର ଜିଲା ଉଲିବୁରୁ ଖଣି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କ ଜାମିନ ମାମଲାରେ ତାଙ୍କ ପକ୍ଷରୁ ଅଦାଲତରେ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି। ଅନ୍ୟପକ୍ଷରେ ମାମଲାର ତଦନ୍ତକାରୀ ସଂସ୍ଥା ଭିଜିଲାନ୍ସ ପକ୍ଷରୁ ଅଦାଲତରେ ଜବାବସୁଆଲ ଆରମ୍ଭ ହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୫ ତାରିଖରେ ହେବ। ସୂଚନାଥାଉ କି, ୧୮୦୦ କୋଟି ଟଙ୍କାର ଏହି ବଡ଼ ଖଣି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ମାମଲାରେ ଦୀପକ ଓ ତାଙ୍କ ପରିବାର ଲୋକଙ୍କୁ ଭିଜିଲାନ୍ସ ପକ୍ଷଭୁକ୍ତ କରିଥିଲା। ଜାମିନ ପାଇବା ପାଇଁ ଦୀପକ ୫ ଥର ହାଇକୋର୍ଟରେ ଆବେଦନ କରିଥିବା ବେଳେ ସୁପ୍ରିମକୋର୍ଟରେ ମଧ୍ୟ ଦୁଇଥର ଆବେଦନ କରିଥିଲେ। ମାତ୍ର ଉଭୟ କୋର୍ଟରେ ଦୀପକଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଷଷ୍ଠ ଥର ଲାଗି ଦୀପକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବନ୍ଧୁଙ୍କ ପରାମର୍ଶରେ ସାମାଜିକ ସ୍ତରରେ ଉଲ୍ଲେଖନୀୟ କାମ କରି ସର୍ବସାଧାରଣରେ ପ୍ରଶଂସିତ ହେବେ। କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇଯିବାର ଆଶଙ୍କା ରହିଛି। ମାନସିକ ଶାନ୍ତି ବ୍ୟାହତ ହୋଇପାରେ। କେତେକଙ୍କ କ୍ଷେତ୍ରରେ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବାକୁ ପଡ଼ିବ।

**ବୃଷ** ଆପଣଙ୍କର ଆଜିର କାମ ହାସଲ ପାଇଁ କୌଣସି ଅସୁବିଧା ହେବନାହିଁ। ମାତ୍ର ଆନୁଷ୍ଠାନିକ କ୍ଷେତ୍ରରେ,ବନ୍ଧୁତ୍ୱ ସ୍ଥାପନ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କର ସମାଲୋଚିତ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି। ଅବଶ୍ୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନ ହେଲେ ମଧ୍ୟ ବିଶେଷ ଖରାପ ହେବ ନାହିଁ। କିନ୍ତୁ ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଫିସ୍‌ରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ। କାର୍ଯ୍ୟବ୍ୟସ୍ତତା କାରଣରୁ ଅନ୍ୟମନସ୍କ ରହିପାରନ୍ତି।

**କର୍କଟ** ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ ଅସଜଡା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ସହକର୍ମୀ କିମ୍ବା ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡିପାରନ୍ତି। ଅପରାହ୍ନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପରିବହନ ଓ ନିର୍ମାଣ କାର୍ଯ୍ୟକୁ ସଙ୍କୁଚିତ କରିନେଇ ପାରନ୍ତି।

**ସିଂହ** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବେ। ଅତୀତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଶତ୍ରୁତା କାରଣରୁ ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ଗ୍ରହଙ୍କ ପ୍ରତିକୂଳତା କାରଣରୁ ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରାଇ ପାରିବେ ନାହିଁ। ସକାଳୁ ସକାଳୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଭାବପ୍ରବଣତା ବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ସହକର୍ମୀମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ତୁଳା** ପରିସ୍ଥିତିର ବଶବର୍ତ୍ତୀ ହୋଇ କେତେକ କ୍ଷେତ୍ରରେ ଇଚ୍ଛା ବିରୁଦ୍ଧ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନାର୍ଥରେ ଗ୍ରହଣ କରିବେ। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇ ଅବସାଦ ଲାଗିରହିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ପ୍ରତ୍ୟେକ କଥାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। କେତେକ ଅହେତୁକ କାରଣରୁ ଯେତେ ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ ଓ ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ** ଅନ୍ୟମାନଙ୍କ କଥାରେ ଭାସିବୁଲିଲେ ମୁଣ୍ଡରେ ହାତ ଦେଇ ବସିବାକୁ ପଡ଼ିବ। ଆଜି ଆକସ୍ମିକ ଭାବେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ।

**ମକର** ଗ୍ରହମାନଙ୍କ ଅନୁକୂଳତା କାରଣରୁ ଯିଏ ଯାହା କହୁନା କାହିଁକି, ଆପଣ ଯେମିତି ଭାବୁଛନ୍ତି ସେମିତି କରିବା ମନ୍ଦ ହେବନି। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ** କୌଣସି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ତରବରିଆ ପଦକ୍ଷେପ ନ ନେଇ ପରିବାର ସହ ଆଲୋଚନା କରିବା ଭଲ ହେବ। ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟ ସ୍ୱଜନମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ସନ୍ଧ୍ୟା ସମୟରେ ହଠାତ୍ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇପାରେ।

ଆଜି ଆଷାଢ଼ କୃଷ୍ଣପକ୍ଷର ସର୍ବସମ୍ମତ ଖଳିଲାଗି ଏକାଦଶୀ ଶନିବାର, ଶ୍ରୀଜୀଉଙ୍କର ଖଳିଲାଗି ବିଧି, ଅନବସର ଏକାଦଶୀ ଓ ଚନ୍ଦନ ଲାଗି,ଏକାଦଶୀର ବ୍ରତ ଓ ଉପବାସ, ଜୁନ୍ ୨୯ ତାରିଖ, ଜାତୀୟ ପରିସଂଖ୍ୟାନଦିବସ (ପରିସଂଖ୍ୟାନବିତ୍ ପ୍ରଶାନ୍ତଚନ୍ଦ୍ର ମହାଲ୍ ନୋବିସ୍‌ଙ୍କ ଜନ୍ମ ଦିବସ), ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଦିବା ଘ୧୧।୧୦ମି. ଗତେ, କୃତ୍ତିକା ନକ୍ଷତ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୪୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା।


## classifieds Everyday 0674-2580101, 2549302



**SALE**

Commercial white CELERIO VXI 2016 model for immediate sale. 9437854493. D-65907

**HIRE**

Required SwiftDzire for monthly rented basis on Govt. duty. Contact: 9337819041. D-13155



**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**Gharabari boundary plot Tamando MCL boundary site. Direct owner: 8144391451.** D-13175

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ **Grandbazar** ସମ୍ମୁଖରେ ଘରବାରି **plot** କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। **9438525948.** D-66717

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

**BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097.** D-66719

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

ଫୁଲନଖରାସ୍ଥିତ **Delhi Public Schoolକୁ** ଲାଗି ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। **9438432164.** D-66718

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

**Gharabari plot having Boundary sale 2000sqft near Audi showroom service centre, Bhubaneswar (50'x40') , (North/ East facing). Contact: 8249853413.** D-13149

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66584

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524.** D-66720

ଭୁବନେଶ୍ୱର ହଂସପାଳ ଅଟଳା, ରଙ୍ଗବଜାରରେ ଘରବାରି ବାଉଣ୍ଡାରୀ ପ୍ଲଟ ବିକ୍ରି ହେବ- 8093465134, 9668194157. D-66497

**ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। 9583725970.** D-66721

Booking 2BHK simplex BJEM(2) 1200sqft land 11,80,000/-, (finishing house) Badagada Canalroad plots available. 7735738102. D-13174

Factory with shed and land sale at Choudwar. Mobile: 9437311617. D-13178

2000sqft plot sale at Satyanagar, Bhubaneswar, only genuine buyers directly contact Deepak: 9937329999. D-66252



Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13183



Summer special mesmerizing offer expert therapeutic refreshing massage appointment. 9668374480. D-66579

Kajal ayurvedic massage club fully relaxed by smart lady, home service available. 9937637219. D-66912

**AFFIDAVIT**



By virtue of an affidavit sworn before Notary Public, Cuttack Town Dt. 06.12.2018. I am Umasankar Das, S/o- Raiba Charan Mallick & my name is treated as Umasankar Das for all purposes. D-13181

By the virtue of an affidavit before Executive Magistarte, Cuttack, I Amiya Ranjan Behera changed my name to Amiya Ranjan Pani vide affidavit dated 14.7.16 for all future purpose. D-13184

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ।

-ଶ୍ରୀମା

# ବାବୁଙ୍କ ଉପରେ ଭରସା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ପ୍ରଥମ ପାଳିରେ ଯାହା ଦେଖିବାକୁ ମିଳିଥିଲା ତାହା ଏବେ ଦ୍ୱିତୀୟ ପାଳିରେ ବି ଦେଖିବାକୁ ମିଳୁଛି। ତାହା ହେଉଛି ପୋଖତ ରାଜନେତାମାନେ ଯେଉଁ କାମ କରି ନ ପାରିବେ, କେତେକ କ୍ଷେତ୍ରରେ ଅଭିଜ୍ଞ ବାବୁମାନେ ତା'ଠୁ ଭଲ କରିପାରିବେ ବୋଲି ମୋଦିଙ୍କ ଦୃଢ଼ ବିଶ୍ୱାସ। ଆଗରୁ ଅବଶ୍ୟ ବାବୁମାନେ ନେତା ହେବା ଘଟଣା କିଛି ଦୁର୍ଲ୍ଲଭ ନ ଥିଲା, କିନ୍ତୁ ୨୦୧୪ରେ ମୋଦିଙ୍କ ଅଧୀନରେ ଏନ୍‌ଡିଏ କ୍ଷମତାକୁ ଆସିବା ପରେ ଏହା ଏକ ମୁଖ୍ୟ ଧାରାରେ ପରିଣତ ହୋଇଛି। ତାଙ୍କ ପ୍ରଥମ ପାଳିରେ ମୋଦି ବହୁ ଆଶାୟୀ ଦଳୀୟ ସହଯୋଗୀଙ୍କୁ ଉପେକ୍ଷା କରି ଚାରିଜଣ ପୂର୍ବତନ ବାବୁ ଯଥା ଆର୍.କେ. ସିଂ, ହରଦୀପ ପୁରୀ, କେ.ଜେ. ଆଲ୍‌ଫନ୍‌ସ ଓ ସତ୍ୟପାଲ ସିଂଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାୟିତ୍ୱ ଅର୍ପଣ କରିଥିଲେ। ଭାଜପା ଏକକ ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତାସୀନ ହୋଇଥିବାରୁ ସେ ସମ୍ଭାବ୍ୟ ଅସନ୍ତୁଷ୍ଟମାନଙ୍କୁ ଉପେକ୍ଷା କରି ଏପରି କରିପାରିଥିଲେ। ବର୍ତ୍ତମାନ ଦ୍ୱିତୀୟ ପାଳିରେ ଭାଜପା ୩୦୩ ଆସନ ଦଖଲ କରିପାରିଥିବାରୁ ପ୍ରଧାନମନ୍ତ୍ରୀ ସେହି ଏକା ଫର୍ମୁଲା ଆହୁରି ତେଜର ସହ ପ୍ରୟୋଗ କରୁଛନ୍ତି।

ମୋଦିଙ୍କ ଅମଲାତନ୍ତ୍ରୀ ପ୍ରୀତି ବିଷୟରେ ଜାଣି ସୁଦ୍ଧା ଯେତେବେଳେ ମନ୍ତ୍ରୀମାନଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରକାଶ ଜାଭଡେକର, ପୀୟୂଷ ଗୋୟଲ ଓ ମୁଖ୍‌ତାର ଅବ୍ବାସ ନକଭିଙ୍କ ପରି ଦଳର ପୁରୁଖା ପ୍ରବୀଣ ନେତାଙ୍କ ପୂର୍ବରୁ ପୂର୍ବତନ ବିଦେଶ ସଚିବ ସୁବ୍ରମଣ୍ୟମ୍ ଜୟଶଙ୍କରଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେବାକୁ ଡକାଗଲା, ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅବସରପ୍ରାପ୍ତ ଭାରତୀୟ ବିଦେଶ ସେବାର ୧୯୭୭ ବ୍ୟାଚ୍ ଅଫିସର ଜଣକ ଏବେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ। ଚାକିରି କ୍ଷେତ୍ରରେ ଜୟଶଙ୍କରଙ୍କଠାରୁ ବରିଷ୍ଠ ତଥା ଜାତିସଂଘର ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ହରଦୀପ ସିଂ ପୁରୀ ନିର୍ବାଚନରେ ହାରିଯାଇଥିଲେ ମଧ୍ୟ ମୋଦି ତାଙ୍କୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାୟିତ୍ୱ ଦେଇଛନ୍ତି- ଆବାସ ଓ ସହର ବ୍ୟାପାର ମନ୍ତ୍ରଣାଳୟ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ। ସେହିପରି ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଆର୍.କେ. ସିଂଙ୍କୁ ଦୁଇଟି ମନ୍ତ୍ରଣାଳୟର ସ୍ୱାଧୀନ ଦାୟିତ୍ୱ ଦିଆଯାଇଛି- ଶକ୍ତି ମନ୍ତ୍ରଣାଳୟ ଏବଂ ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ।

ବର୍ତ୍ତମାନ ସରକାରରେ ପାଞ୍ଚଟି କେନ୍ଦ୍ର ମନ୍ତ୍ରଣାଳୟରେ ମନ୍ତ୍ରିପଦ ଏବଂ ଚାରିଟି ମନ୍ତ୍ରଣାଳୟରେ ରାଷ୍ଟ୍ରମନ୍ତ୍ରୀ ପଦ ପୂର୍ବତନ ବାବୁମାନଙ୍କୁ ମିଳିଛି। ସମୟକ୍ରମେ ବାବୁମାନଙ୍କ ଉପରେ ମୋଦିଙ୍କ ବିଶ୍ୱାସ ଓ ଭରସା ବୃଦ୍ଧି ପାଇବାରେ ଲାଗିଛି। ନିଶ୍ଚିତ ଭାବେ ମୋଦିଙ୍କ ହାତବଛା ବିଶ୍ୱସ୍ତ ବାବୁମାନଙ୍କ ଦ୍ୱାରା ପରିପୂର୍ଣ୍ଣ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ହେଉଛି ଏ ସରକାରରେ ସବୁଠାରୁ କ୍ଷମତାଶାଳୀ କାର୍ଯ୍ୟାଳୟ। ପ୍ରଧାନମନ୍ତ୍ରୀ ତାଙ୍କ ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ର ଏବଂ ଅତିରିକ୍ତ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କୁ ପୁନର୍ନିଯୁକ୍ତି ଦେଇଥିବା ବେଳେ ସେମାନଙ୍କୁ କ୍ୟାବିନେଟ୍ ପାହ୍ୟା ପ୍ରଦାନ କରିଛନ୍ତି। ସେହିପରି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କୁ ପୁନର୍ନିଯୁକ୍ତି ଦିଆଯିବା ସହ କ୍ୟାବିନେଟ୍ ପାହ୍ୟା ପ୍ରଦାନ କରାଯାଇଛି।

କିନ୍ତୁ ପର୍ଯ୍ୟବେକ୍ଷକମାନଙ୍କ କହିବା ଅନୁସାରେ ବାବୁରୁ ନେତା ହୋଇଥିବା ଏହି ମନ୍ତ୍ରୀମାନଙ୍କ ଲାଗି ସେମାନଙ୍କ ମନ୍ତ୍ରିମଣ୍ଡଳୀୟ ପରିସରରେ ରହିଥିବା ପ୍ରସଙ୍ଗଗୁଡ଼ିକ ବଡ଼ ଆହ୍ୱାନ ନୁହେଁ, ବରଂ ସେମାନଙ୍କ ପୂର୍ବତନ ସହକର୍ମୀମାନଙ୍କୁ ସାଙ୍ଗରେ ନେଇ କାମ କରିବା ହେଉଛି ବଡ଼ ଆହ୍ୱାନ। ଏକ ଭିନ୍ନମତ ବା ଚିନ୍ତାଧାରା ଅନୁସାରେ ପ୍ରଶାସନିକ ସେବା ପୃଷ୍ଠଭୂମିରୁ ଆସିଥିବା ସମସ୍ତେ ଯେ ଭଲ ମନ୍ତ୍ରୀ ହୋଇପାରିବେ ତା'ର କୌଣସି ନିଶ୍ଚୟତା ନାହିଁ। ସରକାର କେମିତି ଚାଲେ ଏ ବିଷୟରେ ବାବୁମାନଙ୍କର ଭଲ ଜ୍ଞାନ ଅଛି, ଏହାକୁ ଅସ୍ୱୀକାର କରାଯାଇ ନ ପାରିଲେ ବି ଜଣେ ପୋଖତ ନେତା ଲୋକମାନେ କ'ଣ ଚାହାନ୍ତି ତାହା ଅଧିକ ଭଲଭାବେ ବୁଝିପାରେ। ତେବେ ଏ ପ୍ରକାର ବିଶ୍ୱାସ କେଉଁଠୁ ଆସିଛି, ତାହା ବୁଝିବାରେ କିଛି ଅସୁବିଧା ନାହିଁ।

ଗତ ପାଞ୍ଚବର୍ଷରେ ଦେଖାଯାଇଛି ଯେ ମୋଦିଙ୍କ କାର୍ଯ୍ୟ ସଂସ୍କୃତିରେ ଅଛି ପ୍ରତ୍ୟକ୍ଷ ଅଭିଗମନ (ଡାଇରେକ୍ଟ ଆକ୍ସେସ୍), ପ୍ରକ୍ରିୟାଗୁଡ଼ିକର ସରଳୀକରଣ ଏବଂ ତ୍ୱରିତ ନିଷ୍ପତ୍ତି ନେଇ ନିଷ୍ପତ୍ତିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା। ମୋଦି ଜାଣିଛନ୍ତି ଯେ, ତାଙ୍କ ପ୍ରଧାନମନ୍ତ୍ରିତ୍ୱର ଦ୍ୱିତୀୟ ପାଳିକୁ ତାଙ୍କ ସରକାରର ଦକ୍ଷତା ଓ ତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ଭିତ୍ତିରେ ମୂଲ୍ୟାୟନ କରାଯିବ। ତେଣୁ ଯେଉଁ ବାବୁମାନଙ୍କ ଉପରେ ସେ ଆସ୍ଥା ସ୍ଥାପନ କରିଛନ୍ତି ସେମାନଙ୍କୁ ଏପରି କାର୍ଯ୍ୟ କରିବାକୁ ହେବ ଯାହାଦ୍ୱାରା ଲୋକେ ଏ ସରକାରକୁ ନିଜର ବଚନ ରକ୍ଷା କରିପାରିଥିବା ଭଲ ସରକାର ବୋଲି କହିବେ।

Email: dilipcherian@gmail.com

# ନୂଆ ଭାରତ ଓ ନୂଆ ଓଡ଼ିଶା କେତେ ବାସ୍ତବ



ଡ. ସନ୍ତୋଷ କୁମାର ମହାପାତ୍ର

ଯିଏ ସରକାର ଗଢୁ ବା ଶାସନ କରୁ ବିଭିନ୍ନ ପ୍ରକାର ଆର୍ଥିକ, ରାଜନୈତିକ ତଥା ସାମାଜିକ ସମସ୍ୟା ସମାଧାନ କରିବା ସହଜ ନୁହେଁ। ଅବଶ୍ୟ ସରକାର ଏଥିପାଇଁ ପ୍ରଚେଷ୍ଟା କରିବା ଉଚିତ। କିନ୍ତୁ ସମ୍ପ୍ରତି ଭାରତ ସମେତ ବିଭିନ୍ନ ଦେଶରେ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ କର୍ପୋରେଟ ତଥା ପୁଞ୍ଜିପତିଙ୍କ ନିୟନ୍ତ୍ରଣରେ ରହିଛି। ଯେଉଁମାନେ ଶାସନ ଗାଦିରେ ଥାନ୍ତି ସେମାନଙ୍କୁ ପଛପଟୁ ବଡ଼ ବଡ଼ କମ୍ପାନୀ ଏବଂ ପୁଞ୍ଜିପତି ନିୟନ୍ତ୍ରଣ କରିଥାନ୍ତି ଏବଂ ତାଙ୍କୁ ସୁହାଇଲା ପରି ନୀତି ପ୍ରଣୟନ କରିବାକୁ ବାଧ୍ୟ କରିଥାନ୍ତି ଏବଂ ସଫଳ ହୋଇଥାନ୍ତି। ଫଳରେ ବେକାରି, ବୈଷମ୍ୟ, କ୍ଷୁଧା ଆଜି ବି ପ୍ରମୁଖ ସମସ୍ୟା ହୋଇ ରହିଛି। ଏପରି ସମସ୍ୟାର ସମାଧାନ କରିବାରେ ବିଫଳ ହେବା ଯୋଗୁ ଜନପ୍ରିୟତା ହରାଇବାକୁ ପଡ଼ିଥାଏ। ଏଣୁ ଚତୁର ରାଜନେତାମାନେ ବିଭିନ୍ନ ପ୍ରକାର ମନଭୁଲା ସ୍ଲୋଗାନ ଦେବା ସହିତ ଜନତାଙ୍କ ଭାବାବେଗକୁ ଛୁଇଁଲା ଭଳି କଥା କହିଥାନ୍ତି ଏବଂ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ଏପରି ମନଭୁଲାଣିଆ ସ୍ଲୋଗାନ ଦେବାରେ ଯଦି କିଏ ସର୍ବାଗ୍ରେ ରହିବେ ସେ ହେଉଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତାଙ୍କର ପ୍ରଥମ ଶାସନ ଅମଳରେ ସେ ନୂଆ ଭାରତର ଏକ ସ୍ୱପ୍ନ ଦେଖାଇଥିଲେ ଏବଂ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ହେବା ପରେ ତାହାକୁ ଦୋହରାଇଛନ୍ତି। ତାଙ୍କ ନୂଆ ଭାରତର ସଂକଳ୍ପ ଅନୁଯାୟୀ ଭାରତରେ ଦାରିଦ୍ର୍ୟ, ଦୁର୍ନୀତି, ଆତଙ୍କବାଦ, ସାମ୍ପ୍ରଦାୟିକତାବାଦ, ଜାତିପ୍ରଥା ଆଦି ରହିବ ନାହିଁ ଏବଂ ଭାରତ ଏକ ଶକ୍ତିଶାଳୀ, ଉନ୍ନତ ରାଷ୍ଟ୍ରରେ ପରିଣତ ହେବ। ସେହିପରି ନବୀନ ପଟ୍ଟନାୟକ ତାଙ୍କର ଜନପ୍ରିୟତା ଯୋଗୁ ୫ ଥର ମୁଖ୍ୟମନ୍ତ୍ରୀ ହେଲା ପରେ ନୂଆ ଓଡ଼ିଶା କଥା ମଧ୍ୟ କହିଛନ୍ତି। କିନ୍ତୁ ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଯଦି ଅଧିକରୁ ଅଧିକ ଅପରାଧରେ ସମ୍ପୃକ୍ତ ବା ଧନିକ ଶ୍ରେଣୀର ବ୍ୟକ୍ତି ବିଧାନସଭା ବା ସଂସଦକୁ ନିର୍ବାଚିତ ହୋଇ ଯାଆନ୍ତି, ତେବେ କିପରି ନୂଆ ଭାରତ ବା ନୂଆ ଓଡ଼ିଶା ସମ୍ଭବ ହେବ। ସେମାନେ ଗରିବ, ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟ କରିବେ ନା ପୁନର୍ବାର କିପରି କ୍ଷମତାକୁ ଆସିବେ ଏବଂ ସାତପିଢି ପାଇଁ ସମ୍ପଦ ରଖିବେ ତାହା ପାଇଁ ଚେଷ୍ଟା କରିବେ? ସେମାନେ ପୁଞ୍ଜିପତି, ଶିଳ୍ପପତି ଓ ଧନିକ ଶ୍ରେଣୀଙ୍କ ସ୍ୱାର୍ଥ ସାଧନ ପାଇଁ କାର୍ଯ୍ୟ କରିବେ।

ଉଲ୍ଲେଖଯୋଗ୍ୟ ଯେ ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର) ନ୍ୟାଶନାଲ ଇଲେକ୍ସନ ୱାଚ୍ (ଏନ୍‌ଇଡବ୍ଲ୍ୟୁ)(ଓଡ଼ିଶାରେ ଓଡ଼ିଶା ଇଲେକ୍ସନ ୱାଚ୍) ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଅପରାଧର କାହାଣୀ ଓ ସମ୍ପଦର ସମୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। ପ୍ରାର୍ଥୀମାନେ ଯାହା ସତ୍ୟପାଠରେ ଘୋଷଣା କରିଥାନ୍ତି ସେହି ତଥ୍ୟ ଦେଇଥାନ୍ତି। ଏହି ତଥ୍ୟ ଅନୁସାରେ ୨୦୦୯ରେ ୩୩% ବିଧାୟକଙ୍କ ନାମରେ ଅପରାଧର ଅଭିଯୋଗ ଥିଲାବେଳେ ଏହା ୨୦୧୪ରେ ୩୫% ଏବଂ ୨୦୧୯ରେ ୪୬%କୁ ବୃଦ୍ଧି ପାଇଛି। ଯଦି ନରହତ୍ୟା ବା ନରହତ୍ୟା ପାଇଁ ଉଦ୍ୟମ, ଅପହରଣ, ମହିଳାଙ୍କ ବିରୋଧରେ ଅପରାଧ ଆଦି ସାଂଘାତିକ ଅପରାଧ କଥା ବିଚାର କରାଯାଏ ତେବେ ୨୦୧୪ରେ ଏହା ୨୮% ଥିଲାବେଳେ ୨୦୧୯ରେ ୩୪%କୁ ବୃଦ୍ଧି ପାଇଛି। ସେହିପରି ଯଦି ଲୋକ ସଭା କଥା ବିଚାର କରାଯାଏ ୨୦୦୯ରେ ୨୪% ସାଂସଦଙ୍କ ନାମରେ ଅପରାଧର ଅଭିଯୋଗ ଥିଲାବେଳେ ୨୦୦୯ରେ ୩୦%, ୨୦୧୪ରେ ୩୪% ଏବଂ ୨୦୧୯ରେ ୪୩%କୁ ବୃଦ୍ଧିପାଇଛି। ସାଂଘାତିକ ଅପରାଧ ଦୃଷ୍ଟିରୁ ୨୦୦୯ରେ ୧୪% ସାଂସଦଙ୍କ ନାମରେ ଅଭିଯୋଗ ଥିଲାବେଳେ ଏହା ୨୦୧୪ରେ ୨୧% ଏବଂ ୨୦୧୯ରେ ୨୯%କୁ ବୃଦ୍ଧି ପାଇଛି। ସବୁଠାରୁ ଚିନ୍ତାର ବିଷୟ ହେଉଛି ନରେନ୍ଦ୍ର ମୋଦିଙ୍କ ପ୍ରଥମ ଶାସନ ଅମଳରେ ୩୧% ମନ୍ତ୍ରୀଙ୍କ ନାମରେ ଅପରାଧର ଅଭିଯୋଗ ଥିଲାବେଳେ ବର୍ତ୍ତମାନର ମନ୍ତ୍ରିମଣ୍ଡଳରେ ତାହା ୩୯%କୁ ବୃଦ୍ଧି ପାଇଛି। ଯଦି ସମ୍ପଦ କଥା ବିଚାର କରାଯାଏ ୨୦୦୯ରେ ଓଡ଼ିଶାରେ ମାତ୍ର ୧୫% ବିଧାୟକ କୋଟିପତି ଥିଲାବେଳେ ୨୦୧୪ରେ ଏମାନଙ୍କ ସଂଖ୍ୟା ୫୨% ଓ ୨୦୧୯ରେ ୬୫%କୁ ବୃଦ୍ଧିପାଇଛି। ୨୦୧୯ରେ ପୁନଃନିର୍ବାଚିତ ହୋଇଥିବା ୬୦ ଜଣ ବିଧାୟକଙ୍କ ସମ୍ପଦ ୨୦୧୪ ତୁଳନାରେ ୧୨୨% ବା ହାରାହାରି ମୁଣ୍ଡପିଛା ୨.୬୯ କୋଟି ଟଙ୍କା ବୃଦ୍ଧି ପାଇଛି। ସେହିପରି ଲୋକ ସଭା କ୍ଷେତ୍ରରେ କୋଟିପତି ସାଂସଦଙ୍କ ସଂଖ୍ୟା, ଯାହା ୨୦୦୯ରେ ୫୮% ଥିଲା ତାହା ୨୦୧୪ରେ ୮୩% ଏବଂ ୨୦୧୯ରେ ୮୮%କୁ ବୃଦ୍ଧି ପାଇଛି। ଜଣେ ଯୁକ୍ତିଛଳରେ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ଏହି ବୃଦ୍ଧି କମ୍ ହେବ। କିନ୍ତୁ ସାଧାରଣ ଟିକସଦାତାଙ୍କ ସମ୍ପଦ ବୃଦ୍ଧି ତୁଳନାରେ ବିଧାୟକ ବା ସାଂସଦଙ୍କ ସମ୍ପଦ ଅଧିକ ହାରରେ ବୃଦ୍ଧି ପାଉଛି। ୨୦୧୪ରେ ଲୋକ ସଭା ସଦସ୍ୟଙ୍କ ହାରାହାରି ସମ୍ପତ୍ତି ୧୪.୭ କୋଟି ହୋଇଥିଲା ବେଳେ ୨୦୧୯ରେ ଏହା ୨୦.୯ କୋଟି। ୨୦୧୪ରେ ଜଣେ ଟିକସଦାତାଙ୍କ ସମ୍ପତ୍ତି ତୁଳନାରେ ଲୋକ ସଭା ସଦସ୍ୟଙ୍କ ସମ୍ପତ୍ତି ୨୯୯.୮ ଗୁଣ ଥିଲାବେଳେ ୨୦୧୯ରେ ଏହା ୩୪୫.୮ ଗୁଣରେ ପହଞ୍ଚିଛି। ରାଜ୍ୟ ସଭାକୁ ଗୁଣୀ, ଜ୍ଞାନୀ, ବୁଦ୍ଧିଜୀବୀ ତଥା ସୃଜନାତ୍ମକ ବ୍ୟକ୍ତିଙ୍କୁ ବିଭିନ୍ନ ଦଳ ତରଫରୁ ନିର୍ବାଚିତ କରି ପଠାଇବା କଥା କିନ୍ତୁ ତାହା ଧନିକ ଶ୍ରେଣୀଙ୍କ ପେଣ୍ଠସ୍ଥଳୀ ହୋଇଛି। ରାଜ୍ୟ ସଭାର ସଦସ୍ୟଙ୍କ ହାରାହାରି ସମ୍ପତ୍ତିର ମୂଲ୍ୟ ୨୦୧୮ ସୁଦ୍ଧା ୫୫ କୋଟିରେ ପହଞ୍ଚିଛି।

ପୁନଶ୍ଚ ଯଦି ନରେନ୍ଦ୍ର ମୋଦିଙ୍କ ଗତ ୫ ବର୍ଷର ଶାସନ ଏବଂ ନବୀନଙ୍କ ବିଗତ ୫ ବର୍ଷର ଶାସନକୁ ସମୀକ୍ଷା କରାଯାଏ ତେବେ ନୂଆ ଭାରତ ଦୁଃସ୍ୱପ୍ନ ପରି ମନେ ହେଲାବେଳେ ନୂଆ ଓଡ଼ିଶା ଅବାସ୍ତବ ମନେ ହେଉଛି। ୨୦୧୧ରେ ଭାରତ ମହିଳାମାନଙ୍କ ପାଇଁ ୪ର୍ଥ ବିପଦପୂର୍ଣ୍ଣ ରାଷ୍ଟ୍ର ଥିବାବେଳେ ୨୦୧୮ ସବୁଠାରୁ ପ୍ରଥମ ବିପଦପୂର୍ଣ୍ଣ ରାଷ୍ଟ୍ର। ଓଡ଼ିଶାରେ ମଧ୍ୟ ଆଜି ମହିଳାଙ୍କ ଉପରେ ନିର୍ଯାତନା ବୃଦ୍ଧିପାଇଛି ଓ ମୋଦିଙ୍କ ଗତ ୫ ବର୍ଷରେ ଅର୍ଥନୀତି ସମ୍ପୂର୍ଣ୍ଣ ବିଗିଡ଼ିଯିବା ସହିତ ବିଭିନ୍ନ ସୂଚକାଙ୍କରେ ଅବନତି ଘଟିଛି। କିନ୍ତୁ ନବୀନଙ୍କ ଶାସନ ଅବଧିରେ ଅର୍ଥନୀତି ବା କୌଣସି ପରିସ୍ଥିତି ନିମ୍ନମୁଖୀ ନ ହୋଇଥିଲା ବେଳେ ଆଶାନୁରୂପ ଉନ୍ନତି ଘଟିନାହିଁ। ଅବଶ୍ୟ ଦାରିଦ୍ର୍ୟ ହ୍ରାସ ପାଇବା ସହିତ ଅଭିବୃଦ୍ଧି ଅଧିକ ହୋଇଛି। ଆଗରୁ ସରକାର ଦରମା ଦେବାକୁ ଅକ୍ଷମ ହେଲାବେଳେ ବର୍ତ୍ତମାନ ସ୍ଥିତିରେ ଉନ୍ନତି ଘଟିଛି। ରାଜ୍ୟ ସରକାର ଗୁଡ଼ାଏ ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବାରୁ ମାନବ ଉନ୍ନୟନ କ୍ଷେତ୍ରରେ ଉନ୍ନତି ଘଟିଛି। ଭାରତ ୨୦୧୭ରେ ମାନବ ଉନ୍ନୟନ ସୂଚକାଙ୍କରେ ୧୮୯ ଦେଶ ମଧ୍ୟରୁ ୧୩୦ ସ୍ଥାନରେ ରହିଛି। ଅର୍ଥାତ୍ ୧୨୯ଟି ଦେଶ ତଳେ। ଗତ କିଛିବର୍ଷ ସେହି ଅଙ୍କ ପାଖାପାଖି ରହୁଛି। କିନ୍ତୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅନୁସାରେ ଓଡ଼ିଶା ଏକଦା ମାନବ ଉନ୍ନୟନ ଦୃଷ୍ଟିରୁ ବହୁତ ପଛରେ ଥିଲାବେଳେ ୧୯୯୦ରୁ ୨୦୧୭ ମଧ୍ୟରେ ସାମାଜିକ ବ୍ୟୟ ପୌନଃପୌନିକ ବାର୍ଷିକ ଅଭିବୃଦ୍ଧି ୧୫.୧% ହେବା ଯୋଗୁ (ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ୩ୟ ସ୍ଥାନ) ୨୦୧୪ଠାରୁ ଅଭୁତପୂର୍ବ ଉନ୍ନତି ଘଟି ପ୍ରମୁଖ ରାଜ୍ୟ ମଧ୍ୟରେ ରହିଛି। କିନ୍ତୁ ଉଭୟ କେନ୍ଦ୍ର ଓ ରାଜ୍ୟ ନିଯୁକ୍ତି ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି। ଅବଶ୍ୟ ସବୁ ରାଜ୍ୟର ଅବସ୍ଥା ଏକପ୍ରକାର। ଏଣୁ ଦେଶରେ ବେକାରି ହାର ୨୦୧୮ରେ ୬.୧%ରେ ପହଞ୍ଚିଛି, ଯାହା ଗତ ୪୫ ବର୍ଷରେ ସର୍ବାଧିକ।

ଗତ ୫ ବର୍ଷରେ ଭାରତ ବେଶି ଅଶାନ୍ତ, ଅସୁଖୀ ହେବା ସହିତ କ୍ଷୁଧା ଦୂର କରିବାରେ ବହୁତ ପଛେଇ ଯାଇଛି। ଏଣୁ ନୂଆ ଭାରତ କିପରି ଆଶା କରିବା? ଉଦାହରଣ ସ୍ୱରୂପ ୨୦୧୫ରେ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ ୧୦୪ଟି ଦେଶ ମଧ୍ୟରେ ୮୦ତମ ସ୍ଥାନରେ ଥିଲାବେଳେ ୨୦୧୮ରେ ୧୧୯ଟି ଦେଶ ମଧ୍ୟରେ ୧୦୩ତମ ସ୍ଥାନରେ। ସେହିପରି ସଦ୍ୟ ପ୍ରକାଶିତ ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୧୯ ଅନୁସାରେ ଭାରତ ୧୬୩ଟି ଦେଶ ମଧ୍ୟରେ ୧୪୧ ସ୍ଥାନରେ ରହିଛି। ଗତବର୍ଷ ତୁଳନାରେ ଆହୁରି ୪ ସ୍ଥାନ ନିମ୍ନଗାମୀ ହୋଇଛି। ବିଭିନ୍ନ ପ୍ରକାର ହିଂସା ଯୋଗୁ ଆର୍ଥିକ କ୍ଷତି, ଯାହା କ୍ରୟ ଶକ୍ତି ସମତା (ପିପିପି) ଦୃଷ୍ଟିରୁ ୨୦୧୪ରେ ୩୪୧.୭ ବିଲିୟନ ଡଲାର ଥିଲା ତାହା ୨୦୧୭ରେ ୫୦୬.୨ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ସେହିପରି ବିଶ୍ୱ ଖୁସି ସୂଚକାଙ୍କ ୨୦୧୯ ଅନୁସାରେ ଭାରତ ୧୫୬ଟି ଦେଶ ମଧ୍ୟରୁ ୧୪୦ ସ୍ଥାନରେ ରହିଛି। ଗତ ୪ ବର୍ଷରେ ଭାରତ ୨୩ ଅଙ୍କ ତଳକୁ ଖସି ଆସିଛି। ଦେଶରେ ୪ କୋଟି ଲୋକ ଏବେ ବି ଆଧୁନିକ କ୍ରୀତଦାସ ଭାବେ ଜୀବନ ବିତାଉଛନ୍ତି। ସବୁଠାରୁ ଚିନ୍ତାଜନକ ଘଟଣା ହେଉଛି, କିଛି ପରିବର୍ତ୍ତନ ଆଣିବାକୁ ହେଲେ ଅଭିବୃଦ୍ଧିର ସୁଫଳ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିବା ଉଚିତ। ଦେଶ ସମ୍ପଦର ସୁଷମ ବଣ୍ଟନ ସାଙ୍ଗକୁ ବୈଷମ୍ୟ ହ୍ରାସ ଘଟିବା ଉଚିତ। ସେଥିପାଇଁ ଧନିକ ଶ୍ରେଣୀଠାରୁ ଅଧିକ ହାରରେ ଟିକସ ଆଦାୟ ହେବା ଉଚିତ ଯାହା ଆମ ଦେଶରେ ହେଉନାହିଁ। ଗତ ୫ ବର୍ଷରେ ଆହୁରି ସ୍ଥିତି ଖରାପ ଆଡକୁ ଗତି କରିଛି। ୨୦୧୩ରେ ୧% ଜନତା ଦେଶର ମୋଟ ସମ୍ପଦର ୪୮.୭%ର ଅଧିକାରୀ ହୋଇଥିଲା ବେଳେ ୨୦୧୮ରେ ୫୧.୫୩% ସମ୍ପଦର ଅଧିକାରୀ। କେବଳ ୯ ଜଣ ଦେଶର ୫୦% ସମ୍ପଦର ଅଧିକାରୀ। ଏପରି ବୈଷମ୍ୟ ହ୍ରାସ କରିବାରେ ମୋଦି ସରକାର ମଧ୍ୟ ଅନ୍ୟ ଦେଶ ତୁଳନାରେ ପଛରେ, ୧୫୭ଟି ଦେଶ ମଧ୍ୟରୁ ୧୪୭ ତମ ସ୍ଥାନରେ। ପୁନଶ୍ଚ ସାମାଜିକ କ୍ଷେତ୍ର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟୟ ଦୃଷ୍ଟିରୁ ଭାରତ ପଛୁଆ। ଏଥିପାଇଁ ଅମର୍ତ୍ତ୍ୟ ସେନ ଭାରତ ପଛୁଆ ବୋଲି କହିଛନ୍ତି।

ଯେତେବେଳେ ଅଗ୍ରଗତି ଘଟୁନି, ସରକାର ତଥ୍ୟ ବିକୃତୀକରଣ କରୁଛନ୍ତି। ଗଣମାଧ୍ୟମର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଉଛନ୍ତି। ଏଣୁ ଏପରି ସ୍ଥିତିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଯୁକ୍ତି ବୃଦ୍ଧି ସାଙ୍ଗକୁ ଜନତାଙ୍କ ଜୀବନ ଧାରଣର ମାନରେ ଉନ୍ନତି ପାଇଁ ଚେଷ୍ଟା କରିବା ଉଚିତ। କିଛି ସ୍ଲୋଗାନର ଆବଶ୍ୟକ ନାହିଁ।

ମୋ-୯୪୩୭୨୦୮୭୬୨

# ପରିସଂଖ୍ୟାନର ଉଭୟ ଦିଗ



ବିଭୁପ୍ରସାଦ ମହାପାତ୍ର

କିଛି କୃତବିଦ୍ୟ ସାହିତ୍ୟିକ ସେମାନଙ୍କ ପେନ୍ ନେମ୍‌ରେ ପାଠକଙ୍କ ଗହଣରେ ଜଣାଶୁଣା ଅଥଚ ପ୍ରକୃତ ନାମ ବହୁତ କମ୍ ଲୋକ ଜାଣିଥାନ୍ତି। ଆମ ଓଡ଼ିଆ ସାହିତ୍ୟରେ ଫତୁରାନନ୍ଦ ଏକ ପରିଚିତ ନାମ, କିନ୍ତୁ ରାମଚନ୍ଦ୍ର ମିଶ୍ର କହିଲେ ବହୁତ କମ୍ ପାଠକ ଜାଣନ୍ତି। ସେହିପରି ମାର୍କ ଟ୍ୱେନ୍ (୧୮୩୫-୧୯୧୦) ବିଶ୍ୱ ସାହିତ୍ୟରେ ପରିଚିତ ନାମ, ଯାହାଙ୍କର ପ୍ରକୃତ ନାମ ହେଉଛି- ସାମୁଏଲ ଲାଙ୍ଗହର୍ନ କ୍ଲେମେନ୍‌ସ। ଏହି ଆମେରିକୀୟ ଔପନ୍ୟାସିକ ଓ ସାମ୍ବାଦିକ, ସର୍ବୋପରି ଜୀବନରେ ମୁଦ୍ରାକରଠାରୁ ଆରମ୍ଭ କରି ପାଇଲଟ୍ ପର୍ଯ୍ୟନ୍ତ ବିଭିନ୍ନ ଚାକିରି କରିଥିବା ଟ୍ୱେନ୍ ନିଜ ଶୈଶବ ଜୀବନର ଅନୁଭୂତି ଉପରେ ଆଧାରିତ ତଥା ତାଙ୍କର ସଫଳତମ କୃତି 'The Adventures of Huckleberry Finn'ର ଲେଖକ ରୂପେ ପୃଥିବୀର ଅଧିକାଂଶ ପାଠକଙ୍କ ନିକଟରେ ସୁପରିଚିତ। ଅନ୍ୟତମ ଆଧୁନିକ ମାର୍କିନ କ୍ଷୁଦ୍ର ଗାଳ୍ପିକ ତଥା ଔପନ୍ୟାସିକ ଅର୍ନେଷ୍ଟ ହେମିଙ୍ଗ୍‌ୱେ (୧୮୯୮-୧୯୬୧) କହନ୍ତି ଯେ, ସମସ୍ତ ଆଧୁନିକ ମାର୍କିନ ସାହିତ୍ୟ ଶିଶୁସାହିତ୍ୟ ଜଗତର ଏକ ଅଭିନବ ସୃଷ୍ଟି (The Adventures of Huckleberry Finn)ରୁ ସମ୍ଭୂତ। ହେମିଙ୍ଗ୍‌ୱେ ତାଙ୍କ ସମଧର୍ମା ଟ୍ୱେନ୍‌ଙ୍କ ପ୍ରଶଂସା ଗାନରେ ଶତମୁଖ ହେଲେ ହେଁ ଆମ୍ଭମାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ ଯେ, ଟ୍ୱେନ୍ ସ୍ୱପରିସଂସ୍ଥା (ସାହିତ୍ୟ ଜଗତ) ଛାଡ଼ି ପର ପରିସଂସ୍ଥା (ପରିସଂଖ୍ୟାନ ଜଗତ)ରେ ଅବାଧ ପ୍ରବେଶ କରି କୁଠାରଟନା କରି ଚାଲିଯାଇଛନ୍ତି। ତାଙ୍କ ମତରେ ''There are 3 types of lies-lies, damned lies and statistics.'' ଏହି ଉଦ୍ଧୃତିଟିର ଶ୍ରେୟ କେହି କେହି ଯୁକ୍ତ ରାଜ୍ୟର ଦୁଇ ଦୁଇଥର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ଡିସରାଏଲଙ୍କୁ ଦେଇଥାନ୍ତି। ପରିସଂଖ୍ୟାନ ମିଛୁଆମାନଙ୍କର ପାଠ ବୋଲି ପ୍ରଚାର ହୋଇଗଲା।

ପରିସଂଖ୍ୟାନର ସଂଜ୍ଞା ଦେବାକୁ ଯାଇ ବ୍ୟଙ୍ଗଶୈଳୀରେ କହିଥାନ୍ତି- ''Statistics is a bikini clad young lady, who exposes everything except the vital parts'' ଆରନ ଲେଭନଷ୍ଟେନଙ୍କ

## ଜାତୀୟ ପରିସଂଖ୍ୟାନ ଦିବସ ଉପଲକ୍ଷେ

ପରି ଲେଖକ (୧୯୧୩-୧୯୮୬)ଙ୍କ ମତରେ 'Statistics are like bikinis. what they reveal is suggestive, but what they conceal is vital.'

ପରିସଂଖ୍ୟାନ ପରି ପ୍ରୟୋଗାତ୍ମକ ବିଦ୍ୟାକୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି। କିନ୍ତୁ ଦୈନନ୍ଦିନ ଜୀବନରେ ପରିସଂଖ୍ୟାନର ଉପଯୋଗିତାକୁ ବୁଝାଇବାକୁ ଯାଇ 'ଲେଡି ୱିଥ୍ ଏ ଲ୍ୟାମ୍ପ' ଭାବେ ପରିଚିତ କରୁଣାମୟୀ ଫ୍ଲୋରେନ୍ସ ନାଇଟେଙ୍ଗଲ (୧୮୨୦-୧୯୧୦) କହିଥିଲେ, ଭଗବାନଙ୍କ ସ୍ୱରୂପ ବୁଝିବା ହେଉଛି ଧର୍ମତତ୍ତ୍ୱର ମୂଳ ଲକ୍ଷ୍ୟ। ପରିସଂଖ୍ୟାନ ସାହାଯ୍ୟରେ ପ୍ରକୃତି ଓ ଭଗବାନଙ୍କ ଲୀଳା ବୁଝିବା ସହଜ ହୋଇଥାଏ। ପରିସଂଖ୍ୟାନ ଚର୍ଚ୍ଚା ଏକପ୍ରକାର ଧର୍ମଚର୍ଚ୍ଚା।

ରୋନାଲ୍ଡ ଫିଶର, ମହାଲନବିଶ, ପିଅର୍‌ସନ, ଜେଟ୍ରୁଡ୍ କକ୍ସ, ଫ୍ରାଙ୍କ ୟେଟ୍‌ସ, କିରଷ୍ଟାଇନ ସ୍ମିଥ୍, ଜନ୍ ଟକ୍, ଜର୍ଜ ଟକ୍, ଜର୍ଜ ବକ୍ସ, ଜେରମ୍ ଫ୍ରାଏଡ୍‌ମ୍ୟାନ, ଡାଭିଡ କକ୍ସ, ଏଫ୍.ଏନ୍. ଡାଭିଡ, ରାଜ ଚନ୍ଦ୍ର ବୋଷ ଏବଂ କାଲିମ୍ପୁଡି ଆର୍ ରାଓ ପ୍ରମୁଖ ପରିସଂଖ୍ୟାନବିତ୍‌ମାନଙ୍କ ପ୍ରୟାସ ଫଳରେ ଜନସାଧାରଣଙ୍କର ପରିସଂଖ୍ୟାନ ପ୍ରତି ଆଭିମୁଖ୍ୟ ବଦଳି ସାରିଲାଣି। ପ୍ରତିଦିନ ଖବରକାଗଜର ପୃଷ୍ଠା ଓଲଟାଇବା ମାତ୍ରେ ପରିସଂଖ୍ୟାନଭିତ୍ତିକ ବିଭିନ୍ନ ତଥ୍ୟ ଆମ୍ଭମାନଙ୍କ ଦୃଷ୍ଟିଗୋଚର ହୋଇଥାଏ। ଅର୍ଥନୀତି ହେଉ ଅବା ବାଣିଜ୍ୟ, ଅବା କୃଷି, ଶିଳ୍ପ, ଶିକ୍ଷା ଓ ସ୍ୱାସ୍ଥ୍ୟ- ସବୁ କ୍ଷେତ୍ରରେ ପରିସଂଖ୍ୟାନର ସଫଳ ପ୍ରୟୋଗ ଏକାନ୍ତ ଅପରିହାର୍ଯ୍ୟ। ପରିସଂଖ୍ୟାନର ଉପଯୋଗିତା ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ଆନ୍ତର୍ଜାତିକ ସ୍ତରରେ ୨୦୧୩ ମସିହାକୁ ପରିସଂଖ୍ୟାନ ବର୍ଷ ଭାବେ ପାଳନ କରାଯାଇଥିଲା। ୨୦୦୭ରୁ ଭାରତ ସରକାର ଭାରତୀୟ ପରିସଂଖ୍ୟାନର ଜନକ ପ୍ରଶାନ୍ତ ଚନ୍ଦ୍ର ମହାଲନବିଶଙ୍କ ଜନ୍ମଦିନ ୨୯ ଜୁନ୍‌କୁ ଜାତୀୟ ପରିସଂଖ୍ୟାନ ଦିବସ ରୂପେ ଜାତୀୟସ୍ତରରେ ପାଳନ କରିଆସୁଛନ୍ତି।

ତେବେ କେବଳ ସୂଚନା ଏବଂ ପରୀକ୍ଷା ନିର୍ଗତ ଫଳାଫଳକୁ ବିବେକଶୂନ୍ୟ ଭାବେ ବ୍ୟବହାର କଲେ ବିଜ୍ଞାନ ତଥା ସମାଜର ପ୍ରଗତି ହୋଇପାରେନା। ଆଜିକାଲି ପରିସଂଖ୍ୟାନକୁ ଯେଉଁଭଳି ଭାବେ ସରକାରୀ ହେଉ ବା ଅନ୍ୟ ପ୍ରରୋଚନାରେ ଲୋକମାନଙ୍କ ଆଗରେ ଉପସ୍ଥାପନ କରାଯାଉଛି, ତାହା ପ୍ରହସନ ବ୍ୟତୀତ ଆଉ କିଛି ନୁହେଁ। ତେଣୁ ପରିସଂଖ୍ୟାନର ସୁଚିନ୍ତିତ ପ୍ରୟୋଗରେ ହିଁ ସମାଜର କଲ୍ୟାଣ ସମ୍ଭବ।

ଭୋଗଡ଼ା, ଖୋର୍ଦ୍ଧା,
ମୋ-୮୨୭୦୦୮୩୬୫୩

## ଏଇ ଭାରତରେ

ନାଶିକର ଜଣେ ୮ବର୍ଷର ବାଳକ ସାଇକେଲ ଯୋଗେ ୩୬୦ କିଲୋମିଟର ଯାତ୍ରା କରିବାକୁ ଉଦ୍ୟମ କରିବା ନିଆରା ନିଶ୍ଚୟ। ଏହି ବାଳକ ନାଶିକଠାରୁ ପଣ୍ଢରପୁର 'ସାଇକେଲ ୱାରି' ଯାତ୍ରା କରିଥିଲେ। ପ୍ରେମ ସଚିନ ନିଫାଡେ ନାମକ ଏହି ବାଳକଙ୍କ ମାତାପିତା ମଧ୍ୟ ଏହି ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହା ନାଶିକ ସାଇକ୍ଲିଷ୍ଟ ଫାଉଣ୍ଡେଶନ୍ ଦ୍ୱାରା ଆୟୋଜିତ ହୋଇଥିଲା। ନାଶିକଠାରୁ ପଣ୍ଢରପୁରକୁ ତୀର୍ଥଯାତ୍ରା ପାଇଁ ପାଦରେ ଚାଲିଚାଲି ଯିବାକୁ ହୋଇଥାଏ। ଏହା ଏକ ପବିତ୍ର ସ୍ଥାନ। ଏଠାରେ ଭଗବାନ ବିଠୋବାଙ୍କ ପୀଠ ରହିଛି। କିନ୍ତୁ ବିଗତ ୮ବର୍ଷ ହେଲା ନାଶିକ ସାଇକ୍ଲିଷ୍ଟ ଫାଉଣ୍ଡେଶନ୍ (ଏନ୍‌ସିଏଫ୍) ଦ୍ୱାରା ସେଠାକୁ ସାଇକେଲ ଯାତ୍ରା ଆରମ୍ଭ ହୋଇଛି। ଅନ୍ୟମାନଙ୍କ ସହ ଏହି ୮ବର୍ଷର ବାଳକ ଖୁସିରେ ସାଇକେଲ ଯାତ୍ରା କରୁଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆଉ କିଛି ବାଟ ବାକି ଥିବାବେଳେ ନାଶିକ-ପୁଣେ ହାଇୱେ ଉପରେ ଏକ ଟ୍ରକ୍ ଧକ୍କାରେ ବାଳକଙ୍କ ଜୀବନଦୀପ ଲିଭିଯାଇଛି। ଦୁର୍ଘଟଣା ପରେ ଅଧିକାଂଶ ତୀର୍ଥଯାତ୍ରୀ ଘରକୁ ଫେରିଯାଇଛନ୍ତି।

## ଚିରନ୍ତନୀ

ଭୋଗ ରାଗ କେତେ କଣ ଯାଚିଲା ତ ଦିଅଁ ଠାଇଁ
ଡାକି ଡାକି ଥକିଲା ତ ନ ଶୁଣିଲେ କିଏ କାହିଁ।
(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁନ୍ ୧୯୯୪

- ଜନତା ଦଳ ବିଭାଜିତ ଗୋଷ୍ଠୀର ସଭାପତି ରୂପେ ଜର୍ଜ ଫର୍ନାଣ୍ଡିଜ୍ ନିର୍ବାଚିତ।
- ମୁଜାଫରପୁର ନିକଟବର୍ତ୍ତୀ ବାଗ୍‌ମତୀ ନଦୀରେ ନୌକା ବୁଡି ୩୦ ମୃତ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 0 | 4 | 5 | E | | B | | 6 | C | | | | 9 |
| | | | | | D | 4 | | 5 | | | | | | A |
| B | | | | | | | 9 | 2 | | 0 | 5 | D | | |
| | | 6 | | | | | C | E | | | | | | 8 |
| A | | | 6 | | | | | 8 | 2 | | | | | |
| 4 | | | | B | | | 7 | | | | | | | 5 |
| 3 | | C | | | 6 | D | 4 | | | A | | B | | |
| 6 | | | 0 | | | | 3 | | E | D | 8 | A | 7 | |
| | | | | | | | | A | | 5 | | | 9 | |
| | B | | | D | 1 | E | 8 | | | 6 | | | | |
| | 1 | | | 7 | | | A | 4 | | | 2 | | | |
| | | | D | E | 5 | | | | | | 4 | 6 | 3 | 0 |
| | | | | | | | | | 3 | B | | 9 | 1 | D |
| 7 | | | | | 3 | 9 | | | | | C | 8 | | |
| | | D | | | | C | | | 9 | 8 | | E | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 4 | 6 | 9 | 2 | 3 | B | A | 8 | 1 | E | 7 | D | 5 | 0 |
| 0 | 3 | E | 1 | 7 | 4 | D | 5 | C | 8 | B | A | 6 | 9 | 2 |
| B | 8 | 5 | 0 | E | D | 2 | 7 | 6 | 9 | C | 4 | A | 3 | 1 |
| 1 | D | 7 | C | 5 | A | 9 | 4 | 3 | 6 | 2 | 0 | B | 8 | E |
| A | 9 | 2 | 6 | 8 | B | E | 0 | 1 | 5 | 3 | D | 7 | 4 | C |
| 4 | E | 8 | 7 | 1 | 0 | A | 3 | 5 | D | 6 | 2 | 9 | C | B |
| 3 | A | D | 8 | 4 | 6 | 7 | C | B | 0 | 9 | E | 1 | 2 | 5 |
| 9 | 2 | C | 3 | A | E | 1 | D | 0 | 4 | 5 | B | 8 | 7 | 6 |
| 7 | 6 | 1 | 2 | B | 5 | 8 | 9 | E | 3 | A | C | 0 | D | 4 |
| 5 | 0 | B | D | 9 | C | 6 | 2 | 4 | 7 | 1 | 8 | E | A | 3 |
| E | 1 | A | B | 0 | 9 | 4 | 8 | 2 | C | 7 | 5 | 3 | 6 | D |
| D | B | 0 | 4 | 6 | 2 | 5 | E | 9 | A | 8 | 3 | C | 1 | 7 |
| 6 | 7 | 3 | A | C | 1 | 0 | B | D | 2 | 4 | 9 | 5 | E | 8 |
| 2 | C | 9 | 5 | D | 8 | 3 | 6 | 7 | E | 0 | 1 | 4 | B | A |
| 8 | 5 | 4 | E | 3 | 7 | C | 1 | A | B | D | 6 | 2 | 0 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଥିଲେ ନଷ୍ଟ ନ ଥିଲେ କଷ୍ଟ

ମହାଶୟ,

ଧରିତ୍ରୀ(୪।୬)ର ସମ୍ପାଦକୀୟ 'ଥିଲେ ନଷ୍ଟ, ନ ଥିଲେ କଷ୍ଟ' ଏକ ସର୍ବକାଳୀନ ବାସ୍ତବ ସତ୍ୟ। ଭାରତରେ ନଦୀର ସଂଯୋଗୀକରଣ ବିଷୟରେ ଯାହା ପୂର୍ବରୁ ଚିନ୍ତା କରାଯାଉଥିଲା, ସେ ସମ୍ପର୍କରେ ଦଳମତ ନିର୍ବିଶେଷରେ ପଦକ୍ଷେପ ନିଆଯିବା ଜରୁରୀ। ମୁଁ ଭାବୁଛି ଅର୍ଥର ଅଭାବ ରହିବ ନାହିଁ। ନଦୀ ସଂଯୋଗୀକରଣ ଏକ ବିକଳ୍ପ ପନ୍ଥା। କେବଳ ତାମିଲନାଡୁ ନୁହେଁ, ବିହାର ଓ ଝାଡ଼ଖଣ୍ଡରେ ବି ସେହି ଏକା ଅବସ୍ଥା- ପାଣି ମୁନ୍ଦେ ପାଇଁ ଡହଳବିକଳ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ୧୨ ଆୟକର ଅଧିକାରୀ ବିଦା

ଧରିତ୍ରୀ(୧୨।୬)ରେ ୧୨ ବରିଷ୍ଠ ଆୟକର ଅଧିକାରୀଙ୍କୁ ଦୁର୍ନୀତି, ଆୟବହିର୍ଭୂତ ସମ୍ପତ୍ତି ଠୁଳ, ଅପାରଗତା ଓ ଯୌନ ନିର୍ଯାତନା ଅଭିଯୋଗରେ ଚାକିରିରୁ ବହିଷ୍କାର କରାଯିବା ଖବର ପ୍ରଣିଧାନଯୋଗ୍ୟ। ଆମ ରାଜ୍ୟରେ କେଉଁ ଆବହମାନ ଯୁଗରୁ ପ୍ରଶାସନରେ ପିସି କାରବାର ଚାଲିଆସୁଛି। ସାଧାରଣରେ ଧାରଣା ଯେ ପିସି ନ ଦେଲେ କୌଣସି କାର୍ଯ୍ୟ ହେବନାହିଁ। ଯେଉଁ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦୁଇ ଦୁଇଥର ଭିଜିଲାନ୍ସ ଦ୍ୱାରା ଗିରଫ ହେଲେଣି ଓ ଜେଲ ଗଲେଣି, ପୁଣି ଦେଖିଲାବେଳକୁ ସେହି ଚୌକିରେ ଆସୀନ। ସେହିପରି ଆୟକର ବିଭାଗରେ କେତେଜଣ ଅଧିକାରୀ ବିନା ଉପୁରିରେ ଚାକିରି କରୁଛନ୍ତି! ତାହାର ସଂଖ୍ୟା ନଗଣ୍ୟ ହୋଇପାରେ। ଚାକିରିରୁ ତଡା ଖାଇବା ଯଥେଷ୍ଟ ନୁହେଁ, ଏହି ଆୟକର ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସେଲ୍ଫି କର୍ଣ୍ଣର



ବୃଷଭ



ବୁଢ଼ିଆ



ସୁଧମ୍



ବିଶ୍ୱଜିତ୍



ଶ୍ରୀକାନ୍ତ



ଲକ୍ଷ୍ମୀକାନ୍ତ



ସୌମ୍ୟ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ଏନ୍ଆଇଏନ୍ଏଲ୍‌ରୁ ଓହରିପାରେ ଏମ୍ଏମ୍‌ଟିସି

ଯାଜପୁର ଅଫିସ,୨୮।୬

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍ଏମ୍‌ଟିସି (ମେଟାଲ ଆଣ୍ଡ ମିନେରାଲ୍ସ ଟ୍ରେଡିଂ କର୍ପୋରେଶନ), ଓଡ଼ିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍‌ସିର ଯୌଥ ପରିଚାଳନାରେ ନୀଳାଚଳ ଇସ୍ପାତ ନିଗମ (ଏନ୍ଆଇଏନ୍ଏଲ୍) ୧୯୯୬ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏଥିରୁ ଏମ୍ଏମ୍‌ଟିସି ପୁଞ୍ଜି ପ୍ରତ୍ୟାହାର କରି ନେବାକୁ ଚିନ୍ତା କରିଥିବା ନେଇ କମ୍ପାନୀ ସେକ୍ରେଟାରୀ ଜି. ଆନନ୍ଦନାରାୟଣନ୍ ଚିଠି ମାଧ୍ୟମରେ ପ୍ରକାଶ କରିଛନ୍ତି। ଏନ୍ଆଇଏନ୍ଏଲରେ ଏମ୍ଏମ୍‌ଟିସିର ୪୯ ପ୍ରତିଶତ ଶେୟାର ରହିଛି। ଏକ ସମନ୍ୱିତ ଇସ୍ପାତ ପ୍ରକଳ୍ପ ଭାବେ ବିକଶିତ କରିବାକୁ ଏନ୍ଆଇଏନ୍ଏଲ ପୂର୍ବରୁ ଲକ୍ଷ୍ୟ ରଖିଥିଲା। ତେବେ ଏହି ପ୍ରକଳ୍ପରୁ ଏବେ ପିଗ୍ ଆଇରନ୍, କୋକ୍, ବିଲେଟ୍, ତାର ଏବଂ ଆଲୁମିନିୟମ ସଲଫେଟ୍ ସୀମିତ ଭାବେ ଉତ୍ପାଦନ ହେଉଛି। ନିକଟରେ କମ୍ପାନୀ ଟିଏମ୍‌ଟି ବାର ଉତ୍ପାଦନ ଆରମ୍ଭ କରିଛି। ଷ୍ଟିଲ ମେଲ୍‌ଟିଂ ସପ୍‌ରେ ଉତ୍ପାଦିତ ବିଲେଟ୍‌ରୁ କନଭର୍ସନ ମାଧ୍ୟମରେ କମ୍ପାନୀ ଟିଏମଟି ବାର ଉତ୍ପାଦନ କରିବ ଏବଂ ପ୍ରାରମ୍ଭରେ ମାସକୁ ୧୦ ହଜାର ଟନ ଉତ୍ପାଦନ ଲକ୍ଷ୍ୟ ରଖିଛି। ଏହବାଦ ନିଜସ୍ୱ ଲୁହାପଥର ଖଣିରୁ ଖୁବଶୀଘ୍ର ଉତ୍ତୋଳନ କରିବ ବୋଲି କମ୍ପାନୀ ପକ୍ଷରୁ ପୂର୍ବରୁ ସୂଚିତ କରାଯାଇଛି। ଏବେ ଏମ୍ଏମ୍‌ଟିସି ପରିଚାଳନାରୁ ଓହରିଯିବାକୁ ଚିନ୍ତା କରିବା ପରେ କର୍ମଚାରୀ ମହଲରେ ନିରାଶା ଦେଖାଦେଇଛି। କମ୍ପାନୀକୁ ସମ୍ପୂର୍ଣ୍ଣ ଘରୋଇକରଣ କରାଯିବ କିମ୍ବା ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ (ଆରଆଇଏନ୍ଏଲ) ଓ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍)କୁ ଏମ୍ଏମ୍‌ଟିସିର ଅଂଶଧନ ଦିଆଯାଇପାରେ ବୋଲି ଆଶଙ୍କା କରାଯାଉଛି।

# ଆମ୍ବୁଲାନ୍ସ-ଟ୍ରକ୍-ବାଇକ ଧକ୍କା

- ୨ ମହିଳାଙ୍କ ସମେତ ୯ ଗୁରୁତର
- ସହଯୋଗ କଲାନି ପିସିଆର ଭ୍ୟାନ୍

ସମ୍ବଲପୁର,୨୮।୬(ବ୍ୟୁରୋ)

ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥର ହାତୀବାରି ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ଣରେ ସିରିଜ୍ ଦୁର୍ଘଟଣା ଘଟିଛି । ପ୍ରଥମେ ଟ୍ରକ୍-ଆମ୍ବୁଲାନ୍ସ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ପରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତାରେ ଯାଉଥିବା ଏକ ବାଇକ୍‌କୁ ଧକ୍କା ଦେଇ ରାସ୍ତାପାର୍ଶ୍ୱରେ ଓଲଟି ପଡ଼ିଛି । ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସ କର୍ମଚାରୀଙ୍କ ସହ ଜିଲା ସଦର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ, ରୋଗୀଙ୍କ ସମ୍ପର୍କୀୟ ଓ ୨ ଜଣ ବାଇକ୍ ଆରୋହୀଙ୍କ ସମେତ ମୋଟ ୯ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ରେଢାଖୋଲ ଥାନା କଦଳୀଗଡ଼ ଗ୍ରାମର ସୁନୀତା ନାଏକ (୧୩), ତାଙ୍କ ମା' ଯମୁନା ନାଏକ (୩୫) ଓ ସବିତା ପ୍ରଧାନ। ବାଇକ୍ ଆରୋହୀ ଦ୍ୱୟ ହେଲେ ସମ୍ବଲପୁରର ମହମ୍ମଦ ଇମରାନ (୨୪) ଓ ରିୟାସତ ହୁସେନ (୩୭)। ଆମ୍ବୁଲାନ୍ସ ଡ୍ରାଇଭର ନନ୍ଦଲାଲ ଜଗଦଳା (୩୫), କର୍ମଚାରୀ ସୁମନ୍ତ କୁମାର ସାହୁ (୨୪),ଶୁଭ୍ରାନ୍ତ ମହାନନ୍ଦ (୨୬), ସୁମନ୍ତ ରାଉତ (୨୪)। ଆମ୍ବୁଲାନ୍ସ ଚାଳକ ନନ୍ଦଲାଲଙ୍କ ସହ ୨ ବାଇକ ଆରୋହୀ ହୁସେନ ଓ ଇମରାନଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି।









ସମ୍ବଲପୁର ଜିଲା ସଦର ଡାକ୍ତରଖାନରେ ଆହତମାନେ ।

ଅନ୍ୟ ଆହତମାନେ ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଯୁଯୁମୁରା ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ, ଟ୍ରକ ଓ ବାଇକକୁ ଜବତ କରି ତଦନ୍ତ କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ରେଢାଖୋଲ ଡାକ୍ତରଖାନାରୁ ରୋଗୀ ନେଇ ୧୦୮ ଆମ୍ବୁଲାନ୍ସ (ନଂ ଓଡି-୦୨-ଏନ-୫୪୪୩)ଟି ସମ୍ବଲପୁର ସଦର ଡାକ୍ତରଖାନାକୁ ଆସୁଥିଲା। ଏହି ସମୟରେ ସମ୍ବଲପୁର ପଟରୁ ଏକ ଟ୍ରକ୍ (ନଂ ଓଡି-୧୫-ଏଫ-୪୨୬୬) ଯାଉଥିଲା। ହାତୀବାରି ନିକଟସ୍ଥ ଆମ୍ବଟୁଙ୍ଗୁରୁ ନିକଟରେ ଟ୍ରକ୍-ଆମ୍ବୁଲାନ୍ସ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ପରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତାରେ ଯାଉଥିବା ଏକ ବାଇକକୁ ଧକ୍କାଦେଇ ରାସ୍ତା ତଳକୁ ଓଲଟି ପଡିଥିଲା। ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଉଦ୍ଧାର କାର୍ଯ୍ୟରେ ଲାଗି ପଡିଥିଲେ। ଖବର ପାଇ ପୋଲିସ ପହଞ୍ଚି ଥିଲା। ଯୁଯୁମୁରା ଗ୍ରାମର ସାମାଜିକ କର୍ମୀ ଅରୁଣ ଦେହୁରୀ ନିଜ ବୋଲେରୋ ଧରି ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ରାସ୍ତା କଡରେ ପଡି ଛଟପଟ ହେଉଥିବା ଆହତମାନଙ୍କୁ ସେ ତାଙ୍କ ବୋଲେରୋରେ ନେଇ ଜିଲା ସଦର ଡାକ୍ତରଖାନାକୁ ପହଞ୍ଚି ଥିଲେ। ହେଲେ ଘଟଣାସ୍ଥଳରେ ଆଉ ଜଣେ ଛଟପଟ ହେଉଥିଲେ। ତାଙ୍କୁ ପିସିଆର ଭ୍ୟାନ୍‌ରେ ମେଡିକାଲରେ ପହଞ୍ଚାଇବାକୁ ଲୋକେ ପୋଲିସକୁ ଅନୁରୋଧ କରିଥିଲେ। ହେଲେ ପୋଲିସ ମନା କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକଙ୍କୁ ଦେଖି ଶେଷରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପିସିଆର ଭ୍ୟାନରେ ଜିଲା ସଦର ଡାକ୍ତରଖାନା ନେବା ପାଇଁ ବାଧ୍ୟ ହୋଇଥିଲା। ପୋଲିସର ଏଭଳି ଅସହଯୋଗ ନେଇ ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ସ୍ଥାନୀୟ ଜଣେ ଯୁବକ ଫୋନ୍ ଯୋଗେ ଅଭିଯୋଗ କରିଥିଲେ।

# ନିର୍ବାଚନ ପ୍ରତିଶ୍ରୁତି ବଜେଟ୍

**ଶୁକ୍ରବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି। ଏଥିପାଇଁ ୧ଲକ୍ଷ ୩୯ ହଜାର କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ ହୋଇଛି। ଏହି ବଜେଟ୍‌ରେ ଜଳସେଚନ, ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କାଳିଆ ଆଦି ସରକାରୀ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ବଜେଟ୍ ଉପସ୍ଥାପନ ପରେ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ସେହି ପ୍ରତିକ୍ରିୟାକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...**

### ନୂଆ ଚାକିରୀର ବ୍ୟବସ୍ଥା ନାହିଁ



ଯେମିତି ଆଶା କରାଯାଉଥିଲା ସେପରି ବଜେଟ ହୋଇଛି। ଫନୀର ପ୍ରଭାବ ବଜେଟରେ ଦେଖିବାକୁ ମିଳିଛି। ନିର୍ବାଚନରେ ଦିଆଯାଇ ଥିବା ପ୍ରତିଶ୍ରୁତି ପାଇଁ ଏହି ବଜେଟ। ଚାଷୀଙ୍କ ପାଇଁ କିଛି ନୂଆ ସମ୍ଭାବନା ଥିବା ଜଣା ପଡୁନାହିଁ। ସରକାରୀ ଉଦ୍ୟୋଗରେ କିଛି ଆବଣ୍ଟନ ହେଇଛି ଯାହା ଶିଳ୍ପ ପ୍ରତିଷ୍ଠା ପାଇଁ ସୁଯୋଗ ସୃଷ୍ଟି କରିବ। କିନ୍ତୁ କେତେ ନୂଆ ଚାକିରୀ ସୃଷ୍ଟି ହେବ ସେ ନେଇ ଯୁବତୀ ଯୁବକମାନେ ନିରାଶ ହୋଇଛନ୍ତି। ସରକାରଙ୍କ ହାତରୁ ସୁଯୋଗ ଖସି ଗଲା ପରି ମନେ ହେଉଛି।

**ପ୍ରଫେସର ଡ. ଅଜୟ ମିଶ୍ର, ଭବାନୀପାଟଣା**

### ଆୟ ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନାହିଁ



ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଆଗତ କରାଯାଇଥିବା ବଜେଟରେ ବିଜେଡି ସରକାର ନିଜ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବା ନେଇ ଚେଷ୍ଟା କରିଛନ୍ତି । ଯଦିଓ ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ, ତଥାପି ରାଜ୍ୟର ଆୟ ବୃଦ୍ଧି ନେଇ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହି । ବିଶେଷ କରି ରାଜ୍ୟର ଯୁବବର୍ଗଙ୍କ ଆତ୍ମନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ବେକାରି ସମସ୍ୟା ସମାଧାନ ହୋଇପାରିବ ନାହିଁ । ବହୁଦିନରୁ ବୌଦ୍ଧ ଭଳି ଅନୁନ୍ନତ ଓ ଶିଳ୍ପ ବିହୀନ ଜିଲାର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା ପାଇଁ ଦାବି ହୋଇଆସୁଥିବା ବେଳେ ବୌଦ୍ଧବାସୀଙ୍କୁ ଏହି ବଜେଟ ନିରାଶ କରିଛି ।

**ସମ୍ପଦ କୁମାର ଅଗ୍ରୱାଲା, ବିଶିଷ୍ଟ ବ୍ୟବସାୟୀ, ବୌଦ୍ଧ**

### ମହିଳା ସଶକ୍ତିକରଣକୁ ଗୁରୁତ୍ୱ



ଉପସ୍ଥାପିତ ବଜେଟ୍‌କୁ ସରକାର ଅନେକ ଦିଗରୁ ଲୋକପ୍ରିୟ କରିବାକୁ ଚାହିଁଛନ୍ତି । ମହିଳା ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ମହିଳାମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୦ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପାଇବେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୨୦ କୋଟି ଟଙ୍କାରେ ବ୍ୟବସ୍ଥା କରାଯାଇଛି । ତେବେ ସାଧାରଣ ସରକାରୀ ସ୍କୁଲଗୁଡିକର ବିକାଶ ଦିଗରେ ବିଶେଷ ଦୃଷ୍ଟି ଦିଆଯାଇନାହିଁ । ଦାଦନ ଶ୍ରମିକଙ୍କ ସମସ୍ୟାର ସମାଧାନ କଥା କୁହାଯାଇଥିଲେ ମଧ ଏଥିସକାଶେ ବିଶେଷ ଅର୍ଥର ବ୍ୟବସ୍ଥା ହୋଇନାହିଁ । ନିରନ୍ତର ବିଜୁଳି କଥା କୁହାଯାଉଥିଲେ ମଧ ଯେତିକି ଅର୍ଥ ବ୍ୟବସ୍ଥା କରାଯାଇଛି ସେଥିରେ ବିଜୁଳି ସମସ୍ୟାର ସମାଧାନ ବିଶେଷ ହେବ ବୋଲି ମୁଁ ଭାବୁନାହିଁ

**ପ୍ରହ୍ଲାଦ ଶତପଥୀ, ଅବସରପ୍ରାପ୍ତ, ଅର୍ଥନୀତି ଅଧାପକ, ରାଜେନ୍ଦ୍ର କଲେଜ, ବଲାଙ୍ଗୀର**

### ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଧିକ ଗୁରୁତ୍ୱ



ଏହା ଏକ ସନ୍ତୁଳିତ ବଜେଟ୍ । ଏଥିରେ ସାଧାରଣ ଜନତା, ଚାଷୀ, ଅସଙ୍ଗଠିତ ଶ୍ରମିକଙ୍କ ଭବିଷ୍ୟତ ପାଇଁ ଚିନ୍ତା କରାଯାଇଛି । ସ୍ୱାସ୍ଥ୍ୟକ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ବଜେଟ୍‌ର ୧୦ ପ୍ରତିଶତ ସେଥିରେ ବିନିଯୋଗ କରାଯିବ ବୋଲି କୁହାଯାଇଛି । ତେବେ ବାସ୍ତବରେ ସ୍ୱାସ୍ଥ୍ୟସେବା ପ୍ରକୃତ ହିତାଧିକାରୀଙ୍କ ପାଖକୁ ପହଞ୍ଚି ପାରିବା କଥା । ସେହିପରି ଜଳସେଚନ ବ୍ୟବସ୍ଥାରେ ଯେଉଁ କମ୍ୟୁନିଟି ଗଭୀର ନଳକୂପ କଥା ବଜେଟ୍‌ରେ ଉଲ୍ଲେଖ ରହିଛି, ତାକୁ ନେଇ ସନ୍ଦେହ ଉପୁଜିଛି । କାରଣ ସେ କ୍ଷେତ୍ରରେ ସଫଳତା ଅପେକ୍ଷା ବିଫଳତାର ବହୁ ନଜୀର ଦେଖିବାକୁ ମିଳିଛି ।

**ବିକ୍ରମାଦିତ୍ୟ ପଣ୍ଡା, ଆଡ଼ଭୋକେଟ୍, ବରଗଡ଼**

### ଏହା ସମତୁଲ ବଜେଟ୍ ନୁହେଁ



ଚଳିତ ବଜେଟ ନୈରାଶ୍ୟଜନକ। ଏଥିରେ ବେକାରଙ୍କ ନିଯୁକ୍ତି ନେଇ ବ୍ୟବସ୍ଥା ନାହିଁ। ସରକାରୀ ଉଦ୍ୟୋଗ ବନ୍ଦ ପଡିଥିବା ବେଳେ ଏହାର ପୁନରୁଦ୍ଧାର ନେଇ ବଜେଟରେ କୌଣସି ବ୍ୟବସ୍ଥା ନାହିଁ। କୃଷକଙ୍କ ସମସ୍ୟା ନେଇ ସ୍ଥାୟୀ ପ୍ରତିକାର ପ୍ରତି ଦୃଷ୍ଟି ଦିଆଯାଇନାହିଁ। ଏକ ହଜାର ଓଡ଼ିଆ ସ୍କୁଲ ବନ୍ଦ ହେବାକୁ ଯାଉଥିବା ବେଳେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏକ ପ୍ରହସନ। ଏହାକୁ ଏକ ସମତୁଲ ବଜେଟ କୁହାଯାଇ ପାରିବ ନାହିଁ।

**ସଦାନନ୍ଦ ସାହୁ, ଯୁବ ସଂଘ ରାଜ୍ୟ ସଭାପତି, ରାଉରକେଲା**

### ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଧିକ ଗୁରୁତ୍ୱ



ଏହା ଏକ ସନ୍ତୁଳିତ ବଜେଟ୍ । ଏଥିରେ ସାଧାରଣ ଜନତା, ଚାଷୀ, ଅସଙ୍ଗଠିତ ଶ୍ରମିକଙ୍କ ଭବିଷ୍ୟତ ପାଇଁ ଚିନ୍ତା କରାଯାଇଛି। ସ୍ୱାସ୍ଥ୍ୟକ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ବଜେଟ୍‌ର ୧୦ ପ୍ରତିଶତ ସେଥିରେ ବିନିଯୋଗ କରାଯିବ ବୋଲି କୁହାଯାଇଛି। ତେବେ ବାସ୍ତବରେ ସ୍ୱାସ୍ଥ୍ୟସେବା ପ୍ରକୃତ ହିତାଧିକାରୀଙ୍କ ପାଖକୁ ପହଞ୍ଚି ପାରିବା କଥା ।

**ମୋତିଲାଲ ଶର୍ମା, ସଭାପତି ଔଷଧ ବ୍ୟବସାୟୀ ସଂଘ, ଦେବଗଡ଼**

### ଚାଷୀଙ୍କୁ ଫୋକସ କରାଯାଇଛି



ଚାଷୀଙ୍କୁ ଫୋକସରେ ରଖିଛନ୍ତି ସରକାର। କୃଷି ବଜେଟ୍ ଅଟକଳ ୨୦ ହଜାର ୭୧୪ କୋଟି ଟଙ୍କା ରହିଛି। ନବୀନ ସରକାରର ପଞ୍ଚମ ପାଳିର ପ୍ରଥମ ବଜେଟ୍‌ରେ କାଳିଆ ପାଇଁ ୫୬୧୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ରାଜ୍ୟର ପ୍ରାୟ ୭୫ ଲକ୍ଷ ଚାଷୀ ଏହି ଯୋଜନାରୁ ଫାଇଦା ପାଇପାରିବେ। ଚାଷୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆଯିବ। ଅଭିବୃଦ୍ଧି ହାର ୮.୩% ହେବାକୁ ଲକ୍ଷ୍ୟ ରଖାଯାଇଛି। ଶିକ୍ଷା କ୍ଷେତ୍ରକୁ ମଧ ଗୁରୁତ୍ୱ ମିଳିଛି। ତେବେ ନିଯୁକ୍ତି ପ୍ରତି ବିଶେଷ ଧ୍ୟାନ ଦିଆଯାଇନି। ଏମଏସଏମଇ କ୍ଷେତ୍ର ପାଇଁ ବଜେଟ୍‌ରେ ଅଧିକ ବ୍ୟୟବରାଦ କରା ଯାଇଥିଲେ ରାଜ୍ୟରେ ବେକାରି ସମସ୍ୟା କେତେକାଂଶରେ ହ୍ରାସ ପାଇଥାଆନ୍ତା।

ତରୁଣ କୁମାର ମିଶ୍ର, ଅଧକ୍ଷ ସୋନପୁର କଲେଜ

# ବିନା ପଞ୍ଜୀକରଣରେ ରାଜ୍ୟ ବାହାରକୁ ଯାଉଛନ୍ତି ଶ୍ରମିକ

- ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ କେହି ନାମ ପଞ୍ଜୀକରଣ କରି ନାହାନ୍ତି
- ୨୦୧୭ ରୁ ୨୦୧୮ରେ ୧୧୨ ଶ୍ରମିକ ପଞ୍ଜୀକରଣ କରିଛନ୍ତି
- ଫେବୃୟାରୀରୁ ଜିଲା ଶ୍ରମ ଅଧିକାରୀ ପଦବୀ ଖାଲି ପଡିଛି

ଭବାନୀପାଟଣା,୨୮।୬(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ କାମ ନ ପାଇ ପ୍ରତିବର୍ଷ ଜିଲାରୁ ହଜାର ହଜାର ଶ୍ରମିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଓ ଶ୍ରମ ବିଭାଗର ଲଗାମ ନ ଥିବାରୁ ଦାଦନ ଚାଲାଣ ବଢ଼ିବାରେ ଲାଗିଛି। ଏପରି କି ବିନା ପଞ୍ଜୀକରଣରେ ରାଜ୍ୟ ବାହାରକୁ ହଜାର ହଜାର ଶ୍ରମିକ ଦାଦନ ଖଟିବାକୁ ଯାଉଥିଲେ ମଧ୍ୟ ଶ୍ରମ ବିଭାଗ ପାଖରେ କୌଣସି ସୂଚନା ରହୁନାହିଁ। ଜିଲା ଶ୍ରମ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୩ରୁ ୨୦୧୬ ମସିହା ମଧ୍ୟରେ ଜିଲାର ଜଣେ ହେଲେ ଶ୍ରମିକ ଦାଦନ ଖଟିବାକୁ ଯିବା ପାଇଁ ନାମ ପଞ୍ଜୀକରଣ କରିନାହାନ୍ତି। କେବଳ ୨୦୧୭ ଓ ୨୦୧୮ରେ ୧୧୨ଜଣ ଶ୍ରମିକ ନାମ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରୁ ୨୦୧୭ରେ ୭୦ ଓ ୨୦୧୮ରେ ୪୨ଜଣ ଶ୍ରମିକଙ୍କ ନାମ ପଞ୍ଜୀକରଣ ହୋଇଛି। ଜିଲାର ଗୋଲାମୁଣ୍ଡା ବ୍ଲକ ସର୍ବାଧିକ ୯୨ଜଣ, ଭବାନୀପାଟଣା ବ୍ଲକରୁ ୧୫, ନର୍ଲା ବ୍ଲକରୁ ୪, ଜୟପାଟଣା ବ୍ଲକରୁ ଜଣେ ଶ୍ରମିକ ନାମ ପଞ୍ଜୀକରଣ କରିଛନ୍ତି। ଜିଲାର ଅନ୍ୟ ୯ଟି ବ୍ଲକରୁ କେହି ମଧ୍ୟ ଶ୍ରମିକ ପଞ୍ଜୀକରଣ କରିନାହାନ୍ତି। ପ୍ରକୃତପକ୍ଷେ ଜିଲାରୁ ୪୦ରୁ ୫୦ ହଜାର ଶ୍ରମିକ ରାଜ୍ୟ ବାହାରେ ଦାଦନ ଖଟୁଥିବା ଏକ ବେସରକାରୀ ସଂସ୍ଥାର ତଥ୍ୟରୁ ଜଣାପଡିଛି। ଭବାନୀପାଟଣାଠାରେ ଥିବା ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରି ଶ୍ରମିକମାନେ ରାଜ୍ୟ ବାହାରକୁ କାମ କରିବାକୁ ଯିବା କଥା। ସଚେତନତା ଅଭାବ ହେଉ ଅବା ଦଲାଲଙ୍କ ପ୍ରରୋଚନାରେ ପଡି ଶ୍ରମିକମାନେ ବିନା ପଞ୍ଜୀକରଣରେ ରାଜ୍ୟ ବାହାରକୁ ଯାଉଛନ୍ତି। ଫଳରେ ସେଠାରେ କୌଣସି ଦୁର୍ଘଟଣା ଘଟିଲେ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ଶ୍ରମିକ ଚାଲାଣ ରୋକିବା ସହ ନାମ ପଞ୍ଜୀକରଣ ପାଇଁ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି । ଶ୍ରମ ବିଭାଗ ପକ୍ଷରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ମାନଙ୍କୁ ନିଜ ପଞ୍ଚାୟତରୁ କେତେ ଜଣ ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ତାହାର ତଥ୍ୟ ଦେବା ପାଇଁ କୁହାଯାଉଛି। ହେଲେ ଶ୍ରମ ବିଭାଗ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଦାଦନ ଶ୍ରମିକଙ୍କ ବିଷୟରେ ଠିକ ତଥ୍ୟ ଜଣାପଡୁନାହିଁ। ଗତ ଫେବୃୟାରୀରୁ ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାଏକଙ୍କ ଅନ୍ୟତ୍ର ବଦଳି ହୋଇଛି। ସେବେଠାରୁ ଆଜି ପର୍ଯ୍ୟନ୍ତ ଜିଲା ଶ୍ରମ ଅଧିକାରୀ ପଦବୀ ଖାଲି ରହିଛି। ଏ ନେଇ ଧର୍ମଗଡ଼ ସହକାରୀ ଶ୍ରମ ଅଧିକାରୀ (ଏଏଲଓ) ଜୟନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ ବ୍ଲକସ୍ତରରେ ଶ୍ରମିକଙ୍କୁ ନାମ ପଞ୍ଜୀକରଣ କରିବା ପାଇଁ ବିଭିନ୍ନ ସମୟରେ ସଚେତନତା ଶିବିର କରାଯାଉଛି ବୋଲି କହିଛନ୍ତି ।





ଭବାନୀପାଟଣାରେ ଥିବା ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ।



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ

### ଅଟୋ ଓଲଟି ଜଣେ ମୃତ, ୮ ଆହତ

**ସମ୍ବଲପୁର,୨୮।୬(ବ୍ୟୁରୋ):** ସମ୍ବଲପୁର ସଦର ଥାନା ଭଣ୍ଡାରିମାଲ ଗ୍ରାମ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ଅଟୋ ଓଲଟି ପଡିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୮ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସୁଡୁଙ୍ଗା ଗ୍ରାମର ଟିଲୁ ଦୀପ (୨୮)। ଆହତମାନେ ହେଲେ ସୁରୁବାବୁ ମହାନନ୍ଦ (୩୦), ଭୋଲାନାଥ ମହାନନ୍ଦ (୨୪), ହୀରା ମହାନନ୍ଦ (୨୪), ଭାନୁମତି ବାଗ (୨୮), ଚନ୍ଦ୍ର ବାଗ (୩୫), ସୁରେଶ ମହାନନ୍ଦ (୨୭), ଚନ୍ଦ୍ର ଶଣ୍ଢ (୩୦), ସବିତା ତାଣ୍ଡିଆ (୩୦)। ଏମାନେ ଜିଲା ସଦର ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ଟିଲୁଙ୍କ ମୃତଦେହକୁ ଫ୍ରିଜରରେ ରଖା ଯାଇଛି। ଶନିବାର ବ୍ୟବଚ୍ଛେଦ କରାଯିବ। ହେଲେ ଦୁର୍ଘଟଣା ସ୍ଥଳରୁ ଅଟୋ ନେଇ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ପ୍ରଥମେ ଆହତମାନଙ୍କୁ ଓଲଟି ପଡିଥିବା ଅଟୋକୁ ସିଧା କରିବାକୁ କହିଥିଲେ। ହେଲେ ସେମାନଙ୍କୁ ଡାକ୍ତରଖାନାରେ ନ ପହଞ୍ଚାଇ ଅଟୋ ଡ୍ରାଇଭର ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ ଯେ, ସୁଡୁଙ୍ଗା ଗ୍ରାମର ୬ ମହିଳା ଓ ୧୦ ଜଣ ପୁରୁଷ ଶ୍ରମିକ ଖଜୁରୀପାଲି ଗ୍ରାମକୁ କଂକ୍ରିଟ ଢଳାଇ କରିବାକୁ ଯାଇଥିଲେ। ସନ୍ଧ୍ୟା ୬ଟାରେ କାମ ସାରି ଡ୍ରାଇଭରଙ୍କୁ ମିଶାଇ ଅଟୋରେ ୧୭ଜଣ ଘରକୁ ଫେରୁଥିଲେ। ଭଣ୍ଡାରୀମାଲ ଗ୍ରାମ ନିକଟରେ ଏକ ବଳଦ ଅଟୋ ସାମନାକୁ ଚାଲି ଆସିଥିଲା। ଫଳରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଅଟୋଟି ଓଲଟି ପଡିଥିଲା।

### ଆକାଶବାଣୀ କେନ୍ଦ୍ରରେ ହିନ୍ଦୀ କର୍ମଶାଳା

**ସମ୍ବଲପୁର, ୨୮।୬ (ବ୍ୟୁରୋ):** ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ହିନ୍ଦୀ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂ ଶାସିତ କଲେଜ ସ୍ନାତକୋତ୍ତର ହିନ୍ଦୀ ବିଭାଗ ମୁଖ୍ୟ ଡ. ଏସ କୁମାର ସିଂ ଯୋଗଦେଇ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ସରଳ ପ୍ରୟୋଗ ଉପରେ ବକ୍ତବ୍ୟ ରଖିଥିଲେ। ଆକାଶବାଣୀ କେନ୍ଦ୍ରର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ କରାଯାଇଥିଲା। ଏହାର କୃତୀ ପ୍ରତିଯୋଗୀମାନଙ୍କୁ କେନ୍ଦ୍ର ମୁଖ୍ୟ ଏମ୍ଆର୍‌କେ ରାଓ ପୁରସ୍କୃତ କରିଥିଲେ। କେନ୍ଦ୍ର କାର୍ଯ୍ୟକ୍ରମ ମୁଖ୍ୟ ଜୟରାମ୍ ମୁଣ୍ଡା ଓ ଆକାଶବାଣୀ ରିକ୍ରିଏସନ୍ କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର କର୍ମଶାଳାର ପରିଚାଳନା କରିଥିଲେ।

### କ୍ରୀଡ଼ାବିତ୍‌ଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର,୨୮।୬(ବ୍ୟୁରୋ):** ସମ୍ବଲପୁର ମ୍ୟୁନିସିପାଲ ଗର୍ଲ୍ସ ହାଇସ୍କୁଲ ପୁରାତନ ଛାତ୍ର ସଂଘ ପକ୍ଷରୁ କ୍ରୀଡାବିତ ଜୟଲାଲ ସେଠଙ୍କ ବିୟୋଗରେ ଶୁକ୍ରବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସମଲେଶ୍ୱରୀ ଯୁବକ ସଂଘ ସଭା ଗୃହରେ ଡ. ଲକ୍ଷ୍ମୀନାରାୟଣ ରଥଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଡ. ଶ୍ୟାମସୁନ୍ଦର ଧର, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ସୁଶୀଲ କୁମାର ଦାଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଦୁର୍ଯ୍ୟୋଧନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ୩୪ ମହିଳାଙ୍କ ନାଁରେ ୨୩ ଲକ୍ଷ ଟଙ୍କା ନେଇ ଦମ୍ପତି ଫେରାର

**ବାମରା, ୨୮।୬ (ସ୍ୱ.ପ୍ର.):** ସମ୍ବଲପୁର ଜିଲା ବାମରା ବ୍ଲକ ଉଚ୍ଚକାପାଟ ପଞ୍ଚାୟତ ଟାଙ୍ଗରମୁଣ୍ଡା ଗ୍ରାମର ଯୁଗଳ ନାଏକ ଓ ତାଙ୍କ ସ୍ତ୍ରୀ ପଙ୍କଜିନୀ ନାଏକ ତାଙ୍କ ନିଜ ଗ୍ରାମର ଲୋକଙ୍କୁ ଠକି ଫେରାର ମାରିଛନ୍ତି। ଗାଁର କେତେକ ମହିଳାଙ୍କ ପରିଚୟ ପତ୍ର, ଆଧାର କାର୍ଡ, ବ୍ୟାଙ୍କ ପାସ୍ ବୁକ୍ ଓ ଦସ୍ତଖତ ବ୍ୟବହାର କରି ବିଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଟଙ୍କା ଉଠାଇ ଖସି ଯାଇଛନ୍ତି। ଏ ନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ନାଏକ ଦମ୍ପତି ଗ୍ରାମର ସୁନାମତୀ ଛଛାଣ, ରଜନୀ ସିତାରୀ, ରୀତା ମହାକୁଲ, ଅହଲ୍ୟା ନିଖିଣ୍ଡିଆ ଓ ପିଙ୍କି ଜୟପୁରିଆଙ୍କ ସମେତ ପ୍ରାୟ ୩୪ ଜଣ ମହିଳାଙ୍କ ନାମରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଏସକେଏସ, ଏଲଏଣ୍ଡଟି ଓ ସ୍ପନ୍ଦନ ନାମକ କମ୍ପାନୀରୁ ମୋଟ ୨୩ ଲକ୍ଷ ୧୫ ହଜାର ୨ଶହ ଟଙ୍କା ଋଣ କରାଇ ଦେଇଥିଲେ। କାହାକୁ ହଜାରେ ତ କାହାକୁ ୨ ହଜାର ଟଙ୍କା ଲେଖାଏଁ ଦେଇ ଏହି ଦମ୍ପତି ଫେରାର ହୋଇ ଯାଇଛନ୍ତି। ଏପଟେ ଟଙ୍କା ଆଦାୟ ପାଇଁ ଅର୍ଥ ଲଗାଣକାରୀ ସଂସ୍ଥା ଋଣଗ୍ରହୀତା ମହିଳାଙ୍କ ପିଛା ଛାଡୁନି। ଏଣୁ ୨ ମାସ ପୂର୍ବେ ଗୋବିନ୍ଦପୁର ଥାନାରେ ଠକେଇର ଶିକାର ମହିଳାମାନେ ଏତଲା ଦେଇଥିଲେ। ଆଇପିସିର ଦଫା ୪୨୦ ଅନୁସାରେ ପୋଲିସ ଏକ ମାମଲା (ନଂ. ୪୯/୧୯)ରୁଜୁ କରି ତଦନ୍ତ କରୁଛି। ହେଲେ ଏ ଯାଏଁ ସଫଳତା ପାଇନି। ଅନ୍ୟପକ୍ଷେ ଏହି ଘଟଣାରେ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କ ଭୂମିକା ମଧ ସନ୍ଦେହଜନକ ସ୍ଥିତିରେ ରହିଛି।

## ■ ରାସ୍ତା ନିର୍ମାଣ ପାଇଁ ଜାଗା ମାପଚୁପ ବେଳେ ଉତ୍ତେଜନା

# ତହସିଲ ଅଫିସ ଘେରିଲେ ଗୌଡ଼ପଡ଼ା ଗାଁ ଲୋକେ

**ନାକଟିଦେଉଳ,୨୮।୬(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ପଞ୍ଚାୟତର ଗୋଧିଡିପଠାରୁ ହିକପାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମିତ ହେଉଛି। ହେଲେ ରାସ୍ତା ଓସାରକୁ ନେଇ ଗୌଡ଼ପଡ଼ା ଏବଂ ନାଟୁଆବୁରୀ ଗ୍ରାମର ଲୋକଙ୍କ ମଧ୍ୟରେ ଗତ କିଛି ଦିନ ହେଲା ଉତ୍ତେଜନା ଲାଗି ରହିଛି। ଶୁକ୍ରବାର ଏହି ଉତ୍ତେଜନା ଆହୁରି ଘନିଭୂତ ହୋଇଥିଲା। ତହସିଲ ପକ୍ଷରୁ ରାସ୍ତାର ଓସାର ପାଇଁ ଶୁକ୍ରବାର ଜମି ମାପଚୁପ କରାଯାଇଥିଲା। ଗୌଡ଼ପଡ଼ା ଗ୍ରାମବାସୀ ଏଥିରେ କିନ୍ତୁ ଅସନ୍ତୋଷ ପ୍ରକାଶ କରିଥିଲେ। ବିଭାଗ ଏ ଦିଗରେ ପାତରଅନ୍ତର ନୀତି ଅବଲମ୍ବନ କରିଛି ବୋଲି ଅଭିଯୋଗ କରିଥିଲେ। ଗାଁ ଲୋକେ ଅପରାହ୍ନ ପ୍ରାୟ ୨ଟାରେ ନାକଟିଦେଉଳ ତହସିଲ କାର୍ଯ୍ୟାଳୟକୁ ଜୋର ଜବରଦସ୍ତ ଧସେଇ ପଶି ଦୀର୍ଘ ୩ ଘଣ୍ଟା କାଳ ଘେରାଉ କରିଥିଲେ।

ଗୋଧିଡିପ ଛକଠାରୁ ହିକପାଲି ଭାୟା ନାଟୁଆବୁରୀକୁ ରାସ୍ତା କାମ ଚାଲିଛି। ତେବେ ଗୋଧିଡିପଠାରୁ ଗୌଡ଼ପଡ଼ା ବନ୍ଧ ପର୍ଯ୍ୟନ୍ତ ରାସ୍ତା ପାଇଁ ଓସାରିଆ ରାସ୍ତା କରାଯିବାକୁ ଜାଗା ଅଭାବ ଦେଖା ଦେବାରୁ ଉକ୍ତ କାର୍ଯ୍ୟ ବର୍ତ୍ତମାନ ବନ୍ଦ ରହିଛି। ଗୌଡ଼ପଡ଼ା ଗ୍ରାମର ଲୋକେ ଏହି ରାସ୍ତାକୁ ଓସାରିଆ କରିବାକୁ ଅନୁରୋଧ କରି ପ୍ରଶାସନକୁ ଜଣାଇଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ରାସ୍ତା ଯାଉଥିବା ଜମିରେ ମାପଚୁପ କରାଯାଇଥିଲା। ସେତେବେଳେ ଏହି ରାସ୍ତା ପ୍ରାୟ ୨୨ଫୁଟ ଓସାର ରହିଥିବା ପ୍ରଶାସନ ଦର୍ଶାଇଥିଲା। ଏହି ରାସ୍ତାଟି ୨୨ ଫୁଟର ଓସାରରେ ଗଲେ ନାଟୁଆବୁରୀ ଗ୍ରାମର ଅଧିକାଂଶ ଲୋକଙ୍କ ନିଜ ରେକର୍ଡ଼ଭୁକ୍ତ ଜମିରେ ମାଟି ପଡ଼ିଯିବ। ଧାନ ଜମି କ୍ଷତିଗ୍ରସ୍ତ ହେବ ବୋଲି ଦର୍ଶାଇ ଏହାକୁ ବିରୋଧ କରି ନାଟୁଆବୁରୀ ଗ୍ରାମର ରାସ୍ତା ପାଇଁ ପ୍ରଭାବିତ ଲୋକେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଏହା ପରେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶୁକ୍ରବାର ପୁଣିଥରେ ରାଜସ୍ୱ ବିଭାଗ ପକ୍ଷରୁ କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ ତଥା ନାକଟିଦେଉଳ ବିଡ଼ିଓ ମେଥୋଡ଼ିୟସ ଲାକ୍ରା, ତହସିଲଦାର ସମୀର କୁମାର ବିଲୁଙ୍ଗ, ଥାନା ଅଧିକାରୀ ଇସ୍ମାଇଲ ଏକ୍କା, ରେଢାଖୋଲ ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁଙ୍କ ସମେତ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ରାସ୍ତା ମାପଚୁପ କରାଯାଇଥିଲା। ଡିମାରକେସନ ପରେ ୧୨ଫୁଟର ରେକର୍ଡ଼ଭୁକ୍ତ ରାସ୍ତା ଅଛି ବୋଲି ପ୍ରଶାସନ ଦର୍ଶାଇଥିଲା। ଗତ ମାସରେ ସେହି ବିଭାଗ ଉକ୍ତ ରାସ୍ତାକୁ ୨୨ଫୁଟ ଅଛି ବୋଲି ଦର୍ଶାଇଥିବା ବେଳେ ଆଜି କାହା ଚାପରେ ୧୨ଫୁଟ ଦର୍ଶାଇଲା ବୋଲି ଗୌଡ଼ପଡ଼ା ଗ୍ରାମବାସୀ ଯୁକ୍ତି ବାଢିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉଜେନା ପ୍ରକାଶ ପାଇଥିଲା। ଲୋକ ଅପରାହ୍ନରେ ନାକଟିଦେଉଳ ତହସିଲ ଅଫିସକୁ ଯାଇ ଘେରାଉ କରିଥିଲେ। ତେବେ ପୋଲିସ, ତହସିଲଦାର ଏବଂ ସ୍ଥାନୀୟ ଜଣେ ଶାସକ ଦଳର ନେତା ଏହି ମାପଚୁପରେ ସମ୍ପୃକ୍ତ ଅଛନ୍ତି ବୋଲି ନାରା ଦେଇ ଲୋକେ ସେଠାରେ ହୋହାଲ୍ଲା କରିଥିଲେ। ଖବର ପାଇ ରେଢାଖୋଲ ଉପଜିଲାପାଳ ବିଶି କେଶନ ଦେହୁରୀ ସନ୍ଧ୍ୟା ପ୍ରାୟ ୫ଟାରେ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଶନିବାର ସକାଳ ୯ଟାରେ ପୁଣିଥରେ ଡିମାରକେସନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଉତ୍ତେଜିତ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ଅପର ପକ୍ଷରେ ଉକ୍ତ ରାସ୍ତା ଉପରେ ବର୍ତ୍ତମାନ ୧୪୪ ଧାରା ଲାଗିଥିବାରୁ ନିହାତି ଉପସ୍ଥିତ ରହିବା ବ୍ୟକ୍ତିଙ୍କ ବ୍ୟତୀତ ଆଉ କେହି ସେଠାରେ ରହିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ ଉପଜିଲାପାଳ ସତର୍କ କରାଇ ଦେଇଥିଲେ। ଗୌଡ଼ପଡ଼ା ଗ୍ରାମବାସୀ ତହସିଲ ଅଫିସରୁ ଘରକୁ ଫେରୁଥିବା ବେଳେ ଗୋଧିଡିପଠାରୁ ଗୌଡ଼ପଡ଼ା ରାସ୍ତାରେ ନିଜ ଜମି ଉପରେ ଏହି ରାସ୍ତା ଯାଉଥିବାରୁ ଜମିମାଲିକ କିଛି ପଥର ରାସ୍ତା ଉପରେ ଥୋଇ ଦେବାରୁ ଏହାକୁ ନେଇ ସେଠାରେ ମଧ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ଅବଶ୍ୟ ପୋଲିସ ତୁରନ୍ତ ପହଞ୍ଚି ଉତ୍ତେଜନା ପ୍ରଶମିତ କରିଥିଲା।



ଗୌଡ଼ପଡ଼ା ଗ୍ରାମବାସୀ ନାକଟିଦେଉଳ ତହସିଲ କାର୍ଯ୍ୟାଳୟକୁ ଘେରାଉ କରି ରଖିଛନ୍ତି।

### ପାର୍କିଂ ହେଲା କାଳ
## ଟ୍ରେଲର ପଛରେ ପିଚି ହେଲା କାର

**ବ୍ରଜରାଜନଗର, ୨୮।୬ (ଡି.ଏନ.ଏ)**

ଝାରସୁଗୁଡ଼ା ଗାନ୍ଧୀ ଛକ ଫାଣ୍ଡି ଅଧୀନ ବର୍ମା ପଟ୍ରୋଲ ପମ୍ପ ନିକଟ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରେଲର ପଛପଟେ ଏକ କାର ଧକ୍କା ଦେଇଛି। ଫଳରେ କାରଟି ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ଡ୍ରାଇଭର ଆହତ ହୋଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପୋଲିସର ଅବହେଳା ସାଙ୍ଗକୁ ବେଆଇ ପାର୍କିଂ ଯୋଗୁ ଏପରି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଅପହୃତା ନାବାଳିକା ଉଦ୍ଧାର, ୨ ଗିରଫ

**ରାଉରକେଲା ଅଫିସ,୨୮।୬**

ଟ୍ୟୁଶନ ଯାଇ ଅପହରଣର ଶିକାର ହୋଇଥିବା ସେକ୍ଟର ୬ ଅଞ୍ଚଳର ଜଣେ ୧୫ ବର୍ଷର ନାବାଳିକାଙ୍କୁ ସେକ୍ଟର- ୭ ପୋଲିସ ଉଦ୍ଧାର କରିଛି। ଅନ୍ୟପକ୍ଷେ ଘଟଣାରେ ସମ୍ପୃକ୍ତ ସେଖ ଯାଦୁ ଏବଂ ମୁମତାଜ ଓଲଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗତ ୨୫ରେ ନାବାଳିକା ଜଣଙ୍କୁ ତାଙ୍କ ବାପା ଟ୍ୟୁଶନ ନେଇ ସେକ୍ଟର-୫ ଅଭିରାମପାଲ୍ଲୀରେ ସନ୍ଧ୍ୟା ସାଢେ ୫ଟାରେ ଛାଡି ଆସିଥିଲେ। ହେଲେ ୬ଟାରେ ୩ଜଣ ଯୁବକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ପରିବାର ଲୋକଙ୍କୁ ଖବର ମିଳିଥିଲା। ଏ ନେଇ ନାବଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ପ୍ରସଙ୍ଗ
## ରେଢାଖୋଲରେ ନାଗରିକ ମଞ୍ଚର ୩ ଦିନିଆ ଆନ୍ଦୋଳନ

**ରେଢାଖୋଲ,୨୮।୬(ଡି.ଏନ.ଏ.)**

ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲ ସଂଘ ସମୂହ ପକ୍ଷରୁ ଚାଲିଥିବା ଆନ୍ଦୋଳନରେ ରେଢାଖୋଲ ନାଗରିକ ମଞ୍ଚ ସାମିଲ ହୋଇ ପ୍ରତି ମାସର ଶେଷ ୩ ଦିନ କାର୍ଯ୍ୟ ଦିବସରେ ଆନ୍ଦୋଳନ କରି ଆସୁଛି। ଏ ପରିପ୍ରେକ୍ଷୀରେ ଚଳିତ ମାସ ମଧ ଶେଷ ୩ ଦିନ କାର୍ଯ୍ୟ ଦିବସରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇଛି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଶନିବାର ପର୍ଯ୍ୟନ୍ତ ଚାଲିବ। ନାଗରିକ ମଞ୍ଚର କର୍ମକର୍ତ୍ତା ଦିନ ୧୦ଟାରୁ ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରିବା ସହିତ ଧାରଣାରେ ବସୁଛନ୍ତି। ଗୁରୁବାର ଓ ଶୁକ୍ରବାର ନାଗରିକ ମଞ୍ଚର କର୍ମକର୍ତ୍ତା ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରିବା ସହିତ ଧାରଣାରେ ବସିଥିଲେ। ଫଳରେ ସବଜଜ୍ ଅପୂର୍ବା ଚୌଧୁରୀ, ଏସଡିଜେଏମ ଅଞ୍ଜଳି ମାଛଖଣ୍ଡ ଓ କୋର୍ଟ କର୍ମଚାରୀମାନେ କୋର୍ଟ ଭିତରକୁ ଯାଇ ନ ପାରି ଫେରି ଯାଇଥିଲେ। ଏଥିଯୋଗୁଁ କୋର୍ଟ କାର୍ଯ୍ୟ ସପୂର୍ଣ୍ଣ ବନ୍ଦ ରହିଥିଲା। ନାଗରିକ ମଞ୍ଚର ଅନାଦି ଚରଣ ସାହୁ, ପଞ୍ଚାନନ ପୁରୋହିତ, ଭାସ୍କର ପ୍ରଧାନ, ସୁରେଶ ମହାକୁଡ, ବିକାଶ ଦାଶ, ସୁରେନ୍ଦ୍ର ବିଶ୍ୱାଳ, ମହାବୀର ସିଂ ଦେଓ, ରାଜା ପାଲଙ୍କ ସମେତ ବହୁ ବରିଷ୍ଠ ନାଗରିକ ଆନ୍ଦୋଳନରେ ସାମିଲ ହୋଇଥିଲେ। ସୂଚନା ଯୋଗ୍ୟ ଯେ, ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡିଶା କେନ୍ଦ୍ରୀୟ କ୍ରୀୟା ଅନୁଷ୍ଠାନ କମିଟିର ସହମତିରେ ସମ୍ବଲପୁର ଜିଲା ଓକିଲ ସଂଘର ଆହ୍ୱାନ କ୍ରମେ ଗତ ସେପ୍ଟେମ୍ବର ୬ ତାରିଖଠାରୁ ରେଢାଖୋଲ ଓକିଲ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲି ଆସୁଛି। ଜରୁରୀ କାର୍ଯ୍ୟ ବ୍ୟତୀତ କୌଣସି ଶୁଣାଣି ହୋଇପାରୁନାହିଁ।

## ସ୍ଥିର ହେଲା ବ୍ରହ୍ମପୁରା ଠାକୁରଙ୍କ ରଥଯାତ୍ରା ନୀତି ନିର୍ଘଣ୍ଟ

**ସମ୍ବଲପୁର, ୨୮।୬ (ବ୍ୟୁରୋ)**

ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ରଥଯାତ୍ରା ନୀତି ନିର୍ଘଣ୍ଟ ଶୁକ୍ରବାର ସ୍ଥିର ହୋଇଛି। ଜୁଲାଇ ୨ରେ ଠାକୁର ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ୪ରେ ରଥଯାତ୍ରା। ସେଦିନ ସକାଳ ସାଢ଼େ ୯ଟାରେ ପହଣ୍ଡି ବିଜେ ହେବ। ସାଢ଼େ ୧୧ଟାରେ ଛେରାପହଁରା, ସାଢ଼େ ୧୨ଟାରେ ରଥ ଛୁଆଁ, ଅପରାହ୍ନ ସାଢ଼େ ୩ଟାରେ ରଥ ଟଣା ଆରମ୍ଭ ହେବ। ସେହିପରି ୮ ଓ ୯ ତାରିଖ ହେରାପଞ୍ଚମୀ ତିଥିରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି। ୧୦ ତାରିଖ ସନ୍ଧ୍ୟା ୭ଟାରେ ମହାପ୍ରଭୁଙ୍କ ନବମୀ ସନ୍ଧ୍ୟା ଦର୍ଶନ ନୀତି ହେବ। ୧୨ ତାରିଖ ବାହୁଡା ଯାତ୍ରା। ଏହି ଦିନ ସକାଳ ସାଢ଼େ ୯ଟାରେ ପହଣ୍ଡି ବିଜେ, ସାଢ଼େ ୧୧ଟାରେ ଛେରାପହଁରା, ସାଢ଼େ ୧୨ଟାରେ ରଥ ଛୁଆଁ, ଅପରାହ୍ନ ୪ଟାରେ ରଥ ଟଣା ହେବ। ୧୩ ତାରିଖରେ ବ୍ରହ୍ମପୁରା ଠାକୁରଙ୍କ ସୁନାବେଶ ଦର୍ଶନ ହେବ।

### ■ ଖରିଫ ଋତୁ ଚାଷ ପାଇଁ ପ୍ରସ୍ତୁତି ବୈଠକ
# ୧ ଲକ୍ଷ ୯୪ ହଜାର ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ

**ସମ୍ବଲପୁର,୨୮।୬ (ବ୍ୟୁରୋ)**

ସମ୍ବଲପୁର ଜିଲା କୃଷି ଉପନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଖରିଫ ଚାଷ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ରନାଥ ଜେନା ଏଥିରେ ଅଧକ୍ଷତା କରିଥିଲେ। ଜିଲାପାଳ ଶୁଭମ୍ ସେକସେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଖରିଫ ଋତୁରେ କେତେ ପରିମାଣ ଜମି ଚାଷ କରାଯିବ ଓ କେଉଁ କେଉଁ ଯୋଜନା ରହିଛି, ଚାଷୀଙ୍କୁ କିଭଳି ଲାଭ ମିଳିବ ସେ ଦିଗରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଖରିଫ ଋତୁରେ ୧ଲକ୍ଷ ୯୪ ହଜାର ହେକ୍ଟର ଜମିରେ ଚାଷ ହେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେଥିମଧ୍ୟରୁ ୧ଲକ୍ଷ ୬ହଜାର ୯୭୦ ହେକ୍ଟର ଜମିରେ ଧାନ ଚାଷ ହେବ। ୪ ହଜାର ୧୦୫ ହେକ୍ଟର ଜମିରେ ମକା ଜାତୀୟ ଫସଲ କରାଯିବ। ୩୫ ହଜାର ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ହେବ। ୧୩ହଜାର ୧୧୦ ହେକ୍ଟର ଜମିରେ ତୈଳବିଜ ଜାତୀୟ ଫସଲ ଚାଷ କରାଯିବ। ୨୭ ହଜାର ୪ଶହ ହେକ୍ଟର ଜମିରେ ପନିପରିବା ଚାଷ ହେବ। ୭ହଜାର ୩୭୦ ହେକ୍ଟର ଜମିରେ ମସଲା ଜାତୀୟ ଚାଷ ହେବାର ଲକ୍ଷ୍ୟ ରଖା ଯାଇଛି। କେନାଲ, ଗଭୀର ନଳକୂପ, ଉଠା ଜଳସେଚନ ମାଧ୍ୟମରେ ୯୦ ହଜାର ୮୭୩ ହେକ୍ଟର ଜଳସେଚନ ଜମି ରହିଛି। ସେହିପରି ଚଳିତ ବର୍ଷ ବିଏସଜିଓ୍ୱାଇ ଯୋଜନାରେ ଧାନ, ବିରି ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସହିତ ଅଣଋଣୀ ଚାଷୀଙ୍କ ପାଇଁ ମଧ ସୁବିଧା କରାଯାଇଛି। ଚଳିତ ବର୍ଷ ଏଗ୍ରୀକଲଚର ଇନସ୍ୟୁରାନ୍ସ କମ୍ପାନୀ (ଏଆଇସି) ପକ୍ଷରୁ ବୀମା କରାଯାଉଛି ବୋଲି ଏଥିରେ ସୂଚନା ଦିଆ ଯାଇଛି।। ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ରଞ୍ଜନ ଦାସ ମହାପାତ୍ର, ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ସୁରେନ୍ଦ୍ର କାଲୋ, ସରସ୍ୱତୀ ପଟ୍ଟନାୟକଙ୍କ ସମେତ ସମବାୟ ବିଭାଗ, ଜଳସେଚନ ବିଭାଗ, କ୍ଷୁଦ୍ରଜଳସେଚନ ବିଭାଗ, ଯୋଗାଣ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକ ପରେ ଜିଲାପାଳ ସକସେନାଙ୍କ ଅଧକ୍ଷତାରେ ଆତ୍ମା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା।



ଝାରସୁଗୁଡା ସରକାରୀ ଗର୍ଲ୍ସ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସହ କମ୍ପାନୀର ଅଧିକାରୀମାନେ।

## ବେଦାନ୍ତ ପକ୍ଷରୁ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ କ୍ୟାରିୟର ପରାମର୍ଶ

**ସମ୍ବଲପୁର, ୨୮।୬ (ବ୍ୟୁରୋ)**

ଝାରସୁଗୁଡାସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ କ୍ୟାରିୟର ପରାମର୍ଶ କାର୍ଯ୍ୟକ୍ରମ ଶୁକ୍ରବାର ଶୁଭାରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମଙ୍ଗଳାବଜାରସ୍ଥିତ ସରକାରୀ ହାଇସ୍କୁଲ, ଝାରସୁଗୁଡା ଟାଉନ ହାଇସ୍କୁଲ, ପୁରୁଣାବସ୍ତି ଏମପିଏଲ ହାଇସ୍କୁଲ, ସରବାହାଲ ସରକାରୀ ହାଇସ୍କୁଲଠାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ସ୍କୁଲର ୬୫୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବେଦାନ୍ତ ଉପାଧକ୍ଷ ଗୋବିନ୍ଦ ପଲ, ସିଏସଆର ମୁଖ୍ୟ ସୁନ୍ଦର ରାଜ ଯୋଗ ଦେଇଥିଲେ। ସରକାରୀ ଗର୍ଲ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ନବମ ଶ୍ରେଣୀ ଛାତ୍ରୀ ସୁଦ୍ଧାରାଣୀ ଶର୍ମା ବକ୍ତବ୍ୟ ପ୍ରଦାନ କରିଥିଲେ। ଆସନ୍ତା ୧୦ ମାସ ମଧ୍ୟରେ ଝାରସୁଗୁଡାସ୍ଥିତ ୪୦ଟି ସରକାରୀ ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ କରାଯିବାର ଲକ୍ଷ୍ୟ ରହିଥିବା କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି।

### ■ ଫ୍ଲୋରାଇଡ ଗ୍ୟାସ୍‌ରେ ଫସଲ ନଷ୍ଟ ଘଟଣା
## କୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରଶାସନର ତତ୍ପରତା

**ସମ୍ବଲପୁର,୨୮।୬(ବ୍ୟୁରୋ)**

ହୀରାକୁଦ ହିଣ୍ଡାଲକୋର ଫ୍ଲୋରାଇଡ ଗ୍ୟାସ ନିର୍ଗତ ହୋଇ ଫସଲ ନଷ୍ଟ ଘଟଣାରେ ମିଳିଥିବା କ୍ଷତିପୂରଣ ଟଙ୍କା ଖର୍ଚ୍ଚ ନ ହୋଇ ବ୍ୟାଙ୍କ ଜମା ଖାତାରେ ପଡି ରହିଥିଲା। ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜଜ ମଳୟ ରଞ୍ଜନ ଦାସଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଉପଜିଲାପାଳ ପ୍ରଦୀପ କୁମାର ସାହୁ ଓ ମହାନଗର ନିଗମ କମିଶନର ତ୍ରିଲୋଚନ ମାଝି ହୀରାକୁଦ ଯାଇ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ବେଳେ କମ୍ପାନୀ ଅଧିକାରୀ ମଧ ଉପସ୍ଥିତ ଥିଲେ। ଚାଷୀମାନେ କହିଥିଲେ ଯେ, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଫସଲ ଯେପରି ନଷ୍ଟ ନ ହେବ ସେ ଦିଗରେ ମିଳିଥିବା ଟଙ୍କା ଖର୍ଚ୍ଚ କରାଯାଉ। ୨୦୧୪ରେ ହିଣ୍ଡାଲକୋରୁ ଫ୍ଲୋରାଇଡ ଗ୍ୟାସ ନିର୍ଗତ ହୋଇ ଚାଷ ନଷ୍ଟ ହୋଇଥିଲା। ଏହାକୁ ନେଇ ଚାଷୀ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଚାଷୀମାନଙ୍କ ପକ୍ଷରେ ରାୟ ଶୁଣାଇ ଟ୍ରିବ୍ୟୁନାଲ କମ୍ପାନୀକୁ ଦଣ୍ଡାଦେଶ ଦେଇଥିଲେ। ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବା ସହ ଉକ୍ତ ଟଙ୍କା ବିଚାର ବିଭାଗ ଓ ଜିଲା ପ୍ରଶାସନ ପରିବେଶ ସୁରକ୍ଷା, ଚାଷୀଙ୍କ ହିତରେ ଖର୍ଚ୍ଚ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଟଙ୍କା ଏବେ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗର ସ୍ୱତନ୍ତ୍ର ଜମା ଖାତରେ ରହିଛି। ହେଲେ ପ୍ରଶାସନର ଅବହେଳା ଯୋଗୁ ଟଙ୍କା ଖର୍ଚ୍ଚ କରାଯାଇ ପାରିନାହିଁ। ତେଣୁ ଅଧକ୍ଷ ଦାସ ଏ ନେଇ ପ୍ରଶାସନକୁ ଚିଠି ଲେଖିଥିଲେ।

# ମାସେ ହେଲା ଖାଲି ପଡ଼ିଛି ସହକାରୀ ଯନ୍ତ୍ରୀ ପଦ

**ବାମରା, ୨୮।୬ (ସ୍ୱ.ପ୍ର.)**

ବିଭିନ୍ନ ଉନ୍ନୟନ ମୂଳକ କାମ ପାଇଁ ପ୍ରତି ବ୍ଲକରେ ସହକାରୀ ଯନ୍ତ୍ରୀ ତଥା କନିଷ୍ଠ ଯନ୍ତ୍ରୀମାନଙ୍କୁ ନିୟୋଜିତ କରାଯାଇଛି। ହେଲେ ସମ୍ବଲପୁର ଜିଲା ବାମରା ବ୍ଲକରେ ସହକାରୀ ଯନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦ ପ୍ରାୟ ୧ ମାସ ହେବ ଖାଲି ପଡିଛି। ଏଥିଯୋଗୁ ଉନ୍ନୟନ କାମ ସଂପୂର୍ଣ୍ଣ ଠପ ପଡିଛି। ବାମରା ବ୍ଲକରେ ସର୍ବମୋଟ ୧୭ଟି ପଞ୍ଚାୟତ ରହିଛି। ବ୍ଲକରେ ମାତ୍ର ୪ଜଣ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟରତ ଅଛନ୍ତି। ଗତ ପ୍ରାୟ ୧ ବର୍ଷ ହେବ ୫ଜଣ ଜେଇଙ୍କ ମଧ୍ୟରୁ ଜଣକୁ ଡେପୁଟେସନ୍‌ରେ ସମ୍ବଲପୁର ମ୍ୟୁନିସିପାଲଟିକୁ ନିଆଯାଇଛି। ଏବେ ୪ଜଣଙ୍କୁ ନେଇ କାମ ଚାଲିଛି। ଗତ ସାଧାରଣ ନିର୍ବାଚନ ବେଳେ ପ୍ରାୟ ଦେଢ଼ ମାସ ଧରି ଆଚରଣ ବିଧି ଲାଗୁ ହୋଇଥିବା କାରଣରୁ ସେହି ସମୟସୀମା ଭିତରେ କୌଣସି କାମ ହୋଇ ପାରି ନ ଥିଲା। ନିର୍ବାଚନ ପରବର୍ତ୍ତୀ ପର୍ଯ୍ୟାୟରେ କାଁ ଭାଁ କେତୋଟି ନୂତନ କାମ ଆରମ୍ଭ ହେଲାବେଳକୁ ସହକାରୀ ଯନ୍ତ୍ରୀ ସୁରେଶଚନ୍ଦ୍ର ବେହେରା ଗତ ମାସ ୩୦ ତାରିଖ ଅବସର ଗ୍ରହଣ କରିଥିଲେ। ତାଙ୍କ ପରେ ମାସେ ହେଲାଣି ଉନ୍ନୟନ କାର୍ଯ୍ୟ ସଂପୂର୍ଣ୍ଣ ଠପ୍ ହୋଇ ପଡିଛି। ଇତି ମଧ୍ୟରେ କେତେକ କାମ ଅସଂପୂର୍ଣ୍ଣ ହୋଇ ପଡି ରହିଥିବା ବେଳେ ବିଲ୍, ଭାଉଚର ହୋଇ ପାରୁ ନ ଥିବାରୁ ଉକ୍ତ କାର୍ଯ୍ୟ ସଂପୂର୍ଣ୍ଣ ହୋଇନାହିଁ। କେତେକ ଜରୁରୀ କାମ ଆରମ୍ଭ ହୋଇ ପାରୁନାହିଁ କି ନୂତନ ଫାଇଲ ମଧ ଖୋଲା ଯାଇପାରୁ ନାହିଁ। ଇତି ମଧ୍ୟରେ ବର୍ଷା ଋତୁ ଆଗମନ ହେତୁ ଯାହା କିଛି ବି ଉନ୍ନୟନ କାମ ହୋଇ ଥନ୍ତା ତାହା ମଧ ଅସମ୍ଭବ ମନେ ହେଉଛି। ବାମରା ବ୍ଲକର ପରିସୀମା ଜିଲାର ଅନ୍ୟ ବ୍ଲକ ଅପେକ୍ଷା ଢ଼େର ବେଶୀ। ହେଲେ ଏହିଭଳି ଅସୁବିଧା ଲାଗି ରହିଲେ ଉନ୍ନୟନ କାର୍ଯ୍ୟ ସଂପୂର୍ଣ୍ଣ ଠପ୍ ହୋଇଯିବ। ଏ ନେଇ ବାମରା ବିଡିଓ ସୁଶୀଲ କୁଜୁରଙ୍କୁ ପଚାରିବାରୁ ଏ ବିଷୟରେ ଜିଲାପାଳଙ୍କୁ ୨ଥର ଚିଠି କରାଯାଇଛି। ଶୀଘ୍ର ସମାଧାନ ହେବ ବୋଲି ପ୍ରକାଶ କରିଥିଲେ।

■ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍
■ ଜିଲାପାଳଙ୍କୁ ୨ଥର ଚିଠି ଲେଖିଲେଣି ବିଡିଓ



ମା’ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ଛାତ୍ରୀଙ୍କ ମୃତ୍ୟୁ: ବିଦ୍ୟାଳୟରେ ଶୋକ

ରିଆମାଳ,୨୮।୬(ଡି.ଏନ.ଏ.)

ରିଆମାଳ ଥାନା ଅନ୍ତର୍ଗତ ମଳେହିପଡ଼ା ଗ୍ରାମରେ ସର୍ପାଘାତରେ ପ୍ରତିଭା ସ୍ୱାଇଁ ନାମ୍ନୀ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମଳେହିପଡ଼ା ଗ୍ରାମର ଦେବାନନ୍ଦ ସ୍ୱାଇଁଙ୍କର ଝିଅ ପ୍ରତିଭା ନିଜ ବଡ଼ବାପା ଗୁରୁ ଚରଣ ସ୍ୱାଇଁଙ୍କ ଘରେ ରହି ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢ଼ୁଥିଲେ। ବୁଧବାର ବିଳମ୍ବିତ ରାତିରେ ସର୍ପାଘାତ ହେବାରୁ ତାଙ୍କ ପରିବାର ଲୋକେ ଚିକିତ୍ସା ପାଇଁ ତୁରନ୍ତ ଦେବଗଡ଼ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକ ଗ୍ରାମକୁ ଆଣି ଦାହ କରିଛନ୍ତି। ଅପରପକ୍ଷରେ ମଳେହିପଡ଼ା ଉଚ୍ଚ ବିଦ୍ୟାୟରେ ପ୍ରତିଭା ଦଶମ ଶ୍ରେଣୀ ପଢୁଥିବା ଯୋଗୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟରେ ଶୋକ ହୋଇଥିଲା। ପ୍ରତିଭାଙ୍କ ଅମରଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

# ‘ସମ୍ପୂର୍ଣ୍ଣ ଅପପୁଷ୍ଟି ମୁକ୍ତ କରାଯିବ’

### ଦେବଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଦ୍ୟମ: ଜିଲାରେ ଶିଶୁ, ମାତୃ ମୃତ୍ୟୁହାର ହ୍ରାସ କରାଯିବ

ଦେବଗଡ଼, ୨୮।୬ (ଡି.ଏନ.ଏ)

ଜିଲା ସଦର ମହକୁମା ଚିକିତ୍ସାଳୟ ସଭାଗୃହଠାରେ ଜିଲାସ୍ତରୀୟ ମାସିକ ସଂଯୋଜନା ଓ ସମୀକ୍ଷା ବୈଠକ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ଜିଲାପାଳ ସାମଲ ଚଳିତ ବର୍ଷ ଡିସେମ୍ବର ୧ ତାରିଖ ସୁଦ୍ଧା ଦେବଗଡ ଜିଲାକୁ ଅପପୁଷ୍ଟି ମୁକ୍ତ ଜିଲାର ମାନ୍ୟତା ଦେବା ପାଇଁ ଘୋଷଣା କରିଥିଲେ। ଜିଲାର ଶିଶୁ, ମାତୃ ମୃତ୍ୟୁହାରକୁ ରାଜ୍ୟର ସର୍ବନିମ୍ନସ୍ତରରେ ପହଞ୍ଚାଇବା ପାଇଁ ଉଭୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତାମାନେ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ସଫଳତା ହାସଲ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ କ୍ଷେତ୍ର କର୍ମଚାରୀମାନେ ଗୃହ ପରିଦର୍ଶନ, ପରିଷ୍କାର ପରିଚ୍ଛନ୍ନତା, ବିଶୁଦ୍ଧ ପାଣିର ବ୍ୟବହାର ଏବଂ ପରିବାର ନିୟନ୍ତ୍ରଣ ଆଦି କାର୍ଯ୍ୟକ୍ରମଗୁଡିକର ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଅପପୁଷ୍ଟିର ହାର କମ୍ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଯୋଗାଇ ଦିଆଯାଉଥିବା ପୃଷ୍ଟିକର ଖାଦ୍ୟର ଗୁଣବତା ସହିତ କୌଣସି ପ୍ରକାର ସାଲିସ୍ ନ କରିବାକୁ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଲେ ଯେ, ଜିଲାସ୍ତରୀୟ ଅଧିକାରୀମାନେ ସାପ୍ତାହିକ ପଞ୍ଚାୟତ ଗସ୍ତ ସମୟରେ ଏହି କାର୍ଯ୍ୟକ୍ରମଗୁଡିକୁ ତଦାରଖ କରି ଜିଲାପାଳଙ୍କୁ ରିପୋର୍ଟ ଦେବେ । ଏଥିସହିତ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସିଡିପିଓମାନେ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଜଗଦୀଶ ଚନ୍ଦ୍ର ବାରିକ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ସହକାରୀ ଜିଲାପାଳ କୈବଲ୍ୟ କିଶୋର କର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର କଲ୍ୟାଣ ଓ ଟୀକାକରଣ) ଡ. ସୁବାସ ଚନ୍ଦ୍ର ମଣ୍ଡଳ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲା ଟି.ବି.ଅଧିକାରୀ ଡ. ପ୍ରଶାନ୍ତ ଓଝା, ଜିଲା କୁଷ୍ଠ ଅଧିକାରୀ ଡ. ବ୍ରଜକିଶୋର ଭୋଇ, ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ରୋଜାଲିନ କେରେକେଟା, ଜିଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁଙ୍କ ସମେତ ସମସ୍ତ ଭାରପ୍ରାପ୍ତ ଚିକିତ୍ସାଧିକାରୀ, ବ୍ଲକ ଶିଶୁ ବିକାଶ ଅଧିକାରୀ, ମହିଳା ପରିଦର୍ଶିକା, ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ସ୍ୱାସ୍ଥ୍ୟ ମିଶନ ବ୍ଲକ ପରିଚାଳକ ପ୍ରମୁଖ ଯୋଗଦେଇଥିଲେ।

# ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣ ଅଭିଯାନ ଶୁଭାରମ୍ଭ

ଦେବଗଡ଼, ୨୮।୬(ଡି.ଏନ.ଏ)

ସୁସ୍ଥ ପରିବାର, ସୁସ୍ଥ ସମାଜର ବାର୍ତ୍ତା ବହନ କରି ଗୁରୁବାର ଜିଲାରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣ ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହି ଉପଲକ୍ଷେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସଦର ମହକୁମା ଚିକିତ୍ସାଳୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଅଭିଯାନର ପୋଷ୍ଟର ଉନ୍ମୋଚନ କରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ଚନ୍ଦ୍ର ବାରିକ ଶୁଭାରମ୍ଭ କରିଥିଲେ। ଡ. ସୁବାସ ଚନ୍ଦ୍ର ମଣ୍ଡଳ ଅଭିଯାନର ଲକ୍ଷ୍ୟ ଉପରେ ଆଲୋକପାତ କରି କହିଲେ ଯେ, ଜୁନ ୧୭ରୁ ସେପ୍ଟେମ୍ବର ୧୬ ପର୍ଯ୍ୟନ୍ତ ୩ ମାସ ଧରି ଜିଲାରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣ ଅଭିଯାନ ଚାଲୁ ରହିବ। ଏହି ସମୟରେ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ପରିଷ୍କାର ପରିଚ୍ଛନ୍ନତା, ପାଇଖାନା ବ୍ୟବହାର, ବିଶୁଦ୍ଧ ଫୁଟାପାଣିର ବ୍ୟବହାର ଏବଂ ହାତଧୋଇବା ପ୍ରଣାଳୀ ଉପରେ ଜନସାଧାରଣଙ୍କୁ ସଚେତନ କରାଇବେ। ଏହା ସହିତ ଜିଲାରେ ଥିବା ୦ ରୁ ୫ବର୍ଷ ବୟସର ୩୧,୫୦୩ ଶିଶୁଙ୍କୁ ଓ.ଆର.ଏସ. ଓ ଜିଙ୍କ୍ ଔଷଧ ବାଣ୍ଟିବେ। ଶେଷରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ଯୋଜନା ପରିଚାଳକ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ମହିଳା ଓ ଶିଶୁ ବିକାଶ ବିଭାଗର କର୍ମକର୍ତ୍ତା ତଥା ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

### ଗଣମାଧ୍ୟମ ପ୍ରତିନିଧିଙ୍କ ବୈଠକ

# ଜିଲାର ବିଭିନ୍ନ ସମସ୍ୟା, ଉନ୍ନତି ନେଇ ଆଲୋଚନା



ବୈଠକରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି।

ଦେବଗଡ,୨୮।୬ (ଡି.ଏନ.ଏ)

ସ୍ଥାନୀୟ ଗୋପବନ୍ଧୁ ଛକ ନିକଟସ୍ଥ ଏକ ହୋଟେଲ ଠାରେ ଜିଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସତ୍ୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗଣମାଧ୍ୟମ ପ୍ରତିନିଧି ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାର ବିଭିନ୍ନ ସମସ୍ୟା ଓ ଉନ୍ନତି କ୍ଷେତ୍ରରେ କିପରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଅଶୋକ ନନ୍ଦ, ସିଦ୍ଧାର୍ଥ ଗୁରୁ, ବ୍ରିଜେଶ ରଞ୍ଜନ ସାହୁ, ମାନସ ରଞ୍ଜନ ଦ୍ୱିବେଦୀ, ପ୍ରଣବ କିଶୋର ଗୁରୁ, ଶଶାଙ୍କ ଶେଖର ଝାଙ୍କର, ପ୍ରତାପ କିଶୋର ନାୟକ, ଶକ୍ତି ସୌରଭ ନନ୍ଦ, ବିଜୟ ମୋଦୀ,ତରୁଣ କୁମାର ସାହୁ, ପ୍ରଶାନ୍ତ ଭୂକ୍ତା, ରାଧାମାଧବ ମିଶ୍ର, ଶିବାଶିଷ ଝାଙ୍କର, ଟିକେଶ୍ୱର ଗୁରୁ, ଦୀପକ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସରୋଜ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ସରକାରୀ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିକୁ ଜିଲାପାଳଙ୍କ ନାପସନ୍ଦ

# ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ

ଦେବଗଡ଼, ୨୮।୬(ଡି.ଏନ.ଏ)

ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମଗୁଡିକୁ ଲୋକାଭିମୁଖୀ କରିବା ପାଇଁ ଗଣମାଧ୍ୟମ ସହ ସମନ୍ୱୟ ରକ୍ଷା କରୁଛନ୍ତି। ଦେବଗଡ ଜିଲାରେ କିନ୍ତୁ ଏହାର ବ୍ୟତିକ୍ରମ ଘଟିଛି। ଜିଲାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅସୂୟା ମନୋଭାବ ଏବେ ଚରମ ସୀମାରେ ପହଞ୍ଚିଛି। ସାମଲ ଜିଲା କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ଜିଲାରେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିଙ୍କୁ ହେୟ ମନେକରୁଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କେବଳ ସରକାରୀ ଭାବେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦ୍ୱାରା ନିଜ ସପକ୍ଷରେ ଲେଖା ଜାରି କରି ପ୍ରକାଶନ ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟକୁ ପଠାଉଥିବା ଦେଖିବାକୁ ମିଳୁଛି। ସାମଲ ଅଧକ୍ଷତା କରୁଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରବେଶ ଉପରେ ରୋକ ଲଗାଇଥିବା ଘଟଣା ଗଣମାଧ୍ୟମ ପ୍ରତିନିଧିଙ୍କୁ ଘୋର ଅପମାନିତ କରୁଛି। ଗୁରୁବାର ମୁଖ୍ୟ ଜିଲା ଚିକିତ୍ସାକାରୀଙ୍କ କାର୍ଯ୍ୟାଳୟର ପତ୍ର ଅନୁଯାୟୀ ଜିଲା ଲୋକ ସମ୍ପର୍କ ଅଧିକାରୀ ଜିଲାରେ କାର୍ଯ୍ୟରତ ସମସ୍ତ ଗଣମାଧ୍ୟମର ପ୍ରତିନିଧିଙ୍କୁ ମ୍ୟାଲେରିଆ-ଡେଙ୍ଗୁ ଓ ଡାଇରିଆ ମାସ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଇ-ମେଲ ମାଧ୍ୟମରେ ପତ୍ର ପଠାଇଥିଲେ। ଜିଲା ଲୋକ ସମ୍ପର୍କ ଅଧିକାରୀଙ୍କ ପତ୍ରପାଇ ବହୁ ଗଣମାଧ୍ୟମ ପ୍ରତିନିଧି ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ପହଞ୍ଚି ଥିଲେ। ସେଠାରେ ଜିଲାପାଳ ସାମଲଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଉପଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ମ୍ୟାଲେରିଆ ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ଏହି ସମୟରେ ସେଠାରେ ପୂର୍ବ ସୂଚନା ପାଇ ଆସିଥିବା କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଜିଲାପାଳ ବିରକ୍ତିଭାବ ପ୍ରକାଶ କରିଥିଲେ। ଏହାସହ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ନିଜ ପାଖକୁ ଡାକି ସେଠାରେ ଥିବା ଗଣ ମାଧ୍ୟମ ପ୍ରତିନିଧିଙ୍କୁ ସେଠାରୁ ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ଜିଲାପାଳଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ସେଠାରେ ଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସେଠାରୁ ବାହାରକୁ ନେଇ ଯାଇଥିଲେ। ଜିଲାପାଳଙ୍କର ଏଭଳି ଆଚରଣ ଯୋଗୁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ନିଜ ସମ୍ମାନ ରକ୍ଷା କରି ପ୍ରତିନିଧିମାନେ ସେଠାରୁ ଚାଲି ଆସିଥିଲେ। ଏ ଘଟଣା ଜାଣିବା ପରେ ଅନ୍ୟ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ତୀବ୍ର ନିନ୍ଦା କରିଥିଲେ। ତେବେ କେଉଁ କାରଣରୁ ଜିଲାପାଳ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଠାରୁ ନିଜକୁ ଦୂରରେ ରଖୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ରଙ୍କୁ ପଚାରିବାରୁ କହିଲେ, ସେଥିପାଇଁ ମୁଁ ଦୁଃଖିତ। ଜିଲା ମୁଖ୍ୟ ଚିକିତ୍ସାଳୟର ରିଭ୍ୟୁ ବୈଠକ ଥିଲା। ଏହି ବୈଠକ ପରେ ମ୍ୟାଲେରିଆ-ଡେଙ୍ଗୁ ଓ ଡାଇରିଆ ମାସ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଥିଲା। ଭୁଲବୁଝାବୁଣା ମଧ୍ୟରେ ଏପରି ଘଟଣା ହୋଇଥିଲା ବୋଲି କହିଥିଲେ।

# ଦୁର୍ଗାପୂଜା ପାଇଁ ରାବଣ ଅଭିନେତା ବରଣ



କଳାକାର ଭୁବନେଶ୍ୱର ପ୍ରଧାନଙ୍କୁ ବରଣ କରାଯାଉଛି ।

ଜାମଟିକ୍ରା/ସରଣ୍ଡା, ୨୮।୬ (ଡି.ଏନ.ଏ)

ଅତାବିରା ଦୁର୍ଗାପୂଜା ପାଇଁ ଶୁକ୍ରବାର ସ୍ଥାନୀୟ ଦୁର୍ଗା ମନ୍ଦିର ପରିସରରେ ରାବଣ ବରଣ କରାଯାଇଛି । ସର୍ଲା ଗ୍ରାମର ଭୁବନେଶ୍ୱର ପ୍ରଧାନଙ୍କୁ ଏଥର ଅତାବିରା ରାମଲୀଳାରେ ରାବଣ ଭୂମିକାରେ ଅଭିନୟ କରିବା ପାଇଁ ପୁଷ୍ପମାଲ୍ୟ, ନଡିଆ, ସିନ୍ଦୁର ପ୍ରଦାନ କରି ବରଣ କରାଯାଇଥିଲା। ଦୁର୍ଗାପୂଜା କମିଟି ସଭାପତି ଦୈତାରୀ ପଧାନଙ୍କ ସମେତ ଜିତେନ୍ଦ୍ର ଦାସ, ମଣ୍ଟୁ ପଣ୍ଡା, ଉନ୍ନି ନାୟାର, ପପୁନ ପଧାନ, ଅଶୋକ ପଧାନ, ସୁରେନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସେ ତାଙ୍କ ଅଭିନୟ କରିବେ ।

# ନୂଆଗାଁରେ ମଦ ଜବତ: ୧ ଗିରଫ

ନୂଆଗାଁ, ୨୮।୬ (ଡି.ଏନ.ଏ)

ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ କାଟେପୁର ଛକ ନିକଟରେ ବିଶ୍ରା ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଗୁରୁବାର ଖଜା ଓରାମ ନାମକ ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ପୋଲିସ ତାଙ୍କ ନିକଟରୁ ୭ ଲିଟର ବିଦେଶୀ ମଦ ଜବତ କରିଛି। ଏନେଇ ବିଶ୍ରା ଥାନାରେ ଏକ ମାମଲା (ନଂ. ୬୨/୧୯) ରୁଜୁ ହୋଇଛି। ବିଶ୍ରା ଥାନା ପୋଲିସ ଖଜାଙ୍କୁ କୋର୍ଟ ଚାଲାଣ କରିଛି।

# ବିଦ୍ୟୁତ୍ ଆଘାତରେ ଲାଇନମ୍ୟାନ ଗୁରୁତର

ଦେବଗଡ଼,୨୮।୬(ଡି.ଏନ.ଏ)

ରିଆମାଳ ବ୍ଲକ ଓେସ୍କୋ ଡିଭିଜନର ଜଣେ ବିଦ୍ୟୁତ ଆଘାତରେ ଗୁରୁତର ହୋଇଥିବା ଜଣାପଡିଛି। ସେ ହେଲେ ରେଙ୍ଗାଲବେଡା ସବ୍‌ଷ୍ଟେସନର ଲାଇନମ୍ୟାନ ଆଠଗଡ ଅଞ୍ଚଳର ଦେବରାଜ ରଣା। ଖବର ମୁତାବକ ଉକ୍ତ ସବ୍‌ଷ୍ଟୋସନର ଏକ ବିଦ୍ୟୁତ ଖୁଣ୍ଟରେ ଚଢି ଫିଉଜ ବାନ୍ଧୁଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ତଳେ ଖସିପଡିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କର୍ମଚାରୀ ମାନେ ଦେବଗଡ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡିଛି।



ଗୁରୁତର ଦେବରାଜ ରଣା।

### ଗୁଣାତ୍ମକ ଶିକ୍ଷାଦାନ ପାଇଁ ପ୍ରୟାସ

# ଆଦର୍ଶ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବୈଠକ

ଦେବଗଡ଼, ୨୮।୬(ଡି.ଏନ.ଏ)

ଦେବଗଡ଼ ଜିଲାରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୭୦ଟି ପଞ୍ଚାୟତର ୭୦ ବିଦ୍ୟାଳୟ ଓ ପୌରାଞ୍ଚଳରେ ଗୋଟିଏ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ (ସ୍କୁଲ ଅଫ୍ ଏକ୍ସଲେନ୍ସ ) ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଉକ୍ତ ବିଦ୍ୟାଳୟଗୁଡିକର ପ୍ରଧାନ ଶିକ୍ଷକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଧକ୍ଷତା କରି ଜିଲାପାଳ ସୁଧାଂଶୁ ମୋହନ ସାମଲ ଜିଲାରେ ଶିକ୍ଷା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ପାଇଁ ଏହି ଅଭିନବ ଯୋଜନାରେ ପ୍ରଧାନଶିକ୍ଷକମାନେ ଯୁକ୍ତାତ୍ମକ ଚିନ୍ତାଧାରା ସହିତ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଢି ତୋଳିବାରେ ଶିକ୍ଷକ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜିଲାରେ ଶିକ୍ଷାର ଅଗ୍ରଗତି ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ଏହି ପ୍ରୟାସରେ ଶିକ୍ଷକ ସମାଜ ଅଗ୍ରଣୀ ଭୂମିକା ନେବାକୁ ସେ ଆହ୍ୱାନ ଦେଇଥିଲେ। ଏଥିପାଇଁ ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକୀୟ ସହଯୋଗ ଦିଆଯିବ। ବୈଠକରେ ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଜନାର ସଫଳତା ପାଇଁ ନିଜ ନିଜର ମତାମତ ଦେଇଥିଲେ । ସୂଚନାଯୋଗ୍ୟ ଯେ, ଆସନ୍ତା ୩ ମାସ ମଧ୍ୟରେ ଉକ୍ତ ଆଦର୍ଶ ବିଦ୍ୟାଳୟଗୁଡିକରେ ଶ୍ରେଣୀ ଅନୁପଯୋଗୀ ପିଲାମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହିତ ମାସିକିଆ ପରୀକ୍ଷା ଏବଂ ସମସ୍ତ ପିଲାଙ୍କୁ ପଠନ ଦୈନନ୍ଦିନି ଲେଖିବାର ଅଭ୍ୟାସ କରାଯିବ। ଏହା ବ୍ୟତୀତ ପ୍ରତ୍ୟେକ ପିରିୟଡରେ ପୂର୍ବପାଠର ଆଲୋଚନା କରାଯିବ। ଏଥିପାଇଁ ଆବଶ୍ୟକୀୟ ତାଲିମ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଗ୍ରୀଷ୍ମ ଅବକାଶରେ ପ୍ରଦାନ କରାଯାଇଛି। ବୈଠକରେ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ନାୟକ, ସହକାରୀ ଜିଲାପାଳ ଦିବ୍ୟଶଙ୍କର ଜୟପୁରିଆଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।

# ଟିମ୍ ଇଣ୍ଡିଆକୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ

**ଚଳିତ ଆଇସିସି ବିଶ୍ୱକପ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ସେମିଫାଇନାଲର ନିକଟତର ହୋଇଛି। ଗୁରୁବାର ଖେଳାଯାଇଥିବା ଟୁର୍ନାମେଣ୍ଟର ୩୪ତମ ମ୍ୟାଚ୍‌ରେ ଭାରତ ଦମ୍‌ଦାର ବୋଲିଂ କରି ୧୨୫ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ଏକ ବୃହତ୍ ବିଜୟ ହାସଲ କରିଛି। ଆଉ ଗୋଟିଏ ବିଜୟ ହାସଲ କଲେ ଭାରତ ସେମିଫାଇନାଲରେ ପ୍ରବେଶ କରିବ। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୬୮ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୪.୨ ଓଭରରେ ୧୪୩ ରନକରି ଅଲଆଉଟ୍ ହେବା ସହ ଆତ୍ମସମର୍ପଣ କରିଛି। ଆଜିର ମ୍ୟାଚକୁ ନେଇ ବିଭିନ୍ନ ସ୍ଥାନରେ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଭାରତୀୟ ଦଳର ପ୍ରଦର୍ଶନକୁ ନେଇ ମତାମତ ଭିତ୍ତିକ ଉପସ୍ଥାପନା।**

■ ଦେବଗଡ଼ରୁ ଶଶାଙ୍କ ଶେଖର ଝାଙ୍କର



“ ଭାରତ-ୱେଷ୍ଟଇଣ୍ଡିଜ ଷଷ୍ଠ ଲିଗ ମ୍ୟାଚରେ ଭାରତ ଟିମ ଠିକଠାକ୍ ଖେଳିଛି। କାରଣ ଉକ୍ତ ପଡିଆ ବୋଲିଂ ପିଚ୍। ସେଥିପାଇଁ ଯେତିକି ଟାରଗେଟ ଦେଇଛି ଠିକ ଅଛି। ଆଉ ଖେଳରେ ତ ହାରଜିତ ଲାଗିରହିଛି। ଟିମ୍ ଇଣ୍ଡିଆକୁ ରବିବାର ଇଂଲଣ୍ଡ ବିପକ୍ଷରରେ ଭଲ ଖେଳିବାକୁ ପଡ଼ିବ।

-ରାଜେନ୍ଦ୍ର ଆଚାର୍ଯ୍ୟ, ଦେବଗଡ଼



“ ଟିମ ଇଣ୍ଡିଆ ଟୁର୍ନାମେଣ୍ଟରେ ଭଲ କରିଛି। ଆଗକୁ ଏହାଠାରୁ ଅଧିକ ଭଲ କରିବାକୁ ପଡ଼ିବ। ଭାରତ ସେମି ଫାଇନାଲର ନିକଟର ହୋଇଛି। ଏହା କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳାଇଛି। ଟିମ ଇଣ୍ଡିଆର ଖେଳାଳି କ୍ରିକେଟପ୍ରେମୀଙ୍କୁ ନିରାଶ କରିବେ ନାହିଁ।

-ପ୍ରୀତମ ବେହେରା, ଦେବଗଡ



“ ଭାରତ-ୱେଷ୍ଟଇଣ୍ଡିଜ ଷଷ୍ଠ ଲିଗ ମ୍ୟାଚ ଖେଳରେ ଭାରତ ଟିମରେ ଲେଫ୍‌ଟି ଖେଳାଳି ରିଷଭ ପନ୍ଥଙ୍କୁ ବେଷ୍ଟ ଇଲେଭେନରେ ଖେଳେଇବା କଥା। ସେ ଖେଳିଥିଲେ ଆଉ ଅଧିକ ଭଲ ସ୍କୋର ହୋଇପାରିଥାନ୍ତା। ଟିମ୍ ଇଣ୍ଡିଆକୁ ଆଗକୁ ଏହାଠାରୁ ଅଧିକ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ।

-ପଞ୍ଚାନନ ଆଚାର୍ଯ୍ୟ,ଦେବଗଡ।



“ ଗୁରୁବାର ମୁକାବିଲାରେ ଭାରତ ଟିମ ଭଲ ଖେଳିଛି। ଭାରତ ସେମି ଫାଇନାଲର ନିକଟର ହୋଇଛି। କିନ୍ତୁ ରିଷଭ ପନ୍ଥ ଭଳି ଭଲ ଖେଳାଳିକୁ ନ ଖେଳାଇ ବସାଇଦେବା ଠିକ ନିଷ୍ପତି ନୁହେଁ। ଇଂଲଣ୍ଡ ବିପକ୍ଷରେ ଭଲ ପ୍ରଦର୍ଶନ ସହ ଆଗକୁ ମଧ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ।

- ଶ୍ରୀତମ ଝାଙ୍କର, ଦେବଗଡ

ନୀତି ଆୟୋଗର ଢାଞ୍ଚାରେ ପରିବର୍ତ୍ତନ ସହ ଯୋଜନା କମିଶନଙ୍କ ଭଳି ଏହାକୁ ପାଣ୍ଠି ପ୍ରଦାନ କରିବାର କ୍ଷମତା ମିଳିବା ଉଚିତ୍।
– ରାକେଶ ମୋହନ, ପୂର୍ବତନ ଆର୍‌ବିଆଇ ଡେପୁଟି ଗଭର୍ନର



ରିଜର୍ଭ ବ୍ୟାଙ୍କର ଜୁନ୍ ୭ ସର୍କୁଲାର ଅନୁଯାୟୀ ଏନ୍‌ବିଏଫ୍‌ସି ଅଥବା ଅନ୍ୟ କୌଣସି କମ୍ପାନୀର ଏନ୍‌ପିଏ ସମାଧାନ କରାଯିବ। ଋଣପ୍ରଦାନକାରୀ ନିଜର ବକେୟା ଋଣ ସମ୍ପର୍କରେ ତର୍ଜମା କରିବେ।
– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



## ସଂକ୍ଷେପରେ

### ଟେଲିକମ ସେକ୍ଟର ପାଇଁ ରିଲିଫ୍ ପ୍ୟାକେଜ ସପକ୍ଷରେ କେନ୍ଦ୍ରମନ୍ତ୍ରୀ

**ନୂଆଦିଲ୍ଲୀ,୨୮-୬:** ସଙ୍କଟଗ୍ରସ୍ତ ଟେଲିକମ୍ ସେକ୍ଟରକୁ ଉଦ୍ଧାର କରିବା ଲାଗି ବଜେଟରେ ଲାଇସେନ୍ସ ଫି ହ୍ରାସ ସହ ଏକ ସିରିଜ ରିଲିଫ୍ ପ୍ୟାକେଜ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି ବୋଲି ଟେଲିକମ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ଏଥିସହିତ ଟେଲିକମ ସେକ୍ଟର ପାଇଁ ଜିଏସ୍‌ଟି ହାରକୁ ୧୮ରୁ ୧୨%କୁ ହ୍ରାସ କରାଯିବା ଉଚିତ। ଏହାର ସୁଫଳ ପରୋକ୍ଷରେ ଗ୍ରାହକ ହିଁ ପାଇବେ ବୋଲି ସେ କହିଛନ୍ତି। ତାଙ୍କ ମତରେ ତେବେ ଜିଏସ୍‌ଟି କାଉନସିଲକୁ ଏ ଦିଗରେ ନିଷ୍ପତ୍ତି ନେବାକୁ ହେବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଟେଲିକମ୍ କମ୍ପାନୀଙ୍କ ପକ୍ଷରୁ ସରକାରଙ୍କୁ ପ୍ରଦାନ କରାଯାଉଥିବା ଲାଇସେନ୍ସ ଫି’ ୨୫% ହ୍ରାସ କରାଯିବା ଆବଶ୍ୟକ ବୋଲି ସେ ସୁପାରିସ୍ କରିଛନ୍ତି। ସରକାର ବର୍ତ୍ତମାନ ୟୁନିଭର୍ସାଲ ସର୍ଭିସେସ୍ ଓବ୍ଲିଗେଶନ ଫଣ୍ଡ ବାବଦରେ ୮% ଲାଇସେନ୍ସ ଫି ନେଉଥିବା ବେଳେ ଏଥିରେ ୨% ହ୍ରାସ କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି।

### ପ୍ରଥମ ୨ ମାସରେ ବିତ୍ତୀୟ ନିଅଣ୍ଟ ୫୨% ଛୁଇଁଲା

**ନୂଆଦିଲ୍ଲୀ,୨୮-୬:** କେନ୍ଦ୍ର ସରକାରଙ୍କ ବିତ୍ତୀୟ ନିଅଣ୍ଟ ପରିମାଣ ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ୨ ମାସରେ ବଜେଟ ଅନୁମାନର ୫୨%ରେ ପହଞ୍ଚିଯାଇଛି। ମହାଲେଖା ନିୟନ୍ତ୍ରକ(ସିଜିଏ) ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ନିରପେକ୍ଷ ରୂପରେ ବିତ୍ତୀୟ ନିଅଣ୍ଟ ପରିମାଣ ୩,୬୬,୧୫୭ କୋଟି ଟଙ୍କା ହୋଇଛି। ପୂର୍ବବର୍ଷର ଏହି ଅବଧିରେ ନିଅଣ୍ଟ ପରିମାଣ ବଜେଟ ଲକ୍ଷ୍ୟର ୫୫.୩% ରହିଥିଲା। ଫେବୃୟାରୀରେ କେନ୍ଦ୍ର ସରକାର ୨୦୧୯-୨୦ର ଅନ୍ତରୀଣ ବଜେଟ ଉପସ୍ଥାପନ କରି ପୂରା ବର୍ଷରେ ବିତ୍ତୀୟ ନିଅଣ୍ଟ ପରିମାଣ ୭.୦୩ ଲକ୍ଷ କୋଟି ଟଙ୍କା ରହିବ ବୋଲି ଅନୁମାନ କରିଥିଲେ। ସରକାର ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ(ଜିଡ଼ିପି)ର ୩.୪%ରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଗତ ଆର୍ଥିକ ବର୍ଷ ପାଇଁ ମଧ ସମାନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ଯାହା ପ୍ରାୟତଃ ପୂରଣ ହୋଇଛି। ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସ ଏପ୍ରିଲ-ମେ’ରେ ରାଜସ୍ୱ ଆୟ ବଜେଟ ଅନୁମାନର ୭.୩% ରହିଛି। ବର୍ଷକ ପୂର୍ବେ ଏହି ଅବଧିରେ ସମାନ ରାଜସ୍ୱ ଆଦାୟ ହୋଇଥିଲା। ତେବେ ପୁଞ୍ଜି ବ୍ୟୟ ଆଲୋଚ୍ୟ ବର୍ଷରେ ବଜେଟ ଅନୁମାନର କେବଳ ୧୪.୨% ରହିଛି, ଯାହା କି, ପୂର୍ବବର୍ଷର ଏହି ସମୟରେ ୨୧.୩% ରହିଥିଲା।

### ଜେଟ୍ ଏୟାରୱେଜ୍‌କୁ ଉଦ୍ଧାର କରିବେ କର୍ମଚାରୀ

**ନୂଆଦିଲ୍ଲୀ,୨୮-୬:** ଆର୍ଥିକ ସଙ୍କଟ କାରଣରୁ ଅସ୍ଥାୟୀ ଭାବେ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜ୍ ଉଦ୍ଧାର କରିବା ଲାଗି ଏହାର କର୍ମଚାରୀମାନେ ଆଗେଇ ଆସିଛନ୍ତି। ଏୟାରଲାଇନ୍ସର ୭୫% ଅଂଶଧନ କିଣିବା ଲାଗି ବିଡ୍ ଦାଖଲ ଉଦ୍ଦେଶ୍ୟରେ ଜେଟ୍‌ର କର୍ମଚାରୀ ସଂଘ ଏବଂ ଏଡିଆଇ ଗ୍ରୁପ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ସେମାନେ ପାର୍ଟନର ଭାବେ ବିଡ୍ ଦାଖଲ କରିବାକୁ ରାଜି ହୋଇଛନ୍ତି। ଜେଟ୍ ବନ୍ଦ ହୋଇଯିବା କାରଣରୁ ଏବେ ଏହାର ପ୍ରାୟ ୨୦ ହଜାର କର୍ମଚାରୀ, ପାଇଲଟ, ଇଞ୍ଜିନିୟର ବେକାର ହୋଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଥିଲେ ଯେ, ଜେଟ୍‌ର ପୁନରୁଦ୍ଧାର ଏବେ କେବଳ ଦେବାଳିଆ ଅଦାଲତ ଦ୍ୱାରା ହିଁ ସମ୍ଭବ ହେବ। କାରଣ ଏହାର ପ୍ରମୋଟର କମ୍ପାନୀକୁ ପୂରା ପାଣ୍ଠି ଯୋଗାଇଲେ ନାହିଁ। ଏହି କାରଣରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଏହି ଏୟାରଲାଇନ୍‌କୁ ଆଉ ସହାୟତା କରିବାକୁ ଅନିଚ୍ଛୁକ ହେଲେ।

# ଘରେ ଘରେ ଲାଗିବ ପ୍ରିପେଡ୍ ସ୍ମାର୍ଟ ମିଟର

- ୩ ବର୍ଷ ଭିତରେ ୩୦ କୋଟି ମିଟର ଲଗାଯିବ
- ମୋବାଇଲ ଫୋନ ଭଳି ପୂର୍ବରୁ ମିଟରକୁ ଚାର୍ଜ କରିବେ
- ମିଟର ମୂଲ୍ୟ ପ୍ରାୟ ୨୦୦୦ ଟଙ୍କା ରହିବ
- ବିଦ୍ୟୁତ ଯୋଗାଣକାରୀ କମ୍ପାନୀଙ୍କୁ ମିଳିବ ଫାଇଦା




ନୂଆଦିଲ୍ଲୀ,୨୮-୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସାରା ଦେଶରେ ଘରୋଇ ଓ କମ୍ପାନୀରେ ୩୦ କୋଟି ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବାକୁ ଯୋଜନା କରୁଛନ୍ତି। ବିଜୁଳି ଚୋରିକୁ ରୋକିବା ଉଦ୍ଦେଶ୍ୟରେ ଆସନ୍ତା ୩ ବର୍ଷ ଭିତରେ ଘରେ ଘରେ ସ୍ମାର୍ଟ ମିଟର ଲଗାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ମୋବାଇଲ ଫୋନ ଭଳି ଏହି ମିଟରକୁ ପୂର୍ବରୁ ରିଚାର୍ଜ କରି ହେବ। ଏହାଦ୍ୱାରା ବିଜୁଳି ଚୋରି ବନ୍ଦ ହୋଇଯିବା ସହିତ ସଚୋଟ ଗ୍ରାହକଙ୍କୁ ୨୪ ଘଣ୍ଟା ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇପାରିବ। ଏହି ଯୋଜନା ଲାଗୁ ହେବା ପରେ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଏହା ଗେମ୍ ଚେଞ୍ଜର ହେବ ବୋଲି ମତପ୍ରକାଶ ପାଇଛି।

ମିଡିଆ ରିପୋର୍ଟ ଅନୁଯାୟୀ, ସ୍ମାର୍ଟ ମିଟର ଯୋଗାଣ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ଉତ୍ପାଦକଙ୍କ ସହ ଆଲୋଚନା ଆରମ୍ଭ ହୋଇଯାଇଛି। ଏହାଦ୍ୱାରା ବିଜୁଳି ଯୋଗାଣ ଉପରେ ସହଜରେ ନଜର ରଖିହେବ। ଏହି ଯୋଜନା ଅନୁଯାୟୀ, ସରକାର ମିଟର ମୂଲ୍ୟ ଉପରେ ସବ୍‌ସିଡି ଦେବେ। ପ୍ରାରମ୍ଭିକ ଅନୁମାନ ଅନୁଯାୟୀ, ଗୋଟିଏ ସ୍ମାର୍ଟ ମିଟର ମୂଲ୍ୟ ପ୍ରାୟ ୨୦୦୦ ଟଙ୍କା ହେବ। ଏଥିପୂର୍ବରୁ ୨୦୧୭ରେ ସରକାରଙ୍କ ପକ୍ଷରୁ ୫୦ ଲକ୍ଷ ସ୍ମାର୍ଟ ମିଟର କିଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ମିଟର ପ୍ରତିଟିର ମୂଲ୍ୟ ୨୫୦୩ ଟଙ୍କା ଥିଲା। ତେବେ ଏଥର ଅଧିକ ମାତ୍ରାରେ ମିଟର କିଣାଯିବାକୁ ଥିବାରୁ ଏହାର ମୂଲ୍ୟ କମିବ ବୋଲି ଆଶାକରାଯାଉଛି। ତେବେ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଖୋଲାଖୋଲି ମତପ୍ରକାଶ କରାଯାଇ ନାହିଁ। ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ସ୍ମାର୍ଟ ମିଟରକୁ ପ୍ରିପେଡ୍ କରିଦେବା ଯୋଗୁ ବିଜୁଳି ବିତରଣ କମ୍ପାନୀ(ଡିସ୍‌କମ୍)ଙ୍କ ଖର୍ଚ୍ଚ ଅନେକାଂଶରେ କମିଯିବ ଏବଂ ସେମାନେ ସହଜରେ କ୍ଷତିରୁ ବାହାରି ଆସିପାରିବେ। ବର୍ତ୍ତମାନ ଦେଶର ଅଧିକାଂଶ ରାଜ୍ୟରେ କାର୍ଯ୍ୟରତ ଡିସ୍‌କମ୍‌ଗୁଡ଼ିକ କ୍ଷତିରେ ଚାଲୁଛନ୍ତି। କାରଣ ଟେକ୍ନିକାଲ, ବିଜୁଳି ଚୋରି ଓ ଅନ୍ୟାନ୍ୟ କାରଣରୁ ସେମାନଙ୍କ କ୍ଷତି ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ବିଜୁଳି ଚୋରି, ତ୍ରୁଟିପୂର୍ଣ୍ଣ ବିଲ୍ ପ୍ରଦାନ ଓ ରାଜସ୍ୱ ଆଦାୟରେ ବିଫଳତା କାରଣରୁ କ୍ଷତି ବୃଦ୍ଧି ହେଉଛି। ଏହି କାରଣରୁ ସେମାନଙ୍କ ନିକଟରେ ବିଜୁଳି କିଣିବା ଲାଗି ଅର୍ଥ ନାହିଁ। ଫଳରେ ଗ୍ରାହକଙ୍କୁ ୨୪ ଘଣ୍ଟା ବିଜୁଳି ଯୋଗାଣ ସେମାନଙ୍କ ଦ୍ୱାରା ସମ୍ଭବ ହେଉନାହିଁ। ଏହାଛଡ଼ା ବିଦ୍ୟୁତ ସଞ୍ଚୟକାରୀ ଏଲ୍‌ଇଡି ଲାଇଟ ପ୍ରଦାନ, ସୌରଶକ୍ତିଯୁକ୍ତ ଜଳସେଚନ ବ୍ୟବସ୍ଥା ଆପଣାଇବା ଓ ଚୋରି ରୋକିବା ଲାଗି ଇନ୍‌ସୁଲେଟେଡ୍ ତାର ଲଗାଇବା ଆଦି ବ୍ୟବସ୍ଥା ଆପଣାଇବାକୁ ମୋଦି ସରକାର ପୂର୍ବରୁ କାର୍ଯ୍ୟାରମ୍ଭ କରିଦେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ବିଜୁଳି କ୍ଷେତ୍ରରେ କ୍ରାନ୍ତି ଆସିବ ବୋଲି ମନେକରାଯାଉଛି। ଏଥିଯୋଗୁ କମ ଆୟ କରୁଥିବା ଉପଭୋକ୍ତାଙ୍କୁ ଅଧିକ ଫାଇଦା ମିଳିବ। ସେମାନଙ୍କୁ ଗୋଟିଏ ଥରରେ ପୂରା ମାସର ବିଜୁଳି ବିଲ୍ ଦେବାକୁ ପଡିବ ନାହିଁ। ଉପଭୋକ୍ତା ନିଜର ଆବଶ୍ୟକତା ଅନୁଯାୟୀ ମିଟର ଚାର୍ଜ କରିବେ ଏବଂ ବିଜୁଳି ଜାଳିବେ। ଏହାଦ୍ୱାରା ଫାଲ୍‌ତୁ ବିଜୁଳି ଖର୍ଚ୍ଚ କମିବ। ଫଳରେ ବିଜୁଳି ସଞ୍ଚୟ ହେବ। ଏହାଦ୍ୱାରା ୨୪ ଘଣ୍ଟା ବିଜୁଳି ଯୋଗାଣ ସମ୍ଭବ ହେବ। ଶକ୍ତି ମନ୍ତ୍ରଣାଳୟ ଅଧିକାରୀଙ୍କ ମତରେ ପ୍ରିପେଡ୍ ମିଟର ନିର୍ମାଣ ଯୋଗୁ ଅଧିକ ଯୁବତୀଯୁବକଙ୍କୁ କୌଶଳପୂର୍ଣ୍ଣ ରୋଜଗାର ମିଳିବ। ବିଜୁଳି ବିଲ୍ ପାଇଁ କାଗଜର ଆବଶ୍ୟକତା ହେବ ନାହିଁ। ମିଟର ରିଡିଂ ଦରକାର ହେବ ନାହିଁ। ପ୍ରିପେଡ୍ ସ୍ମାର୍ଟ ମିଟର ଲାଗିବା ଫଳରେ ଖର୍ଚ୍ଚ ଆପେ ଆପେ କମିଯିବ।

## ଭୁବନେଶ୍ୱରରେ ବିଗ୍ ବଜାରର ୬ ନମ୍ବର ଷ୍ଟୋର

ଭୁବନେଶ୍ୱର,୨୮-୬

ପ୍ରମୁଖ ସୁପରମାର୍କେଟ ଚେନ୍ ବିଗ୍ ବଜାର ପକ୍ଷରୁ ସ୍ଥାନୀୟ ପାହାଳ, ରୁଦ୍ରପୁରସ୍ଥିତ ସିମ୍ଫୋନୀ ମଲ୍‌ଠାରେ ନୂଆ ବିଗ୍ ବଜାର ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ସହରରେ କମ୍ପାନୀର ୬ ନମ୍ବର ଆଉଟଲେଟ। ଗ୍ରାହକଙ୍କୁ ସ୍ୱତନ୍ତ୍ର କ୍ରୟ ଅଭିଜ୍ଞତା ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ବିଗ୍ ବଜାର ପକ୍ଷରୁ ସୂଚନା ଦିଆଯାଇଛି। ଏହା ୨୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ସିମ୍ଫୋନୀ ମଲ୍ ବେସ୍‌ମେଣ୍ଟରେ ଏହା ଅବସ୍ଥିତ। ଏଠାରେ ଖାଦ୍ୟ, ହୋମ ଫର୍ନିସିଂ, ଫ୍ୟାଶନ, ଫୁଟୱେର, ଘର ଉପଯୋଗୀ ଅନ୍ୟାନ୍ୟ ସାମଗ୍ରୀ ଗ୍ରାହକଙ୍କ ଲାଗି ଉପଲବ୍ଧ ହେଉଛି। ଫୁଡ ସେକ୍ସନରେ ସତେଜ ପନିପରିବା, ଫଳ, ପ୍ୟାକେଟଯୁକ୍ତ ଖାଦ୍ୟ ସାମଗ୍ରୀ, ସସ୍, ସ୍ନାକ୍ସ ସହ ଅନ୍ୟ ପ୍ରଡକ୍ଟ ରହିଛି। ଗ୍ରାହକଙ୍କ ଫ୍ୟାସନ ଆବଶ୍ୟକତାକୁ ନଜରରେ ରଖି ଅଫିସୱେର, ଏଥନିକୱେର, କାଜୁଆଲ, ସ୍ପୋର୍ଟସୱେର, ଓମେନୱେର ଏବଂ ଶିଶୁଙ୍କ ପୋଷାକପତ୍ର ସାମିଲ ରହିଛି। ହୋମ୍ ସେକ୍ସନରେ ବିସ୍ତୃତ ରେଞ୍ଜର ହୋମ୍ ଆପ୍ଲାଏନ୍ସ ଯଥା- ପରଦା, ବେଡଶିଟ, କାର୍ପେଟ ରହିଛି। ନୂଆ ଷ୍ଟୋରକୁ ଶୁଭାରମ୍ଭ କରି ଅତ୍ୟନ୍ତ ଖୁସି ବୋଲି ବିଗ୍ ବଜାରର ପୂର୍ବାଞ୍ଚଳ ସିଇଓ ମନୀଷ ଅଗ୍ରୱାଲ କହିଛନ୍ତି। ନୂଆ ଷ୍ଟୋରରେ ଗ୍ରାହକମାନେ ସମ୍ପୂର୍ଣ୍ଣ ଫ୍ୟାମିଲି କ୍ରୟ ଅଭିଜ୍ଞତା ପାଇ ପାରିବେ। ବିଗ୍ ବଜାର ପ୍ରଫିଟ କ୍ଲବ ଏବଂ ଫ୍ୟୁଚର ପେ ଡିଜିଟାଲ ୱାଲେଟ ଦ୍ୱାରା ଗ୍ରାହକମାନେ ବିଭିନ୍ନ ଅଫରର ସୁବିଧା ନେବାକୁ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ୮.୬୫% ସୁଧ ହାର ଉପରେ ଇପିଏଫ୍‌ଓ କାଏମ

ନୂଆଦିଲ୍ଲୀ,୨୮-୬

ଶ୍ରମ ମନ୍ତ୍ରଣାଳୟ ଓ କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ) ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ପିଏଫ୍ ସୁଧ ହାର ୮.୫୫ରୁ ୮.୬୫%କୁ ବୃଦ୍ଧି କରିବା ଲାଗି ନେଇଥିବା ନିଷ୍ପତ୍ତିରେ କାଏମ ରହିବ। ପର୍ଯ୍ୟାପ୍ତ ନଗଦ ଗଚ୍ଛିତ ଥିବାର ଦ୍ୱାହି ଦେଇ ପିଏଫ୍ ଉପରେ ସୁଧ ହାର ବଢ଼ାଇବାକୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ମୋଦି ସରକାର ମଧ ପିଏଫ୍ ସୁଧ ହାର ବଢ଼ାଯିବ ବୋଲି ଘୋଷଣା କରିଥିଲେ। ତେବେ ଇପିଏଫ୍‌ଓର ୮.୬୫% ସୁଧ ହାର ବୃଦ୍ଧିକୁ ଅର୍ଥ ମନ୍ତ୍ରଣାଳୟ ବିରୋଧ କରିଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଇପିଏଫ୍‌ଓ ନିଜ ନିଷ୍ପତ୍ତିର ପୁନର୍ବିଚାର କରୁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯିବା ସହ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ପାଣ୍ଠି ଖର୍ଚ୍ଚ ବଢୁଥିବାରୁ ଋଣ ଉପରେ ସୁଧ ହାର ହ୍ରାସ କରିବାକୁ ବ୍ୟାଙ୍କଗୁଡ଼ିକ ରାଜି ହେଉ ନ ଥିବା ବେଳେ ଇପିଏଫ୍‌ଓର ଏହି ନିଷ୍ପତ୍ତି ବିଶେଷ ପ୍ରଣିଧାନଯୋଗ୍ୟ। ସେହିପରି ସେମାନେ ଜମା ଉପରେ ଅଧିକ ସୁଧ ମଧ ଦେଉନାହାନ୍ତି। ଅପରପକ୍ଷରେ ପିଏଫ୍ ଭଳି କ୍ଷୁଦ୍ର ସଞ୍ଚୟ ଯୋଜନା ଓ ଇପିଏଫ୍‌ଓ ପକ୍ଷରୁ ଅଧିକ ସୁଧ ହାର ଦିଆଗଲେ ଲୋକେ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ପଛାଇବେ ବୋଲି ବ୍ୟାଙ୍କଗୁଡ଼ିକ ପକ୍ଷରୁ ଆଶଙ୍କା ପ୍ରକାଶ କରାଯାଇଛି। ଫଳରେ ସେମାନଙ୍କୁ ପାଣ୍ଠି ଯୋଗାଡ କରିବା ଲାଗି ସମସ୍ୟା ହେବ। ସୂଚନାଯୋଗ୍ୟ ଯେ, ଇପିଏଫ୍‌ଓ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ସୁଧ ହାର ୮.୫୫% ରହିବ ବୋଲି ଘୋଷଣା କରିଥିଲା।

## ବଜାଜ ଗ୍ରୁପ୍ ପକ୍ଷରୁ ୧୦ କୋଟି ଫନୀ ସହାୟତା




ଭୁବନେଶ୍ୱର,୨୮-୬

ବଜାଜ ଗ୍ରୁପ କମ୍ପାନୀ ପକ୍ଷରୁ ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବଜାଜ ଅଟୋ ଲିମିଟେଡର ଆଞ୍ଚଳିକ ପ୍ରବନ୍ଧକ ସଦାନନ୍ଦ ସ୍ୱାମୀ, ଲୋନ୍ ବିଜନେସ ଜାତୀୟ ପ୍ରବନ୍ଧକ ନିତ୍ୟେସ ମଲ୍ଲିକ, ଗ୍ରାହକ ଫାଇନାନ୍ସ ଜାତୀୟ ପ୍ରବନ୍ଧକ ସଞ୍ଜୀବ କୁମାର ପାଣିଗ୍ରାହୀ, ପ୍ରଡକ୍ଟ ପ୍ରବନ୍ଧକ ସଞ୍ଜୟ ପିରାଙ୍ଗୁଟେ, ପ୍ରୋଜେକ୍ଟ ସହକାରୀ ଅଧିକାରୀ ସ୍ନେହା ଘୋଙ୍ଗେ ଏବଂ ବଜାରର ସିଏସ୍‌ଆର୍ ଟିମ୍ ବଜାଜ ଅଟୋ ଓ ବଜାଜ ଫାଇନାନ୍ସ ପକ୍ଷରୁ ଅର୍ଥ ରାଶିର ଚେକ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ସଚିବାଳୟଠାରେ ପ୍ରଦାନ କରିଛନ୍ତି।

## କଳିଙ୍ଗ ନଗରରେ ହେବ ଜାତୀୟ ନିବେଶ ଏବଂ ଉତ୍ପାଦନ ଜୋନ

ନୂଆଦିଲ୍ଲୀ,୨୮-୬

ଓଡ଼ିଶାର ଯାଜପୁର ଜିଲା କଳିଙ୍ଗ ନଗରରେ ଜାତୀୟ ନିବେଶ ଏବଂ ଉତ୍ପାଦନ ଜୋନ(ଏନ୍‌ଆଇଏମ୍‌ଜେଡ୍) ସ୍ଥାପନ ହେବ। ଏସଂକ୍ରାନ୍ତ ନିଷ୍ପତ୍ତିକୁ କେନ୍ଦ୍ର ସରକାର ଶୁକ୍ରବାର ଚୂଡାନ୍ତ ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କଠାରୁ ଏସଂକ୍ରାନ୍ତ ପ୍ରସ୍ତାବ ପାଇବା ପରେ କେନ୍ଦ୍ର ଏଭଳି ପଦକ୍ଷେପ ଗ୍ରହଣ କରିଛି। ସମ୍ପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ବାହ୍ୟ ସଂଯୋଗ ଭିତ୍ତିଭୂମି ଉନ୍ନତୀକରଣ ଲାଗି ପଦକ୍ଷେପ ନିଆଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ପାରାଦୀପ-କଳିଙ୍ଗ ନଗର ସେକ୍ସନର ୧୨୧ କିମି ରାଜପଥକୁ ଉନ୍ନତୀକରଣ କରାଯାଉଛି। ୨୦୦ ନମ୍ବର ଜାତୀୟ ରାଜପଥ ପରିବହନ ମାର୍ଗକୁ ୨ ଲେନରୁ ୬ ଲେନ ବିଶିଷ୍ଟ କରାଯାଉଛି। ସେହିଭଳି ଜାତୀୟ ରାଜପଥ ୫୩/୨୦୦ ମଧ୍ୟରେ ଏବଂ ଜାତୀୟ ନିବେଶ ଉତ୍ପାଦନ ଜୋନ ଚତୁଃପାର୍ଶ୍ୱ ସମ୍ପ୍ରସାରଣ କରାଯାଉଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୪୬.୭%

ଭୁବନେଶ୍ୱର,୨୮-୬(ବ୍ୟୁରୋ)



ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଏପ୍ରିଲରେ ୧୧୨ ପଏଣ୍ଟ ଥିଲା। ଏହା ମେ ମାସରେ ୨ ପଏଣ୍ଟ ବୃଦ୍ଧି ଘଟି ୩୧୪ ପଏଣ୍ଟ ହୋଇଛି। ଖବର ଆସିବା ପର୍ଯ୍ୟନ୍ତ ରାଜ୍ୟର ତାଳଚେର, ଅନୁଗୋଳ ଏବଂ ରାଉରକେଲାରେ ଖାଉଟି ମୂଲ୍ୟସୂଚୀ ହସ୍ତଗତ ହୋଇନାହିଁ। ଜୁନରେ ରିଜର୍ଭ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୪୧.୪% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫.୩% ବଢି ୧୪୬.୭% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜୁଲାଇ ପହିଲାରୁ ପାଇବେ। ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫% ବୃଦ୍ଧି ଘଟି ୧୭% ହୋଇଛି। ଏମାନେ ୨୦୧୯ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ ୧୭% ମହଙ୍ଗା ଭତ୍ତା ପାଇବେ। ଏହା ଜୁଲାଇ ପହିଲାରୁ ଲାଗୁ ହେବ। ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୪.୫% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୩% ବୃଦ୍ଧି ଘଟି ୬୭.୮% ହୋଇଛି। ଏହା ଅଗଷ୍ଟ ପହିଲାରୁ ଲାଗୁ ହେବ।

ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନଶନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଶନିବାର କିଛି ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀ ଅବସର ନେବେ। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଶୁକ୍ରବାର ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୫୭.୮% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ ଡିଏରେ ୩.୩% ବୃଦ୍ଧି ଘଟି ୬୧.୧% ହୋଇଛି। ଏହି ବର୍ଦ୍ଧିତ ଡିଏ ଅଗଷ୍ଟ ପହିଲାରୁ ସେମାନେ ପାଇବେ।

ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ଶନ ଏବଂ ପେନ୍‌ଶନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନଶନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନଶନକୁ ଅପେକ୍ଷା କରିଛନ୍ତି। ଜୁଲାଇ ପହିଲାରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

## ବଜେଟ ନେଇ ଶିଳ୍ପର ପ୍ରତିକ୍ରିୟା...

### ଦୀର୍ଘମିଆଦୀ କାର୍ଯ୍ୟକ୍ରମକୁ ଅବହେଳା



ବଜେଟ୍‌ରେ ସ୍ୱଳ୍ପମିଆଦୀ ଲାଭବାନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ଦୀର୍ଘମିଆଦୀ କାର୍ଯ୍ୟକ୍ରମକୁ ଅବହେଳା କରାଯାଇଛି। କୃଷି କ୍ଷେତ୍ରରେ ଶୀତଳ ଭଣ୍ଡାର ପାଇଁ କୌଣସି ଯୋଜନା ନାହିଁ। ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖାଲି ପଦବୀ ପୂରଣ ଲାଗି କୌଣସି ଘୋଷଣା କରାଗଲା ନାହିଁ। ବେସରକାରୀ ସମସ୍ୟା ଜାତୀୟ ହାରଠାରୁ ଅଧିକ ଥିଲେ ମଧ ନିଯୁକ୍ତି ପାଇଁ ସେମିତି କିଛି ସ୍ୱତନ୍ତ୍ର ଯୋଜନା ନାହିଁ।

– ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ

### ଫୋକସଡ୍ ବଜେଟ



ଚଳିତ ବର୍ଷ ରାଜ୍ୟ ସରକାର ଆଣିଥିବା ଏହି ବଜେଟ ଫୋକସଡ ବଜେଟ ଭାବେ ପରିଗଣିତ ହୋଇଛି। ରାଜ୍ୟର ଦୁର୍ବଳ ବର୍ଗଙ୍କ ବିକାଶ ଲାଗି ଏହା ସହାୟକ ହେବ ବୋଲି ଆଶାବାଦୀ। ଜଳ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷାକୁ ସରକାର ଧ୍ୟାନରେ ରଖିଲେ ଏହା ଲୋକଙ୍କ ବିକାଶରେ ଭାଗୀଦାରି ହୋଇପାରିବ। ସେହିଭଳି ବାଣିଜ୍ୟିକ ପରିବେଶର ବିକାଶ ହେବା ଜରୁରୀ। ଅର୍ଥନୀତିର ବିକାଶ ଲାଗି ସରକାର ଏଭଳି ପଦକ୍ଷେପ ଉପରେ କାର୍ଯ୍ୟ କରିବେ ବୋଲି ଆଶା ରହିଛି।

– ଜୟପ୍ରକାଶ ଦିଦ୍ୱାନିଆ, ଉଦ୍ୟୋଗୀ

### ଠିକ୍ ସମୟରେ ଅର୍ଥର ବିନିଯୋଗ ହେଉ



ବଜେଟରେ ବିଭିନ୍ନ କ୍ଷେତ୍ର ଲାଗି କରିଥିବା ଆବଣ୍ଟନକୁ ଦେଖିଲେ ଜଣାଯିବଯେ ରାଜ୍ୟ ସରକାର ଗରିବଙ୍କ ବିକାଶ ଏବଂ କୃଷିର ଉନ୍ନତିକୁ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ନୀତି ଏବଂ ଅର୍ଥନୈତିକ କାର୍ଯ୍ୟକଳାପ କ୍ଷେତ୍ରରେ କେନ୍ଦ୍ର ସହ ସମନ୍ୱୟ ଦ୍ୱାରା ଅର୍ଥନୈତିକ ବିକାଶ ଲାଗି ରାଜ୍ୟ ସରକାର ପଦକ୍ଷେପ ନେଇପାରିବେ। ଏହା ଭଲ ବଜେଟ। କିନ୍ତୁ ଠିକ୍ ସମୟରେ ଅର୍ଥର ବିନିଯୋଗ ହେବା ଜରୁରୀ। ଏହାଦ୍ୱାରା ରାଜ୍ୟର ବିକାଶ ଧାରା ତ୍ୱରାନ୍ୱିତ ହେବ।

– ରୂପ କୁମାର ପ୍ରଧାନ, ଚାର୍ଟାର୍ଡ ଫାଇନାନ୍ସିଆଲ୍ ପ୍ଲାନର

### ହାଉସିଂ ସେକ୍ଟରକୁ ଧ୍ୟାନ ଦେବାର ଥିଲା



୨୦୨୦ ବେଳକୁ ସଭିଙ୍କ ପାଇଁ ବାସଗୃହ ଉପରେ ବର୍ତ୍ତମାନ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ରାଜ୍ୟ ବଜେଟରେ ଏ ଦିଗରେ ପଦକ୍ଷେପ ନେବା ଭଳି ଦେଖାଯାଉନାହିଁ। ହାଉସିଂ ସେକ୍ଟରକୁ ଧ୍ୟାନ ଦେବାର ଆବଶ୍ୟକତା ରହିଥିବା ବେଳେ ଏହା ହୋଇ ନାହିଁ। ହାଉସିଂ କ୍ଷେତ୍ରରେ ଷ୍ଟାମ୍ପ ଡ୍ୟୁଟି କମ୍ କରାଗଲେ ଏହା କ୍ଷେତ୍ରର ଉନ୍ନତୀକରଣ ଲାଗି ସହାୟକ ହେବ। ପାୱାର ଅଫ୍ ଆଟର୍ନି କ୍ଷେତ୍ରରେ ଅଧିକ ହେଉଥିବାରୁ ରିୟଲ ଇଷ୍ଟେଟ ପାଇଁ ଏହା ଶୁଭପ୍ରଦ ନୁହେଁ। ସେହିଭଳି ଶ୍ରମ ଶକ୍ତି ଲାଗି ଦକ୍ଷତା ବିକାଶ, ନିର୍ମାଣ ଶ୍ରମିକଙ୍କ ଲାଗି ନିରାପତ୍ତା ତଥା ବିଭିନ୍ନ ସୁବିଧା ସୁଯୋଗ ଆଣିଲେ ଏହା ରିୟଲ ଇଷ୍ଟେଟ କ୍ଷେତ୍ର ଲାଗି ଉନ୍ନତି ଆଣିବାରେ ସହାୟକ ହେବ।

– ସୋଫିଆ ଫିର୍ଦୋସ, ନିର୍ଦ୍ଦେଶକ ମେଟ୍ରୋ ଗ୍ରୁପ

### ଫନୀ ପ୍ରଭାବିତ କ୍ଷୁଦ୍ର ଶିଳ୍ପକୁ ଅଣଦେଖା ଦୁଃଖର ବିଷୟ



ବଜେଟରେ ସରକାର ଫନୀ ପ୍ରଭାବିତ କ୍ଷୁଦ୍ର ଶିଳ୍ପକୁ ଯେଉଁ ଭଳି ଭାବେ ଅଣ ଦେଖା କଲେ ତାହା ଦୁଃଖର ବିଷୟ। ଏହି ଶିଳ୍ପଗୁଡିକ ଲାଗି ପ୍ୟାକେଜ ଘୋଷଣା ହୋଇଥିଲେ ଶିଳ୍ପଗୁଡିକ ପୁଣି ଛିଡା ହୋଇ ଥାନ୍ତେ। ମୋଟାମୋଟି ଭାବେ ଏମ୍‌ଏସ୍‌ଏମ୍‌ଇ ପାଇଁ ହୋଇଥିବା ଆବଣ୍ଟନ ଆଖି ଦୃଶିଆ ନୁହେଁ। ରାଜ୍ୟର ଶିଳ୍ପଗୁଡିକ ଉତ୍ପାଦନ କରୁଥିବା ସାମଗ୍ରୀ ସରକାର କ୍ରୟ କରିବା ଭଳି କୌଣସି ସୁବିଧା ବଜେଟରେ ନାହିଁ। ଏହା ଦ୍ୱାରା ଶିଳ୍ପ ପ୍ରୋତ୍ସାହନକୁ ବିଚାର କରାଯାଇ ନାହିଁ।

– ସ୍ୱାତ୍ତିକ ସ୍ୱାଇଁ, ମହାସଚିବ, ଓସ୍‌ମେ

### ସନ୍ତୁଳିତ ବଜେଟ



ରାଜ୍ୟ ସରକାର ବଜେଟରେ ଘୋଷଣା କରିଥିବା ପ୍ରସଙ୍ଗଗୁଡିକୁ ବିଚାର କଲେ ଜଣାଯିବ ଯେ, ଏହା ଏକ ସନ୍ତୁଳିତ ବଜେଟ। କୃଷି, ମହିଳା ସଶକ୍ତୀକରଣ, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ବିକାଶ ଲାଗି ହୋଇଥିବା ଅର୍ଥ ଆବଣ୍ଟନ ସ୍ୱାଗତଯୋଗ୍ୟ। ବିଦ୍ୟୁତ ଭିତ୍ତିଭୂମି ଉନ୍ନତୀକରଣ ଲାଗି ହୋଇଥିବା ବ୍ୟୟ ବରାଦ ଫନୀ ପ୍ରଭାବିତ ଅଞ୍ଚଳଗୁଡିକ ଲାଗି ସହାୟକ ହେବ। ସେହିଭଳି ଜଳ ଯୋଗାଣ, ଗ୍ରାମୀଣ ବାସଗୃହ ଭଳି ଅନ୍ୟ ପଦକ୍ଷେପ ରାଜ୍ୟର ବିକାଶ ଦିଗରେ ସହାୟକ ହେବ ବୋଲି ଆଶାବାଦୀ। ବଜେଟରେ ହୋଇଥିବା ଘୋଷଣାର ସଫଳ ରୂପାୟନ ହେଲେ ଏହା ଲୋକଙ୍କ ବିକାଶକୁ ତ୍ୱରାନ୍ୱିତ କରିବ।

– ନୀଶିଥ୍ ନନ୍ଦ, ବ୍ୟବସାୟୀ

### ସନ୍ତୋଷଜନକ ବଜେଟ



ରାଜ୍ୟ ସରକାରଙ୍କ ଚଳିତ ବଜେଟକୁ ବିଚାର କରିଲେ ଏହା ବେଶ ସନ୍ତୋଷଜନକ। ସରକାର ସବୁ ବର୍ଗକୁ ଧ୍ୟାନରେ ରଖି ବିଭିନ୍ନ ଆବଣ୍ଟନ କରିଛନ୍ତି। ମହିଳା ସଶକ୍ତୀକରଣ, କୃଷକଙ୍କ ଉନ୍ନତୀକରଣ, ଶିକ୍ଷା ଲାଗି ହୋଇଥିବା ଘୋଷଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

– ସୁବ୍ରତ ଛାଟୋଇ, ଶିକ୍ଷା ଏଣ୍ଟରପ୍ରିନ୍ୟୁୟର

### ବିକାଶମୁଖୀ ବଜେଟ



ଚଳିତ ବର୍ଷର ବଜେଟ ବିକାଶମୁଖୀ ଏଜେଣ୍ଡାକୁ ନେଇ ପ୍ରସ୍ତୁତ ହୋଇଛି। ଏଥିରେ ହୋଇଥିବା ବିଭିନ୍ନ ଆବଣ୍ଟନ ସମତୁଲ ରହିଛି। କେନ୍ଦ୍ର ବଜେଟ ପୂର୍ବରୁ ଚଳିତ ବର୍ଷ ରାଜ୍ୟ ସରକାର ବଜେଟ ଆଣିବା ସହ ସବୁ ବର୍ଗର ବିକାଶକୁ ଧ୍ୟାନରେ ରଖିଛନ୍ତି। ଏହା ରାଜ୍ୟର ବିକାଶରେ ସହାୟକ ହେବ ବୋଲି ଆଶାବାଦୀ।

– ଅମିତ କୁମାର ମଲ୍ଲିକ, ଯୁବ ଉଦ୍ୟୋଗୀ

### କିଛି ନୂତନତ୍ୱ ନାହିଁ



ରାଜ୍ୟ ସରକାର ଆଣିଥିବା ବଜେଟରେ କିଛି ନୂତନତ୍ୱ ନାହିଁ। ଚିରାଚରିତ ଭଳି କିଛି କ୍ଷେତ୍ରକୁ ଅର୍ଥ ଆବଣ୍ଟନ ହୋଇଛି। ମାତ୍ର ଯାହା ବି ଆବଣ୍ଟନ କରାଯାଇଛି ତାହା ସଫଳ ଭାବେ ରୂପାୟନ ହେବାର ଜରୁରୀ ରହିଛି। ଠିକ୍ ଭାବେ ଯୋଜନା କାର୍ଯ୍ୟକାରୀ ହେଲେ ଏହା ରାଜ୍ୟର ବିକାଶ କ୍ଷେତ୍ରରେ ସହାୟକ ହେବ। ସରକାର ଜିଡିପି ବଢାଇବା କଥା କହୁଛନ୍ତି। ମାତ୍ର ବ୍ୟବସାୟଗୁଡିକ ଲାଗି କିଛି ବ୍ୟବସ୍ଥା ଘୋଷଣା କରିନାହାନ୍ତି। ଏପରି ସ୍ଥିତିରେ ବିଜନେସ ବଢିବା ନେଇ କିଭଳି ଜଣେ ଆଶାବାଦୀ ହୋଇପାରିବ।

– ସୁଧାକର ପଣ୍ଡା, ସଭାପତି, ରାଜ୍ୟ ବ୍ୟବସାୟୀ ମହାସଂଘ

### ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହେଉ ଅଭିବୃଦ୍ଧି



ରାଜ୍ୟ ବଜେଟ ସମତୁଲ ହୋଇଛି। ପର୍ଯ୍ୟଟନକୁ ବଜେଟରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଥିଲା। ଆୟ ବ୍ୟୟ ଆବଣ୍ଟନକୁ ସରକାର ନିୟନ୍ତ୍ରଣରେ ରଖିଛନ୍ତି। ପର୍ଯ୍ୟଟନକୁ ଧ୍ୟାନ ଦେବା ଦ୍ୱାରା ଏହା ନିଯୁକ୍ତି ଦିଗରେ ସହାୟକ ହୋଇ ପାରିଥାନ୍ତା। ଅଭିବୃଦ୍ଧି ହାର ଜାତୀୟ ଅଭିବୃଦ୍ଧି ହାର ସହ ତାଳମେଳ ଖାଉଥିଲେ ମଧ ଏହାର ପ୍ରକୃତ ଲାଭ ରାଜ୍ୟକୁ ମିଳୁଛି କି ନାହିଁ ତାହା ପ୍ରତିଫଳନ ହେବା ମଧ ଜରୁରୀ।

– ଦାମୋଦର ନନ୍ଦ, ବ୍ୟାଙ୍କର୍

# ଦକ୍ଷିଣ ଆଫ୍ରିକାର ସହଜ ବିଜୟ

**ଚେଷ୍ଟର-ଲି-ଷ୍ଟ୍ରିଟ୍, ୨୮।୬**

ଚଳିତ ଆଇସିସି ବିଶ୍ୱକପ୍‌ରେ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ରିଭରସାଇଡ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଏହି ଦଳ ୭୬ ବଲ୍ ବାକି ଥାଇ ୯ ଉଇକେଟରେ ଶ୍ରୀଲଙ୍କାକୁ ହରାଇଛି। ପରାଜୟ ସହ ଶ୍ରୀଲଙ୍କା ଏକ ପ୍ରକାର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୪୯.୩ ଓଭରରେ ୨୦୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଗୋଟିଏ ଉଇକେଟ ହରାଇ ୩୭.୨ ଓଭରରେ ୨୦୬ ରନ କରି ଟୁର୍ନାମେଣ୍ଟରେ ଦ୍ୱିତୀୟ ବିଜୟ ହାସଲ କରିଛି। ଏଥି ସହିତ ଦକ୍ଷିଣ ଆଫ୍ରିକା ୮ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୫ ପରାଜୟ ଏବଂ ଗୋଟିଏ ବିନା ଫଳାଫଳ ସହ ୫ ପଏଣ୍ଟ ପାଇ ତାଲିକାର ଅଷ୍ଟମ ସ୍ଥାନକୁ ଉଠିଛି। ଅନ୍ୟପଟେ ଶ୍ରୀଲଙ୍କା ୭ ମ୍ୟାଚ୍ ଖେଳି ୨ ବିଜୟ, ୩ ପରାଜୟ ଓ ଦୁଇଟି ବିନା ଫଳାଫଳ ସହ ୬ ପଏଣ୍ଟ ପାଇଁ ତାଲିକାରେ ପୂର୍ବପରି ସପ୍ତମ ସ୍ଥାନରେ ରହିଛି। ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡ୍ୱେନ ପ୍ରିଟୋରିୟସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୦୪ ରନ ଛୋଟିଆ ଟାର୍ଗେଟର ପିଛା କରି ଦକ୍ଷିଣ ଆଫ୍ରିକା ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ତେବେ ଇନ୍‌ଫର୍ମ ଯୁବ ଓପନର କ୍ୱିଣ୍ଟନ ଡି କକ୍ ୧୫ ରନ କରିଥିବା ବେଳେ ଲାଇନ୍ ମିସ୍ କରି ଅଭିଜ୍ଞ ଲସିଥ ମାଲିଙ୍ଗା ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଦ୍ୱିତୀୟ ଉଇକେଟରେ ଅଭିଜ୍ଞ ହାସିମ ଅମଲା ଓ ଅଧିନାୟକ ଫାଫ୍ ଡୁପ୍ଲେସି ଅପରାଜିତ ୧୭୫ ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡୁପ୍ଲେସି ୧୦୩ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୧ ଛକା ସହ ୯୬ ରନ କରି ଅପରାଜିତ ରହିଥିଲେ। ସେହିପରି ଅମଲା ୧୦୫ଟି ବଲ୍ ଖେଳି ୫ ଚୌକା ସହ ୮୦ ରନ କରି ଅପରାଜିତ ରହିଥିଲେ।


ଏକ ଶଟ୍ ଖେଳିବା ଅବସରରେ ଫାଫ୍ ଡୁପ୍ଲେସି

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ଦକ୍ଷିଣ ଆଫ୍ରିକା ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ଜଣେ ପରେ ଜଣେ ବ୍ୟାଟ୍ସମ୍ୟାନଙ୍କୁ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଅଧିନାୟକ ଦିମୁଥ କରୁଣାରତ୍ନେଙ୍କୁ ପ୍ରଥମ ବଲ୍‌ରେ ହରାଇ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଖାତା ଖୋଲିବା ପୂର୍ବରୁ ସେ କାଗିସୋ ରାବାଡ଼ାଙ୍କ ବଲରେ ଫାଫ୍ ଡୁପ୍ଲେସିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। କୁଶଲ ପେରେରା ଓ ଅଭିଷ୍କା ଫର୍ନାଣ୍ଡୋ ଦ୍ୱିତୀୟ ଉଇକେଟରେ ୬୭ ରନ କରିଥିଲେ। ଅଭିଷ୍କା ୩୦ ରନ କରି ଡ୍ୱେନ ପ୍ରିଟୋରିୟସଙ୍କ ବଲ୍‌ରେ ଡୁପ୍ଲେସିଙ୍କୁ କ୍ୟାଚ୍ ଦେବା ପରେ ନିୟମିତ ବ୍ୟବଧାନରେ ଉଇକେଟ ପତନ ହୋଇଥିଲା। କୁଶଲ ମଧ୍ୟ ୩୦ ରନ କରି ପ୍ରିଟୋରିୟସଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। କୁଶଲ ମେଣ୍ଡିସ୍ ୨୩ ରନ କରିଥିବା ବେଳେ କ୍ରିସ୍ ମୋରିସଙ୍କୁ କ୍ୟାଚ୍ ଦେଇ ପ୍ରିଟୋରିୟସଙ୍କ ତୃତୀୟ ଶିକାର ହୋଇଥିଲେ। ଅଭିଜ୍ଞ ଅଲରାଉଣ୍ଡର ଅଞ୍ଜେଲୋ ମାଥ୍ୟୁସ ୧୧, ଜୀବନ ମେଣ୍ଡିସ୍ ୧୮ କରି ମୋରିସ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ୨୪ ରନ କରି ଧନଞ୍ଜୟ ଡି ସିଲ୍‌ଭା ଜେପି ଡୁମିନିଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଥିସାରା ପେରେରା ୨୧ ରନ କରି ଆଣ୍ଡିଲ ଫେଲୁକ୍ୱାୟୋଙ୍କ ଦ୍ୱାରା ଆଉଟ ହେବା ପରେ ଇସୁରୁ ଉଡ଼ାନା ୧୭ ରନ କରି ରାବାଡ଼ାଙ୍କ ଦ୍ୱାର କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଲସିଥ ମାଲିଙ୍ଗା ୪ ରନ କରିଥିବା ବେଳେ ଡୁପ୍ଲେସିଙ୍କୁ କ୍ୟାଚ୍ ଦେଇ ମୋରିସ୍‌ଙ୍କ ତୃତୀୟ ଶିକାର ହୋଇଥିଲେ। ସୁରଙ୍ଗା ଲାକମଲ ୫ ରନ କରି ଅପରାଜିତ ରହିଥିଲେ। ପୁଣି ଥରେ ଶ୍ରୀଲଙ୍କାର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଛି। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ପ୍ରିଟୋରିୟସ ଓ ମୋରିସ ୩ଟି ଲେଖାଏ, ରାବାଡ଼ା ୨, ଫେଲୁକ୍ୱାୟୋ ଓ ଡୁମିନି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୯.୩ ଓଭରରେ ୨୦୩/ ଅଲଆଉଟ୍ (କୁଶଲ ପେରେରା– ୩୦, ଅଭିଷ୍କା– ୩୦, ଧନଞ୍ଜୟ– ୨୪, କୁଶଲ ମେଣ୍ଡିସ୍– ୨୩, ଥିସାରା ପେରେରା– ୨୧, ମୋରିସ– ୩/୪୬, ପ୍ରିଟୋରିୟସ– ୩/୨୫, ରାବାଡ଼ା– ୨/ ୩୬)।

ଦକ୍ଷିଣ ଆଫ୍ରିକା ୩୭.୨ ଓଭରରେ ୨୦୬/୧ (ଡୁପ୍ଲେସି– ୯୬*, ଅମଲା– ୮୦*, ଡିକକ– ୧୫, ମାଲିଙ୍ଗା– ୧/୪୭)।


ଉଇକେଟ ହାସଲ ପରେ ଦକ୍ଷିଣ ଆଫ୍ରିକାର କାଗିଶୋ ରାବାଡାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।



ଶ୍ରୀଲଙ୍କା–ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଅବସରରେ ମହୁମାଛି ଆକ୍ରମଣରୁ ରକ୍ଷା ପାଇବା ପାଇଁ ଅମ୍ପାୟର ଓ ଖେଳାଳିମାନେ ପଡ଼ିଆରେ ଶୋଇ ରହିଛନ୍ତି।

## ଆଜିର ମ୍ୟାଚ୍

**ପାକିସ୍ତାନ ବନାମ ଆଫଗାନିସ୍ତାନ**

ସ୍ଥାନ: ଲିଡ୍ସ
ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: ଲଣ୍ଡନ, ସମୟ: ସନ୍ଧ୍ୟା ୬ଟା

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୭ | ୬ | ୧ | ୦ | ୦ | ୧୨ | +୦.୯୦୬ |
| ଭାରତ | ୬ | ୫ | ୦ | ୦ | ୧ | ୧୧ | +୧.୧୬୦ |
| ନ୍ୟୁଜିଲାଣ୍ଡ | ୭ | ୫ | ୧ | ୦ | ୧ | ୧୧ | +୧.୦୨୮ |
| ଇଂଲଣ୍ଡ | ୭ | ୪ | ୩ | ୦ | ୦ | ୮ | +୧.୦୫୧ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | –୦.୧୩୩ |
| ପାକିସ୍ତାନ | ୭ | ୩ | ୩ | ୦ | ୧ | ୭ | –୦.୯୭୬ |
| ଶ୍ରୀଲଙ୍କା | ୭ | ୨ | ୩ | ୦ | ୨ | ୬ | –୧.୧୮୬ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | –୦.୦୮୦ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | –୦.୩୨୦ |
| ଆଫଗାନିସ୍ତାନ | ୭ | ୦ | ୭ | ୦ | ୦ | ୦ | –୧.୬୩୪ |

## ତୃତୀୟ ସନ୍ତାନର ପିତା ହେବେ ୱାର୍ନର

**ଲଣ୍ଡନ,୨୮।୬(ପିଟି)**

ଡେଭିଡ ୱାର୍ନର ଓ ତାଙ୍କ ପତ୍ନୀ କ୍ୟାଣ୍ଡିସ ତୃତୀୟ ସନ୍ତାନର ପିତାମାତା ହେବାକୁ ଯାଉଛନ୍ତି। ବାମହାତୀ ବ୍ୟାଟ୍ସମ୍ୟାନ ୱାନର ବର୍ତ୍ତମାନ ଦୁଇ ଝିଅଙ୍କ ପିତା। କ୍ୟାଣ୍ଡିସ ରବିବାର ଆଉ ଏକ ସନ୍ତାନର ମା' ହେବେ ବୋଲି ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ଆଇସିସି ବିଶ୍ୱକପ୍‌ରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଅଷ୍ଟ୍ରେଲିଆ ସେମିଫାଇନାଲକୁ ଉନ୍ନୀତ ହୋଇସାରିଥିବାବେଳେ ନ୍ୟୁଜିଲାଣ୍ଡକୁ ଆଉ ଏକ ବିଜୟ ଆବଶ୍ୟକ ପଡୁଛି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ର ଏକ ସପ୍ତାହ ବ୍ୟବଧାନରେ ଅଷ୍ଟ୍ରେଲିଆ ତା'ର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ୱାର୍ନରଙ୍କୁ ଛୁଟି ନେବାରେକୌଣସିଅସୁବିଧାହେବନାହିଁ।

## 'ଶ୍ରୀଲଙ୍କା, ବାଂଲାଦେଶଠାରୁ ଜାଣିଶୁଣି ହାରିପାରେ ଭାରତ'


ବସିତ୍ ଅଲି

**କରାଚୀ,୨୮।୬(ପିଟି)**

ପାକିସ୍ତାନ ଦଳକୁ ବିଶ୍ୱକପ୍‌ର ସେମିଫାଇନାଲ ଦୌଡ଼ରୁ ବିଦା କରିବା ଲାଗି ଭାରତୀୟ ଦଳ ଜାଣିଶୁଣି ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ବାଂଲାଦେଶ ଓ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇପାରେ। ଏଭଳି ମନ୍ତବ୍ୟ ଦେଇଛନ୍ତି ପୂର୍ବତନ ପାକିସ୍ତାନ ବ୍ୟାଟ୍ସମ୍ୟାନ ବସିତ୍ ଅଲି। ଏହି ପୂର୍ବତନ କ୍ରିକେଟର ୧୯୯୩ରୁ ୧୯୯୬ ମଧ୍ୟରେ ୧୯ ଟେଷ୍ଟ ଓ ୫୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରୁ ବୋଲି ଭାରତୀୟ ଦଳ କଦାପି ଚାହୁଁ ନାହିଁ। ସେମାନଙ୍କୁ ବାଂଲାଦେଶ ଓ ଶ୍ରୀଲଙ୍କା ବିପକ୍ଷରେ ମ୍ୟାଚ୍ ଖେଳିବାର ଅଛି। ଆଫଗାନିସ୍ତାନ ବିପକ୍ଷରେ ଭାରତ କେଉଁ ଭଳି ଖେଳିଥିଲା, ତାହା ସଭିଙ୍କୁ ଜଣା ବୋଲି ବସିତ୍ ଏକ ସାକ୍ଷାତକାର ଅବସରରେ କହିଛନ୍ତି। ଅପରାଜେୟ ଭାରତୀୟ ଦଳ ଏପର୍ଯ୍ୟନ୍ତ ସେମିଫାଇନାଲରେ ସ୍ଥାନ ପାଇନାହିଁ। ୬ ମ୍ୟାଚ୍‌ରୁ ୧୧ ପଏଣ୍ଟ ହାସଲ କରିଛି। ବାଂଲାଦେଶ ଓ ଶ୍ରୀଲଙ୍କା ପୂର୍ବରୁ ବିରାଟ କୋହଲିଙ୍କ ଦଳ ରବିବାର ଇଂଲଣ୍ଡକୁ ଭେଟିବ। ସେ ଆହୁରି କହିଛନ୍ତି, ଭାରତ ଏପରି ଖେଳିବ ଯେଉଁଳି କୌଣସି ଦଳକୁ ଜଣାପଡ଼ିବ ନାହିଁ। ୧୯୯୨ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଘରୋଇ ଗ୍ରାଉଣ୍ଡରେ ସେମିଫାଇନାଲ ଖେଳିବା ଲାଗି ଜାଣିଶୁଣି ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ପାକିସ୍ତାନଠାରୁ ପରାଜୟ ବରଣ କରିଥିଲା।

## କୋଟ୍ରେଲଙ୍କୁ ପରିହାସ କଲେ ସାମି

**ମାଞ୍ଚେଷ୍ଟର,୨୮।୬(ପିଟି)**

ଉଇକେଟ ନେବା ପରେ ୱେଷ୍ଟଇଣ୍ଡିଆନ ପେସର ଶେଲଡନ କୋଟ୍ରେଲ ସର୍ବଦା ସାଲ୍ୟୁଟ କରନ୍ତି, ଯାହାକି ଚଳିତ ବିଶ୍ୱକପ୍‌ରେ ଏକ ଟ୍ରେଣ୍ଡ ପାଲଟିଯାଇଛି। ଏହାଦ୍ୱାରା ସେ ଜାମାଇକାନ ଡିଫେନ୍ସ ଫୋର୍ସ (ଜେଡିଏଫ୍) ପ୍ରତି ଶ୍ରଦ୍ଧାଞ୍ଜଳି ଜଣାନ୍ତି। କିନ୍ତୁ ଚଳିତ ବିଶ୍ୱକପ୍‌ରୁ ବହୁ ଖେଳାଳି କୋଟ୍ରେଲଙ୍କୁ ପରିହାସ କରିବା ଲାଗି ତାଙ୍କ ଭଳି ସାଲ୍ୟୁଟ କରୁଛନ୍ତି। ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯାଇଥିବା ଭାରତ ବିପକ୍ଷ ମ୍ୟାଚ୍‌ରେ କୋଟ୍ରେଲଙ୍କୁ ୩୦ତମ ଓଭରରେ ଯୁଜଭେନ୍ଦ୍ର ଚହଲ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ସେ ପ୍ୟାଭିଲିଅନ ଫେରୁଥିବାବେଳେ ଫିଲ୍ଡିଂ କରୁଥିବା ସାମି ତାଙ୍କ ସାଲ୍ୟୁଟର ନକଲ କରିଥିଲେ। କିଛି ପ୍ରଶଂସକ ସାମିଙ୍କୁ ଏଥିନେଇ ସମାଲୋଚନା କରିବା ସହ ଆର୍ମିଙ୍କୁ ଅପମାନିତ କରିଥିବା କହିଛନ୍ତି। ଏ ସମ୍ପର୍କରେ କୋଟ୍ରେଲ ହିନ୍ଦୀ ଭାଷାରେ ଟୁଇଟ୍ କରିଛନ୍ତି ଯେ, ବହୁତ ଭଲ ବୋଲିଂ କରିଥିଲେ ସାମି। ସେ ମୋତେ ଯେପରି ନକଲ କଲେ, ତାହା ମୋତେ ଖୁବ୍ ମଜା ଲାଗିଲା। ସୂଚନାଯୋଗ୍ୟ, ବାମହାତୀ ପେସର କୋଟ୍ରେଲ ୧୦ ଓଭର ବୋଲିଂ କରି ୫୦ ରନ୍ ବ୍ୟୟରେ ୨ ଉଇକେଟ ହାତେଇଥିଲେ।

# ନ୍ୟୁଜିଲାଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ଫେଭରାଇଟ

**ଲଣ୍ଡନ, ୨୮।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଦୁଇ ପଡୋଶୀ ଦେଶ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ସେମିଫାଇନାଲରେ ପ୍ରବେଶ କରିସାରିଥିବା ଅଷ୍ଟ୍ରେଲିଆ ଫେଭରାଇଟ ବିବେଚିତ ହେଉଛି। ପାକିସ୍ତାନଠାରୁ ହାରି ନ୍ୟୁଜିଲାଣ୍ଡ ଟୁର୍ନାମେଣ୍ଟରେ ତା'ର ପ୍ରଥମ ପରାଜୟବରଣ କରିଛି। ଫଳରେ ନ୍ୟୁଜିଲାଣ୍ଡର ଆତ୍ମବିଶ୍ୱାସ ହ୍ରାସ ହୋଇଛି। ଅନ୍ୟପଟେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସବୁ ମ୍ୟାଚ୍ ଜିତିଥିବା ବେଳେ କେବଳ ଭାରତଠାରୁ ପରାସ୍ତ ହୋଇଛି। ଆରୋନ ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ବିଜୟଧାରା ବଜାୟ ରଖିବାକୁ ପ୍ରୟାସ କରିବ। ୭ଟି ମ୍ୟାଚ୍ ଖେଳି ଅଷ୍ଟ୍ରେଲିଆ ୬ଟି ବିଜୟ ଓ ଗୋଟିଏ ପରାଜୟ ସହ ୧୨ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିବା ସହ ଟୁର୍ନାମେଣ୍ଟର ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ୭ଟି ମ୍ୟାଚ୍ ଖେଳି ୫ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ଭାରତ ପଛକୁ ରହି ତୃତୀୟ ସ୍ଥାନରେ ରହିଛି। ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଆସିଛି।

୭ଟି ଯାକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ତା'ର ଦଳରେ କୌଣସି ପରିବର୍ତ୍ତନ ଆଣି ନାହିଁ। ଏବେ ନ୍ୟୁଜିଲାଣ୍ଡ ବାକିଥିବା ୨ଟି ମ୍ୟାଚ୍‌ରୁ ଗୋଟିଏରେ ବିଜୟୀ ହେଲେ କ୍ରମାଗତ ଚତୁର୍ଥଥର ପାଇଁ ସେମିଫାଇନାଲରେ ପ୍ରବେଶ କରିବ। ଆସନ୍ତା ୩ ତାରିଖରେ ନ୍ୟୁଜିଲାଣ୍ଡ ଇଂଲଣ୍ଡକୁ ଭେଟିବ। ୨୦୧୫ ବିଶ୍ୱକପ୍‌ରେ ଦୁଇ ପଡୋଶୀ ଦେଶ ଫାଇନାଲରେ ମୁହାଁମୁହିଁ ହୋଇଥିଲେ। ଏଥିରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ରେକର୍ଡ ୫ ଥର ପାଇଁ ବିଶ୍ୱକପ୍ ଚାମ୍ପିୟନ ହୋଇଥିଲା। ଦୁଇ ଦେଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବହୁ ପୁରୁଣା। ନିରପେକ୍ଷ ସ୍ଥାନରେ ହୋଇଥିବା ୨୦ଟି ମୁକାବିଲାରେ ଅଷ୍ଟ୍ରେଲିଆ ୧୯ଟିରେ ବିଜୟୀ ହୋଇଛି। ତେବେ ୧୯୯୯ ବିଶ୍ୱକପ୍‌ରେ ସୋଫିଆ ଗାର୍ଡେନ୍ସରେ ନ୍ୟୁଜିଲାଣ୍ଡ ଥରେ ଅଷ୍ଟ୍ରେଲିଆକୁ ହରାଇବାକୁ ସକ୍ଷମ ହୋଇଥିଲା। ୭ଟି ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଏଥି ସହିତ ଥରେ ମାତ୍ର ବିଜୟୀ ହେବାର ସୁଯୋଗ ପାଇଥିଲା। ରେକର୍ଡ ଓ ଫର୍ମ ଉଭୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ଫେଭରାଇଟ ବିବେଚିତ ହେଉଛି। ଗତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬୪ ରନରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ଅଧିନାୟକ ଆରୋନ ଫିଞ୍ଚ୍ ଓ ଡେଭିଡ ୱାର୍ନରଙ୍କୁ ନେଇ ଅଷ୍ଟ୍ରେଲିଆ ଓପନିଂ ଯୋଡି ବେଶ୍ ଶକ୍ତିଶାଳୀ ମନେ ହେଉଛି। ବିଶ୍ୱକପ୍‌ରେ ଏହି ଯୋଡି ସବୁଠାରୁ ବେଶି ସଫଳ ହୋଇଛି। ସେହିପରି ବୋଲିଂରେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ୧୮.୨୬ ରନ ହାରରେ ଏପର୍ଯ୍ୟନ୍ତ ସର୍ବାଧିକ ୧୯ଟି ଉଇକେଟ ହାସଲ କରି ଶୀର୍ଷରେ ରହିଛନ୍ତି। ପେସ୍, ବାଉନ୍ସ ଓ ସୁଇଙ୍ଗରେ ସେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ। ଜାସନ ବେହେରନଡୋର୍ଫ ମଧ୍ୟ ଇଂଲଣ୍ଡ ବିପକ୍ଷରେ ଭଲ ବୋଲିଂ କରିଥିଲେ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇ ପଡିଛି। ୫ଟି ମ୍ୟାଚରୁ ସେ ୧୩୮ ହାରରେ ୪୧୪ ରନ ସଂଗ୍ରହ କରିଛନ୍ତି। ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ହାସଲ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ସେ ୧୨ଟି ଦିନିକିଆ ଖେଳି ୪୧.୬ ରନ ହାରରେ ଏପର୍ଯ୍ୟନ୍ତ ୪୧୬ ରନ ସଂଗ୍ରହ କରିଛନ୍ତି। ଦ୍ରୁତ ବୋଲିଂରେ ମଧ୍ୟ ନ୍ୟୁଜିଲାଣ୍ଡ ଆଦୌ ପଛରେ ପଡିନାହିଁ। ରସ୍ ଟେଲର ଓ ମାର୍ଟିନ ଗୁପ୍ଟିଲଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ। ବିଜୟୀ ହେଲେ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ପ୍ରବେଶ କରିବ। ତେଣୁ ସେମିଫାଇନାଲ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ ପଡିଆକୁ ଓହ୍ଲାଇବ।



ନେଟ୍ ସେସନରେ ଅଷ୍ଟ୍ରେଲିଆ ଦଳର ଶାରୀରିକ ଅଭ୍ୟାସ।

**ଅଷ୍ଟ୍ରେଲିଆ ଦଳ**

ଆରୋନ ଫିଞ୍ଚ୍ (ଅଧିନାୟକ), ଜାସନ ବେହେରନଡୋର୍ଫ, ଆଲେକ୍ସ କେରୀ, ନାଥନ କୁଲ୍ଟର- ନାଇଲ, ପ୍ୟାଟ କୁମିନ୍ସ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ପ୍ୟାଟ କୁମିନ୍ସ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, କେନ୍ ରିଚାର୍ଡସନ, ଷ୍ଟିଭ୍ ସ୍ମିଥ୍, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ, ଡେଭିଡ ୱାର୍ନର ଓ ଆଡାମ ଜାମ୍ପା।

**ନ୍ୟୁଜିଲାଣ୍ଡ ଦଳ**

କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ମ୍ୟାଟ୍ ହେନେରୀ, ଟମ୍ ଲାଥମ, କଲିନ୍ ମୁନରୋ, ଜିମ୍ମି ନିଶାମ, ହେନେରୀ ନିକୋଲ୍ସ, ମିଚେଲ ସାଣ୍ଟନର, ଇଶ୍ ସୋଧି, ଟ୍ରେଣ୍ଟ ବୋଲ୍ଟ, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ଟିମ୍ ସୌଦି, ରସ୍ ଟେଲର ଓ ଟମ୍ ବ୍ଲଣ୍ଡେଲ।



❝ ୱେଷ୍ଟଇଣ୍ଡିଜ ଏବଂ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ବିଜୟ ଦ୍ୱାରା ଆମେ କମ୍ ସ୍କୋର କରି ମଧ୍ୟ ମ୍ୟାଚ ଜିତିପାରିବୁ ବୋଲି ପ୍ରମାଣ କରିଛୁ।

-କୁଲ୍‌ଦୀପ ଯାଦବ, ଭାରତୀୟ ରିଷ୍ଟ ସ୍ପିନର



❝ କ୍ରିସ୍ ଗେଲ ଏକ ଟେଷ୍ଟ ଖେଳି ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ କରିବା ଲାଗି ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଯୁବ ଖେଳାଳିଙ୍କ ପାଇଁ ଏକ ଖରାପ ବାର୍ତ୍ତା।

-କର୍ଟଲି ଆମ୍ବ୍ରୋସ, ପୂର୍ବତନ ୱେଷ୍ଟଇଣ୍ଡିଜ ପେସ୍ ବୋଲର

## ସଂକ୍ଷେପରେ

### ଗୋପୀଚାନ୍ଦଙ୍କୁ ଡକ୍ଟରେଟ୍



ନୂଆଦିଲ୍ଲୀ, ୨୮।୬ (ପି.ଟି.)-ଭାରତର ମୁଖ୍ୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦଙ୍କୁ ଡକ୍ଟରେଟ୍ ଉପାଧିରେ ସମ୍ମାନିତ କରାଯାଇଛି। ଆଇଆଇଟି କାନପୁରର ୫୨ତମ ସମାବର୍ତ୍ତନ ଉତ୍ସବ ଅବସରରେ ଶୁକ୍ରବାର ଇସ୍ରୋ ଚେୟାରମ୍ୟାନ ଏବଂ ଆଇଆଇଟି କାନପୁର ବୋର୍ଡ ଅଫ୍ ଗଭର୍ନର୍ସ ଚେୟାରମ୍ୟାନ ପ୍ରଫେସର କେ. ରାଧାକ୍ରିଷ୍ଣନଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିବେ। ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍‌ଦୁଲ କଲାମ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଅନୁଷ୍ଠାନ ତରଫରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି।

### ବିଶ୍ୱକପ୍‌ରେ ପୁଣି ହୋଇପାରେ ଭାରତ-ପାକିସ୍ତାନ ମ୍ୟାଚ୍

ମାଞ୍ଚେଷ୍ଟର, ୨୮।୬: ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍‌କୁ 'ମଦର ଅଫ୍ ଅଲ ବ୍ୟାଟ୍‌ଲ' ବୋଲି କୁହାଯାଏ। ଗତ ୧୬ ତାରିଖରେ ପାକିସ୍ତାନକୁ ହରାଇଥିଲା ଭାରତ। ଦୁଇ ଦଳ ଚଳିତ ବିଶ୍ୱକପ୍‌ରେ ପୁଣି ଥରେ ପରସ୍ପରକୁ ଭେଟିବାର ସମ୍ଭାବନା ରହିଛି। ଏଥିଲାଗି ଦୁଇ ଦଳକୁ ବଳକା ସମସ୍ତ ମ୍ୟାଚ୍ ଜିତିବାକୁ ପଡ଼ିବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବଳକା ୩ଟି ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ଭେଟିବ। ବର୍ତ୍ତମାନ ଇଂଲଣ୍ଡ ୭ ମ୍ୟାଚ୍‌ରୁ ୪ ବିଜୟ ସହ ୮ ପଏଣ୍ଟ ସହ ଅଙ୍କ ତାଲିକାର ୪ର୍ଥ ସ୍ଥାନରେ ରହିଛି। ସେହିଭଳି ୫ମ ସ୍ଥାନରେ ଥିବା ବାଂଲାଦେଶ ୭ ମ୍ୟାଚ୍‌ରୁ ୭ ପଏଣ୍ଟ ହାସଲ କରିଛି। ଇଂଲଣ୍ଡ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ପରାସ୍ତ କଲେ ଭାରତୀୟ ଦଳ ସର୍ବାଧିକ ୧୭ ପଏଣ୍ଟ ସହ ଅଙ୍କ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିବ। ଅନ୍ୟପକ୍ଷରେ ପାକିସ୍ତାନ ଦଳ ଏପର୍ଯ୍ୟନ୍ତ ୭ ମ୍ୟାଚ୍‌ରୁ ୭ ପଏଣ୍ଟ ସହ ଅଙ୍କ ତାଲିକାରେ ୬ଷ୍ଠ ସ୍ଥାନରେ ରହିଛି। ସର୍ଫରାଜ ଅହମ୍ମଦଙ୍କ ଦଳ ତା'ର ବଳକା ଦୁଇଟି ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ବାଂଲାଦେଶ ଭେଟିବ। ଏହି ଦୁଇଟି ମ୍ୟାଚ୍ ଦଳ ପାଇଁ ଜିତିବା ନିହାତି ଆବଶ୍ୟକ। ପାକିସ୍ତାନ ଦୁଇଟି ମ୍ୟାଚ୍‌ରେ ବିଜୟ ହାସଲ କରିବାରେ ସଫଳ ହେଲେ ୧୧ ପଏଣ୍ଟ ସହ ଅଙ୍କ ତାଲିକାର ୪ର୍ଥ ସ୍ଥାନ ଅଧିକାର କରିବ। ଫଳରେ ପ୍ରଥମ ସ୍ଥାନରେ ଥିବା ଭାରତ ଓ ୪ର୍ଥ ସ୍ଥାନ ଅଧିକାରୀ ପାକିସ୍ତାନ ସେମିଫାଇନାଲରେ ମୁହାଁମୁହିଁ ହେବେ।

# ସେମିରେ ବ୍ରାଜିଲ

**ପୋର୍ଟୋ ଆଲେଗ୍ରେ, ୨୮।୬**

ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ପ୍ରଥମ ଦଳଭାବେ ବ୍ରାଜିଲ ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ଏହି ଦଳ ଶୁଟ୍‌ଆଉଟ୍ ଜରିଆରେ ପାରାଗୁଏକୁ ପରାସ୍ତ କରିଛି। ୨୦୧୧ ଓ ୨୦୧୫ ସଂସ୍କରଣରେ ପାରାଗୁଏ କ୍ୱାର୍ଟର ଫାଇନାଲରେ ସମାନ ପରିସ୍ଥିତିରେ ଶୁଟ୍‌ଆଉଟ ଜରିଆରେ ବ୍ରାଜିଲକୁ ହରାଇ ବିଦା କରିଥିଲା। ଏଥର ବ୍ରାଜିଲ ତାହାର ମଧୁର ପ୍ରତିଶୋଧ ନେଇଛି। ମ୍ୟାଚ୍‌ଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଗୋଲ ଶୂନ୍ୟ ରହିଥିଲା। ବ୍ରାଜିଲର ୱିଲିଆନ ଗୋଲ୍ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାଙ୍କ ଶଟ୍ ଗୋଲ୍‌ପୋଷ୍ଟରେ ବାଜି ଆଉଟ୍ ହୋଇଯାଇଥିଲା। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ରବର୍ଟୋ ଫାରମିନୋଙ୍କୁ ଏକ ପ୍ରଫେଶନାଲ ଫାଉଲ ଯୋଗୁ ପାରାଗୁଏର ଫାବିଆନୋ ବାଲ୍‌ବୁଏନାଙ୍କୁ ରେଡ୍‌କାର୍ଡ ହେଇଥିଲା। ଫଳରେ ତାଙ୍କୁ ପଡ଼ିଆ ଛାଡ଼ିବାକୁ ହୋଇଥିଲା। ଏହାପରେ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ବ୍ରାଜିଲ ୪-୩ ବ୍ୟବଧାନରେ ମ୍ୟାଚ୍ ଜିତିଥିଲା।



ଏହି ପର୍ଯ୍ୟାୟରେ ବ୍ରାଜିଲ ପକ୍ଷରୁ ୱିଲିଆନ ଡିସିଲ୍‌ଭା, ମର୍କ୍ୱିନହୋସ, ଫିଲିପେ କୌଟିନ୍‌ହୋ, ଗାବ୍ରିଏଲ ଜିସସ ଗୋଲ ଦେଇଥିବାବେଳେ ଫିର୍ମିନୋ ମିସ୍ କରିଥିଲେ। ପାରାଗୁଏ ପକ୍ଷରୁ ଆଲମିରନ, ଭାଲଡେଜ ଓ ଆର. ରୋଜାସ ଗୋଲ ଦେଇଥିବାବେଳେ ଦୁଇ ତାରକା ଖେଳାଳି ଗୁସ୍ତାଭୋ ଗୋମେଜ ଓ ଆଲବର୍ଟୋ ଗୋଞ୍ଜାଲେଜ ମିସ୍ କରିଥିଲେ। ପାରାଗୁଏର ଗୋମେଜଙ୍କ ଉଦ୍ୟମକୁ ବ୍ରାଜିଲ ଗୋଲକିପର ଆଲିସନ ବେକାର କରି ଦେଇଥିଲେ। ତାଙ୍କ ପରେ ଗତ ମ୍ୟାଚ୍‌ରେ ପେନାଲ୍ଟି ହାତଛଡ଼ା କରିଥିବା ଗାବ୍ରିଏଲ ଜିସସ ବ୍ରାଜିଲ ଲାଗି ବିଜୟ ସୂଚକ ଗୋଲ ଦେଇଥିଲେ। ବ୍ରାଜିଲ ଗଣମାଧ୍ୟମ ଏହି ମ୍ୟାଚ ଖବର ଛାପିଲା ବେଳେ ୨୦୧୧ରେ ଆର୍ଜେଣ୍ଟିନା ଏବଂ ଏହାର ୪ ବର୍ଷ ପରେ ଚିଲିରେ ଯନ୍ତ୍ରଣାଦାୟକ ସ୍ମୃତିକୁ ମନେ ପକାଇଛନ୍ତି। ପାରାଗୁଏ କିପରି ରକ୍ଷଣାତ୍ମକ ଖେଳି ସ୍ପଟ୍ କିକ୍ ଲଟୋରୀରେ ଜିତାପଟ ହାସଲ କରିଥିଲା ତାହାକୁ ସେମାନେ ଉଲ୍ଲେଖ କରିବାକୁ ଭୁଲି ନାହାନ୍ତି। ଏଥର କିନ୍ତୁ ଗୋଲକିପର ଆଲିସନଙ୍କ ଚମତ୍କାର ଗୋଲ ରକ୍ଷଣ ଯୋଗୁ ବ୍ରାଜିଲ ଜିତାପଟ ହାସଲ କରିଛି। ଆର୍ଜେଣ୍ଟିନା ଓ ଭେନେଜୁଏଲା ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଏହାର ବିଜେତାକୁ ବ୍ରାଜିଲ ସେମିଫାଇନାଲରେ ଭେଟିବ।

ଲିଗ୍ ପର୍ଯ୍ୟାୟରେ ବ୍ରଜିଲ ଗ୍ରୁପ 'ଏ'ରେ ବଲିଭିଆକୁ ୩-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ଭେନେଜୁଏଲା ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ତୃତୀୟ ମ୍ୟାଚରେ ପେରୁକୁ ୫-୦ ଗୋଲରେ ହରାଇ ଗ୍ରୁପ୍‌ରେ ୭ ପଏଣ୍ଟ ସହ ଶୀର୍ଷସ୍ଥାନ ହାସଲ କରିଥିଲା। ଦୁଇ ସେମିଫାଇନାଲ ଯଥାକ୍ରମେ ଜୁଲାଇ ୨ ଓ ୩ରେ ଅନୁଷ୍ଠିତ ହେବ। ଫାଇନାଲ ଜୁଲାଇ ୭ରେ ଖେଳାଯିବ।



କୋପା ଆମେରିକା ଫୁଟ୍‌ବଲ: ବ୍ରାଜିଲ ଓ ପାରାଗୁଏ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ବ୍ରାଥୱେଟ୍‌ଙ୍କୁ ଜରିମାନା



କାର୍ଲୋସ ବ୍ରାଥୱେଟ (ଡାହାଣ)

**ମାଞ୍ଚେଷ୍ଟର, ୨୮।୬ (ପି.ଟି.)**

ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର କାର୍ଲୋସ ବ୍ରାଥୱେଟ୍‌ଙ୍କୁ ତାଙ୍କ ମ୍ୟାଚ ଫି'ର ୧୫ ପ୍ରତିଶତ ଜରିମାନା କରାଯାଇଛି। ଏଠାରେ ଭାରତ ବିପକ୍ଷ ଆଇସିସି ବିଶ୍ୱକପ୍ ମ୍ୟାଚରେ ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିବାରୁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ବ୍ରାଥ୍‌ୱେଟ୍ ଆଇସିସି ଆଚରଣ ବିଧିର ଧାରା ୨.୮ର ଉଲ୍ଲଂଘନ କରିଛନ୍ତି। ଜରିମାନା ବ୍ୟତୀତ ତାଙ୍କ ଶୃଙ୍ଖଳା ରେକର୍ଡରେ ଏକ ଡିମେରିଟ୍ ପଏଣ୍ଟ ଯୁକ୍ତ କରାଯାଇଛି। ୨୦୧୬ ସେପ୍ଟେମ୍ବରରେ ଏହି ନିୟମ ଲାଗୁ ହୋଇଛି। ବ୍ରାଥ୍‌ୱେଟ୍‌ଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ଭାରତୀୟ ଇନିଂସର ୪୨ତମ ଓଭରରେ ବ୍ରାଥୱେଟ୍ ବୋଲିଂ କରୁଥିବାବେଳେ ତାଙ୍କର ଏକ ଡେଲିଭରିକୁ ଅମ୍ପାୟର ୱାଇଡ୍ ଡାକିଥିଲେ। ୱେଷ୍ଟଇଣ୍ଡିଜର ଏହି ଖେଳାଳି ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ। ବ୍ରାଥୱେଟ ନିଜ ଭୁଲ୍‌କୁ ସ୍ୱୀକାର କରିବା ସହ ଆଇସିସି ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି କ୍ରିସ୍ ବ୍ରଡ୍‌ଙ୍କ ଦ୍ୱାରା ହୋଇଥିବା ଦଣ୍ଡବିଧାନକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

# ସ୍ନୁକର: ପାକିସ୍ତାନକୁ ହରାଇ ପଦକ ନିଶ୍ଚିତ କଲା ଭାରତ

**ଦୋହା, ୨୮।୬(ପିଟି)**

ନିକଟରେ ଏସିଆନ୍ ଚାମ୍ପିୟନ ମୁକୁଟ ପିନ୍ଧିଥିବା ପଙ୍କଜ ଆଡଭାନୀ, ଲକ୍ଷ୍ମଣ ରାୱତ ଓ ଆଦିତ୍ୟ ମେହଟାଙ୍କୁ ନେଇ ଗଠିତ ଭାରତୀୟ ଦଳ ଏସିଆନ୍ ଦଳଗତ ସ୍ନୁକର ଚାମ୍ପିୟନଶିପ୍‌ରେ ପାକିସ୍ତାନକୁ ହରାଇ ଦେଇଛି। ଚଳିତ ପ୍ରତିଯୋଗିତାରେ ଭଲ ଫର୍ମରେ ଥିବା ଭାରତର ଦୁଇ ଟପ୍ ଖେଳାଳି ପଙ୍କଜ ଓ ଲକ୍ଷ୍ମଣଙ୍କୁ ସମସ୍ତ ମ୍ୟାଚ୍ ଖେଳିବା ଲାଗି ଚୟନ କରାଯାଇଥିଲା। ୨୧ ଥର ବିଶ୍ୱ ଚାମ୍ପିୟନ ପଙ୍କଜ ସିଙ୍ଗଲ୍ସ ମ୍ୟାଚ୍‌ରେ ବିଲାଲଙ୍କୁ ହରାଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସରେ ଲକ୍ଷ୍ମଣ ସହଜରେ ଅସଜାଦଙ୍କୁ ପରାଜିତ କରି ଦଳ ପାଇଁ ୨-୦ ଅଗ୍ରଣୀ ଆଣି ଦେଇଥିଲେ। ଡବଲ୍ସ ରାଉଣ୍ଡରେ ଲକ୍ଷ୍ମଣ ଅନ୍ତିମ ଫ୍ରେମ ଜିତି ଭାରତୀୟ ଦଳର ପଦକ ନିଶ୍ଚିତ କରିଛନ୍ତି। ଭାରତ ସେମିଫାଇନାଲରେ ମ୍ୟାନମାରକୁ ଭେଟିବ।

# ପ୍ରଜନେଶ ପ୍ରଥମ ରାଉଣ୍ଡରେ ରାଓନିକ୍‌ଙ୍କୁ ଭେଟିବେ

**ଲଣ୍ଡନ, ୨୮।୬ (ପି.ଟି.)**

**ୱିମ୍ବଲଡନ ଓପନ୍ ଟେନିସ୍**

ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ଶୁକ୍ରବାର ଡ୍ର' ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଭାରତ ଟପ୍ ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ପ୍ରଥମ ରାଉଣ୍ଡରେ ବିଶ୍ୱର ୧୭ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି କାନାଡ଼ାର ମିଲୋସ ରାଓନିକ୍‌ଙ୍କୁ ଭେଟିବେ। ବିଶ୍ୱର ୯୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ବାମହାତୀ ପ୍ରଜନେଶ ପ୍ରଥମ ଥର ୱିମ୍ବେଲଡନ ଗ୍ରାସକୋର୍ଟରେ ଖେଳିବେ। ଭାରତୀୟ ଖେଳାଳିଙ୍କ କିନ୍ତୁ ହାର୍ଡକୋର୍ଟରେ ଭଲ ଖେଳିଥାନ୍ତି। ଚଳିତ ସିଜନରେ ଏହା ତାଙ୍କର ତୃତୀୟ ଗ୍ରାଣ୍ଡସ୍ଲାମ ପଦାର୍ପଣ ହେବ। ପୂର୍ବରୁ ସେ ଅଷ୍ଟ୍ରେଲିଆନ ଓପନ ଏବଂ ଫ୍ରେଞ୍ଚ ଓପନ୍‌ରେ ଭାଗନେଇ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ପୁରୁଷ ସିଙ୍ଗଲ୍ସ ମୁଖ୍ୟ ଡ୍ର'ରେ ପ୍ରଜନେଶ ଏକମାତ୍ର ଭାରତୀୟ ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ରାମକୁମାର ରମାନାଥନ ଏବଂ ଅଙ୍କିତା ରାଇନା ସେମାନଙ୍କ ଦ୍ୱିତୀୟ ରାଉଣ୍ଡ କ୍ୱାଲିଫାଇଂ ରାଉଣ୍ଡ ମ୍ୟାଚରେ ପରାଜିତ ହୋଇ ପ୍ରତିଯୋଗିତାରେ ଭାଗ ନେବାରୁ ବଞ୍ଚିତ ହୋଇଛନ୍ତି। ପୁରୁଷ ଡବଲ୍ସରେ ଡିଭିଜ ଶରନ ଏବଂ ତାଙ୍କ ବ୍ରାଜିଲିଆନ ପାର୍ଟନର ମାର୍ସିଲୋ ଡେମୋଲାଇନର ୧୩ତମ ସିଡ୍ ଜର୍ମାନୀର କେଭିନ କ୍ରାୱିଜ୍ ଏବଂ ଆନ୍ଦ୍ରିଆସ ମିଜ୍‌ଙ୍କୁ ଭେଟି ସେମାନଙ୍କ ଅଭିଯାନ ଆରମ୍ଭ କରିବେ। ସେହିପରି ରୋହନ ବୋପାନ୍ନା ଓ ପାବ୍‌ଲୋ କ୍ୟୁଭାସ ପ୍ରଥମେ ନ୍ୟୁଜିଲାଣ୍ଡର ମାର୍କସ ଡାନିଏଲ୍ ଏବଂ ନେଦରଲାଣ୍ଡସ୍‌ର ୱେସ୍‌ଲି କୁଲ୍‌ହେଫ୍‌ଙ୍କୁ ଭେଟିବେ।

ଭାରତୀୟ ଯୋଡ଼ି ଜୀବନ ନେଦୁଚେଝିଆନ ଓ ପୂରବ ରାଜା ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଅଷ୍ଟ୍ରେଲିଆର ଭେଟେରାନ ଲେଟନ ହେୱିଟ୍ ଓ ଜୋର୍ଡାନ ଥମ୍ପସନ ଯୋଡ଼ିଙ୍କ ବିପକ୍ଷରେ ଖେଳିବେ। ସେହିପରି ଭେଟେରାନ ଲିଆଣ୍ଡର ପେସ୍ ଓ ବେନଏଟ୍ ପାଇରେ ସେମାନଙ୍କ ଓପନିଂ ମ୍ୟାଚ କାଜାଖସ୍ତାନ ଯୋଡ଼ି ଆଲକ୍‌ଜାଣ୍ଡର ବବ୍‌ଲିକ୍ ଏବଂ ମିଖାଇଲ କୁକୁସ୍କିନଙ୍କ ବିପକ୍ଷରେ ଖେଳିବେ।

# ୱିମ୍ବେଲଡନ ଓପନ ଯୋଗ୍ୟତା ହାସଲରେ ଗଫ ସର୍ବକନିଷ୍ଠ

**ଲଣ୍ଡନ, ୨୮।୬(ଏଏଫ୍‌ପି)**

ଆମେରିକାର ୧୫ ବର୍ଷୀୟା କୋରି ଗଫ ସର୍ବକନିଷ୍ଠ ଖେଳାଳି ଭାବେ ଚଳିତ ବର୍ଷର ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଛନ୍ତି। ବ୍ରିଟେନର ଲୌରା ରବସନ (୨୦୦୯)ଙ୍କ ପରେ ପ୍ରଥମ ୧୫ ବର୍ଷୀୟ ଖେଳାଳି ଭାବେ ମୁଖ୍ୟ ପର୍ଯ୍ୟାୟରେ ସେ ଖେଳିବେ। ଗଫ ଅନ୍ତିମ ଯୋଗ୍ୟତା ପର୍ଯ୍ୟାୟରେ ୬-୧, ୬-୧ ସେଟ୍‌ରେ ବେଲଜିୟମର ଗ୍ରିଟ୍ ମିନେନ୍‌ଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଜଣେ ୱାଇଲ୍ଡ କାର୍ଡ ହିସାବରେ କ୍ୱାଲିଫାଇଂ ଖେଳିଥିବା ବିଶ୍ୱର ୩୦୧ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଗଫ୍ କହିଛନ୍ତି, ମୋ ମନରେ ଯାହା ଆସେ ତାହାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଥାଏ। ଆଧୁନୀକ ଯୁଗରେ ଜଣେ ୩୧ ବର୍ଷୀୟ ଖେଳାଳି ହିସାବରେ ରେକର୍ଡ ୬ଥର ପାଇଁ ୱିମ୍ବେଲଡନ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ବେଲଜିୟମର ରୁବେନ୍ ବିମେଲମାନ୍ସ। ସେ ଆମେରିକାର ଡୋନାଲ୍ଡ ୟଙ୍ଗ୍‌ଙ୍କୁ ୬-୪, ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି।

# ସୁଜୁକାରେ ଭାରତର ରାଜୀବ ଶ୍ରେଷ୍ଠ ୧୦ର ନିକଟତର

**ଭୁବନେଶ୍ୱର, ୨୮।୬(ସ୍ପୋର୍ଟ୍ସବ୍ୟୁରୋ)**

ଜାପାନର ସୁଜୁକାରେ ଅନୁଷ୍ଠିତ ଏଫ୍‌ଆଇଏମ୍ ଏସିଆ ରୋଡ୍ ରେସିଂ ଚାମ୍ପିୟନ୍‌ଶିପ୍ (ଏଆରସିସି)ର ଚତୁର୍ଥ ରାଉଣ୍ଡ ରେସ୍‌ରେ ଇଡେମିତ୍‌ସୁ ହୋଣ୍ଡା ଇଣ୍ଡିଆ ରେସିଂ ଟିମ୍‌ର ଚାଳକ ରାଜୀବ ସେଥୁ ଓ ସେନ୍ଥିଲ କୁମାର ଆକର୍ଷଣୀୟ ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଶ୍ରେଷ୍ଠ ଲ୍ୟାପ୍ ସମୟ ସହିତ ରାଜୀବ ଶ୍ରେଷ୍ଠ ୧୦ ଜଣଙ୍କ ପାଖାପାଖି ରହି ରେସ୍ ଶେଷ କରିଛନ୍ତି। ଏଥିସହ ସେ ଏପି ୨୫୦ ଶ୍ରେଣୀର ପ୍ରଥମ ତିନି ରାଉଣ୍ଡରେ ଅନ୍ୟ ପ୍ରତିଯୋଗୀଙ୍କ ପାଇଁ ଜଣେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛନ୍ତି। ୨୦୧୮ ସିଜନରେ ୨୮ତମ ସ୍ଥାନରେ ଥିବା ରାଜୀବ ୧୪ଟି ସ୍ଥାନ ଉପରକୁ ଉଠି ୨୨ ପଏଣ୍ଟ ସହ ୧୪ତମ ସ୍ଥାନରେ ରହିଛନ୍ତି। ସେନ୍ଥିଲଙ୍କ ପାଇଁ ମଧ୍ୟ ଏହି ରେସ୍ ବହୁତ ଭଲ ଥିଲା। ଏହି ୧୮ ବର୍ଷୀୟ ଚାଳକ ଶ୍ରେଷ୍ଠ ଲ୍ୟାପ୍ ଟାଇମ୍ ସହ ୨୪ତମ ସ୍ଥାନରେ ରେସ୍ ଶେଷ କରିଛନ୍ତି। ଗୁରୁବାର ବର୍ଷା ହୋଇଥିଲା। ଏହାର ଫାଇଦା ନେଇ ରେସ୍‌ର ପ୍ରଥମ ତିନି ସ୍ଥାନକୁ ଇଣ୍ଡୋନେସିଆ ଚାଳକମାନେ ଦଖଲ କରିଛନ୍ତି। ସେମାନେ ହେଉଛନ୍ତି ଆଣ୍ଡି ମହମ୍ମଦ ଫାଡଲି, ଇରଫାନ୍ ଆର୍ଡିୟାନଶାହ ଓ ଆର୍ କ୍ରିସାଙ୍କୋ ରାତୁକୋରେ।



ସୁଜୁକା ସର୍କିଟରେ ରେସ ଅବସରରେ ଭାରତର ରାଜୀବ ସେଥୁ (ଆଗ)

# ପାକିସ୍ତାନ ଲାଗି କର ବା ମର ସ୍ଥିତି

**ଲିଡ୍ସ, ୨୮।୬ (ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିବା ପାକିସ୍ତାନ ଶନିବାର ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ଭେଟିବ। ଆରମ୍ଭରୁ ୩ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ପାକିସ୍ତାନ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡିବା ସମ୍ଭାବନା ସୃଷ୍ଟି ହୋଇଥିଲା। ତେବେ ପରେ ପାକିସ୍ତାନ ଜବରଦସ୍ତ ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିବା ସହ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ଭଳି ଦଳକୁ ହରାଇ ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ପୁଣି ଇଂଲଣ୍ଡ ଦୁଇଟି ମ୍ୟାଚ୍‌ରେ ଅପ୍ରତ୍ୟାଶିତ ଭାବେ ପରାସ୍ତ ହେବା ପରେ ୧୯୯୨ ଚାମ୍ପିୟନ ପାକିସ୍ତାନର ସେମି ଆଶାକୁ ଜୀବନ ମିଳିଛି। ପାକିସ୍ତାନ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ବିନା ଫଳାଫଳ ସହ ୭ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଅନ୍ୟପଟେ ଆଫଗାନିସ୍ତାନ ୭ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ବିନା ପଏଣ୍ଟ ସହ ତାଲିକାର ଦଶମ ତଥା ଅନ୍ତିମ ସ୍ଥାନରେ ରହି ଟୁର୍ନାମେଣ୍ଟରୁ ବାଦ୍ ପଡିଛି। ତେଣୁ ଆଫଗାନିସ୍ତାନ ଅପେକ୍ଷା ପାକିସ୍ତାନ ପାଇଁ ଏହି ମ୍ୟାଚ୍ ଅଧିକ ଗୁରୁତ୍ୱବହନ କରୁଛି।

ଗତ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନର ବାବର ଆଜମ ଶତକ ହାସଲ କରିଥିଲେ। ସେହିପରି ଶାହିନ ଆଫ୍ରିଦୀ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହି ଦୁଇଟି ବ୍ୟକ୍ତିଗତ ସଫଳତା ପାକିସ୍ତାନର ଆତ୍ମବିଶ୍ୱାସ ବୃଦ୍ଧି କରିଛି। ୧୯୯୨ ବିଶ୍ୱକପ୍ ଅଭିଯାନ ସହ ଏଥର ବିଶ୍ୱକପ୍‌ରେ ସାମଞ୍ଜସ୍ୟ ରହିଛି। ୧୯୯୨ରେ ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ପ୍ରାରମ୍ଭିକ ବିଫଳତା ସତ୍ତ୍ୱେ ଟାଇଟଲ ଜିତିଥିଲା। ଏଥର ଏହାର ପୁନରାବୃତ୍ତି ହେବ ବୋଲି ପାକ୍ ପ୍ରଶଂସକ ଆଶା ରଖିଛନ୍ତି। ଯଦି ପାକିସ୍ତାନ ତା'ର ବାକିଥିବା ଦୁଇଟି ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ବାଂଲାଦେଶକୁ ପରାସ୍ତ କରେ ତା,ହେଲେ ସେମି ଆଶା ବୃଦ୍ଧି ହେବ। ଅଭିଜ୍ଞ ସୋଏବ ମଲିକଙ୍କୁ ବାଦ୍ ଦେବା ଦଳ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି। ମିଡଲ ଅର୍ଡରରେ ହାରିସ ସୋହେଲ ପ୍ରତ୍ୟାବର୍ତ୍ତନ କରିବା ପରେ ଦଳର ବ୍ୟାଟିଂ ଲାଇନ୍ ବେଶ୍ ଶକ୍ତିଶାଳୀ ହୋଇଛି। ଦ୍ରୁତ ବୋଲର ମହମ୍ମଦ ଆମୀର ମଧ୍ୟ ଭଲ ଫର୍ମରେ ରହିଛନ୍ତି।

ଅପରପକ୍ଷରେ ଆଫଗାନିସ୍ତାନ ସବୁ ମ୍ୟାଚ୍ ହାରିଥିଲେ ମଧ୍ୟ ଭାରତ ବିପକ୍ଷରେ ବିଜୟ ସମ୍ଭାବନା ସୃଷ୍ଟି କରିଥିଲା ଓ ଟୁର୍ନାମେଣ୍ଟର ସବୁଠାରୁ ବଡ଼ ବିପର୍ଯ୍ୟୟ ଘଟାଇବାର ନିକଟତର ହୋଇଥିଲା। ପାକିସ୍ତାନ ଭଳି ଦଳକୁ ହରାଇପାରିଲେ ଆଫଗାନିସ୍ତାନ ପାଇଁ ଏକ ବଡ଼ ଉପଲବ୍ଧି ହେବ। ରସିଦ ଖାଁ ଓ ଗୁଲବଦିନ ନାଇବଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ଦଳରେ ଥିବାରୁ ଆଫଗାନିସ୍ତାନ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ଚେଷ୍ଟା କରିବ।

**ପାକିସ୍ତାନ ଦଳ:** ସର୍ଫରାଜ ଅହମ୍ମଦ (ଅଧିନାୟକ), ଫଖର ଜମାନ, ଇମାମ ଉଲ ହକ, ବାବର ଆଜମ, ହାରିସ ସୋହେଲ, ହାସନ ଅଲି, ଶଦାବ ଖାଁ, ମହମ୍ମଦ ହାଫିଜ, ମହମ୍ମଦ ହାସନୈନ, ଶାହିନ ଶାହ ଆଫ୍ରିଦୀ, ୱହାବ ରିୟାଜ, ମହମ୍ମଦ ଅମୀର, ସୋଏବ ମଲିକ, ଇମାଦ ୱାସିମ ଓ ଆସିଫ ଅଲି।

**ଆଫଗାନିସ୍ତାନ:** ଗୁଲବଦିନ ନାଇବ (ଅଧିନାୟକ), ସୟଦ ଅହମଦ ଶିରଜାଦ, ହାଜରତୁଲ୍ଲା ଜଜାଇ, ଅସଘର ଆଫ୍‌ଗାନ, ରସିଦ ଖାଁ, ମହମ୍ମଦ ନବୀ, ମୁଜିବ ଉର ରହମାନ, ଦଲତ ଜଦ୍ରାନ, ନାଜିବୁଲ୍ଲା ଜଦ୍ରାନ, ହମିଦ ହାସନ, ହାସମତୁଲ୍ଲା ଶାହିଦୀ, ସମିଉଲ୍ଲା ଶିନୱାରୀ, ରହମଦ ଶାହ, ନୁର ଅଲି ଜଦ୍ରାନ, ଇକ୍ରାମ ଅଲିଖିଲ।



ପାକିସ୍ତାନ ଦଳର ଅଭ୍ୟାସ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜୁନ୍ ୨୯/୨୦୧୯ Sambalpur, Saturday, June 29 / 2019




# ଆଏଜ୍ ବି ଘନାପେଡ଼ା ତେଲର ଚାହିଦା ଅଛେ

**ସଞ୍ଜିବ କୁମାର ଯୋଷୀ**
**ଭବାନୀପାଟଣା, ୨୮।୬ :**

ମନୁଷ୍ ସମାଜର ବିକାଶ ସଂଗେ ଫିଦିନିଆଁ ଚଲନିରେ ତେଲର ଉପକାରିତାକେ ସେ ଅନୁଭବ କରିଛେ। ଭିନେ ଭିନେ କିସମର ତୈଲବୀଜ ଚିନ୍ହଁଟ କରି ସେଥିରୁ ତେଲ ବାହାର କରବାର କଉଶଲ ଉଦ୍ଭାବନ କରିଛେ। ଆଘ ସବୁଗାଁରେ ତେଲି ସମାଜର ଲୋକ୍ ଘନାରେ ପେଡ଼ି ତେଲ ବାହାର କରୁଥିଲେ ଆର ବିକୁଥିଲେ। ଘନାପେଡ଼ା ତେଲ ଆର ଆଏଜ୍‌କାଲି ବଜାରରେ ମିଲୁଥିବାର ତେଲର ଗୁନ୍‌ଧରମ୍ ଭିତରେ ଆକାଶ ପାତାଲ ଫରକ୍ ରହିଛେ। ବଜାରରେ ମିଲୁଥିବାର ଭିନେ ଭିନେ କିସମର ତେଲର ଗୁନ୍‌ଧରମ୍ ବଲି ବିଶେଷ କିଛି ନାଇଁ। ସେନ୍‌ତା ବାସନାର ଲାଗି ବି ତେଲରେ ନାନା ପରକାର ରାସାୟନିକ ଜିନିଷର ବେଭାର କରାଯାଉଛେ। ହେଲେ ଆଏଜ୍ ବି କଳାହାଣ୍ଡି ଜିଲାର ଅନେକ ଗାଁଗଡ଼ାରେ ଲୋକ୍ ପାରମ୍ପରିକ ଘନାପେଡ଼ା ତେଲ ବେଭାର କରୁଛନ୍। କଳାହାଣ୍ଡି ଜିଲାରେ ଲୋକ୍ ରଁଧାବଢ଼ାନୁ ମୂଳ କରି ଚିକିତ୍ସା ତକ୍ ଭିନେ ଭିନେ କାମ୍ ଲାଗି ଲୋକ ଘନାପେଡ଼ା ତେଲ ବେଭାର କରୁଛନ୍। ଟୁଲ, କୁସୁମ, ସୂର୍ଯ୍ୟମୁଖୀ, ଜଡ଼ା, ସୁରଷୋ, ଭୂଇଁଚନା, ରାଶି ଲେଖେଁ ତୈଳବୀଜକେ ଘନାରେ ପେଡ଼ି ତେଲ ବାହାର କରଉଛନ୍। ଇ କାମ୍‌ରେ ଅତି କମ୍‌ରେ ୪ ଝନ୍ ଲୋକ୍‌ର ଦରକାର ପଡ଼ସି। ୨ ଝନ୍ ଘନାକେ ବୁଲାଲାବେଲେ ଝନେ ମୁଜିର ଗୁଁଡ଼କେ ଘନାରେ ପକଉଥିସନ୍, ସେନ୍‌ତା ଆର ଝନେ ତେଲ ଛିନ୍‌ବାର ସଂଗେ ଖାଦ(ପିଡୁଆ)କେ ବାହାର କରସନ୍। ଆଗରୁ ଅନେକ ଜାଗାରେ ଲୋକ୍ ତେଲ ଘନାରେ ବଲଦ୍, ଘୁଡ଼ା, ଗଧ୍ ଫାଁଦି ତେଲ ପେଡୁଥିଲେ। ଯେନ୍‌ଥିରେ ତେଲ ପେଡ଼ବାର ସହଜ ଆର ସୁବିଧା ହେଉଥିଲା। ଘନାପେଡ଼ା ତେଲର ଗୁନ୍‌ଧରମ ବହୁତ୍ ଅଧିକା ଆର ତେଲଟା ସୁଆଦିଆ ଲାଗବାର ସଂଗେ ଭଲ ବାସ୍‌ନା ହେସି। ଏହେଦେ ବି ଘନାପେଡ଼ା ତେଲର ଚାହିଦା କାହିଁରେ କେତେ, ହେଲେ ଆଏଜ୍‌କାଲି ବଡ଼ଭାରି ମେଶିନର ବେଭାର ଲାଗି ତେଲଘନା ଲୋପ୍ ପାଇଗଲାନ। ଟୁଲ ତେଲକେ ଆଏଜ୍ ବି କଳାହାଣ୍ଡି ଜିଲାର ଅନେକ ଗାଁରେ ଲୋକ୍ ଖାଏବାର ତେଲ ହିସାବେ ବେଭାର କରୁଛନ୍। ବିହାବରପନ, ପରବ୍‌ପରବାନୀରେ ପିଠାପନା ତିଆରିରେ ବେଭାର କରୁଛନ୍। ଇତାର ବାହାରେ ଦାଁତ୍ ରୋଗ୍, ହାରପିକ୍ ଲେଖେଁ ସମର୍ସିଆରେ ଟୁଲ ପିଡୁଆକେ ପୁଡ଼େଇ ତାର କୁହୁଲା ରୁଗୀକେ ଦେଲେ ରୋଗ୍ ଭଲ ହେଉଥିବାର ନଜିର ରହିଛେ। ସେନ୍‌ତା ପୁରାତନ ଲୁକ୍‌କର କହେବାର ହେଲା ବରଷା ଦିନେ ହେଉଥିବାର ଚରମ୍ ରୋଗ୍, ଖସୁ ଖୁଜରିରେ କୁସୁମ ତେଲ ଲଗାଲେ ଛାଡ଼ିଯାଏସି। ସେଥିରଲାଗି ଆଏଜ୍ ବି କଳାହାଣ୍ଡି ଜିଲାର ଗାଁଗଁଲିମାନକେ ଟୁଲ, କୁସୁମ ମୁଜିରୁ ପାରମ୍ପରିକ ଉପେରେ ତେଲ ବାହାର କରାଯାଉଛେ। ହେଲେ ଆଧୁନିକତାର ଛାପ୍, ବିଜ୍ଞାପନର ପରଭାବରେ ଇ ସବୁ ପାରମ୍ପରିକ ଜିନିଷର ଚାହିଦା କମିଯାଉଛେ। ଇଆଡ଼େ ଦିନୁଦିନ୍‌କେ ଜଂଗଲ ପଦା ହେବାର ଲାଗି ଆଘର ଲେଖେଁ ଟୁଲ, କୁସୁମ ମୁଜି ନାଇଁ ମିଲବାର। ସରକାର ଇ ପାରମ୍ପରିକ ତେଲ ଉତ୍ପାଦନ କଉଶଲକେ ସୁରକ୍ଷିତ ରଖବାର ଲାଗି ତେଲ ଉତ୍ପାଦନକାରୀଙ୍କୁ ପୋରଛାହନ୍ ଯୁଗେଇ ଦେବାର ଉଚିତ ବଲି ଇ ତେଲର ଉପକାରିତାକେ ଅନୁଭବ କରିଥିବାର ଲୋକ୍‌ମାନେ ମତ ଦେଇଛନ୍।


ପାରମ୍ପରିକ ଉପେରେ ଘନାରେ ପେଡ଼ି ତେଲ ବାହାର କରାଯାଉଛେ।

## ଶାଳକ ବାହାଘରକୁ ଆସି ଭିଣୋଇ ମୃତ

**କୁଚିଣ୍ଡା, ୨୮।୬ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ଥାନା ଅଧୀନ ସୋଲ ଗ୍ରାମର ଦିଲୀପ ଦର୍କା (୩୫)ଙ୍କ ମୃତ୍ୟୁ ଘଟିଛି। ସେ ତାଙ୍କ ଶ୍ୱଶୁର ଘର ସମ୍ବଲପୁର ଜିଲା ମହୁଲପାଲି ଥାନା ଅଧୀନ ବାଉରିଗୋଡା ପଞ୍ଚାୟତର କୁର୍ମିମୁଣ୍ଡା ଗ୍ରାମକୁ ଶାଳକଙ୍କ ବାହାଘରରେ ଯୋଗ ଦେବାକୁ ଆସିଥିଲେ। ଶୁକ୍ରବାର ପୂର୍ବାହ୍ଣ ୧୧ଟାରେ ବରଯାତ୍ରୀ ବାହାରୁଥିବା ବେଳେ ହଠାତ ଦିଲୀପ ଅଚେତ ହୋଇ ପଡିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ କୁଚିଣ୍ଡା ଡାକ୍ତରଖାନାକୁ ଅଣାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘର ଲୋକେ ମନା କରିବାରୁ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ନାହିଁ। ଫଳରେ ଅପମୃତ୍ୟୁ ମାମଲା ମଧ୍ୟ ପୋଲିସ ରୁଜୁ କରି ନାହିଁ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ଜୁନ୍, ୨୦୧୯



ମା’ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

ମନମୁଣ୍ଡା, ୨୮।୬ (ଡି.ଏନ.ଏ)
ମନମୁଣ୍ଡା ଥାନା ରକ୍କା ଗ୍ରାମର ଚୈତୁ ମହାନନ୍ଦିଆ (୫୫)ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି । ଗୁରୁବାର ରାତିରେ ସେ ତାଙ୍କ ସ୍ତ୍ରୀ ଓ ପୁଅ ସହ ଘର ବାରଣ୍ଡାରେ ଏକ ଖଟ ଉପରେ ବସିଥିଲେ । ଏହି ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଚୈତୁଙ୍କ ମୃତ୍ୟୁ ହୋଇଥିଲା ଏବଂ ତାଙ୍କ ପୁଅ ଗୋଡରେ ସାମାନ୍ୟ ଆଘାତ ଲାଗିଥିଲା। ପରିବାର ଲୋକେ ଚୈତୁଙ୍କୁ ମନମୁଣ୍ଡା ସିଏଚସିକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯାଇଛି ।

### ନାବାଳିକା ଉଦ୍ଧାର, ଚାଇଲ୍ଡ ଲାଇନକୁ ହସ୍ତାନ୍ତର

ଗଞ୍ଜାମ,୨୮।୬(ଡି.ଏନ.ଏ.)-ଗଞ୍ଜାମ ସହରସ୍ଥିତ ତ୍ରିବେଣୀ ମଠଛକଠାରେ ଶୁକ୍ରବାର ଅସହାୟ ଭାବେ ବୁଲୁଥିବା ଜଣେ ନାବାଳିକା (୧୫ବର୍ଷ)ଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ନାବାଳିକା ଜଣକ ମଠଛକ ଠାରେ ଏକାକୀ ବୁଲୁଥିଲେ। ସ୍ଥାନୀୟ ଅଞ୍ଚଳର ସକ୍ଷମ ସଭାପତି ବସନ୍ତ କୁମାର ସାହୁ, ଭରସା ସମ୍ପାଦକ ଦୁର୍ଗାମାଧବ ପାଣିଗ୍ରାହୀ, ପ୍ରଭାତ କୁମାର ସାହୁ, ମୁରଲୀ ରେଡ୍ଡୀ, ଶ୍ୟାମା ରେଡ୍ଡୀ ପ୍ରମୁଖ ତାଙ୍କୁ ଅସହାୟ ଅବସ୍ଥାରେ ଦେଖି ବ୍ରହ୍ମପୁର ଚାଇଲ୍ଡ ଲାଇନକୁ ଜଣାଇଥିଲେ। ଚାଇଲ୍ଡ ଲାଇନର ରଞ୍ଜିତ ବେହେରା, ନୃସିଂହ ପାଣିଗ୍ରାହୀ ଓ ଟିମ୍ ସଦସ୍ୟ ଲତିକା ଦଳାଇ, ସଂଯୋଜିକା ତଅପୋଇ ସାହୁ ପ୍ରମୁଖ ଗଞ୍ଜାମରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ନାବାଳିକାଙ୍କ ଘର ବୌଦ୍ଧ ଜିଲାରେ ବୋଲି ଜଣାପଡିଛି।

### ଅଭିଭାବକ ସମ୍ମିଳନୀ

ଜାମଟିକ୍ରା, ୨୮।୬ (ଡି.ଏନ.ଏ)
ଅତାବିରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏଥିରେ ଛାତ୍ରୀଙ୍କ ଶିକ୍ଷାର କିପରି ଉନ୍ନତି ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଶିକ୍ଷାର ଉଦ୍ଦେଶ୍ୟ ଓ ମାନବୃଦ୍ଧିରେ ଅଭିଭାବକମାନଙ୍କ ଭୂମିକା ଉପରେ ମଧ ଆଲୋକପାତ କରାଯାଇଥିଲା । ଅତାବିରା ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ବନମାଳି ବରିହା, ସ୍କୁଲ ଚେୟାରମ୍ୟାନ ବୈକୁଣ୍ଠ ସେଠ, ଶିକ୍ଷକ ସଚ୍ଚିଦାନନ୍ଦ ଧରୁଆ, ପୁଷ୍ପଲତା ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ଯୋଗ ଦେଇଥିଲେ ।

## ଚେତି ଶୁଇଛେ ପରଶାସନ
# ଗାଁବାସୀକୁ ଘାରୁଛେ କିଡ୍‌ନୀ ରୋଗ୍ ଭଏ

**ଗଣ୍ଡତୁରୁମ, ୨୮।୬ (ଡି.ଏନ୍.ଏ):**

ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍ ଟିହିକିପାଲି ଗାଁରେ କିଡ୍‌ନୀ ରୁଗୀକଁର ସଂଖ୍ୟା ଦିନୁଦିନ୍‌କେ ବଢ଼ବାରେ ଲାଗିଛେ। ଗଲା ୩ ବଛର ଭିତରେ କିଡ୍‌ନୀ ରୋଗ୍‌ରେ ଗାଁର ୫ ଝନ୍ ମରିଥିଲାବେଲେ ଗଲା ବୁଧୁବାର ରାତି ଆର ଝନେ ରୁଗୀ ପୀତାମ୍ବର ମେହେର(୫୫)କଁର ମୁର୍ତୁ ଘଟିଛେ। ଝନେ ଉତାରୁ ଝନେ କିଡ୍‌ନୀ ରୋଗ୍‌ରେ ମରବାର ଘଟନାକେ ନେଇ ଗାଁରେ ଗୁଟେ ଭଏର ବାତାବରନ୍ ସୁରୁଷ୍ଟି ହେଇଛେ। ପିଇଲା ପାଏନ୍ ଲାଗି ଏନ୍ତା ସମସିଆ ହେଉଥିବାର ଗାଁବାସୀ ଅଭିଯୋଗ କରି ପରଶାସନର ଦୁରୁଷ୍ଟି ଆକରଷନ୍ କରି ନିରାଶ ହେଇଛନ୍। ଏନ୍ତାଥି ଆଏବାର ଦିନେ ଗାଁବାସୀ ଗୁଟେ ବଡ଼ଭାରି ଉଲ୍‌ଗୁଲାନ ଲାଗି ସଜ୍‌ବାଜ ହେଉଥିବାର ଜନାପଡ଼ିଛେ। ସୂଚନା ଅନ୍‌ସାରେ, ଟିହିକିପାଲି ଗାଁ ୩ଟା ୱାର୍ଡକେ ନେଇ ଗଠିତ୍ ହେଇଥିଲାବେଲେ ପାଖାପାଖି ୧୫ ଶହ ଲୋକ୍ ବାସ୍ କରୁଛନ୍। ଗାଁବାସୀକର ପିଇଲା ପାଏନ୍ ଲାଗି ୧ କି.ମି. ଦୂରେ ଥିବାର ଗୁଟେ ନଲ୍‌ଚୁଆଁ ନ ସାହାଭରସା। କାରନ୍ ଗାଁରେ ଥିବାର ବାକି ନଲ୍‌ଚୁଆଁରୁ ଖର ପାଏନ୍ ବାହାରୁଛେ, ଯେନ୍‌ଥିରଲାଗି ସେ ପାଏନ୍ ରଁଧାବଢ଼ା, ଖାଇପିଇ ନାଇଁହେବାର। ଗାଁବାସୀକର ପିଇଲା ପାଏନ୍ ସୁବିଧା ଲାଗି ଥାନୀୟ ଗିରିଗୋବର୍ଦ୍ଧନ ପାହାଡ଼ ପାସେ ୩ ବଛର ତଲେ ଗୁଟେ ଗଭୀର ନଲ୍‌ଚୁଆଁ କୁଡ଼ାଯାଇଛେ। ହେଲେ ଆଏଜ୍‌ତକ ସେଟା କାଯ୍‌କ୍ଷମ ନାଇଁ ହେଇପାରି। ଏନ୍ତାଥି ଗାଁବାସୀ ଉପେ ଶୂଇନ୍ ହେଇ ଆସର ପାସର ବଁଧ୍‌କଟା, ଖୁଲାଚୁଆଁର ଦୂଷିତ ପାଏନ୍ ବେଭାର କରୁଛନ୍। ଦୂଷିତ୍ ପାଏନ୍ ବେଭାର ଲାଗି ଗାଁରେ କିଡ୍‌ନୀ ରୋଗ୍ ବହପୁଥିବାର ଗାଁବାସୀ ଅଭିଯୋଗ କରିଛନ୍। ଗଲା ୩ ବଛର ଭିତରେ ଗାଁର ଗରୁଡ଼ ବାରିକ (୫୦), ଦାମିନୀ ମେହେର (୬୫), ଲଳିତ ମେହେର (୫୦), ସୁଶାନ୍ତ ଅଦାବର(୪୦), ଟଙ୍କଧର ପଧାନ (୪୦) ପରମୁଖ କିଡ୍‌ନୀ ରୋଗ୍‌ରେ ପୀଡ଼ିତ ହେଇ ଆରପାରକେ ଚାଲିଯାଇଛନ୍। ସେନ୍ତା ଗାଁରେ ଆହୁରି ୩୦ରୁ ୩୫ ଝନ୍ ରୋଗ୍‌ରେ ଆକ୍‌ରାଁତ ହେଇ ଚିକିସ୍ତିତ ହେଉଛନ୍। ଇ ଘଟନାକେ ନେଇ ଗାଁବାସୀକର ଭିତରେ ଛନ୍‌କା ପସିଯାଇଥିଲାବେଲେ ଆରକେତେ କୁଟୁମବସିଆ ଉନିଆ ଆଡ଼େ ପଲାବାର ଲାଗି ସଜବାଜ ହେଉଥିବାର ଜନାଯାଇଛେ।



ଅତାବିରା ସରକାରୀ ଡାକ୍ତରଖାନା ପରିସରସ୍ଥ କ୍ୱାର୍ଟର୍ସ ।

### ଇମାନେ ଯାହା କହିଛନ୍...


“ଆମେ ଗାଁବାସୀ ପିଇଲା ପାଏନ୍ ଲାଗି ବଡ଼ା ଗୁଲ୍‌ଗୁଲା ହେଉଛୁଁ। ଗାଁରେ ପିଇଲା ପାଏନ୍‌ର ବଡ଼ଭାରି ଅଭାବ ରହିଛେ, ସେଥିରଲାଗି ବଁଧର ପାଏନ୍‌ରେ ରଁଧାବଢ଼ା କରୁଛୁଁ।
-**ରାଜକୁମାରୀ ଛୁରିଆ**, ଗାଁବାସୀ


“ହରିଜନ ପଡ଼ାବାସୀକର କଥା କେହି ନାଇଁ ଶୁନବାର। ଗାଁରୁ ପଡ଼ାବାସୀ ଦୂଷିତ ପାଏନ୍ ଆନି ବେଭାର କରୁଛନ୍ ଆର ରୁଗ୍‌ଦୁଖ୍‌ରେ ପଡ଼ି ମରୁଛନ୍। ହେଲେ ବି ଥାନୀୟ ପରଶାସନର ଚେତା ନାଇଁ ପସବାର।
-**ରୋହିତ ପେରା**, ଗାଁବାସୀ


“ଇ ଦୂଷିତ ପାଏନ୍ ଲାଗି ଗାଁଥି କିଡ୍‌ନୀ ରୋଗ୍ ଚାପି ଗଲାନା। ଗୁଟେ ପରେ ଗୁଟେ ମରତେଲ ଯାଉଛନ୍। ୩ ବଛର ଭିତରେ ୬ ଝନ୍ ମଲେନା। ଗାଁରେ ଖୁଜଲେ ଆହୁରି ୩୦ରୁ ୪୦ ରୁଗୀ ବାହାରବେ।
-**ନରେନ୍ଦ୍ର ପୁରୋହିତ**, ଗାଁବାସୀ

## ଛାତ୍ରୀଛାତ୍ରଙ୍କ ନିୟମିତ ଉପସ୍ଥାନକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୨୮।୬**

ବରଗଡ଼ ଜିଲା ରାଣାପ୍ରତାପ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶିକ୍ଷକ, ଅଭିଭାବକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ଯେଉଁଳି ସ୍କୁଲକୁ ନିୟମିତ ଆସିବେ ସେଥିପ୍ରତି ଯତ୍ନବାନ ହେବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଥିଲା । ସେହିପରି ମୋ ସ୍କୁଲ ଅଭିଯାନରେ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଉକ୍ତ ସମ୍ମିଳନୀ ପରିଚାଳନାରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିବାବେଳେ ବହୁସଂଖ୍ୟକ ଅଭିଭାବିକା, ଅଭିଭାବକ ଉପସ୍ଥିତ ରହି ନିଜ ନିଜ ମତ ପ୍ରକାଶ କରିଥିଲେ। ସେହିପରି ବରଗଡ଼ ଜର୍ଜ ହାଇସ୍କୁଲ ସମ୍ମିଳନୀ କକ୍ଷରେ ପ୍ରଧାନଶିକ୍ଷକ ଅମୃତା ସାହୁଙ୍କ ଅଧ୍ୟକ୍ଷତାରେ ଶିକ୍ଷକ, ଅଭିଭାବକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ (ଏଡିଇଓ) ସୁଶାନ୍ତ ଚୋପଦାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ସମ୍ମିଳନୀରେ ୧୫୦ଜଣ ଅଭିଭାବକ, ସ୍କୁଲ ପରିଚାଳନା କମିଟି ସଭ୍ୟାସଭ୍ୟ, ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଡଃ ଡୋଲାମଣି ଶତପଥି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ସାହୁ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ମୁଖ୍ୟଅତିଥି ଚୋପଦାର ନିଜ ଝିଅପୁଅଙ୍କ ଯତ୍ନ ନେବା ସହିତ ପାଠପଢ଼ାରେ ଯେଉଁଳି ରଚି ରଖିବେ, ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଶିକ୍ଷକ ସଦାନନ୍ଦ ଜାଲ ଓ ଆଦିକାନ୍ତ ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ମଧୁସ୍ମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡିକୁ ୧୦ ଦିନ ବିତିଲା
# ମରାମତି ହେଉନି, ଛୁଟିରେ କର୍ମଚାରୀ

**ଅତାବିରା, ୨୮।୬ (ଡି.ଏନ.ଏ)**

ଅତାବିରା ବ୍ଲକ କାଦୋବାହାଲ ସରକାରୀ ଡାକ୍ତରଖାନା ପରିସରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡିଯିବାର ୧୦ ଦିନ ବିତିଯାଇଥିଲେ ମଧ ମରାମତି କରାଯାଇ ନାହିଁ । ଫଳରେ ଡାକ୍ତରଖାନା ପରିସରସ୍ଥ କ୍ୱାର୍ଟରରେ ରହୁଥିବା ଡାକ୍ତର, ନର୍ସ, ଫାର୍ମାସିଷ୍ଟ, କର୍ମଚାରୀମାନେ ଅସୁବିଧା ଭୋଗୁଛନ୍ତି। ଗୁଳୁଗୁଳି ଯୋଗୁ କ୍ୱାର୍ଟରରେ ରହି ନ ପାରି କେତେକ ଷ୍ଟାଫ ଛୁଟି ନେଇ ଘରକୁ ଚାଲିଯାଇଛନ୍ତି । ଫଳରେ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଡାକ୍ତରଖାନାକୁ ବିକଳ୍ପ ଭାବେ ଅନ୍ୟ ଏକ ଟ୍ରାନ୍ସଫର୍ମରୁ ବିଦ୍ୟୁତ ସଂଯୋଗ କରାଯାଇଥିବା ବେଳେ କ୍ୱାର୍ଟର୍ସଗୁଡିକୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇନାହିଁ । ଏ ନେଇ ଡାକ୍ତର ଗିରିଧାରୀ ପ୍ରଧାନଙ୍କୁ ପଚରାଯିବାରୁ ଲରମ୍ଭା ସେକ୍ସନାଲ ଅଫିସରଙ୍କ ଠାରୁ ଆରମ୍ଭ କରି ଏସଡିଓ, ଜିଲା ବିଦ୍ୟୁତ ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ଟ୍ରାନ୍ସଫର୍ମର ମରାମତି କରାଯାଉନାହିଁ କି ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ ବୋଲି କହିଥିଲେ। ଏ ନେଇ ଲରମ୍ଭା ସେକ୍ସନାଲ ଅଫିସରଙ୍କ ମତାମତ ଜଣାପଡିନାହିଁ ।

# ଚୋରି ସାମଗ୍ରୀ ଉଦ୍ଧାର, ଜଣେ ଗିରଫ

**ପଦ୍ମପୁର, ୨୮।୬ (ଡି.ଏନ.ଏ)**


ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ ।

ଏକ ଚୋରି ଘଟଣାରେ ପଦ୍ମପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରଜାପଡାରେ ରହୁଥିବା ଛତିଶଗଡ ରାୟପୁର ଜିଲା ଖାମତରାଇ ଥାନା ଅନ୍ତର୍ଗତ ଭାନପୁରୀ ଗ୍ରାମର ଫିରୋଜ କ୍ୟୁରେଶି(୨୯)। ତାଙ୍କଠାରୁ ୨ଟି ଟାବଲେଟ, ୨୬ଟି ମୋବାଇଲ, ୪ଟି ରୁପା ରିଷ୍ଟବ୍ୟାଣ୍ଡ, ରୁପା ମାଳି, ଦୁଇଟି ରୁପା ପାୟଲ, ସୁନା ମୁଦି, ନଗଦ ୯ ହଜାର ୬ଶହ ଟଙ୍କା, ପ୍ଲାସ ଓ ତାରକଟର ଜବତ କରାଯାଇଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ. ୧୦୬/୧୯) ରୁଜୁ କରି ଅଭିଯୁକ୍ତ ଆସାମି ଫିରୋଜ କ୍ୟୁରେଶିଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସୂଚନାଯୋଗ୍ୟ, ଗତ ମେ ମାସ ୩୦ ଓ ୩୧ ତାରିଖ ରାତିରେ ଗତିବିଧି ଉପରେ ପୋଲିସର ନଜର ପଡିଥିଲା। ପଦ୍ମପୁର ନିକଟସ୍ଥ ଚାରପାଲି ଗ୍ରାମର ଯୁବରାଜ ସାହୁଙ୍କ ଆଲମିରାରୁ ନଗଦ ୪୦ ହଜାର ଟଙ୍କା, ଏକ ମାଇକ୍ରୋମେକ୍ସ ମୋବାଇଲ ସହ କିଛି ଅଳଙ୍କାର ଚୋରି ହୋଇଥିଲା । ସେହିପରି ଫକୀର ସାହୁଙ୍କ ନଗଦ ଦେଢ଼ ଲକ୍ଷ ଟଙ୍କା ସହ ଅଳଙ୍କାର ଓ ଏକ ଟାବଲେଟ ଓ ମନୋହର ସାହୁଙ୍କ ଘରୁ ନଗଦ ୪୦ ହଜାର ଟଙ୍କା ଓ ମୋବାଇଲ ଫୋନ ଚୋରି ହୋଇଥିଲା । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମମଲା ରୁଜୁ କରି ତନାଘନା ଚଳାଇଥିଲା। ପଦ୍ମପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସଡିପିଓ ପ୍ରଦୀପ କୁମାର ସାହୁ ଏ ନେଇ ସୂଚନା ପ୍ରଦାନ କରିଥିଲେ ।

# ଦୁର୍ଗାପୂଜା ପାଇଁ ରାବଣ ଅଭିନେତା ବରଣ


କଳାକାର ଭୁବନେଶ୍ୱର ପ୍ରଧାନଙ୍କୁ ବରଣ କରାଯାଉଛି ।

**ଜାମଟିକ୍ରା/ସରଣ୍ଡା, ୨୮।୬ (ଡି.ଏନ.ଏ)**

ଅତାବିରା ଦୁର୍ଗାପୂଜା ପାଇଁ ଶୁକ୍ରବାର ସ୍ଥାନୀୟ ଦୁର୍ଗା ମନ୍ଦିର ପରିସରରେ ରାବଣ ବରଣ କରାଯାଇଛି । ସର୍ଲା ଗ୍ରାମର ଭୁବନେଶ୍ୱର ପ୍ରଧାନଙ୍କୁ ଏଥର ଅତାବିରା ରାମଲୀଳାରେ ରାବଣ ଭୂମିକାରେ ଅଭିନୟ କରିବା ପାଇଁ ପୁଷ୍ପମାଲ୍ୟ, ନଡିଆ, ସିନ୍ଦୁର ପ୍ରଦାନ କରି ବରଣ କରାଯାଇଥିଲା । ଦୁର୍ଗାପୂଜା କମିଟି ସଭାପତି ଦୈତାରୀ ପଧାନଙ୍କ ସମେତ ଜିତେନ୍ଦ୍ର ଦାସ, ମଣ୍ଟୁ ପଣ୍ଡା, ଉନ୍ନି ନାୟାର, ପପୁନ ପଧାନ, ଅଶୋକ ପଧାନ, ସୁରେନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସେ ତାଙ୍କ ଅଭିନୟ କରିବେ ।

## ସୁବର୍ଣ୍ଣଦୀପର ରୌପ୍ୟଜୟନ୍ତୀରେ ଲୋକାର୍ପଣ ସମାରୋହ

**ବରଗଡ଼ ଅଫିସ୍,୨୮।୬**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଗୋବିନ୍ଦପାଲି ୟୁଜିୟୁପି ସ୍କୁଲରେ ସୁବର୍ଣ୍ଣଦୀପ ପତ୍ରିକାର ରୌପ୍ୟ ଜୟନ୍ତୀ (ଦ୍ୱିତୀୟ ସଂଖ୍ୟା)ର ଲୋକାର୍ପଣ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ଓ ସାହିତ୍ୟିକା ତପସ୍ୱିନୀ ମହାପାତ୍ରଙ୍କ ସଂଯୋଜନାରେ ଗଳ୍ପ ପଠନ, କବିତା ପାଠ, ଚିତ୍ରାଙ୍କନ ପ୍ରଦର୍ଶିତ ହୋଇଥିଲା । ଉତ୍ସବରେ ଏଇଏମ ସ୍କୁଲର ଯଶବୀର ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସାଗରିକା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଗୋ ସେବା କ୍ଷେତ୍ରରେ ଶ୍ରେଷ୍ଠତ୍ୱ ଅର୍ଜନ ପାଇଁ କଶ୍ମୀର ସିଂ ଓ ଶିଶୁ ସାହିତ୍ୟିକା ସନ୍ତୋଷିନୀ ଦାଶଙ୍କୁ ମାନପତ୍ର, ଉତ୍ତରୀୟ ଓ ସ୍ମୃତିଫଳକ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ରଚିତ ଗଳ୍ପ, କବିତା ପଠନ କରାଯାଇଥିଲା। ଶିକ୍ଷୟିତ୍ରୀ ମିନତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ମ୍ୟାଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ

**ସୋହେଲା,୨୮।୬(ଡି.ଏନ.ଏ)**

ସୋହେଲା ବ୍ଲକ ଅଫିସ ସଭା ଗୃହରେ ଶୁକ୍ରବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବ୍ଲକ ସ୍ତରୀୟ ମ୍ୟାଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟଅତିଥି ଭାବେ ଯେଗ ଦେଇଥିବା ବେଳେ ଭାରପ୍ରାପ୍ତ ବିଡିଓ ଅଶୋକ କୁମାର ଗଡତିଆ, ସିଡିପିଓ ରାସେଶ୍ୱରୀ ସାହୁ, ଆୟୁଷ ଡାକ୍ତର ଗୀତାଞ୍ଜଳି ପଧାନ ପ୍ରମୁଖ ଉପସ୍ଥିତ ରହି ମ୍ୟାଲେରିଆ ନିରାକରଣ ଉପରେ ଆଲୋଚନା କରିଥିଲେ । ଏହାସହ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଯୋଜନା ତଥା ବିଭିନ୍ନ ରୋଗ ଉପରେ ଆଲୋଚନା କରାଯାଇଥିଲା। ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ଓ ଜନସଚେତନତା ଯୋଗୁ ସୋହେଲା ବ୍ଲକର ଅତି ମ୍ୟାଲେରିଆ ରୋଗ ପ୍ରବଣ ଡଙ୍ଗର କେର୍ମେଲି, ମଲେଇଖମନ, ଖପାନପାଲି, ଝରେଇ, ଜାମପାଲି ଆଦି ଗ୍ରାମରେ ମ୍ୟାଲେରିଆ ନିୟନ୍ତ୍ରଣ କରାଯାଇଛି ଡାକ୍ତରଖାନାର ଅଧିକାରୀମାନେ ପ୍ରକାଶ କରିଥିଲେ । ଏଥିରେ ସୋହେଲା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଆଇସିଡିଏସର ସୁପରଭାଇଜର ଓ ସୋହେଲା ଡାକ୍ତରଖାନାର ଅଧିକାରୀମାନେ ଯୋଗଦେଇ ଦେଇଥିଲେ। ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଯଦୁମଣି ମହାନନ୍ଦ ସଭା ପରିଚାଳନା କରିଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶିଶିର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଅଭିଭାବକ, ଶିକ୍ଷକ ସମ୍ମିଳନୀ

**ବୌଦ୍ଧ,୨୮।୬(ସ୍ୱ.ପ୍ର)**

ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ବିଦ୍ୟାଳୟର ସଭାଗୃହ ଠାରେ ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ଘିବେଲାଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବୈଠକରେ ଶିକ୍ଷକ ସତ୍ୟନାରାୟଣ ଦେହୁରୀଙ୍କ ପ୍ରାରମ୍ଭିକ ସୂଚନା ପରେ ପ୍ରଧାନ ଶିକ୍ଷକ ଘିବେଲା ଗୁଣାତ୍ମକ ଶିକ୍ଷା ସହ ସରକାରଙ୍କ ଦ୍ୱାରା ଦିଆଯାଉଥିବା ମାଗଣା ପୁସ୍ତକ, ପୋଷାକ, ଜୋତା ଏବଂ ମଧ୍ୟାହ୍ନ ଭୋଜନ ଉପରେ ଆଲୋଚନା କରିଥିଲେ । ଏଥିସହିତ ବିଦ୍ୟାଳୟ ଛାତ୍ରୀ ମାନଙ୍କର ଯେଉଁଳି ଉନ୍ନତି ହୋଇପାରିବ ସେଥି ନିମନ୍ତେ ମତାମତ ଦେବା ପାଇଁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ଅଭିଭାବକଙ୍କ ପକ୍ଷରୁ ରଘୁନାଥ ଷଡଙ୍ଗୀ, ପ୍ରଦୋଷ ତ୍ରିପାଠୀ, ସନ୍ତୋଷ ନାଏକ, ସୁଭାଗିନୀ ଦଳବେହେରା ପ୍ରମୁଖ ନିଜସ୍ୱ ମତ ପ୍ରଦାନ କରିଥିଲେ । ଶିକ୍ଷୟତ୍ରୀ ମୀରାବାଇ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ତେତେଲେଙ୍ଗା ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷକ ହୃଷିକେଶ ପ୍ରଧାନଙ୍କ ଅଧକ୍ଷତାରେ ବୈଠକ ହେବା ସହ ଏଥିରେ ଛାତ୍ରୀଛାତ୍ରୀଙ୍କ ବିକାଶ, ଶିକ୍ଷାନୁଷ୍ଠାନର ସମସ୍ୟା, ସ୍ୱାସ୍ଥ୍ୟ ସଚେତନତା, ଯୋଗ ଶିକ୍ଷା ଓ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର କର୍ମୀ, ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# ଦେଶୀ ଧାନ ଅଲୋଡ଼ା, ଅଧିକ ଅମଳକ୍ଷମକୁ ଗୁରୁତ୍ୱ

**ଜାମଟିକ୍ରା,୨୮।୬(ଡି.ଏନ.ଏ)**

ଦୁଧସରା, ଢ଼ିଙ୍କିଆଶାଳ, ନାଗରା, ରାମବୋଇତ, ମେଘନାଦ, ଚମ୍ପା ଇତ୍ୟାଦି ଶବ୍ଦ ଅନେକଙ୍କୁ ଅଖାଡୁଆ ଲାଗିପାରେ । କିନ୍ତୁ ଏସବୁ ହେଉଛି କେତେକ ପାରମ୍ପରିକ ଦେଶୀ ଧାନ ବିହନର ନାମ । ଆଜିକାଲି ଆଉ ଏସବୁ ଚାଷ ହେଉନାହିଁ । ଚାଷୀମାନେ ପାରମ୍ପରିକ ଦେଶୀ ବିହନ ବଦଳରେ ହାଇବ୍ରିଡ ମୁହାଁ ହୋଇଛନ୍ତି । ବିଜ୍ଞାନଗାରରେ ପ୍ରସ୍ତୁତ ଆଧୁନିକ ଧାନ ବିହନର ଲୋକପ୍ରିୟତା ଯୋଗୁ ଏହିପରି କେତେକ ପାରମ୍ପରିକ ଧାନ ବିହନ ବୁଡିଗଲାଣି । ସରକାରୀ ପ୍ରଚାରରେ ପ୍ରଲୁବ୍ଧ ହୋଇ କୃଷକମାନେ ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ବିହନ ବ୍ୟବହାର କରିବା କାରଣରୁ ପ୍ରାୟ ଦୁଇ ହଜାର ପ୍ରକାରର ଦେଶୀ ଧାନ ବିହନ ବୁଡିଯିବା ଆଶଙ୍କା ରହିଛି। ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ଧାନ ବିହନ ଗୁଡିକ ଅଧିକ ଅମଳକ୍ଷମ, ରୋଗପୋକ, ମରୁଡି, ବନ୍ୟା ନିରୋଧ ବୋଲି ପ୍ରଚାର କରାଯାଉଥିବାରୁ ଚାଷୀମାନେ ଦେଶୀ ବିହନ ଛାଡି ଆଧୁନିକ କିସମର ହାଇବ୍ରିଡ ଧାନ ଚାଷ କରୁଛନ୍ତି।

କିନ୍ତୁ ଓଡିଶାର ଭାତହାଣ୍ଡି କୁହାଯାଉଥିବା ଅତାବିରା ବ୍ଲକରେ କେତେକ ଶିକ୍ଷିତ କୃଷକ ପାରମ୍ପରିକ ଧାନ ବିହନ ବଞ୍ଚାଇ ରଖିବାକୁ ଅଭିଯାନ ଆରମ୍ଭ କରିଛନ୍ତି। ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ଆଧୁନିକ ବିହନଠାରୁ ପାରମ୍ପରିକ ଧାନ ବିହନ ଅଧିକ ଲାଭଜନକ ବୋଲି ଏହି କୃଷକମାନେ ପ୍ରଚାର କରୁଛନ୍ତି । ସେମାନଙ୍କ ହିସାବରେ ଅଧିକ ଅମଳକ୍ଷମ ହାଇବ୍ରିଡ ଧାନ ଚାଷ ପାଇଁ ପୁଞ୍ଜିର ଆବଶ୍ୟକତା ରହିଛି । କିନ୍ତୁ ଦେଶୀ ଧାନ ଅଳ୍ପ ଖର୍ଚ୍ଚରେ ଚାଷ କରାଯାଇ ପାରିବ । ହାଇବ୍ରିଡ ଧାନ ଯୋଗୁ ପ୍ରାୟ ୨ ହଜାର ଧାନ ବିହନ ବୁଡିଗଲାଣି। ଆଗରୁ ଅତାବିରା ଅଞ୍ଚଳରେ ଲଲାଟ, କୁଲିହା, ମୋତି, ସୁନାମାଳି, ସାରଳା, ସ୍ନେହା, ସୋତ୍ରା, ପଦ୍ମିନୀ ଆଦି ପାରମ୍ପରିକ ଧାନ ବିହନ ଚାଷ କରାଯାଉଥିଲା। ଏବେ ହରଦିଲ, ସିଲିକି, ଯମୁନା, ସୁଧା, କୋଣାର୍କ, ୧୦୭୫, ୧୧୫୬, ୫୨୩୨, କନକ, କଦଳୀକେଣ୍ଡା ଆଦି ହାଇବ୍ରିଡ ଧାନ ଚାଷ ହେଉଛି । ଫଳରେ ଧାନରେ ଜୈବ ବିବିଧତା ଧ୍ୱଂସ ପାଇବା ସହିତ ବିହନ ଉପରୁ କୃଷକମାନଙ୍କର ପାରମ୍ପରିକ ଅଧିକାର ସଙ୍କୁଚିତ ହୋଇ ଚାଲିଛି । ହାଇବ୍ରିଡ ଧାନ ଆଦି ଫସଲ କରିବା ପାଇଁ ଜଣେ କୃଷକଙ୍କୁ ପ୍ରତିବର୍ଷ ବଜାରରୁ ଚଢ଼ା ଦରରେ ବିହନ କିଣିବାକୁ ପଡିବ । ସେ ଆଉ ନିଜ ବିଲରୁ ବିହନ ଅମଳ କରିପାରିବ ନାହିଁ । ତେଣୁ ଖର୍ଚ୍ଚ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ପ୍ରକ୍ରିୟାରେ ଅନେକ ବାସ୍ନା ଧାନ ଓ ଔଷଧୀୟ ଧାନ ବିହନ ମଧ ବୁଡିଯିବାରେ ଲାଗିଛି । ସରକାରଙ୍କ ପକ୍ଷରୁ ମଧ ଚାଷୀଙ୍କୁ ଏହି ଦେଶୀ ବିହନ ଯୋଗାଇ ଦିଆଯାଉନାହିଁ ।

ଏହି ପ୍ରସଙ୍ଗରେ ଜଣେ ଯୁବଚାଷୀ ସୀତାରାମ ବନଛୁର କୁହନ୍ତି, ମୁଁ ଏଥର ସମୁଦାୟ ୭ ଏକର ଜମିରେ ହାଇବ୍ରିଡ ଧାନ ଚାଷ କରିବା ପାଇଁ ପଦ୍ମା ପକାଇଛି । ଏହି ଧାନ ଚାଷ କଲେ ପୁରୁଣା ଧାନ ଅପେକ୍ଷା ବେଶୀ ଲାଭ ମିଳିବ । ସେହିପରି ଅନ୍ୟ ଜଣେ ଚାଷୀ ମାନସ ସାହୁ କୁହନ୍ତି, ସରକାରଙ୍କ ପକ୍ଷରୁ ଯଦି ପାରମ୍ପରିକ ଧାନ ବିହନ ଯୋଗାଇ ଦିଆଯାଆନ୍ତା ତେବେ ଚାଷୀମାନେ ଚାଷ କରନ୍ତେ । ପାରମ୍ପରିକ ଧାନ ବିହନ ଏବେ ଲୋପ ପାଇବାକୁ ବସିଛି। ଚାଷୀମାନେ ସମୟ ସହ ତାଳ ଦେଇ ଚାଲୁଛନ୍ତି। ଅଧିକ ଅମଳ କରିବା ଆଶାରେ ହାଇବ୍ରିଡକୁ ଆପଣେଇଛନ୍ତି ବୋଲି ଗ୍ରାମ୍ୟ କୃଷି କର୍ମଚାରୀ କିଶୋର ଦାସ ମତ ଦେଇଛନ୍ତି ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।

- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଦୁଗ୍ଧ ଉତ୍ପାଦନ କ୍ଷମତା ବିଶ୍ଳେଷଣ କାର୍ଯ୍ୟକ୍ରମ

**ବିନିକା, ୨୮।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ପ୍ରାଣୀଧନ କାର୍ଯ୍ୟାଳୟ ପରିସରରେ ଦୁଗ୍ଧ ଉତ୍ପାଦନ କ୍ଷମତା ବିଶ୍ଳେଷଣ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡିଶା ପ୍ରାଣୀ ସମ୍ପଦ ବିକାଶ ସମିତି ଭୁବନେଶ୍ୱରରୁ ଡ. ପ୍ରଦ୍ୟୋତ୍ ମିଶ୍ର ମୁଖ୍ୟ ଦିଗଦର୍ଶକଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ସୁନୀଲ ମହାପାତ୍ର ଉକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆହ୍ୱାନ ଦେଇଥିଲେ। ଗୋଟିଏ ବର୍ଷ ପାଇଁ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ବିନିକା ଅଞ୍ଚଳର ଗୋସମ୍ପଦର ଉନ୍ନତି ଓ ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧିରେ ସହାୟକ ହେବ ବୋଲି ସେ ଆଶାପୋଷଣ କରିଥିଲେ।

### ବୀରମହାରାଜପୁର ଥାନା ପରିସରରେ ବୃକ୍ଷରୋପଣ

**ଅମରପାଲି, ୨୮।୬ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ଆଦର୍ଶ ଥାନା ପକ୍ଷରୁ ଥାନା ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ଧିରୋଜ ଚୋପଦାରଙ୍କ ନେତୃତ୍ୱରେ ଆଇଆଇସି ପ୍ରଭା ଧନ, ଶିକ୍ଷାବିତ୍ ରାମକୃଷ୍ଣ ହୋତା ଓ ଥାନା କର୍ମଚାରୀ ବୃକ୍ଷରୋପଣ କରିଥିଲେ। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କୃଷ୍ଣଚୁଡା, ନିମ୍ବ, ଜାମୁ ଆଦି ବୃକ୍ଷରୋପଣ କରାଯାଇଥିଲା।

### ଆଗକୁ ବର୍ଷାଋତୁ, ଡ୍ରେନ୍ ସଫେଇ ଦାବି

**ଟିକ୍ରାପଡା, ୨୮।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ଗ୍ରାମର ରାସ୍ତାକଡ ଡ୍ରେନ ସବୁ ବିଭିନ୍ନ କାରଣରୁ ପୋତି ହୋଇ ପଡିଛି। ଆଗକୁ ବର୍ଷା ଦିନ ଆସୁଥିବାରୁ ସେ ସବୁକୁ ସଫା କରାଯାଇ ଜଳ ନିଷ୍କାସନର ବ୍ୟବସ୍ଥା କରାଯିବା ଜରୁରୀ ହୋଇପଡିଛି। ହାଇସ୍କୁଲ ସାମ୍ନା ଡ୍ରେନ ପୋତି ହୋଇ ପଡିବା ଫଳରେ ବର୍ଷା ଜଳ ହାଇସ୍କୁଲ ପରିସରକୁ ପ୍ରବେଶ କରୁଛି। ପାଣି ଜମି ରହିବା ଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଉଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଭାରତୀ ରାଜପଲିଆଙ୍କୁ ପଚାରିବାରେ ପିଡବ୍ଲୁଡି ଏସଡିଓଙ୍କ ସହ ଏ ନେଇ ଆଲୋଚନା ସରିଛି। ରାସ୍ତାକଡ ଡ୍ରେନର ସଫେଇ ଓ ଆବଶ୍ୟକ ସ୍ଥାନରେ ନୂତନ ଡ୍ରେନର ନିର୍ମାଣ ନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### କଣ୍ଟାବାଞ୍ଜି ଏନ୍‌ଏସିରେ ପଲିଥିନ ଧରପଗଡ଼

**କଣ୍ଟାବାଞ୍ଜି,୨୮।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସିକୁ ପଲିଥିନମୁକ୍ତ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ସନ୍ଧ୍ୟାରେ ଧରପଗଡ ଆରମ୍ଭ ହୋଇଛି। ଚଢାଉ ବେଳେ କେତେକ ଦୋକାନୀଙ୍କଠାରୁ ପଲିଥିନ ଜରି ଏବଂ ପାଣି ପାଉଚ ଜବତ କରାଯାଇଛି। ସହରରେ ଥିବା ମାଛ ବଜାର, କିରାନା ଦୋକାନ, ଫଳ ଦୋକାନ, ଥଣ୍ଡା ଦୋକାନ ଏବଂ ପନିପରିବା ବିକାଳି ଓ ଗ୍ରାହକଙ୍କୁ ପଲିଥିନ ବ୍ୟବହାର ନ କରିବା ପାଇଁ ତାଗିଦ୍ କରାଯାଇଛି। ଧରପଗଡରେ ସ୍ଥାନୀୟ ଏନଏସି ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର, ଇଂ.ଆଦିତ୍ୟ ମିଶ୍ର, ସ୍ୱଚ୍ଛ ଭାରତ ମିଶନର ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ,ଏନ୍‌ଏସି ଜମାଦାର ଧୀରେନ୍ଦ୍ର ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ୮୯ କୃଷି ଅଧିକାରୀ, କର୍ମଚାରୀ ପଦ ଖାଲି

**ସୋନପୁର,୨୮।୬(ନି.ପ୍ର.)**



ସୁବର୍ଣ୍ଣପୁର କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ।

- କୃଷି ଓ ରୋଗପୋକ ବିଶେଷଜ୍ଞ ନାହାନ୍ତି
- ଦୋକାନୀଙ୍କ ପରାମର୍ଶରେ ଚାଲିଛି ରାସାୟନିକ ବିଷ ପ୍ରୟୋଗ

ସୁବର୍ଣ୍ଣପୁର ଜିଲାରେ ୮୯ କୃଷି ଅଧିକାରୀ ଓ କର୍ମଚାରୀ ପଦବୀ ଖାଲି ପଡିଛି। ମୋଟ ୧୭୮ ପଦବୀରୁ ଅଧା ଖାଲିଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଚାଷୀଙ୍କୁ ଠିକଣା ସମୟରେ ବୈଷୟିକ ପରାମର୍ଶ ମିଳୁନି। କୃଷି ଓ ରୋଗପୋକ ବିଶେଷଜ୍ଞ ଜିଲାରେ ନଥିବାରୁ ରୋଗପୋକ ପ୍ରାର୍ଦୁଭାବ ସମୟରେ ଚାଷୀ ବାରଦୁଆର ହେଉଛି। ଦୋକାନୀଙ୍କ ପରାମର୍ଶରେ ହିଁ ଚାଷୀ ଫସଲରେ ରାସାୟନିକ ବିଷ ପ୍ରୟୋଗ କରୁଛି। ଚଳିତ ଖରିଫରେ ୧ ଲକ୍ଷ ୩୦ ହଜାର ୩୫୦ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଚାଷ କରାଯିବା ପାଇଁ ଲକ୍ଷ୍ୟ ରହିଛି। କିନ୍ତୁ ଚାଷୀଙ୍କୁ ଠିକଣା ସମୟରେ ବୈଷୟିକ ପରାମର୍ଶ ମିଳୁ ନଥିବାରୁ ଧାଯର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଖାଲି ଥିବା ପଦବୀଗୁଡିକୁ ପୂରଣ ଦିଗରେ ତତ୍ପରତା ପ୍ରକାଶ କରୁ ନ ଥିବା କୃଷକ ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି।

ଜିଲାର ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ କୃଷି ଉପରେ ନିର୍ଭରଶୀଳ। ଏଠାକାର ଚାଷୀ କୃଷି କାର୍ଯ୍ୟରେ ଆଗୁଆ। ଅଧିକ ଉତ୍ପାଦନ ପାଇଁ ସୁନାମ ରହିଛି। ଦୁଇଜଣ ମହିଳା ଚାଷୀ କ୍ଷିତିସୁତା ମିଶ୍ର ଓ ଅନିତା ପଟେଲ ରାଷ୍ଟ୍ରପତିଙ୍କଠାରୁ ସମ୍ମାନଜନକ କୃଷି କର୍ମଣ ପୁରସ୍କାର ପାଇ ଜିଲା ଓ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଜିଲାରେ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହେଉଛି। ସୁବର୍ଣ୍ଣପୁର ଜିଲା ଗଠନର ୧୭ ବର୍ଷ ପରେ ୨୦୧୦ରେ କୃଷି ଉପନିର୍ଦ୍ଦେଶକ(ଡିଡିଏ)ଙ୍କ କାର୍ଯ୍ୟାଳୟ ଖୋଲିଲା। ପୂର୍ବରୁ ଏହି କାର୍ଯ୍ୟାଳୟ ବଲାଙ୍ଗୀରରେ ଥିଲା। ଚାଷୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଥିଲା ନୂଆ କାର୍ଯ୍ୟାଳୟ ଖୋଲିବା ପରେ। ସରକାର କୃଷି ଉପ ନିର୍ଦ୍ଦେଶକଙ୍କୁ ନିଯୁକ୍ତ ଦେଇ ସବୁ ଯେମିତି ଭୁଲିଗଲେ। ପିଅନ, କର୍ମଚାରୀ କିମ୍ବା କିରାଣୀଙ୍କୁ ନିଯୁକ୍ତି ଦିଆଗଲାନି। ଇତି ମଧ୍ୟରେ ୯ ବର୍ଷ ବିତିବାକୁ ବସିଛି। କୌଣସି ଗୋଟିଏ ପଦବୀରେ ନିଯୁକ୍ତି ଦିଆ ଯାଇନି। ବଲାଙ୍ଗୀର, ସୋନପୁର ଓ ବୀରମହାରାଜପୁର ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ କର୍ମଚାରୀ ଓ ଅଧିକାରୀଙ୍କୁ ଡେପୁଟେସନରେ ଆଣି ଡିଡିଏ ଅଫିସର କାର୍ଯ୍ୟ ସମ୍ପାଦିତ ହେଉଛି। ଗୁରୁତ୍ୱପୂର୍ଣ୍ଣ ସୋନପୁର ଜିଲା କୃଷି ଅଧିକାରୀ ପଦବୀ ଗତ ୧ ବର୍ଷ ହେବ ଖାଲି ପଡିଛି। ବୀରମହାରାଜପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ ଶତପଥୀଙ୍କୁ ସୋନପୁରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ହେଡକ୍ୱାର୍ଟର୍ସ କୃଷି ଓଭରସିଅର ପଦବୀ ଖାଲି ପଡିଛି। ୬ଟି ବ୍ଲକର ମୋଟ ୧୨ଟି କୃଷି ଓଭରସିଅର ପଦବୀରୁ ୪ଟି ଖାଲି ପଡିଛି। ଜିଲାର ୨ଟି ଯାକ କୃଷି ବିଶେଷଜ୍ଞ, ୨ଟି ପ୍ଲାଣ୍ଟ ପ୍ରୋଟେକ୍ସନ ଅଫିସର, ୪ଜଣ କୃଷି ଅଧିକାରୀ, ଜଣେ ମୁଖ୍ୟ କିରାଣୀ, ୯ ବରିଷ୍ଠ କିରାଣୀ, ୩ କନିଷ୍ଠ କିରାଣୀ, ୬ ଜଣ ପିଅନ, ଜଣେ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ, ୩୫ଜଣ ଗ୍ରାମ୍ୟ କୃଷି କର୍ମଚାରୀ, ଜଣେ ଏଫଏସସି, ୨ ଜଣ କମ୍ପୋଷ୍ଟ ଇନ୍ସପେକ୍ଟର, ୨ ଜଣ କମ୍ପୋଷ୍ଟ ମିସ୍ତ୍ରୀ, ୩ଟି ଜେଡି, ୭ଟି ଚୌକିଦାର ଓ ୨ଟି ପିଏଲ ଫାର୍ମ ପଦବି ମଧ୍ୟ ବର୍ଷ ବର୍ଷ ଧରି ପୂରଣ ହେଉନି। କୃଷି ଓ ରୋଗପୋକ ବିଶେଷଜ୍ଞ ନଥିବାରୁ ଭୁଲ ରାସାୟନିକ ସାର ପ୍ରୟୋଗ କରି ଚାଷୀ କ୍ଷତି ସହୁଛି। କେବଳ ଚକଡା ରୋଗରେ ପ୍ରତିବର୍ଷ ଶତାଧିକ ଏକର ଧାନ ଫସଲ ନଷ୍ଟ ହେଉଛି। ରେକର୍ଡ ସଂଖ୍ୟକ ଧାନ ଉତ୍ପାଦନ କରୁଥିବା ଏହି ଜିଲାରେ ଖାଲି ପଡିଥିବା ପଦବି ଗୁଡିକୁ ପୂରଣ କରିବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା କୃଷି ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା କୁହନ୍ତି ସ୍ୱଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରୁଛୁ। ଚାଷୀଙ୍କ ସମସ୍ୟା ଓ ଅଭାବ ଅସୁବିଧାକୁ ପୂରଣ କରାଯାଉଛି। ଖାଲି ପଡିଥିବା ପଦବି ପୂରଣ ପାଇଁ ସରକାରଙ୍କୁ ବିଭିନ୍ନ ସମୟରେ ଚିଠି ଲେଖା ଯାଉଥିବା ଜେନା କହିଛନ୍ତି।

### କଫ୍ ସିରପ୍ ଚୋରା ଚାଲାଣ ଘଟଣା
## ୧୨ଦିନ ପରେ ଫେରାର ଅଭିଯୁକ୍ତ ଗିରଫ

**ଲୋଇସିଂହା,୨୮।୬(ଡି.ଏନ.ଏ.)**

କଫ୍ ସିରପ ଚୋରା ଚାଲାଣ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ୧୨ ଦିନପରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଆଗଲପୁର ଫାଣ୍ଡି ପୋଲିସ ଗିରଫ କରିଛି। ଅଭିଯୁକ୍ତ କରୁଣ ନାଏକଙ୍କୁ(୨୫) ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଲୋଇସିଂହା ଥାନାରେ ଏକ ମାମଲା(ନଂ ୧୨୭/୧୯) ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଦେବାର୍ଚ୍ଚନ ମିର୍ଦ୍ଧା କହିଛନ୍ତି। ପୋଲିସ ସୂଚନାମତେ, ଲୋଇସିଂହା ଥାନା ଅନ୍ତର୍ଗତ ଫାସଡ ଗ୍ରାମର କରୁଣା ନଏକ ଗତ ୧୭ ତାରିଖ ଏକ ଟାଟ ମେଜିକ (ନଂ.ଓଆର୧୫ ଆର ୮୨୦୬)ରେ ୭ ପେଟି କଫ ସିରପ ଆଗଲପୁର ଅଞ୍ଚଳକୁ ଚୋରାଚାଲାଣ କରୁଥିଲେ। ଡ୍ୟୁଟିରେ ଥିବା ପୋଲିସକୁ ଦେଖି ଗାଡି ଛାଡି ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେତେବେଳେ ପୋଲିସ ଗାଡି ଓ କଫ ସିରପକୁ ଜବତ କରି ତଦନ୍ତ ଚଳାଇଥିଲେ। ପୋଲିସକୁ ଚକମା ଦେଇଥିବା ଅଭିଯୁକ୍ତ ଗୁରୁବାର ଧରା ପଡିଥିଲେ।

## ନଳକୂପ ଚାରିପାଖରେ ଦୂଷିତ ପାଣି

**ଡୁଙ୍ଗୁରିପାଲି, ୨୮।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ତମାମୁରା ପଞ୍ଚାୟତ ଅନ୍ତର୍ଗତ ଗଧାପାଲି ଗ୍ରାମରେ ଥିବା ଏକ ନଳକୂଅ ଚାରିପାଖରେ ଜମା ହୋଇ ରହିଛି ଡ୍ରେନର ଦୂଷିତ ପାଣି। ଖାଲି ସେତିକି ନୁହେଁ ଦୂଷିତ ପାଣି ନଳକୂପ ଚାନ୍ଦିନୀରେ ଲହଡି ମାରୁଛି। ଏହା ସାଙ୍ଗକୁ ଘାସଲଟାରେ ଭରି ଯାଇଛି ଏହାର ଚତୁପାର୍ଶ୍ୱ। ଗାଁମୁଣ୍ଡ ଗଧାପାଲି ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଉକ୍ତ ଏକ ନଳକୂଅର ଚାନ୍ଦିନୀ ନିର୍ମାଣ ଠିକ୍ ଭାବରେ ହୋଇନାହିଁ। ପୁନଶ୍ଚ ନିଷ୍କାସନ ସୁବିଧା ନ ଥିବାରୁ ନଳକୂଅର ପାଣି ସେହିଠାରେ ହିଁ ଜମା ହୋଇ ରହୁଛି। ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଥିବା ବେଳେ ସଚଳ ଥିବା ଏହି ନଳକୂପ ସମ୍ପୂର୍ଣ୍ଣଭାବେ ଲୋକଙ୍କ ବ୍ୟବହାରରେ ଆସି ପାରୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରୁଛନ୍ତି।



ଦୂଷିତ ପାଣିରେ ବୁଡି ରହିଥିବା ନଳକୂପ ଚାନ୍ଦିନୀ।

### ଗର୍ଭବତୀ, ପ୍ରସୂତି ମା' ପୁଷ୍ଟିକର ଯୋଜନାରୁ ବଞ୍ଚିତ

**ଲୋଇସିଂହା,୨୮।୬(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ଅନ୍ତର୍ଗତ ନେଗିପାଲି ଗ୍ରାମରେ ସମନ୍ୱିତ ଶିଶୁବିକାଶ ଯୋଜନାରେ ଗର୍ଭବତୀ, ପ୍ରସୂତିଙ୍କ ପାଇଁ ଉଦ୍ଦିଷ୍ଟ ପୁଷ୍ଟିକର ଯୋଜନା ବଟବଣା ହୋଇଛି। ନେଗିପାଲି ଅଙ୍ଗନୱାଡି-୨ ଅଧୀନରେ ଆସୁଥିବା ଗର୍ଭବତୀ ଓ ପ୍ରସୂତିମାନେ ଉପେକ୍ଷିତ ହୋଇ ପଡିଥିବା ଅଭିଯୋଗ ହୋଇଛି। ହେମରାଜ ମହାକୁରଙ୍କ ସ୍ତ୍ରୀ ରୀତା ଗର୍ଭଧାରଣ ପରେ ଗତ ୨ ଏପ୍ରିଲରେ ଅଙ୍ଗନୱାଡିରେ ପଞ୍ଜୀକୃତ ହୋଇଛନ୍ତି। ମମତା ଯୋଜନାରେ ପଞ୍ଜୀକୃତ ହେବାର ୨ ମାସ ବିତି ଯାଇଛି। ହେଲେ ତାଙ୍କୁ ମିଳିବାକୁ ଥିବା ଛତୁଆ ଏବଂ ଅଣ୍ଡା ଅଦ୍ୟାବଧି ମିଳିନାହିଁ। ସିଡିପିଓ ପ୍ରଜ୍ଞା ବାରିକ କହିଛନ୍ତି ଯେ, ପଞ୍ଜୀକରଣର ମାସକ ପରେ ହିତାଧିକାରୀ ସୁବିଧା ପାଇବାକୁ ହକଦାର। କେଉଁ ପରିସ୍ଥିତିରେ ବ୍ୟତିକ୍ରମ ହୋଇଛି ଅନୁଧ୍ୟାନ କଲା ପରେ କୁହାଯାଇ ପାରିବ। ଏଭଳି ସମସ୍ୟା ଥିଲେ ହିତାଧିକାରୀମାନେ ଲିଖିତ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଚିକିତ୍ସା ସାହାଯ୍ ନାଇଁମିଲ୍‌ଲା
## କିଡ୍‌ନୀ ରୋଗ୍‌ରେ ଆଁଖି ମୁଜଲେ ସଁକିର୍‌ତନ୍ କଲାକାର

**ଅମରପାଲି, ୨୮।୬(ଡି.ଏନ.ଏ.)**



ଦଧି ବାଘ। (ଫାଇଲ ଫଟୋ)

- ଚିକିତ୍ସାରେ ବାଧକ ସାଜଲା ଅଭାବ ଅନାଟନ
- କାମେ ନାଇଁ ଲାଗଲା ସ୍ୱାସ୍ଥ୍ୟବୀମା କାର୍ଡ
- କଲାକାର ଭତାରୁ ବଁଚିତ ଥିଲେ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ଅମରପାଲି ଗାଁର ସଁକିରତନ କଲାକାର ଦଧି ବାଘଙ୍କର କିଡ୍‌ନୀ ରୋଗ୍‌ରେ ମୁର୍‌ତୁ ଘଟିଛେ। ସେ ବଛରେ ହେଲା ଇ ରୋଗ୍‌ରେ ପୀଡ଼ିତ ଥିଲେ। ଟଁକା ପଏସା ଅଭାବୁ ସେ ଚିକିତ୍ସିତ ନାଇଁ ହେଇପାରି ଘରେ ପଡ଼ିରହିଥିଲେ। ଏନ୍‌ତାଥି ସେ କେହେନ୍‌ସି ପରକାର ସରକାରୀ ଚିକିତ୍ସା ସାହାଯ୍ ବି ନାଇଁପାଇ। ମାଏକିନା ଆର ୪ ଝିଁକେ ନେଇ ସ୍ୱର୍ଗତ ଦଧି ବାଘ(୬୧)ଙ୍କର ପରିବାର। ଆଗରୁ ଦୁଖେକଷ୍ଟେ ୨ ଝିଁକେ ବିହାଟୁରା କରିଥିଲେ। ମାଏକିନା ଆର ଦୁଇ ଅବିହାରି ଝିଁ କୁଲି ମଜୁରି କରି ପରିବାର ଚଲଉଥିଲେ। ହେଲେ ଗଲା ମଙ୍ଗଲବାର ଦଧିଙ୍କର ମୁର୍‌ତୁରେ ପରିବାରଟା ଭାଂଗିପଡ଼ିଛେ। ଗଲା ଜାନୁୟାରୀ ମାସେ ତାହାକୁ ଜର ହେଲା। ପହେଲା ବୀରମହାରାଜପୁର ଆର ପଛେ ସୋନପୁର ଡାକ୍‌ତରଖାନାରେ ଚିକିତ୍ସିତ ହେଲେ। ହେଲେ ଦିହିପା ଠିକ୍ ନାଇଁ ହେଲାରୁ ପଛେ ସମ୍ବଲପୁର ମୁଖିଆ ଡାକ୍‌ତରଖାନାରେ ଭରତି ହେଲେ। ସେଠାନେ ପରୀକ୍ଷା ନିରୀକ୍ଷା ଉତାରୁ ସେ କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଥିବାର ଜନାପଡ଼ିଥିଲା। ଅଭାବ ଅନାଟନରେ ଥିବାର ବୁଧୁ ଲାଗବରମସ କରି ବୁର୍ଲା ଆର କଟକ ଯାଇ ଚିକିତ୍ସିତ ହେଲେ। ହେଲେ ଟଁକା ପଏସା ଅଭାବୁ ତାକର ଚିକିତ୍ସା ଅଧାବାଟେ ଅଟକି ଗଲା। ଏନ୍‌ତାଥି ବୁଧୁ ପାଇଥିବାର ସ୍ୱାସ୍ଥ୍ୟ ବୀମା କାର୍ଡ ବି କେହେନ୍‌ସି କାମେ ନାଇଁ ଲାଗଲା। ନିହାତି ଦରିଦ୍ରିଆ ପରିସ୍ଥିତିରେ ବୁଧୁ ରହିଥିଲେ। ସେ ବୁଢ଼ାବୁଢ଼ି ଭତାର ଲାଗି ଆବେଦନ କରି ନିରାଶ ହେଇଥିଲେ, ଏନ୍‌ତା କି ସେ ମରିପଛେ ଗଲେ ତାହାକୁ ଭତା ନାଇଁ ମିଲିପାରଲା। ଇଆଡ଼େ ସେ ଜୀବନ୍ ଯାକ ଝନେ ସଁକିରତନ କଲାକାର ହିସାବେ ଅଂଚଲରେ ଭଲ ନାଁ କମେଇଥିଲେ। ହେଲେ ଦୁଖର କଥା ତାହାକୁ କଲାକାର ଭତା ଯୋଜନାରେ ବି ସାମିଲ ନାଇଁ କରାଯାଇ। ବୁଧୁଙ୍କର ମୁରତୁରେ ନିସାହା ପରିବାରଟା ଏହେଦେ ଦୁଖେ ଭାଂଗି ପଡ଼ିଛେ। ଏନ୍‌ତାଥି ପରିବାରକେ ସରକାରୀ ସାହାଯ୍ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

## ଲାଲ୍‌ବାହିନୀ ଗୁଳିରେ ୩ ଯବାନ ଶହୀଦ

**ମାଲକାନଗିରି, ୨୮।୬(ଡି.ଏନ.ଏ.)**

ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ଭେରମଗଡ ଥାନା ଅଞ୍ଚଳରେ ଲାଲ୍‌ବାହିନୀ ଓ ପୋଲିସ ମଧ୍ୟରେ ଶୁକ୍ରବାର ଗୁଳି ବିନିମୟ ହୋଇଛି। ଏଥିରେ ୩ଜଣ ଯବାନ ଶହୀଦ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟ ଜଣେ ଯବାନଙ୍କ ପରିଚୟ ମିଳିପାରିନାହିଁ। ପରିଚୟ ମିଳଥିବା ସମ୍ପୃକ୍ତ ୨ ଯବାନ ହେଲେ ଓ.ପି. ସାଜ ଓ ମହାଦେବ ପାଟିଲ। ଏହି ଗୁଳି ବିନିମୟ ବେଳେ ଜିବି ତେଲମ ନାମକ ଜଣେ ଛାତ୍ରଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଜଣେ ଯବାନ ଓ ଜଣେ ଛାତ୍ର ଆହତ ହୋଇଛନ୍ତି।

### ଜଳିଗଲା ପୌର ପରିଷଦ ଗୋଦାମ

**ମାଲକାନଗିରି, ୨୮।୬(ଡି.ଏନ.ଏ.)**

ମାଲକାନଗିରି ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ଗୋଦାମରେ ଶୁକ୍ରବାର ନିଆଁ ଲାଗିଯାଇଥିଲା। ଫଳରେ ବହୁ ସାମଗ୍ରୀ ସହ କାଗଜପତ୍ର ପୋଡି ନଷ୍ଟ ହୋଇଯାଇଛି। ୮ଟି ବାଇକ୍ ମଧ୍ୟ ପୋଡ଼ି ଛାରଖାର ହୋଇଯାଇଛି। ନିଆଁ ଲାଗିବା ପରେ ଏକ ବିସ୍ଫୋରଣ ହୋଇଥିଲା। କର୍ମଚାରୀମାନେ ବାହାରକୁ ଚାଲିଆସିଥିଲେ। ଏନେଇ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ, ଏହାକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରାୟ ୨ ଘଣ୍ଟା ଲାଗିଥିଲା। ଗୋଦାମରେ ନିଆଁ କିଭଳି ଲାଗିଲା ତାହା ଅସ୍ପଷ୍ଟ ରହିଛି।

## ସମଲେଶ୍ୱରୀ ଟ୍ରେନ୍‌ରେ ଯାନ୍ତ୍ରିକ ତ୍ରୁଟି

**ଜୟପୁର,୨୮।୬(ନି.ପ୍ର./ଡି.ଏନ୍.ଏ.):** ଜଗଦଲପୁର-ହାୱଡ଼ା ସମଲେଶ୍ୱରୀ ଟ୍ରେନ୍ ଯାନ୍ତ୍ରିକ ତ୍ରୁଟି ପାଇଁ ଶୁକ୍ରବାର କୋରାପୁଟ ଜିଲା କୋଟପାଡ଼ ରୋଡ୍-ଜୟପୁର ଷ୍ଟେସନ ମଧ୍ୟରେ ୭ ଘଣ୍ଟା ଅଟକି ରହିଛି। ଭୋର୍ ସାଢ଼େ ୪ଟାରେ ଜଗଦଲପୁର ଷ୍ଟେସନ ଛାଡ଼ିଥିବା ଏହି ଟ୍ରେନ୍ ମାତ୍ର ଅଧଘଣ୍ଟାର ରାସ୍ତା ଅତିକ୍ରମ କରିବା ପରେ ପାୱାର ଫେଲ୍ ହୋଇଯିବାରୁ କୋଟପାଡ଼-କୁସୁମି ମଧ୍ୟରେ ଅଟକି ରହିଥିଲା। ଜଗଦଲପୁରର ବୈଷୟିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ ଜୟପୁର ଷ୍ଟେସନରୁ ୨ଟି ଇଞ୍ଜିନ ସେଠାକୁ ପଠାଯାଇଥିଲା। କିନ୍ତୁ ତାହା ମଧ୍ୟ ଫେଲ୍ ମାରିଥିଲା। ପରେ ଅନ୍ୟ ଏକ ଇଞ୍ଜିନ ଯାଇ ଟ୍ରେନ୍‌କୁ ଆଣିଥିଲା।




ଭୋର ସାଢ଼େ ୫ଟାରେ ଜୟପୁର ଷ୍ଟେସନରେ ପହଞ୍ଚିବାକୁ ଥିବା ଟ୍ରେନ୍ ଦିନ ସାଢ଼େ ୧୨ରେ ପହଞ୍ଚିଥିଲା। ଏହାପରେ ଟ୍ରେନ୍ ହାୱଡ଼ା ଅଭିମୁଖେ ଯାତ୍ରା କରିଥିଲା ବୋଲି ଜୟପୁର ଷ୍ଟେସନ ସୁପରିଣ୍ଟେଣ୍ଡେଣ୍ଟ ଜନ୍ କୁଜୁର ସୂଚନା ଦେଇଛନ୍ତି।

# ଅପହରଣରେ ବ୍ୟବହୃତ ଟିମନ୍‌ଙ୍କ ସ୍କର୍ପିଓ ଜବତ
## ଅପହରଣ ମାମଲାରେ ଗିରଫ ସଂଖ୍ୟା ୫କୁ ବୃଦ୍ଧି

**ବଲାଙ୍ଗୀର ଅଫିସ, ୨୮।୬**




ଜବତ ହୋଇଥିବା ଅପହରଣରେ ବ୍ୟବହୃତ ଅଭିଯୁକ୍ତ ଟିମନ୍ କୁମ୍ଭାରଙ୍କ ସ୍କର୍ପିଓ।

ଜମିଲୁଟ୍ ଉଦ୍ଦେଶ୍ୟରେ ଦୁଇଭାଇଙ୍କୁ ଅପହରଣ ଓ ନିସ୍ତୁକ ମାଡ ଘଟଣାରେ ଗିରଫ ହୋଇ ଜେଲ ଯାଇଥିବା ଜମି ମାଫିଆ ଟିମନ୍ ଓରଫ ଶ୍ରୀକାନ୍ତ କୁମ୍ଭାରଙ୍କ ସ୍କର୍ପିଓ (ଓଡି୧୭-୯୦୨୮)କୁ ଜବତ ହୋଇଛି। ବଲାଙ୍ଗୀର ସଦର ପୋଲିସର ଏକ ଟିମ୍ ନୟାଗଡ ଥାନା ଅଞ୍ଚଳରୁ ଉକ୍ତ ଗାଡିକୁ ଜବତ୍ କରିଛି। ଜବତ୍ ଗାଡିକୁ ବଲାଙ୍ଗୀର ଅଣାଯାଇଥିବା ସଦର ଥାନା ଆଇଆଇସି ଯୋଗେଶ୍ୱର ପଣ୍ଡା ସୂଚନା ଦେଇଛନ୍ତି। ଗତ ୧୪ ତାରିଖ ଦିନ ଅଭିଯୁକ୍ତ ଟିମନ୍(୪୨), ସହଯୋଗୀ ଦିଲୀପ କୁମ୍ଭାର(୪୫), ଡାନିଏଲ କୁମ୍ଭାର ପ୍ରମୁଖ ସଦର ଥାନା ଅନ୍ତର୍ଗତ ବାରପୁଡୁଗିଆ ଛକଠାରେ ସାଇକେଲ ଦୋକାନ ଦେଇଥିବା ଖୁଣ୍ଟପାଲି ଗ୍ରାମର ଦୁଇଭାଇ ପର୍ଶୁରାମ ପଟେଲ ଓ ଘନଶ୍ୟାମ ପଟେଲଙ୍କୁ ଅପହରଣ କରି ନିସ୍ତୁକ ମାଡ ମାରିଥିଲେ। ଏ ନେଇ ପର୍ଶୁରାମ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୨୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୧୭ ତାରିଖ ଦିନ ଅଭିଯୁକ୍ତ ଟିମନ୍‌ଙ୍କ ମୁଖ୍ୟ ସହଯୋଗୀ ଦିଲୀପଙ୍କୁ ପୋଲିସ ଗିରଫ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ଟିମନ୍ ଓ ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ମଙ୍ଗଳବାର ରାତିରେ ସଦର ପୋଲିସଙ୍କ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ପଟିଆ ଅଞ୍ଚଳର ଏକ ଭଡାଘରେ ଚଢ଼ାଉ କରି ସେଠାରୁ ମୁଖ୍ୟ ଅଭିଯୁକ୍ତ ଟିମନ୍‌ଙ୍କ ସହ ୩ ସହଯୋଗୀ ଗନ୍ଧରେଲ ଗାଁର ଧର୍ମେନ୍ଦ୍ର ଜାଲ (୨୯), ତାଲପାଲିପଡାର ତ୍ରିନାଥ ସାଗର (୫୩) ଓ ରୁଗୁଡିପଡାର ଅନିରୁଦ୍ଧ ଦଳବେହେରା (୬୨)ଙ୍କୁ ଗିରଫ କରିଥିଲା। ଏହି ଅପହରଣ ଘଟଣାରେ ବ୍ୟବହୃତ ସ୍କର୍ପିଓକୁ ଲୁଚାଇ ଦିଆଯାଇଥିଲା। ଟିମନ୍‌ଙ୍କ ଗିରଫଦାରୀ ପରେ ତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ପୋଲିସ ନୟାଗଡ ଅଞ୍ଚଳରୁ ଉକ୍ତ ସ୍କର୍ପିଓ ଜବତ୍ କରିଥିବା ସୂଚନା ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ସହଯୋଗୀଙ୍କୁ ଖୋଜା ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣା
# ନିରାପତ୍ତା କମିଶନରଙ୍କ ତଦନ୍ତ ଆରମ୍ଭ

**ରାୟଗଡା ଅଫିସ୍, ୨୮।୬**

ଗତ ୨୫ତାରିଖରେ ରାୟଗଡ଼ା କେଉଟଗୁଡା ଓ ସିଙ୍ଗାପୁର ରୋଡ ଷ୍ଟେଶନ୍ ମଧ୍ୟରେ ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ରେଳବାଇ ନିରାପତ୍ତା କମିଶନର। ଶୁକ୍ରବାର କମିଶନର ଆର୍.କେ ଶର୍ମାଙ୍କ ନେତୃତ୍ୱରେ ଏକ ଟିମ୍ କୋଲକାତାରୁ ଆସି ଏହି ତଦନ୍ତ କରିଥିଲେ। ଉକ୍ତ ଟିମ୍ ପ୍ରଥମେ ସିଙ୍ଗାପୁର ରୋଡ ରେଳ ଷ୍ଟେଶନ୍‌କୁ ଯାଇଥିଲେ। ଦୁର୍ଘଟଣା ଦିନ ଟ୍ରେନ ଚଳାଚଳର ସମୟାବଳୀ ସହ ଅନ୍ୟାନ୍ୟ ବୈଷୟିକ ଦିଗ ସମ୍ପର୍କରେ ଷ୍ଟେଶନ୍ କର୍ମଚାରୀଙ୍କୁ ପଚାରିଥିଲେ। ତେବେ ପଚରାଉଚୁରା ବେଳେ ଷ୍ଟେଶନ୍ ପରିଚାଳକ ଏସ୍.ଆର୍ ମହାନ୍ତି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ କମିଶନର ଶର୍ମା ଘୋର ଅସନ୍ତୋଷ ବ୍ୟକ୍ତ କରିବା ସହ ଏହିଭଳି ତ୍ରୁଟି ଯୋଗୁ ଦୁର୍ଘଟଣା ବଢୁଛି ବୋଲି କହିଥିଲେ। ସିଙ୍ଗାପୁର ରୋଡ ଷ୍ଟେଶନ୍ ଠାରେ ଦରପୋଡା ଅବସ୍ଥାରେ ଥିବା ଇଞ୍ଜିନର ଅନୁସନ୍ଧାନ କରିଥିଲେ। ପରେ ସେଠାରୁ ବାହାରି କେଉଟଗୁଡା ଷ୍ଟେଶନ୍ ଯାଇଥିଲେ। ସେଠାରେ ମଧ୍ୟ ଉକ୍ତ ଦିନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଡାକି ପଚରାଉଚୁରା କରିଥିଲେ। କେଉଁଭଳି ସ୍ଥିତିରେ ସିଗ୍‌ନାଲ ପ୍ରଦାନରେ ଭୁଲ ରହିଲା ଓ ଷ୍ଟେଶନ୍ ପରିଚାଳକଙ୍କ ଦାୟିତ୍ୱ କ'ଣ ରହିଥିଲା ତାହାକୁ ପ୍ରାଥମିକତା ଦିଆଯାଇଥିଲା। ତେବେ ଉଭୟ ଷ୍ଟେଶନ୍‌ରେ ତଦନ୍ତ ବେଳେ କର୍ମଚାରୀମାନଙ୍କୁ କମିଶନରଙ୍କ ଟିମ୍ ଗୁଡେଇ ତୁଡେଇ ପ୍ରଶ୍ନ କରିଥିଲେ। ଏଥିସହ ୨ ଦରପୋଡା ଟ୍ରେନର ଇଞ୍ଜିନରୁ କିଛି ନମୁନା ମଧ୍ୟ ସଂଗ୍ରହ କରାଯାଇଥିଲା। ଏହି ଟିମ୍ ସେଠାରୁ ଫେରି ରାୟଗଡା ରେଲୱେ ବିଶ୍ରାମ ଗୃହଠାରେ ମଧ୍ୟ ତଦନ୍ତ କରିଥିଲେ। ରାୟଗଡା ସିଙ୍ଗାପୁର ରୋଡ ଓ କେଉଟଗୁଡା ଷ୍ଟେଶନର ଡ଼କାଯାଇଥିବା ୬୧ଜଣ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରୁ କେତେଜଣ ରାୟଗଡାଠାରେ ଉପସ୍ଥିତ ଥିଲେ। ସେମାନଙ୍କୁ ମଧ୍ୟ ପଚରାଉଚରା କରିଥିଲେ। ଅନ୍ୟମାନଙ୍କୁ ବିଶାଖାପାଟଣା ଡକାଯାଇଥିବା ଜଣାପଡିଛି। ଏହି ତଦନ୍ତ ୩ ଦିନ ଧରି ଚାଲୁ ରହିବ। କମିଶନର ଶର୍ମାଙ୍କ ନେତୃତ୍ୱରେ ଏହି ଟିମ୍‌ରେ ପୂର୍ବତଟ ରେଳପଥର ମୁଖ୍ୟ ନିରାପତ୍ତା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଉପମୁଖ୍ୟ ନିରାପତ୍ତା ଅଧିକାରୀ ମଦନମୋହନ ପଟ୍ଟନାୟକ, ମୁଖ୍ୟ ଟ୍ରାଫିକ୍ ଇନ୍ସପେକ୍ଟର ବି.କେ. ପାଢ଼ୀ ରହିଥିଲେ।



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ। -ଗୁରୁ ନାନକ

## ସଂକ୍ଷେପରେ

### ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍,୨୮।୬

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୌରେନମୁଣ୍ଡା ଗ୍ରାମର ଏକ ନିମ୍ବଗଛରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର କରାଯାଇଛି । ଯୁବକ ଜଣକ ଉକ୍ତ ଗ୍ରାମର ଶ୍ରୀପତି ରଣାଙ୍କ ପୁଅ ହେମନ୍ତ(୧୯) ବୋଲି ଜଣାପଡ଼ିଛି । ଗଛରେ ଶବ ଝୁଲୁଥିବା ଦେଖି ଗ୍ରାମବାସୀ ମୃତକଙ୍କ ପରିବାର ଓ ପୋଲିସକୁ ଖବର ଦେଇଥିଲେ । ଏହାପରେ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲା । ଏ ନେଇ ଗାଇସିଲେଟ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୭/୧୯) ରୁଜୁ ହୋଇଛି ।

### ଦୁର୍ଘଟଣାରେ ପରୀକ୍ଷାର୍ଥୀ ଗୁରୁତର

ଅତାବିରା,୨୮।୬(ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ସିଆଲଖଣ୍ଡହଥା ପଟ୍ଟୁ ଯୁକ୍ତତିନି ପରୀକ୍ଷା (ବେକ୍ ପେପର) ଦେଇ ଘରକୁ ଫେରୁଥିବା ବେଳେ ଜଣେ ପରୀକ୍ଷାର୍ଥୀ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଆହତ ଛାତ୍ର ଜଣକ ଅତାବିରା ବ୍ଲକ ଭାଲୁପାଲି ଗ୍ରାମର ପ୍ରୀତମ ମଟାରୀ ବୋଲି ଜଣାପଡ଼ିଛି। ପ୍ରୀତମ ତାଙ୍କ ଅନ୍ୟ ସାଙ୍ଗଙ୍କ ସହିତ ପରୀକ୍ଷା ଦେଇ ସାରି ଏକ ସ୍କୁଟି ଯୋଗେ ଘରକୁ ଫେରୁଥିଲେ । ଫେରିବା ବାଟରେ ତୁରୁମ-ଗୋଡ଼ଭଗା ରାସ୍ତାର ଉଦେପୁର ଛକ ନିକଟରେ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ପ୍ରୀତମ ଆହତ ହୋଇଥିଲେ । ତାଙ୍କୁ ସେଠାରୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନିଆଯାଇଥିଲା ।

ଘରୋଇ ଡାକ୍ତରଖାନାର ଅବହେଳା ଯୋଗୁ ଶିଶୁ କନ୍ୟାର ମୃତ୍ୟୁ

### ଘଟଣାର ତଦନ୍ତ କଲେ ସିଡିଏମ୍ଓ

ଭବାନୀପାଟଣା/କୋକସରା, ୨୮।୬ (ଡି.ଏନ.ଏ.)-

ଭବାନୀପାଟଣାଠାରେ ଥିବା ଏକ ଘରୋଇ ନର୍ସିଂ ହୋମର ଡାକ୍ତର ଓ ନର୍ସଙ୍କ ଅବହେଳା ଯୋଗୁ ଜନ୍ମିତ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ନେଇ ଶିଶୁର ପରିବାର ଅଭିଯୋଗ କରିବା ସହ ନ୍ୟାୟ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, କଳାହାଣ୍ଡି ଜିଲାପାଳଙ୍କ ସମେତ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ କଳାହାଣ୍ଡି ମୁଖ୍ୟ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ ତରଫରୁ ପୀଡ଼ିତ ପରିବାରଙ୍କୁ ତଦନ୍ତ ପ୍ରକ୍ରିୟାରେ ହାଜର ପାଇଁ ବିଭାଗୀୟ ଚିଠି ସଂଖ୍ୟା ୨୬୬୯ ତା ୨୫।୬।୨୦୧୯ ଅନୁସାରେ ମୃତ ଶିଶୁ କନ୍ୟାର ମା' ପ୍ରିୟଙ୍କା ଅଗ୍ରୱାଲ ଓ ତାଙ୍କ ସ୍ୱାମୀ ରୋହିତ ଅଗ୍ରୱାଲଙ୍କୁ ୨୭।୬।୨୦୧୯ ରିଖରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ଚିଠି କରାଯାଇଥିଲା। ସେମାନଙ୍କ ଅଭିଯୋଗ ଅନୁସାରେ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପୀଡ଼ିତ ପରିବାର ପକ୍ଷରୁ ମୃତ ଶିଶୁ କନ୍ୟାଙ୍କ ବାପା ରୋହିତ ଅଗ୍ରୱାଲ ଓ ତାଙ୍କ କାକ ରାଜେଶ ଅଗ୍ରୱାଲ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ପୂର୍ବ ଅଭିଯୋଗ ଅନୁସାରେ ଘରୋଇ ଡାକ୍ତରଖାନା ଡାକ୍ତରଙ୍କ ଅବହେଳା ଯୋଗୁ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା କଥାକୁ ପୁଣି ଥରେ ଦୋହୋରାଇଥିଲେ। ଭବାନୀପାଟଣାଠାରେ ଥିବା ମା' ମାଣିକେଶ୍ୱରୀ ସ୍ପେଶାଲ ଲିଷ୍ଟ ହସ୍ପିଟାଲ ପକ୍ଷରୁ ମାଲିକ ରବୀନ୍ଦ୍ର ଅଗ୍ରୱାଲ ଓ ତାଙ୍କ ଭାଇ ସନ୍ତୋଷ ଅଗ୍ରୱାଲଙ୍କ ସମେତ ଘରୋଇ ଡାକ୍ତାଖାନାର ସ୍ତ୍ରୀ ରୋଗ ବିଶେଷଜ୍ଞ ଡ଼ା ଦେବାଶିଷ ଦାସ ଓ ଭବାନୀପାଟଣା ସରକାରୀ ଡାକ୍ତରଖାନାର ଏଡିଏମଓ ଡା. ଜଗୁଲାଲ ଅଗ୍ରୱାଲ ଓ ବିକାଶ ପ୍ରହରାଜ ଏହି ତଦନ୍ତ ପ୍ରକ୍ରିୟାରେ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ । ଅଭିଯୋଗକୁ ଭିତ୍ତି କରି କଳାହାଣ୍ଡି ସିଡିଏମଓ ବନଲତା ଦେବି ପୀଡ଼ିତ ପରିବାର ଓ ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଡାକି ତଦନ୍ତ କରିଥିବା ଜଣାପଡ଼ିଛି ।

■ ଘାଟିରାସ୍ତାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ଥାନା ଘେରିଲେ ଆଦିବାସୀ

କଣ୍ଟାମାଳ,୨୮।୬(ଡି.ଏନ.ଏ)

ବୌଦ୍ଧ ଓ କନ୍ଧମାଳ ଜିଲା ସୀମାନ୍ତ ନାରାୟଣପ୍ରସାଦ ଓ ସୁଟାଣୀ ଘାଟିରେ ଲୁଣ୍ଠନ, ଅତ୍ୟାଚାର, ଡାକାୟତି ଓ ଚୋରି ହେଉଛି । ଏ ଦିଗରେ ପୋଲିସ ପ୍ରଶାସନ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ । ଏହାର ପ୍ରତିବାଦରେ ଶୁକ୍ରବାର ୬ଟି ପଞ୍ଚାୟତର ଆଦିବାସୀମାନେ କଣ୍ଟାମାଳ ଥାନା ଘେରାଉ କରିଥିଲେ ।

ସୂଚନା ଅନୁସାରେ, କନ୍ଧମାଳ ଓ ବୌଦ୍ଧ ଜିଲା ସୀମାନ୍ତ କଣ୍ଟାମାଳ ଅଞ୍ଚଳରେ ଉଭୟ ଜିଲାର ଲୋକମାନଙ୍କ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ରହିବା ସହ ଯାତାୟାତ ପ୍ରତିଦିନ ହୋଇଥାଏ । ବାଲନ୍ଦାପଡାରୁ କଣ୍ଟାମାଳ ରାସ୍ତା ମଧ୍ୟରେ ଉଭୟ ଜିଲାର ଜନସାଧାରଣ ବ୍ୟବସାୟ କରୁଛନ୍ତି । ବର୍ତ୍ତମାନ କିଛି ଦିନ ହେବ ନାରାୟଣ ପ୍ରସାଦ ( ଟଙ୍ଗିଆନିସା ) ଓ ସୁଟାଣୀ ଘାଟିରେ ଦିନକୁ ଦିନ ଲୁଣ୍ଠନ, ଡକାୟତି, ରାହାଜାନି ଓ ହତ୍ୟା ଘଟଣା ବଢ଼ିବାରେ ଲାଗିଛି । ଫଳରେ ଦୁଇଟି ଘାଟିରେ ଜନସାଧାରଣ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ଏ ନେଇ ଶୁକ୍ରବାର କନ୍ଧମାଳ ଜିଲାର ଛଅଟି ପଞ୍ଚାୟତର ବାଲନ୍ଦାପଡା, ଲୁଲସିଂ, କ୍ରାଣ୍ଡିବାଲି, ପକାରୀ, ପାହିରାଜୁ ଓ କୁଲରୀମାଣ୍ଡି ଗ୍ରାମପଞ୍ଚାୟତର ଜନସାଧାରଣ ଆଞ୍ଚଳିକ ଦୁର୍ନୀତି ନିବାରଣ ପରିଚଳାନା କମିଟି ଗଠନ କରି ଥାନା ଘେରାଉ କରିଥିଲେ । ଉକ୍ତ ଅଞ୍ଚଳରେ ପୋଲିସ ମୁତୟନ କରି ସୁରକ୍ଷା ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ । ଯଦି ସୁରକ୍ଷା ଦିଆ ନ ଯାଏ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି । ଏହାସହ ଥାନା ଅଧିକାରୀଙ୍କ ଜରିଆରେ ବୌଦ୍ଧ ଏସପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।



ଆଦିବାସୀମାନେ ଥାନା ଘେରାଉ କରିଛନ୍ତି ।

# ରଥଯାତ୍ରା ପାଇଁ ଶାନ୍ତି କମିଟି ବୈଠକ

ଖଡିଆଳ ଏନ୍ଏସି,୨୮।୬ (ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ସହରରେ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଶୁକ୍ରବାର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଡିଆଳ ଥାନା ପରିସରରେ ଏସଡିପିଓ ବିରଞ୍ଚି ନାରାୟଣ ଦେହୁରୀଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର, ଖଡିଆଳ ଆଇଆଇସି କୈଳାଶ ଚନ୍ଦ୍ର ସେଠୀଙ୍କ ସମେତ ତିନି ରଥ ବଡଦଧିବାମନ ମନ୍ଦିର, ପତିତପାବନ ମନ୍ଦିର, ଜଗନ୍ନାଥ ମନ୍ଦିର କମିଟି କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏଥିସହ ଖଡିଆଳ ଏନଏସି କର୍ତ୍ତୃପକ୍ଷ, ବିଦ୍ୟୁତ ବିଭାଗ, ପୂର୍ତ୍ତବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସମେତ ଖଡିଆଳ ସହରର ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ରଥଯାତ୍ରା ସମୟରେ ଟ୍ରାଫିକ ବ୍ୟବସ୍ଥା, ରାସ୍ତାଘାଟ ପରିମଳ ବ୍ୟବସ୍ଥା, ବିଦ୍ୟୁତ ସେବା ସହିତ ପାନୀୟ ଜଳର ସୁବ୍ୟବସ୍ଥା କରିବା ଉପରେ ବିଶେଷ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ । ସହରରେ ଟ୍ରାଫିକ ବ୍ୟବସ୍ଥା କଡାକଡି ପାଇଁ ବ୍ୟାପକ ପୋଲିସ ମୁତୟନ ଲାଗି ଖଡିଆଳ ଆଇଆଇସି କୈଳାସ ଚନ୍ଦ୍ର ସେଠୀ କହିଛନ୍ତି ।

■ କାଳବୈଶାଖୀ ବର୍ଷା

# ଡାଲୁଅ ଧାନରେ ଗଜା, ଚିନ୍ତାରେ ଚାଷୀ

ବୌଦ୍ଧ,୨୮।୬(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଡାଲୁଅ ଧାନ ଅମଳ ନ ହେଉଣୁ ବର୍ଷା ପାଣି ଖାଇବା ଯୋଗୁ ବିଲରେ ବହୁ ଧାନ ଗଜା ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ଏହି ଧାନକୁ କିଣିବା ପାଇଁ ମଣ୍ଡି ଓ ମିଲର୍ସ ରାଜି ହେଉ ନ ଥିବାରୁ କ୍ଷତିଗ୍ରସ୍ତ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି ।

ସୂଚନା ଅନୁଯାୟୀ, ହରଭଙ୍ଗା ବ୍ଲକର ଜଳସେଚିତ ଗୋପପୁର, ସୁବୁଲିଆ, ମହାକୁଡପାଲି, କରଡି, ହାଟଗାଁ, ମଙ୍ଗଳପୁର, ସାମ୍ପୋଚ, ଶ୍ୟାମସୁନ୍ଦରପୁର, ପରଗଳପୁର, କେଳାକଟା, ଘୋରଡା, ମଥୁରା ସମେତ ଆଖପାଖ ପ୍ରାୟ ୧୭ଟି ଗ୍ରାମର ଚାଷୀମାନେ ୩୪୦ ହେକ୍ଟର ଜମିରେ ଡାଲୁଅ ଧାନ ଚାଷ କରିଥିଲେ। ଗତ ସପ୍ତାହେ ତଳେ ହୋଇଥିବା କାଳବୈଶାଖୀ ଝଡବର୍ଷାରେ ବିଲରେ ଅମଳ ନ ହୋଇ ପଡିଥିବା ଅଧିକାଂଶ ଧାନ ସବୁ ଭିଜିଯାଇଥିଲା । ସେହି ଧାନ ଗୁଡିକ ଶୁଖାଇବା ସମୟରେ ମୌସୁମି ବର୍ଷା ଆସିଯିବାରୁ ଅଧିକାଂଶ ଧାନରେ ଏବେ ଗଜା ହୋଇଥିବା ଦେଖିବାକୁ ମିଳିଛି । ତେଣୁ ଅନ୍ୟ ଉପାୟ ନ ପାଇ ଚାଷୀମାନେ ପ୍ରତିଦିନ ରାସ୍ତା ଉପରେ ଶହ ଶହ କୁଇଣ୍ଟାଲ ଧାନକୁ ଶୁଖାଉଥିବା ଲକ୍ଷ୍ୟ କରାଯାଇଛି । ସେହି ଦାନକୁ କିଣିବା ପାଇଁ ଧାନମଣ୍ଡି କିମ୍ବା ମିଲର୍ସ କେହି ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଫଳରେ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଜିତେନ୍ଦ୍ର ନାଏକ, ପୁରେନ୍ଦ୍ର ନାଏକ, ସୁଧାଂଶୁ ପାତ୍ର, କେଦାର ନାଏକ, କୃଷ୍ଣଚନ୍ଦ୍ର ମହାଲିକ, ଆଶିଷ ପାତ୍ର, ଜୟଦେବ ପାତ୍ର, ନବୀନ ନାଏକ, ଗଣେଶ୍ୱର ଭୋକ୍ତା, ନାରାୟଣ ସାହୁ ଓ ଅଚ୍ୟୁତ ଭୋକ୍ତା ପ୍ରମୁଖ ଚାଷୀ ଅଭିଯୋଗ କରଛନ୍ତି । ଏ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ କୃଷ୍ଣଚନ୍ଦ୍ର ବଘାରଙ୍କୁ ପଚରାଯିବାରୁ ସେ କହିଲେ, ତାଙ୍କ ନିକଟକୁ ସେଭଳି କିଛି ଅଭିଯୋଗ ଆସିନାହିଁ । ଯଦି ଅଭିଯୋଗ ଆସେ, ଆମେ ତଦନ୍ତ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେବୁ । ସରକାରୀ ନିୟମ ଅନୁଯାୟୀ ଯାହା ସହାୟତା ରାଶି ଯୋଗାଇ ଦେବାର ବ୍ୟବସ୍ଥା ଅଛି ତାହା ପାଇବା ପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।


ଚାଷୀମାନେ ରାସ୍ତାରେ ଧାନ ଶୁଖାଉଛନ୍ତି ।


## CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ରେ ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

## COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ

## ସଂକ୍ଷେପରେ

### ନାବାଳିକା ନାବାଳକ ହାତରେ ବାଇକ୍

ରିଷିଡା,୨୮।୬ (ଡି.ଏନ.ଏ.)- କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ନାବାଳିକା ନାବାଳକମାନେ ଅବାଧରେ ବାଇକ ଚଳାଉଥିବା ବେଳେ ସ୍ଥାନୀୟ ପୋଲିସ ପକ୍ଷରୁ ଧରପକଡ କରିବାର ଆବଶ୍ୟକ ରହିଛି। ନାବାଳିକାନାବାଳକମାନେ ବିନା ଡ୍ରାଇଭିଂ ଲାଇସେନ୍ସରେ ବାଇକ, ସ୍କୁଟି ଚଳାଉଛନ୍ତି । ବଜାରରେ ଦ୍ରୁତଗତିରେ ଗାଡି ଚାଳନା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟାଉଛନ୍ତି। ବିଶେଷ କରି ବିଭିନ୍ନ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ରମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଅଞ୍ଚଳରେ ଶନିବାର ସପ୍ତାହିକ ହାଟ ରହୁଥିବାରୁ ଏଠାରେ ପ୍ରବଳ ଜନଗହଳି ଓ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ବିନା ଲାଇସେନ୍ସ ଥିବା ନାବଳିକା ନାବାଳକମାନଙ୍କୁ ଧରପକଡ କରିବା ପାଇଁ ଜନସାଧାରଣରେ ଦାବି ହେଉଛି ।

### ଏସ୍‌ଏଚ୍‌ଜି ଦ୍ୱାରା ୨ ଲକ୍ଷ ୩୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ

ଭବାନୀପାଟଣା,୨୮।୬ (ଡି.ଏନ.ଏ.)- କଳାହାଣ୍ଡି ଜିଲାରେ ଚଳିତବର୍ଷ ପ୍ରଥମ ଥର ପାଇଁ ମହିଳା ଏସ୍‌ଏଚ୍‌ଜିମାନଙ୍କୁ ପରୀକ୍ଷା ମୂଳକ ଭାବେ କେତୋଟି ମଣ୍ଡିରୁ ଧାନ ସଂଗ୍ରହ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା । କଳହାଣ୍ଡି ଜିଲାରେ ଚଳିତ ରବି ଋତୁରେ ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ଧାନ ସଂଗ୍ରହ ପାଇଁ ୮୯ଟି ମଣ୍ଡି ଖୋଲାଯାଇଥିଲା । ଜିଲାର ୧୦ଟି ବ୍ଲକରେ ୧୭ଟି ମଣ୍ଡିରେ ଆଂଶିକ ପରିମାଣରେ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ଏସ୍‌ଏଚ୍‌ଜିଙ୍କୁ ଟ୍ୟାଗ୍ କରାଯାଇଥିଲା । ଏହି ୧୭ଟି ମହିଳା ଏସ୍‌ଏଚ୍‌ଜିମାନଙ୍କୁ ଚଳିତ ରବି ଋତୁରେ ବିଭିନ୍ନ ମଣ୍ଡିରୁ ୨ ଲକ୍ଷ ୫୧ ହଜାର ୮୬୯ କୁଇଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଧାନ ସଂଗ୍ରହ ପ୍ରକ୍ରିୟାରେ ମହିଳା ଏସ୍‌ଏଚ୍‌ଜିମାନେ ନିଜର ଦକ୍ଷତା ଦେଖାଇଛନ୍ତ। ସୂଚନାଯୋଗ୍ୟ ଯେ, ଚଳିତ ରବି ଋତୁରେ ରାଜ୍ୟ ସରକାର କଳାହାଣ୍ଡି ଜିଲାରୁ ୨୩ ଲକ୍ଷ ୩୭ ହଜାର ୬୮୦ କୁଇଣ୍ଟାଲ ଧାନ ସଂଗ୍ରହ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଗତ ୨୬ ତାରିଖ ସୁଦ୍ଧା ଜିଲାରେ ୨୩୦୦୭ ଜଣଙ୍କ ଚାଷୀଙ୍କଠାରୁ ୨୧ ଲକ୍ଷ ୯୦ ହଜାର ୫୩୦ କୁଇଣ୍ଟାଲ ଧାନ ସଂଗ୍ରହ ହୋଇସାରିଛି। ଯାହାର ମୂଲ୍ୟ ୩୮୧ କୋଟି ୧୦ ଲକ୍ଷ ୭୯ ହଜାର ଟଙ୍କା ହେବ। ବର୍ତ୍ତମାନ ମଧ ବିଭିନ୍ନ ମଣ୍ଡିରେ ବିକ୍ରୟ ନିମନ୍ତେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ପଡି ରହିଛି ।

## ସ୍କୁଲ ଖୋଲିବାର ୨୬ ବର୍ଷ ବିତିଲା।

# ଏଯାଏ ସ୍ଥାୟୀ ଶିକ୍ଷକ ନିଯୁକ୍ତି ହୋଇନି

ଜୁନାଗଡ଼,୨୮।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଭୁଷୁଡିବାରେ ଲାଗିଛି। କେଉଁଠି ଶ୍ରେଣୀ କୋଠରି ଅଭାବ ଥିବାବେଳେ ଆଉ କେଉଠି ଶିକ୍ଷକ ଅଭାବ ଦେଖିବାକୁ ମିଳୁଛି। ବର୍ଷ ପରେ ବର୍ଷ ବିତିଯାଉଥିଲେ ମଧ ଏହାର ସମାଧାନ ହୋଇ ପାରୁନାହିଁ। ଏଥିପାଇଁ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘତ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାଲୋପଲା ଅପଗ୍ରେଡ ହାଇସ୍କୁଲରେ ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟ ସ୍ଥାପନ ହୋଇ ଇତିମଧ୍ୟରେ ୨୬ ବର୍ଷ ବିତିଯାଇଥିଲେ ମଧ ଏ ଯାଏଁ ସ୍ଥାୟୀ ଶିକ୍ଷକ ନିଯୁକ୍ତି ହୋଇନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘତ ସୃଷ୍ଟି ହୋଇଛି। ଏଠାରେ ନବମ ଓ ଦଶମ ଶ୍ରେଣୀରେ ୭୨ ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ସେମାନଙ୍କୁ ପଢାଇବା ପାଇଁ ଜଣେ ମାତ୍ର ଡେପୁଟେଶନ ଶିକ୍ଷକ ଅଛନ୍ତି। ଡେପୁଟେଶନ ଶିକ୍ଷକ ସପ୍ତାହର କେବଳ ସୋମବାର, ମଙ୍ଗଳବାର, ବୁଧବାର ଓ ଗୁରୁବାର ଏଠାକୁ ପଢେଇବାକୁ ଆସିଥାନ୍ତି। ଅନ୍ୟ ଦିନ ସେ ନିଯୁକ୍ତ





କାଲୋପଲା ଅପଗ୍ରେଡ ହାଇସ୍କୁଲ ।

**କାଲୋପଲା ଅପଗ୍ରେଡ ହାଇସ୍କୁଲ**

- ସପ୍ତାହକୁ ୪ ଦିନ ପଢ଼ାଉଛନ୍ତି ଜଣେ ଡେପୁଟେଶନ ଶିକ୍ଷକ
- ଶିକ୍ଷା ବିଭାଗର ଦୃଷ୍ଟି ପଡୁନି
- ଛାତ୍ରୀଛାତ୍ରଙ୍କ ପାଇଁ ୨ ମହଲା କୋଠା ଅଛି, ଶିକ୍ଷକ ନାହାନ୍ତି

ପାଇଥିବା ମହିଚଲା ବାଲାଜୀ ଉଚ୍ଚ ବିଦ୍ୟାପୀଠକୁ ଯାଇଥାନ୍ତି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ହେବା ଆଶଙ୍କା କରି ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସେଠାରେଥିବା ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶିକ୍ଷକ/ଶିକ୍ଷୟିତ୍ରୀମାନେ ପାଠ ପଢାଇଥାନ୍ତି। ସରକାର କାଲୋପଲାରେ ଉଚ୍ଚଶିକ୍ଷାର ପ୍ରସାର ପାଇଁ ଗତ ୧୪।୮।୧୯୯୩ ରେ ଏକ ଅପଗ୍ରେଡ ହାଇସ୍କୁଲ ସ୍ଥାପନ କରିଥିଲେ। ପୂର୍ବରୁ ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ନବମ ଓ ଦଶମ ଶ୍ରେଣୀ ସ୍ଥାପନ ପରେ କାଲୋପଲା ଅଞ୍ଚଳର ଅନେକ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ସରକାର ସେଠାରେ ବିଦ୍ୟାଳୟ ସ୍ଥାପନ କରି ଦେଇ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦେଲେ ନାହିଁ। ଫଳରେ ଆରମ୍ଭ ଦିନରୁ ସେଠାରେ ଥିବା ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ନବମ ଓ ଦଶମ ଶ୍ରେଣୀକୁ ପାଠ ପଢଉଛନ୍ତି। ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀ ଗତ ୨୦୧୧ରେ ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥକୁ ଅବରୋଧ କରି ଧାରଣା ଦେଇଥିଲେ। ସେତେବେଳେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ମହିଚଲା ବାଲାଜୀ ଉଚ୍ଚ ବିଦ୍ୟାପୀଠରୁ ଜଣେ ଶିକ୍ଷକ ଡେପୁଟେଶନ ଭାବେ କାଲୋପଲା ଅପଗ୍ରେଡ ହାଇସ୍କୁଲକୁ ଆସିଥିଲେ। ଉକ୍ତ ଶିକ୍ଷକ ଜଣକ କେବଳ ସପ୍ତାହର ୪ ଦିନ ଏଠାରେ ପାଠ ପଢେଇବେ ଅନ୍ୟ ଦିନ ସେ ନିଯୁକ୍ତି ପାଇଥିବା ସ୍କୁଲରେ ପାଠ ପଢେଇବେ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଡେପୁଟେଶନରେ ଆସିଥିବା ଶିକ୍ଷକ ଜଣକ ସେହି ଦିନଠୁ ଏଠାରେ ୪ ଦିନ ଓ ଅନ୍ୟ ୨ ଦିନ ସେ ନିଯୁକ୍ତି ପାଇଥିବା ସ୍କୁଲରେ ପାଠ ପଢଉଛନ୍ତି। ଏହି ବିଦ୍ୟାଳୟ ସ୍ଥାପନ ହୋଇ ୨୬ ବର୍ଷ ପରେ ମଧ ସ୍ଥାୟୀ ଶିକ୍ଷକ ନିଯୁକ୍ତି ହୋଇ ନ ଥିବାବେଳେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ୨ ମହଲା ସ୍କୁଲ କୋଠା ନିର୍ମାଣ ହୋଇଛି। ଯଦି ସରକାର ସ୍କୁଲ କୋଠା ସାଙ୍ଗରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ସହ ବିଷୟ ଭିତ୍ତିକ ଶିକ୍ଷକ ଓ କର୍ମଚାରୀ ଦେଇଥାନ୍ତେ ତାହା ହେଲେ କିଛିଟା ମୁଲ୍ୟ ରହିଥାନ୍ତା ବୋଲି ଗ୍ରାମବାସୀ କହନ୍ତି।

ଏ ନେଇ କାଲୋପଲା ଅପଗ୍ରେଡ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱରେ ଥିବା ପୀତାମ୍ବର ସେଠୀଙ୍କୁ ପଚାରିବାରୁ ହାଇସ୍କୁଲରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ନ ଥିବାରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦେଖି ଆମ ଭିତରୁ ପଢାବାକୁ ଯାଇଥାଉ ବୋଲି କହିଥିଲେ। ଏହାସହ ସ୍ଥାୟୀ ଶିକ୍ଷକ ନିଯୁକ୍ତି ହେଲେ ଛାତ୍ରୀଛାତ୍ରଙ୍କ ପାଠପଢା ଉନ୍ନତ ହେବ ବୋଲି କହିଥିଲେ। ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପଚାରିବାରୁ ମୁଁ ଏହାକୁ ନୋଟ୍ କରୁଛି। କ'ଣ ହୋଇପାରିବ ସେ ନେଇ ସ୍ଥାନୀୟ ବିଇଓଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଏହି ସ୍କୁଲରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### କଲମପୁର ବ୍ଲକର ସମସ୍ତ ସ୍କୁଲରେ ଅଭିଭାବକ, ଶିକ୍ଷକ ସମ୍ମିଳନୀ

ଭବାନୀପାଟଣା/କଲମପୁର, ୨୮।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକର ସମସ୍ତ ସ୍କୁଲରେ ଶୁକ୍ରବାର ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଛାତୀଛାତ୍ରମାନେ ଯୋଗଦାନ କରିଥିଲେ। ସମ୍ମିଳନୀରେ ଉଜ୍ଜ୍ୱଳ ଉତ୍‌ଥାନ ବିଷୟରେ ୪୦ ଦିନର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଏଥିରେ ଶତପ୍ରତିଶତ ଛାତ୍ରୀଛାତ୍ର ସ୍କୁଲରେ ଉପସ୍ଥିତି ରହିବା ନିତ୍ୟାନ୍ତ ଆବଶ୍ୟକ, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ସୌହାର୍ଘପୂର୍ଣ୍ଣ ବାତାବରଣର ସମ୍ବନ୍ୱୟ ରକ୍ଷା କରିବା, ଶିକ୍ଷାଦାନରେ ଶିକ୍ଷକଙ୍କ ଭୂମିକା, ଉପସ୍ଥାନ ଶତ ପ୍ରତିଶତ, ବର୍ଷା ଦିନେ ବିଭିନ୍ନ ରୋଗର ସଚେତନତା ବିଷୟରେ ବାର୍ତ୍ତା ଏବଂ ବୃକ୍ଷରୋପଣ ସମ୍ପର୍କରେ ଅବଗତ କରାଯାଇଥିଲା। ସ୍କୁଲଗୁଡ଼ିକରେ କଲମପୁର ବିଇଓ ନବିନ କୁମାର ଖମାରୀ, ଏବିଇଓ ଗୌରାଙ୍ଗ ଚରଣ ବିଶ୍ୱାସ ଏବଂ ୬ ଜଣ ସିଆର୍‌ସିସି କାର୍ଯ୍ୟକ୍ରମକୁ ଯାଇ ସମ୍ମିଳନୀରେ ଭାଗ ନେଇଥିଲେ। କଲମପୁର ବ୍ଲକ ସମସ୍ତ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉତ୍ତ୍ୟକ୍ତ ଲୋକଙ୍କ ୪ଘଣ୍ଟା ଜାତୀୟ ରାଜପଥ ଅବରୋଧ

କେସିଙ୍ଗା,୨୮।୬ (ଡି.ଏନ.ଏ.)

**ଗାଡ଼ି ଧକ୍କାରେ ଜଣେ ମୃତ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କନ୍ତେଶିର ଗ୍ରାମ ୨୬ ନଂ. ଜାତୀୟ ରାଜପଥ ନିକଟରେ ଅଜଣା ଗାଡି ଧକ୍କାରେ ଗୁରୁବାର ରାତିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ନିଳାମ୍ବର ବିଶି (୫୭)। ଶୁକ୍ରବାର ସକାଳେ ଗ୍ରାମବାସୀ ଜାତୀୟ ରାଜପଥ ଦେଇ ଯିବା ଆସିବା ବେଳେ ମୃତଦେହ ପଡ଼ିଥିବା ଦେଖି ପରିବାରବର୍ଗଙ୍କୁ ଜଣାଇଥିଲେ। ପରେ ପରିବାରବର୍ଗ ଓ ଗ୍ରାମବାସୀ ପହଞ୍ଚି କ୍ଷତିପୂରଣ ଦାବିକରି ଜାତୀୟ ରାଜପଥରେ ମୃତଦେହ ରଖି ସକାଳ ୬ଟାରୁ ୧୦ ଘଣ୍ଟା ଯାଏ ରାସ୍ତା ଅବରୋଧ କରିଥିଲେ । ଫଳରେ କେସିଙ୍ଗା-ବଲାଙ୍ଗୀର, ବଲାଙ୍ଗୀରରୁ କେସିଙ୍ଗା, ଭବାନୀପାଟଣାକୁ ଯିବାକୁ ଥିବା ସମସ୍ତ ବସ, ଟ୍ରକ୍ ଯାନବାହନ ବନ୍ଦ ହୋଇଥିଲା। ଭୁବନେଶ୍ୱର, କଟକରୁ ଭବାନୀପାଟଣା, ଧର୍ମଗଡ, ଜୁନାଗଡ, ନବରଙ୍ଗପୁର ଆଦି ଜାଗାକୁ ଯିବା ପାଇଁ ଯାତ୍ରୀମାନେ ବହୁତ ଅସୁବିଧା ଭୋଗିଥିଲେ। ଖବର ପାଇ କେସିଙ୍ଗା ବିଡିଓ ଭୀମସେନ ଶବର, ଆଇଆଇସି ଅଶୋକ କୁମାର ମହାପାତ୍ର, ଏସଡିପିଓ ଗୁପ୍ତେଶ୍ୱର ଭୋଇ ଘଟଣାସ୍ଥଳେ ପହଞ୍ଚିଥିଲେ। ମୃତକଙ୍କ ପରିବାରର ବଡ ପୁଅ ପ୍ରତାପ ଚନ୍ଦ୍ର ବିଶିଙ୍କୁ ରେଡକ୍ରସ ଫାଣ୍ଡିରୁ ନଗଦ ୧୦ ହଜାର ଟଙ୍କା ଓ କନ୍ତେଶିର ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ପ୍ରଦାନ କରିବା ସହିତ ବିଜୁ ପକ୍କା ଘର ଓ ବିଧବା ଭତ୍ତା ଦେବା ପାଇଁ ବିଡିଓ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାଜରାସ୍ତାରୁ ହଟିଥିଲେ । ନିଳାମ୍ବର ସବୁଦିନ ପରି କେସିଙ୍ଗା ରେଳୱେ ଷ୍ଟେଶନ ନିକଟରେ ଥିବା ଏକ ହୋଟେଲରେ କାମ ସାରି ଗତ ରାତ୍ରି ୧୨ଘଣ୍ଟାରେ ଏକ ସରକାରୀ ବସ୍‌ରେ ଆସି ନିଜ ଗ୍ରାମ କନ୍ତେଶିର ଗ୍ରାମରେ ଓହ୍ଲାଇଥିଲେ। ସେଠାରୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟ ଜାତୀୟ ରାଜପଥ ପାରି ହେଉଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ଘଟଣାସ୍ଥଳେ ମୃତ୍ୟୁ ଘଟିଥିଲା ।



ଜାତୀୟ ରାଜପଥରେ ମୃତଦେହ ରଖି ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି ।

## ଜୁନାଗଡ ଅବକାରୀ ବିଭାଗର ଚଢ଼ାଉ

# ୧୬ ଲିଟର ରନ୍ଧା ମଦ ଜବତ, ୨ କୋର୍ଟ ଚାଲାଣ

ଜୁନାଗଡ,୨୮।୬ (ଡି.ଏନ.ଏ.)

ଜିଲା ଅବକାରୀ ଅଧୀକ୍ଷକ ବିଶ୍ୱନାଥ ସତପଥୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଜୁନାଗଡ ଅବକାରୀ ବିଭାଗ ପକ୍ଷରୁ ବ୍ଲକର ରଣପୁର ଗ୍ରାମରେ ଅତର୍କିତ ଚଢାଉ କରାଯାଇଥିଲା। ଏହି ସମୟରେ ଗ୍ରାମର ପଦ୍ମଲୋଚନ ଚାନ୍ଦଙ୍କଠାରୁ ୭ ଲିଟର ଓ ବିପିନ ଭଏଁସାଲଙ୍କଠାରୁ ୯ ଲିଟର ରନ୍ଧା ମଦ ଜବତ କରାଯାଇଥିଲା। ଉଭୟଙ୍କୁ ଗିରଫ କରାଯାଇ ଜୁନାଗଡ ଜେଏମ୍‌ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଜୁନାଗଡ ଅବକାରୀ ଉପ ନିରୀକ୍ଷକ (ଏସ୍‌ଆଇ) ଦିଲୀପ କୁମାର ରଥଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ ଏଏସ୍‌ଆଇ ବସନ୍ତ ବିଶି, କନଷ୍ଟେବଳ ବାଲେଶ୍ୱର ଧଙ୍ଗଡାମାଝି, ମହାଦେବ ମାଝି, ପ୍ରଦ୍ୟୁମ୍ନ ନାଏକ, ପ୍ରତିମା ଗହୀର ପ୍ରମୁଖ ସାମିଲ ଥିଲେ।



ଜୁନାଗଡ଼ ଅବକାରୀ ନିରୀକ୍ଷକଙ୍କ ସହ ଗିରଫ ୨ ଅଭିଯୁକ୍ତ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ

# ପରୀକ୍ଷା ଦେବାକୁ ଯିବେ ୩୦୦ କି.ମି. ଦୂର

ଭବାନୀପାଟଣା,୨୮।୬ (ଡି.ଏନ.ଏ.)

**କମ୍ପାର୍ଟମେଣ୍ଟାଲ ପରୀକ୍ଷା**

- କଳାହାଣ୍ଡି ଜିଲାର ପରୀକ୍ଷାର୍ଥୀ କୋରାପୁଟରେ ଦେବେ ପରୀକ୍ଷା
- ଚିନ୍ତାରେ ଅଭିଭାବକ, ଛାତ୍ରୀଛାତ୍ର

ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବ୍ୟାଚ୍ ପରୀକ୍ଷା ଦେଇ ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କୁ ତତ୍କାଳ ପରୀକ୍ଷା ଦେବାକୁ ୩୦୦ କି.ମି. ଦୂରକୁ ଯିବାକୁ ହେବ । ଶିକ୍ଷା ବିଭାଗର ବିଚିତ୍ର ନିଷ୍ପତ୍ତି ଯୋଗୁ କଳାହାଣ୍ଡି ଜିଲାର ୧୮୧ ଜଣ ପରୀକ୍ଷାର୍ଥୀଙ୍କୁ କମ୍ପାର୍ଟମେଣ୍ଟାଲ୍ ପରୀକ୍ଷା ଦେବା ପାଇଁ କୋରାପୁଟ ଜିଲାରେ ହୋଇଥିବା ପରୀକ୍ଷାକେନ୍ଦ୍ରକୁ ଯିବାକୁ ପଡିବ । ଏହା ଜଣାପଡିବା ପରେ ଛାତ୍ରୀଛାତ୍ର ଓ ଅଭିଭିବକ ମହଲରେ ଅସନ୍ତୋଷ ଦେଖାଦେବା ସହ ଚିନ୍ତାରେ ପଡ଼ିଛନ୍ତି। ଚଳିତବର୍ଷ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ମାଟ୍ରିକ ପରୀକ୍ଷା ହୋଇଥିଲେ । ଏହି ପରୀକ୍ଷାରେ ଭବାନୀପାଟଣା ବ୍ଲକର ୧୭ ବାଳିକା ଓ ୮ ବାଳକ, କଲମପୁର ବ୍ଲକର ୧୨ ବାଳିକା ଓ ୬ ଜଣ ବାଳକ, ଜୁନାଗଡ ବ୍ଲକର ଜଣେ ବାଳିକା ଓ ଜଣେ ବାଳକ ଅକୃତକାର୍ଯ୍ୟ ହୋଇଛନ୍ତି । ସେହିପରି ଧର୍ମଗଡ ବ୍ଲକର ୯ ବାଳିକା ଓ ୭ ବାଳକ, କୋକସରା ବ୍ଲକର ୧୦ ବାଳିକା ଓ ଜଣେ ବାଳକ, ଗୋଲାମୁଣ୍ଡା ବ୍ଲକର ୮ ବାଳିକା ଓ ୧୩ ବାଳକ, ଜୟପାଟଣା ବ୍ଲକର ୭ ବାଳିକା ଓ ୧୧ ବାଳକ, ଥୁ. ରାମପୁର ବ୍ଲକର ୬ ବାଳିକା ଓ ୭ ବାଳକ, କେସିଙ୍ଗା ବ୍ଲକର ୫ ବାଳିକା, ୬ ବାଳକ, ନର୍ଲା ବ୍ଲକର ୯ ବାଳିକା ଓ ୫ ବାଳକ, କର୍ଲାମୁଣ୍ଡା ବ୍ଲକର ୩ ବାଳିକା ଓ ୪ ବାଳକ, ଲାଞ୍ଜିଗଡ ବ୍ଲକର ୨ ବାଳିକା ଓ ୬ ବାଳକ ଏବଂ ମ. ରାମପୁର ବ୍ଲକର ୧୨ ବାଳିକା ଓ ୫ ବାଳକ ସର୍ବମୋଟ ୧୦୧ ଜଣ ବାଳିକାଙ୍କ ସମେତ ୮୦ ଜଣ ବାଳକ ପରୀକ୍ଷାର୍ଥୀ ଗଣିତ, ସାଧାରଣ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ଭଳି ବିଷୟରେ ଅକୃତକାର୍ଯ୍ୟ ହୋଇଛନ୍ତି । ଏହି ଛାତ୍ରୀଛାତ୍ର ଏ ବିଷୟରେ ତତ୍କାଳ ପରୀକ୍ଷା ଦେବା ପାଇଁ ଫର୍ମ ପୁରଣ କରିଥିଲେ । ଆସନ୍ତା ଜୁଲାଇ ୨ ରୁ ୧୦ ତାରିଖ ମଧ୍ୟରେ ଏହି ବିଷୟଗୁଡିକରେ ପରୀକ୍ଷା ଅନୁଷ୍ଠିତ ହେବା ନେଇ କେନ୍ଦ୍ରୀୟ ବୋର୍ଡ ଘୋଷଣା କରିଛନ୍ତି । କିନ୍ତୁ କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ୧୮୧ ଜଣ କମ୍ପାର୍ଟମେଣ୍ଟାଲ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ କୌଣସି ପରୀକ୍ଷାକେନ୍ଦ୍ର କରାଯାଇ ନାହିଁ । ଏହି ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଜିଲା ସଦର ମହକୁମା ଭବାନୀପାଟଣାଠାରୁ ୩ ଶହ କି.ମି.ରୁ ଅଧିକ ଦୂର କୋରାପୁଟ ଜିଲା କୋରାପୁଟ ଆଦର୍ଶ ବିଦ୍ୟାଳୟକୁ ପରୀକ୍ଷା ଦେଇ ଯିବାକୁ ହେବ । ଏତେ ଦୂରରେ ପରୀକ୍ଷା ଦେବା ପାଇଁ ଯିବାକୁ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡିବ । କେବଳ ପରୀକ୍ଷ ନୁହେଁ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଥୁଆମୂଳ ରାମପୁର, କର୍ଲାମୁଣ୍ଡା, ଲାଞ୍ଜିଗଡ, ମଦନପୁର ରାମପୁର, ଗୋଲାମୁଣ୍ଡା, କଲମପୁର, ନର୍ଲା ଆଦି ବ୍ଲକ ସହିତ କୋରାପୁଟକୁ କୌଣସି ବସ ସୁବିଧା ନାହିଁ । ଏପରିସ୍ଥଳେ ଏହି ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଏକାଧିକ ବସ ବଦଳ କରିବାକୁ ହେବ । ଅନ୍ୟପଟେ ସେଠାରେ ରହିଣି ସୁବିଧା କିପରି କରି ପାରିବେ ସେ ନେଇ ଅଭିଭାବକଙ୍କ ଆଖିରୁ ନିଦ ହଜିଯାଇଛି । ଗୋଲାମୁଣ୍ଡା ଅଞ୍ଚଳରେ ଅନେକ ଛାତ୍ରୀଛାତ୍ର ଏତେ ଦୂରରେ ପରୀକ୍ଷା କେନ୍ଦ୍ର ହୋଇଥିବା ଯୋଗୁ ଅଧିକ ଖର୍ଚ୍ଚାନ୍ତ ହୋଇ ପରୀକ୍ଷା ଦେବା ପାଇଁ ଅମଙ୍ଗ ହେଉଥିବା ସୂଚନା ମିଳିଛି । ଏହି ସବୁ ବିଦ୍ୟାଳୟରେ ପାଠ ପଢୁଥିବା ଅନେକ ଛାତ୍ରୀଛାତ୍ର ଗରିବ ପରିବାରର । ଏଭଳି ସ୍ଥିତିରେ ଜଣେ ଜଣେ ପିଲାଙ୍କ ପରୀକ୍ଷା ବାବଦକୁ ଖର୍ଚ୍ଚ ଚିନ୍ତାରେ ପକାଇ ଦେଇଛି । ଯଦି ପରୀକ୍ଷା ଦେଇ ନ ପାରନ୍ତି ତେବେ ସେମାନଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟ ସରକାରଙ୍କ ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଏଭଳି ନିଷ୍ପତ୍ତି ଛାତ୍ରୀଛାତ୍ରଙ୍କ ପାଇଁ କାଳ ସାଜିବା ଆଶଙ୍କା କରାଯାଉଛି । ଏ ନେଇ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପଚାରିବାରୁ ଆଦର୍ଶ ବିଦ୍ୟାଳୟ ପରୀକ୍ଷା ସମ୍ପର୍କରେ କୌଣସି ସୂଚନା ପାଇ ନ ଥିବା ସେ କହିଛନ୍ତି । ଏହା ସହିତ ତୁରନ୍ତ ଏ ନେଇ ରାଜ୍ୟସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ । ପରୀକ୍ଷା ନୀୟମାବଳିରେ କିପରି ଦର୍ଶାଯାଇଛି ସେ ନେଇ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ କହିଛନ୍ତି ।

## ୩୫ କୋଟି ବ୍ୟୟରେ ବହୁ ପ୍ରତୀକ୍ଷିତ ମେଗା ପାନୀୟ ଜଳ ପ୍ରକଳ୍ପ

# ମନ୍ଥର ଗତି କାମକୁ ନେଇ ଅସନ୍ତୋଷ

ଧର୍ମଗଡ,୨୮।୬ (ଡି.ଏନ.ଏ.)

**ଧର୍ମଗଡ଼ ସହର**

- ପାଣି ପାଇଁ ଲୋକେ ହନ୍ତସନ୍ତ
- ଆଜି ସୁଦ୍ଧା ୫୦ % ବି କାମ ଶେଷ ହୋନାହିଁ

କଳାହାଣ୍ଡି ଜିଲା ଧର୍ମଗଡଠାରେ ଦୀର୍ଘ ବର୍ଷରୁ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏହି ସମସ୍ୟା ଦୂର ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ପାନୀୟ ଜଳ ପ୍ରକଳ୍ପ ମେଗା ୱାଟର ଟ୍ରିଟ୍ ମେଣ୍ଟ ପ୍ଲାଣ୍ଟ ଅନୁମୋଦନ ହେଇଛି । ଧର୍ମଗଡ ସହରର କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ୨୦ ବର୍ଷର ପାନୀୟ ଜଳ ସମସ୍ୟାକୁ ପ୍ରତିହତ କରିବା ପାଇଁ ଏହି ମେଗା ପ୍ରକଳ୍ପ ପରିକଳ୍ପନା କରାଯାଇଛି । ଏହି ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ପ୍ରାୟ ୩୫ କୋଟି ଟଙ୍କା । ଏହି ପ୍ରକଳ୍ପ ଦ୍ୱାରା ଏନଏସିବାସିନ୍ଦା ଘରେ ଘରେ ପାଇ ପାରିବେ ବିଶୁଦ୍ଧ ପାନୀୟ ଜଳ। ଚଳିତବର୍ଷ ଅଗଷ୍ଟ ସୁଦ୍ଧା ଏହି ପ୍ରକଳ୍ପ ଶେଷ ପାଇଁ ସମୟ ସୀମା ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହାର ମନ୍ଥର ଗତି କାମ ଯୋଗୁ ପ୍ରକଳ୍ପ ଆଜି ସୁଦ୍ଧା ୫୦ % ବି କାମ ଶେଷ ହୋନାହିଁ । ଫଳରେ ଲୋକେ ପାଣି ପାଇଁ ହଇରାଣ ହେଉଥିବା ବେଳେ ମନ୍ଥର ଗତି କାମକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଧର୍ମଗଡ ସହରରେ ବିଭିନ୍ନ ଅଞ୍ଚଳରେ ପାଣି ପାଇଁ ମହିଳାମାନେ ଘଣ୍ଟା ଘଣ୍ଟା ଧରି ଧାଡି ବାନ୍ଧି ଷ୍ଟାଣ୍ଡ ପୋଷ୍ଟରେ ଅପେକ୍ଷା କରି ରହିବା ଏକ ନିତିଦିନିଆ ଘଟଣା ହୋଇଛି। ଏହି ଅଞ୍ଚଳରେ ବିଶେଷ କରି ଖରା ଦିନରେ ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଆସୁଛନ୍ତି। ଏପରି କି ପାନୀୟ ଜଳ ପାଇଁ ମହିଳାମାନେ ଭୋର ୪ଟାରୁ ପାଣି ଷ୍ଟାଣ୍ଡ ପୋଷ୍ଟ ଆଗରେ ଧାଡି ବାନ୍ଧି ରହୁଛନ୍ତି । ଏହି ପ୍ରକଳ୍ପ ଘୋଷଣା ହେବା ପରେ ସାଧାରଣ ଲୋକଙ୍କୁ ଆଶ୍ୱସ୍ତ ମିଳିଥିଲା । କିନ୍ତୁ ଏହାର ମନ୍ଥର ଗତି କାମ ଯୋଗୁ ଜନଅସନ୍ତୋଷ ଦେଖାଦେଇଛି। ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ହେବାକୁ ଥିବା ଏହି ପାନୀୟ ଜଳ ପ୍ରକଳ୍ପ ଗତ ଫେବୃୟାରୀ ୨୦୧୮ରୁ ଆରମ୍ଭ ହୋଇ ଚଳିତବର୍ଷ ଅଗଷ୍ଟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ବର୍ତ୍ତମାନ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି କାର୍ଯ୍ୟକୁ ରାଜସ୍ଥାନର ଏକ ଠିକା ସଂସ୍ଥା ଟେଣ୍ଡର ନେଇଛି । କାମ ଆରମ୍ଭ ହେବା ଦିନଠାରୁ ପାଇପ ପୋତିବା ପାଇଁ ସହରର ବିଭିନ୍ନ ୱାର୍ଡରେ ଜେସିବି ମେଶିନରେ ଖୋଳିବା ପରେ ତାହାର ମରାମତି ମଧ୍ୟ କରିନାହିଁ । ଏହି ରାସ୍ତା ଖୋଳିବା ଦ୍ୱାରା ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି । ନିକଟସ୍ଥ ଛିଲିପା ତେଲ ନଦୀରୁ ପାଣି ଉଠାଯାଇ ଧର୍ମଗଡ କେବିଡି ଛକ ନିକଟରେ ନିର୍ମାଣ ହେବାକୁ ଥିବା ୱାଟର ଟ୍ରିଟ ମେଣ୍ଟ ପ୍ଲାଣ୍ଟରେ ପାଣି ଆସି ଗଚ୍ଛିତ ହେବ । ସେହି ପ୍ଲାଣ୍ଟରେ ପାଣି ବିଶୁଦ୍ଧ ହୋଇ ୩ଟି ଓଭରହେଡ ଟ୍ୟାଙ୍କ ଏବଂ ଟ୍ୟାଙ୍କ ତଳେ ଥିବା ଭୁତଳ ଜଳ ଭଣ୍ଡାରରେ ପାଣି ଗଚ୍ଛିତ ହେବ। ସେହି ପାଣିକୁ ପାଇପ ଯୋଗେ ସହରର ପ୍ରତ୍ୟେକ ଘରକୁ ଯୋଗାଣ କରାଯିବ। ଏହି ପ୍ଲାଣ୍ଟର ପାଣି ଶୁଦ୍ଧତା କ୍ଷମତା ଦୈନିକ ୪୦ ଲକ୍ଷ ଲିଟର ରହିଥିବା ଜଣାଯାଇଛି। ଏହି ପ୍ରକଳ୍ପ ଯୋଗୁ ଧର୍ମଗଡ ଏନଏସିର ସମସ୍ତ ଜନସାଧାରଣ ସହଜରେ ବିଶୁଦ୍ଧ ପାନୀୟ ଜଳ ନିଜ ଘରେ ପାଇପାରିବେ। ଏହି ମେଗା ପ୍ରକଳ୍ପର ମନ୍ଥର ଗତି କାମ ଯୋଗୁ ଏହା କେବେ ସମ୍ପୂର୍ଣ୍ଣ ହେବ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିଶ୍ୱନାଥ ଯୋଷୀଙ୍କୁ ପଚାରିବାରୁ ଏହି ସମସ୍ୟା ସମାଧାନ ଖୁବଶୀଘ୍ର କରାଯିବ ଏବଂ ଠିକାଦାରଙ୍କୁ ତୁରନ୍ତ କାମ ଶେଷ କରିବାକୁ ତାଗିଦ କରାଯିବ ବୋଲି କହିଛନ୍ତି ।





ପାଣି ପାଇଁ ମହିଳାମାନେ ଅପେକ୍ଷା କରିଛନ୍ତି (ବାମ) । ପାଇପ୍ ବିଛାଇବା ପାଇଁ ଜେସିବି ମେଶିନରେ କାମ କରାଯାଉଛି ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ଆର୍‌ଏସ୍‌ଏସ୍‌ର ଗୁରୁ ଦକ୍ଷିଣା ଉତ୍ସବ

**ଟିକ୍ରାପଡା, ୨୮।୬(ଡି.ଏନ୍.ଏ):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ସ୍ଥିତ କଳା ଓ ସଂସ୍କୃତି ପରିଷଦ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଟିକ୍ରାପଡା ଶାଖା ଆନୁକୂଲ୍ୟରେ ଗୁରୁ ଦକ୍ଷିଣା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ବିଭୁତିଭୂଷଣ ବଗର୍ତ୍ତି ସଭାରେ ଅଧ୍ୟକ୍ଷତା କରିଥିଲେ ନାରାୟଣ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୁରୁ ମହିମା ଓ ବର୍ତ୍ତମାନର ପରିସ୍ଥିତିରେ ସ୍ୱୟଂସେବକଙ୍କ ଭୂମିକା ସମ୍ବନ୍ଧରେ କହିଥିଲେ। ଇନ୍ଦ୍ରମଣି ବନଛୋରଙ୍କ ମୁଖ୍ୟ ଶିକ୍ଷକତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ରଜନୀକାନ୍ତ ଦାସ, ଉଗ୍ରସେନ ରାଜପଲିଆ, ଗୌରଚନ୍ଦ୍ର ମୁଦୁଲି, ପିତାମ୍ବର ଭୋଇ, ଗୋପବନ୍ଧୁ ଭୋଇ, କରୁଣାକର ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବହୁ ସଂଖ୍ୟାରେ ସଂଘର ସ୍ୱୟଂସେବକ ଓ ଶୁଭେଚ୍ଛୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

### ଆଗକୁ ବର୍ଷାଋତୁ, ଡ୍ରେନ୍ ସଫେଇ ଦାବି

**ଟିକ୍ରାପଡା, ୨୮।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ଗ୍ରାମର ରାସ୍ତାକଡ ଡ୍ରେନ ସବୁ ବିଭିନ୍ନ କାରଣରୁ ପୋତି ହୋଇ ପଡିଛି। ଆଗକୁ ବର୍ଷା ଦିନ ଆସୁଥିବାରୁ ସେ ସବୁକୁ ସଫା କରାଯାଇ ଜଳ ନିଷ୍କାସନର ବ୍ୟବସ୍ଥା କରାଯିବା ଜରୁରୀ ହୋଇପଡିଛି। ହାଇସ୍କୁଲ ସାମ୍ନା ଡ୍ରେନ ପୋତି ହୋଇ ପଡିବା ଫଳରେ ବର୍ଷା ଜଳ ହାଇସ୍କୁଲ ପରିସରକୁ ପ୍ରବେଶ କରୁଛି। ପାଣି ଜମି ରହିବା ଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଭାରତୀ ରାଜପଲିଆଙ୍କୁ ପଚାରିବାରେ ପିଡବ୍ଲୁଡି ଏସଡିଓଙ୍କ ସହ ଏ ନେଇ ଆଲୋଚନା ସରିଛି। ରାସ୍ତାକଡ ଡ୍ରେନର ସଫେଇ ଓ ଆବଶ୍ୟକ ସ୍ଥାନରେ ନୂତନ ଡ୍ରେନର ନିର୍ମାଣ ନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### କଣ୍ଟାବାଞ୍ଜି ଏନ୍‌ଏସିରେ ପଲିଥିନ ଧରପଗଡ଼

**କଣ୍ଟାବାଞ୍ଜି,୨୮।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସିକୁ ପଲିଥିନମୁକ୍ତ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ସନ୍ଧ୍ୟାରେ ଧରପଗଡ ଆରମ୍ଭ ହୋଇଛି। ଚଢ଼ାଉ ବେଳେ କେତେକ ଦୋକାନୀଙ୍କଠାରୁ ପଲିଥିନ ଜରି ଏବଂ ପାଣି ପାଉଚ ଜବତ କରାଯାଇଛି। ସହରରେ ଥିବା ମାଛ ବଜାର, କିରାନା ଦୋକାନ, ଫଳ ଦୋକାନ, ଥଣ୍ଡା ଦୋକାନ ଏବଂ ପନିପରିବା ବିକାଳି ଓ ଗ୍ରାହକଙ୍କୁ ପଲିଥିନ ବ୍ୟବହାର ନ କରିବା ପାଇଁ ତାଗିଦ୍ କରାଯାଇଛି। ଧରପଗଡରେ ସ୍ଥାନୀୟ ଏନଏସି ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର, ଇଂ.ଆଦିତ୍ୟ ମିଶ୍ର, ସ୍ୱଚ୍ଛ ଭାରତ ମିଶନର ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ,ଏନ୍‌ଏସି ଜମାଦାର ଧୀରେନ୍ଦ୍ର ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

### ଅଭିଭାବକ, ଶିକ୍ଷକ ସମ୍ମିଳନୀ

**ଲୋଇସିଂହା,୨୮।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅଭିଭବାକ ଓ ଶିକ୍ଷକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷକ ବୃନ୍ଦାବନ ସାହୁ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସିଆରସିସି ଜୟଦେବ ମହାକୁର ଅତିଥିଭାବେ ଯୋଗଦେଇ ଅଭିବବକଙ୍କ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରଙ୍କ ଶତପ୍ରତିଶତ ଉପସ୍ଥାପନା ରଖିବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ଉତ୍ତର କୁମାର ପଧାନ ଉଜ୍ଜଳ ଏବଂ ଉତ୍‌ଥାନ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷଣ ଅଭିବୃଦ୍ଧି କିଭଳି ହେବ ବୁଝାଇଥିଲେ।

### ଜୁଲାଇ ମାସର ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୨୮।୬:** ଜୁଲାଇ ମାସ ପାଇଁ ବଲାଙ୍ଗୀର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି। ତଦନୁସାରେ ଜୁଲାଇ ମାସ ପ୍ରଥମ ସୋମବାର ୧ ତାରିଖ ଜିଲା ମୁଖ୍ୟାଳୟସ୍ଥିତ ବଲାଙ୍ଗୀର ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଶୁଣାଣି କରାଯିବ। ଜୁଲାଇ ୮ରେ ଟିଟିଲାଗଡ ଉପଜିଲାପାଳ କାର୍ଯ୍ୟାଳୟରେ, ୧୫ରେ ପାଟଣାଗଡ ଉପଜିଲାପାଳ କାର୍ଯ୍ୟାଳୟରେ, ୨୨ରେ ଲୋଇସିଂହା ବ୍ଲକ୍ କାର୍ଯ୍ୟାଳୟରେ ଓ ୨୯ ତାରିଖରେ ସଇଁତଲା ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଞ୍ଚଳର ଜନସାଧାରଣ ସେମାନଙ୍କ ବ୍ୟକ୍ତିଗତ କିମ୍ବା ସାମୂହିକ ସମସ୍ୟା ଓ ଅଭିଯୋଗ ଜଣାଇ ପାରିବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଜଣାଇଛନ୍ତି।

# ୮୯ କୃଷି ଅଧିକାରୀ, କର୍ମଚାରୀ ପଦ ଖାଲି

**ସୋନପୁର,୨୮।୬(ନି.ପ୍ର.)**

- କୃଷି ଓ ରୋଗପୋକ ବିଶେଷଜ୍ଞ ନାହାନ୍ତି
- ଦୋକାନୀଙ୍କ ପରାମର୍ଶରେ ଚାଲିଛି ରାସାୟନିକ ବିଷ ପ୍ରୟୋଗ

ସୁବର୍ଣ୍ଣପୁର ଜିଲାରେ ୮୯ କୃଷି ଅଧିକାରୀ ଓ କର୍ମଚାରୀ ପଦବୀ ଖାଲି ପଡିଛି। ମୋଟ ୧୭୮ପଦବୀରୁ ଅଧା ଖାଲିଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଚାଷୀଙ୍କୁ ଠିକଣା ସମୟରେ ବୈଷୟିକ ପରାମର୍ଶ ମିଳୁନି। କୃଷି ଓ ରୋଗପୋକ ବିଶେଷଜ୍ଞ ଜିଲାରେ ନଥିବାରୁ ରୋଗପୋକ ପ୍ରାର୍ଦୁଭାବ ସମୟରେ ଚାଷୀ ବାରଦୁଆର ହେଉଛି। ଦୋକାନୀଙ୍କ ପରାମର୍ଶରେ ହିଁ ଚାଷୀ ଫସଲରେ ରାସାୟନିକ ବିଷ ପ୍ରୟୋଗ କରୁଛି। ଚଳିତ ଖରିଫରେ ୧ ଲକ୍ଷ ୩୦ ହଜାର ୩୫୦ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଚାଷ କରାଯିବା ପାଇଁ ଲକ୍ଷ୍ୟ ରହିଛି। କିନ୍ତୁ ଚାଷୀଙ୍କୁ ଠିକଣା ସମୟରେ ବୈଷୟିକ ପରାମର୍ଶ ମିଳୁ ନଥିବାରୁ ଧାଯର୍ୟ ଲକ୍ଷ୍ୟ ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଖାଲି ଥିବା ପଦବୀଗୁଡିକୁ ପୂରଣ ଦିଗରେ ତତ୍ପରତା ପ୍ରକାଶ କରୁ ନ ଥିବା କୃଷକ ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି।

ଜିଲାର ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ କୃଷି ଉପରେ ନିର୍ଭରଶୀଳ। ଏଠାକାର ଚାଷୀ କୃଷି କାର୍ଯ୍ୟରେ ଆଗୁଆ। ଅଧିକ ଉତ୍ପାଦନ ପାଇଁ ସୁନାମ ରହିଛି। ଦୁଇଜଣ ମହିଳା ଚାଷୀ କ୍ଷିତିସୁତା ମିଶ୍ର ଓ ଅନିତା ପଟେଲ ରାଷ୍ଟ୍ରପତିଙ୍କଠାରୁ ସମ୍ମାନଜନକ କୃଷି କର୍ମଣ ପୁରସ୍କାର ପାଇ ଜିଲା ଓ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଜିଲାରେ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହେଉଛି। ସୁବର୍ଣ୍ଣପୁର ଜିଲା ଗଠନର ୧୭ ବର୍ଷ ପରେ ୨୦୧୦ରେ କୃଷି ଉପନିର୍ଦ୍ଦେଶକ(ଡିଡିଏ)ଙ୍କ କାର୍ଯ୍ୟାଳୟ ଖୋଲିଲା। ପୂର୍ବରୁ ଏହି କାର୍ଯ୍ୟାଳୟ ବଲାଙ୍ଗୀରରେ ଥିଲା। ଚାଷୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଥିଲା ନୂଆ କାର୍ଯ୍ୟାଳୟ ଖୋଲିବା ପରେ। ସରକାର କୃଷି ଉପ ନିର୍ଦ୍ଦେଶକଙ୍କୁ ନିଯୁକ୍ତ ଦେଇ ସବୁ ଯେମିତି ଭୁଲିଗଲେ। ପିଅନ, କର୍ମଚାରୀ କିମ୍ବା କିରାଣୀଙ୍କୁ ନିଯୁକ୍ତି ଦିଆଗଲାନି। ଇତି ମଧ୍ୟରେ ୯ ବର୍ଷ ବିତିବାକୁ ବସିଛି। କୌଣସି ଗୋଟିଏ ପଦବୀରେ ନିଯୁକ୍ତି ଦିଆ ଯାଇନି। ବଲାଙ୍ଗୀର, ସୋନପୁର ଓ ବୀରମହାରାଜପୁର ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ କର୍ମଚାରୀ ଓ ଅଧିକାରୀଙ୍କୁ ଡେପୁଟେସନରେ ଆଣି ଡିଡିଏ ଅଫିସର କାର୍ଯ୍ୟ ସମ୍ପାଦିତ ହେଉଛି। ଗୁରୁତ୍ୱପୂର୍ଣ୍ଣ ସୋନପୁର ଜିଲା କୃଷି ଅଧିକାରୀ ପଦବୀ ଗତ ୧ ବର୍ଷ ହେବ ଖାଲି ପଡିଛି। ବୀରମହାରାଜପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ ଶତପଥୀଙ୍କୁ ସୋନପୁରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ହେଡକ୍ୱାର୍ଟର୍ସ କୃଷି ଓଭରସିଅର ପଦବୀ ଖାଲି ପଡିଛି। ୬ଟି ବ୍ଲକର ମୋଟ ୧୨ଟି କୃଷି ଓଭରସିଅର ପଦବୀରୁ ୪ଟି ଖାଲି ପଡିଛି। ଜିଲାର ୨ଟି ଯାକ କୃଷି ବିଶେଷଜ୍ଞ, ୨ଟି ପ୍ଲାଣ୍ଟ ପ୍ରୋଟେକ୍ସନ ଅଫିସର, ୪ଜଣ କୃଷି ଅଧିକାରୀ, ଜଣେ ମୁଖ୍ୟ କିରାଣୀ, ୯ ବରିଷ୍ଠ କିରାଣୀ, ୩ କନିଷ୍ଠ କିରାଣୀ, ୬ ଜଣ ପିଅନ, ଜଣେ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ, ୩୫ଜଣ ଗ୍ରାମ୍ୟ କୃଷି କର୍ମଚାରୀ, ଜଣେ ଏଫଏସସି, ୨ ଜଣ କମ୍ପୋଷ୍ଟ ଇନ୍ସପେକ୍ଟର, ୨ ଜଣ କମ୍ପୋଷ୍ଟ ମିସ୍ତ୍ରୀ, ୩ଟି ଜେଡି, ୭ଟି ଚୌକିଦାର ଓ ୨ଟି ପିଏଲ ଫାର୍ମ ପଦବି ମଧ୍ୟ ବର୍ଷ ବର୍ଷ ଧରି ପୂରଣ ହେଉନି। କୃଷି ଓ ରୋଗପୋକ ବିଶେଷଜ୍ଞ ନଥିବାରୁ ଭୁଲ ରାସାୟନିକ ସାର ପ୍ରୟୋଗ କରି ଚାଷୀ କ୍ଷତି ସହୁଛି। କେବଳ ଚକଡା ରୋଗରେ ପ୍ରତିବର୍ଷ ଶତାଧିକ ଏକର ଧାନ ଫସଲ ନଷ୍ଟ ହେଉଛି। ରେକର୍ଡ ସଂଖ୍ୟକ ଧାନ ଉତ୍ପାଦନ କରୁଥିବା ଏହି ଜିଲାରେ ଖାଲି ପଡିଥିବା ପଦବି ଗୁଡିକୁ ପୂରଣ କରିବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା କୃଷି ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା କୁହନ୍ତି ସ୍ୱଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ କନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରୁଛୁ। ଚାଷୀଙ୍କ ସମସ୍ୟା ଓ ଅଭାବ ଅସୁବିଧାକୁ ପୂରଣ କରାଯାଉଛି। ଖାଲି ପଡିଥିବା ପଦବି ପୂରଣ ପାଇଁ ସରକାରଙ୍କୁ ବିଭିନ୍ନ ସମୟରେ ଚିଠି ଲେଖା ଯାଉଥିବା ଜେନା କହିଛନ୍ତି।



ସୁବର୍ଣ୍ଣପୁର କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ।

## କଫ୍ ସିରପ୍ ଚୋରା ଚାଲାଣ ଘଟଣା
## ୧୨ଦିନ ପରେ ଫେରାର ଅଭିଯୁକ୍ତ ଗିରଫ

**ଲୋଇସିଂହା,୨୮।୬(ଡି.ଏନ.ଏ.)**

କଫ୍ ସିରପ ଚୋରା ଚାଲାଣ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ୧୨ ଦିନପରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଆଗଲପୁର ଫାଣ୍ଡି ପୋଲିସ ଗିରଫ କରିଛି। ଅଭିଯୁକ୍ତ କରୁଣ ନାଏକଙ୍କୁ(୨୫) ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଲୋଇସିଂହା ଥାନାରେ ଏକ ମାମଲା(ନଂ ୧୨୭/୧୯) ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଦେବାର୍ଚ୍ଚନ ମିର୍ଦ୍ଧା କହିଛନ୍ତି। ପୋଲିସ ସୂଚନାମତେ, ଲୋଇସିଂହା ଥାନା ଅନ୍ତର୍ଗତ ଫାସଡ ଗ୍ରାମର କରୁଣା ନାଏକ ଗତ ୧୭ ତାରିଖ ଏକ ଟାଟ ମେଜିକ (ନଂ.ଓଆର୧୫ ଆର ୮୨୦୬)ରେ ୭ ପେଟି କଫ ସିରପ ଆଗଲପୁର ଅଞ୍ଚଳକୁ ଚୋରାଚାଲାଣ କରୁଥିଲେ। ଡ୍ୟୁଟିରେ ଥିବା ପୋଲିସକୁ ଦେଖି ଗାଡି ଛାଡି ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେତେବେଳେ ପୋଲିସ ଗାଡି ଓ କଫ ସିରପକୁ ଜବତ କରି ତଦନ୍ତ ଚଳାଇଥିଲେ। ପୋଲିସକୁ ଚକମା ଦେଇଥିବା ଅଭିଯୁକ୍ତ ଗୁରୁବାର ଧରା ପଡିଥିଲେ।

## କାଳବୈଶାଖୀରେ ଭାଙ୍ଗିଛି ସ୍କୁଲ ପାଚେରି
# ସୁରକ୍ଷା କାରଣରୁ ହଷ୍ଟେଲରେ ରହୁନାହାନ୍ତି ଛାତ୍ରୀ

**ମୁରିବାହାଲ, ୨୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ହାଇସ୍କୁଲର ଶହେଫୁଟରୁ ଅଧିକ ଲମ୍ବର ପାଚେରି ଜୁନ ପ୍ରଥମ ସପ୍ତାହର କାଳବୈଶାଖୀରେ ଭାଙ୍ଗିଯାଇଛି। ଭାଙ୍ଗିଯାଇଥିବା ଖୋଲାବାଡ଼ ଦେଇ ଅବାଧରେ ଗୋରୁଙ୍କ ସହ ଅସାମାଜିକ ଲୋକେ ହାଇସ୍କୁଲ ଭିତରକୁ ପ୍ରବେଶ କରୁଛନ୍ତି। ଏଥିଯୋଗୁ ହାଇସ୍କୁଲରେ ଥିବା ୧୦୦ସିଟ୍ ବିଶିଷ୍ଟ ଆଦିବାସୀ ହରିଜନ ଛାତ୍ରୀ ନିବାସରେ ରହୁଥିବା ୫୩ଜଣ ଅନ୍ତେବାସିନୀ ସ୍କୁଲ ପରିସରରେ ରହିବାକୁ ସୁରକ୍ଷିତ ମଣୁନାହାନ୍ତି। ନିମ୍ନମାନର କାର୍ଯ୍ୟଯୋଗୁ ଏପରି ହୋଇଥିବା ମୁରିବାହାଲ ବ୍ଲକ ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁର ଓ ବରିଷ୍ଠ ସଦସ୍ୟ ଦାମୋଦର ଭୋଇ ପ୍ରମୁକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ହାଇସ୍କୁଲର ପ୍ରଧାନଶିକ୍ଷକ ପୀତବାସ ସାହୁଙ୍କୁ ପଚାରିବାରୁ ପାଚେରି ଭାଙ୍ଗି ଯାଇଥିବାରୁ ଗତବର୍ଷର ୩୫ ଓ ଏବର୍ଷ ନାମ ଲେଖାଇଥିବା ୧୮ଜଣ ଏସଟିଏସସି ଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ହଷ୍ଟେଲରେ ରହିବାକୁ ବାରଣ କରାଯାଇଛି। ଖୁବ୍‌ଶୀଘ୍ର ଅସ୍ଥାୟୀ ପାଚେରି ଦିଆଯିବ ବୋଲି ସେ କହିଛନ୍ତି। କଣ୍ଟାବାଞ୍ଜି ଆରଡ଼ି ଏସଡ଼ିଓ ସୁଧାଂଶୁ ଶେଖର ପାଢୀଙ୍କୁ ଏ ନେଇ ପଚାରିବାରୁ ବର୍ତ୍ତମାନ ପାଚେରି ନିର୍ମାଣ ପାଇଁ ବିଭାଗ ପକ୍ଷରୁ କୌଣସି ଅର୍ଥ ବ୍ୟବସ୍ଥା ହୋଇନାହିଁ। ଅର୍ଥବରାଦ ହେଲେ ନିର୍ମାଣ କରାଯିବ ବୋଲି କହିଛନ୍ତି।



ଭାଙ୍ଗି ପଡିଥିବା ପାଚେରି।

## ଗର୍ଭବତୀ, ପ୍ରସୂତି ମା’ ପୁଷ୍ଟିକର ଯୋଜନାରୁ ବଞ୍ଚିତ

**ଲୋଇସିଂହା,୨୮।୬(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ଅନ୍ତର୍ଗତ ନେଗିପାଲି ଗ୍ରାମରେ ସମନ୍ୱିତ ଶିଶୁବିକାଶ ଯୋଜନାରେ ଗର୍ଭବତୀ, ପ୍ରସୂତିଙ୍କ ପାଇଁ ଉଦ୍ଦିଷ୍ଟ ପୁଷ୍ଟିକର ଯୋଜନା ବଟବଣା ହୋଇଛି। ନେଗିପାଲି ଅଙ୍ଗନୱାଡି-୨ ଅଧୀନରେ ଆସୁଥିବା ଗର୍ଭବତୀ ଓ ପ୍ରସୂତିମାନେ ଉପେକ୍ଷିତ ହୋଇ ପଡିଥିବା ଅଭିଯୋଗ ହୋଇଛି। ହେମରାଜ ମହାକୁରଙ୍କ ସ୍ତ୍ରୀ ରୀତା ଗର୍ଭଧାରଣ ପରେ ଗତ ୨ ଏପ୍ରିଲରେ ଅଙ୍ଗନୱାଡିରେ ପଞ୍ଜୀକୃତ ହୋଇଛନ୍ତି। ମମତା ଯୋଜନାରେ ପଞ୍ଜୀକୃତ ହେବାର ୨ ମାସ ବିତି ଯାଇଛି। ହେଲେ ତାଙ୍କୁ ମିଳିବାକୁ ଥିବା ଛତୁଆ ଏବଂ ଅଣ୍ଡା ଅଦ୍ୟାବଧି ମିଳିନାହିଁ। ସିଡିପିଓ ପ୍ରଜ୍ଞା ବାରିକ କହିଛନ୍ତି ଯେ, ପଞ୍ଜୀକରଣର ମାସକ ପରେ ହିତାଧିକାରୀ ସୁବିଧା ପାଇବାକୁ ହକଦାର। କେଉଁ ପରିସ୍ଥିତିରେ ବ୍ୟତିକ୍ରମ ହୋଇଛି ଅନୁଧ୍ୟାନ କଲା ପରେ କୁହାଯାଇ ପାରିବ। ଏଭଳି ସମସ୍ୟା ଥିଲେ ହିତାଧିକାରୀମାନେ ଲିଖିତ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଅପହରଣରେ ବ୍ୟବହୃତ ଟିମନ୍‌ଙ୍କ ସ୍କର୍ପିଓ ଜବତ
## ଅପହରଣ ମାମଲାରେ ଗିରଫ ସଂଖ୍ୟା ୫କୁ ବୃଦ୍ଧି

**ବଲାଙ୍ଗୀର ଅଫିସ, ୨୮।୬**

ଜମିଲୁଟ୍ ଉଦ୍ଦେଶ୍ୟରେ ଦୁଇଭାଇଙ୍କୁ ଅପହରଣ ଓ ନିସ୍ଠୁକ ମାଡ ଘଟଣାରେ ଗିରଫ ହୋଇ ଜେଲ ଯାଇଥିବା ଜମି ମାଫିଆ ଟିମନ୍ ଓରଫ ଶ୍ରୀକାନ୍ତ କୁମ୍ଭାରଙ୍କ ସ୍କର୍ପିଓ (ଓଡି୧୭-୯୦୨୮)କୁ ଜବତ ହୋଇଛି। ବଲାଙ୍ଗୀର ସଦର ପୋଲିସର ଏକ ଟିମ୍ ନୟାଗଡ ଥାନା ଅଞ୍ଚଳରୁ ଉକ୍ତ ଗାଡିକୁ ଜବତ୍ କରିଛି। ଜବତ୍ ଗାଡିକୁ ବଲାଙ୍ଗୀର ଅଣାଯାଇଥିବା ସଦର ଥାନା ଆଇଆଇସି ଯୋଗେଶ୍ୱର ପଣ୍ଡା ସୂଚନା ଦେଇଛନ୍ତି। ଗତ ୧୪ ତାରିଖ ଦିନ ଅଭିଯୁକ୍ତ ଟିମନ୍(୪୨), ସହଯୋଗୀ ଦିଲୀପ କୁମ୍ଭାର(୪୫), ଡାନିଏଲ କୁମ୍ଭାର ପ୍ରମୁଖ ସଦର ଥାନା ଅନ୍ତର୍ଗତ ବାରପୁଡୁଗିଆ ଛକଠାରେ ସାଇକେଲ ଦୋକାନ ଦେଇଥିବା ଖୁଣ୍ଟପାଲି ଗ୍ରାମର ଦୁଇଭାଇ ପର୍ଶୁରାମ ପଟେଲ ଓ ଘନଶ୍ୟାମ ପଟେଲଙ୍କୁ ଅପହରଣ କରି ନିସ୍ଠୁକ ମାଡ ମାରିଥିଲେ। ଏ ନେଇ ପର୍ଶୁରାମ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୨୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୧୭ ତାରିଖ ଦିନ ଅଭିଯୁକ୍ତ ଟିମନ୍‌ଙ୍କ ମୁଖ୍ୟ ସହଯୋଗୀ ଦିଲୀପଙ୍କୁ ପୋଲିସ ଗିରଫ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ଟିମନ୍ ଓ ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ମଙ୍ଗଳବାର ରାତିରେ ସଦର ପୋଲିସଙ୍କ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ପଟିଆ ଅଞ୍ଚଳର ଏକ ଭଡାଘରେ ଚଢ଼ାଉ କରି ସେଠାରୁ ମୁଖ୍ୟ ଅଭିଯୁକ୍ତ ଟିମନ୍‌ଙ୍କ ସହ ୩ ସହଯୋଗୀ ଗନ୍ଧରେଲ ଗାଁର ଧର୍ମେନ୍ଦ୍ର ଜାଲ (୨୯), ତାଳପାଲିପଡାର ତ୍ରିନାଥ ସାଗର (୫୩) ଓ ରୁଗୁଡିପଡାର ଅନିରୁଦ୍ଧ ଦଳବେହେରା (୬୨)ଙ୍କୁ ଗିରଫ କରିଥିଲା। ଏହି ଅପହରଣ ଘଟଣାରେ ବ୍ୟବହୃତ ସ୍କର୍ପିଓକୁ ଲୁଚାଇ ଦିଆଯାଇଥିଲା। ଟିମନ୍‌ଙ୍କ ଗିରଫଦାରୀ ପରେ ତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ପୋଲିସ ନୟାଗଡ ଅଞ୍ଚଳରୁ ଉକ୍ତ ସ୍କର୍ପିଓ ଜବତ୍ କରିଥିବା ସୂଚନା ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ସହଯୋଗୀଙ୍କୁ ଖୋଜା ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି।




ଜବତ ହୋଇଥିବା ଅପହରଣରେ ବ୍ୟବହୃତ ଅଭିଯୁକ୍ତ ଟିମନ୍ କୁମ୍ଭାରଙ୍କ ସ୍କର୍ପିଓ।

# ବରିଷ୍ଠ ନାଗରିକ ମଞ୍ଚର ଦ୍ୱିବାର୍ଷିକ ସମ୍ମିଳନୀ

**ବଲାଙ୍ଗୀର ଅଫିସ,୨୮।୬**

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ଦ୍ୱିବାର୍ଷିକ ସମ୍ମିଳନୀ ସଦାଇପାଲିସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ମଞ୍ଚ ସଭାପତି ନାରାୟଣ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ପାଦକ ପ୍ରଭାକର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ବିରଞ୍ଚି ହୋତା ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଯଦି କୌଣସି ସଂଘ ସଦସ୍ୟ ମୃତ୍ୟୁବରଣ କରନ୍ତି ତେବେ ଆଗାମୀ ଦିନରେ ୩ ହଜାର ଟଙ୍କା ଲେଖାଁଏ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବାକୁ ସମ୍ମିଳନୀରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ରିକ୍ରେସନାଲ କ୍ଲବ ପ୍ରତିଷ୍ଠା କରାଯିବା ଉପରେ ଆଲୋଚନା ହୋଇଥିଲା। ଏହି ପ୍ରକ୍ରିୟା ଅତିଶୀଘ୍ର ପୂରଣ କରିବାକୁ ସମସ୍ତେ ରାଜି ହୋଇଥିଲେ। ମଞ୍ଚ ତରଫରୁ ଯେଉଁମାନେ ପରିଚୟ ପତ୍ର ପାଇନାହାନ୍ତି ସେମାନଙ୍କୁ ପରିଚୟ ପତ୍ର ଯୋଗାଇ ଦିଆଯିବ। ବୈଠକରେ ମଞ୍ଚ ତରଫରୁ ୭୪ ସଦସ୍ୟଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ପ୍ରମୋଦ କୁମାର ଗୁରୁ, ରଞ୍ଜନ କୁମାର ରାଉତ ଓ ରାମଜୀ ପ୍ରସାଦ ପାଣିଗ୍ରାହୀଙ୍କୁ ଆଜୀବନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିବାବେଳେ ସଚ୍ଚିଦାନନ୍ଦ ଶତପଥୀ ଓ ଲମ୍ବୋଦର ସାହୁଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ଏତଦ୍‌ବ୍ୟତୀତ ଆଗାମୀ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରିବା ସକାଶେ ଏକ କମିଟି ଗଠନ କରାଯାଇଥିଲା। ସାଧାରଣ ପରିଷଦ ସଦସ୍ୟମାନଙ୍କ ପ୍ରସ୍ତାବକ୍ରମେ ମନୋନୟନ ପ୍ରକ୍ରିୟା ଜରିଆରେ କର୍ମକର୍ତ୍ତା ଚୟନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହି ଅନୁଯାୟୀ କମିଟି ଅଧକ୍ଷ ଶ୍ରୀକର ମିଶ୍ର ଓ ସଭ୍ୟ ଭାବେ ଇଂ. ହରେକୃଷ୍ଣ ମେହେର, ଚିତ୍ତରଞ୍ଜନ ପଟେଲ ତଥା ମୁରଲୀଧର ଦାସଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। କମିଟିର ତତ୍ତ୍ୱାଧାନରେ ନୂତନ କମିଟି ମନୋନୀତ କରାଯାଇଥିଲା। ସର୍ବସମ୍ମତକ୍ରମେ ମୁଖ୍ୟ ଉପଦେଷ୍ଟା ଭାବେ ସୁଧାଂଶୁ ଶେଖର ଦର୍ଜିଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟାଭାବେ ପଦ୍ମଚରଣ ଆଚାର୍ଯ୍ୟ, ଡା.ଲମ୍ବୋଦର ମେହେର, ବାସୁଦେବ ମେହେର ଓ ଧନଞ୍ଜୟ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ସଭାପତିଭାବେ ନାରାୟଣ ପାଢୀ, ଉପସଭାପତି ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଓ ଇଂ.ପ୍ରଫୁଲ୍ଲ କୁମାର ସାହୁ, ସାଧାରଣ ସମ୍ପାଦକ ପ୍ରଭାକର ମିଶ୍ର, ଅତିରିକ୍ତ ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ଅଶୋକ ଚାନ୍ଦ ଓ ସୁନୀଲ ଚନ୍ଦ୍ର ବିଶ୍ୱାଳ, ସଙ୍ଗଠନ ସମ୍ପାଦକ ବିଜୟ କୁମାର ମିଶ୍ର, କାର୍ଯ୍ୟାଳୟ ସମ୍ପାଦକ ଦାମୋଦର ଓତା ଓ କୋଷାଧକ୍ଷ ଭାବେ ବିରଞ୍ଚି ହୋତାଙ୍କୁ ମନୋନୀତ କରାଯାଇଥିଲା। କପିଳେଶ୍ୱର ଖମାରୀ, ବିଶ୍ୱନାଥ ମିଶ୍ର, ତ୍ରିଲୋଚନ ଦାସ, ଅନ୍ତର୍ଯ୍ୟାମୀ ପୁରୋହିତ, ଡା. ପ୍ରମୋଦ କୁମାର ମିଶ୍ର ଓ ହରିଶଙ୍କର ସାଏଙ୍କୁ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ସାହୁ, ମଳିଆ ଗଡୁଆ, ଅଶୋକ ଚାନ୍ଦ, ଡ.ଶ୍ରୀକର ମିଶ୍ର, ପ୍ରଭାକର ମିଶ୍ର, ଶ୍ରୀକାନ୍ତ ପାଣିଗ୍ରାହୀ, ମନୋରଞ୍ଜନ ମିଶ୍ର, ଧନଞ୍ଜୟ ମିଶ୍ର ଓ ଇଂ.ହରେକୃଷ୍ଣ ମେହେର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବୈଶାଖ ମେଳାର ମାସେ ବିତିଲା
# ବକେୟା ଅର୍ଥ ପ୍ରଦାନ କରିନି ପ୍ରଶାସନ

**ଖପ୍ରାଖୋଲ, ୨୮।୬ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ପୁଣ୍ୟକ୍ଷେତ୍ର ହରିଶଙ୍କର। ଏଠାକାର ମୁଖ୍ୟ ଉତ୍ସବ ହେଉଛି ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା। ଏହି ମେଳାର ଆୟୋଜନ ଦେବୋତ୍ତର ବିଭାଗ ତରଫରୁ ହେଉଥିବାବେଳେ ଗତ ବୈଶାଖ ମେଳା ପାଇଁ ୯ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟବରାଦ କରାଯାଇଥିଲା। ଗତ ମେ ୧୬ ତାରିଖରୁ ୧୮ ତାରିଖ ଧରି ତିନି ଦିନ ଯାଏଁ ଅନୁଷ୍ଠିତ ହୋଇଥିଲା ଏହି ମେଳା। ଇତିମଧ୍ୟରେ ମେଳା ଶେଷ ହେବାର ଏକ ମାସରୁ ଅଧିକ ହୋଇଥିଲେ ବି ବିଭିନ୍ନ ବାବଦକୁ ଲକ୍ଷାଧିକ ଟଙ୍କା ବାକିଥିବା ଅଭିଯୋଗ ହୋଇଛି। ମେଳାରେ ଟେଣ୍ଟ, ଲାଇଟ୍, ଦୋକାନ ସାମଗ୍ରୀ ସହିତ ବିଭିନ୍ନ ମଜୁରି ଟଙ୍କା ମିଳି ନ ଥିବା ଜଣାଯାଇଛି। ପାଟଣାଗଡ ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଦୀର୍ଘଦିନ ହେଲା ଛୁଟିରେ ଥିବାରୁ ଏଭଳି ସମସ୍ୟା ଦେଖାଦେଇଥିବା ଜଣାଯାଇଛି। ଏ ନେଇ ହରିଶଙ୍କର ମନ୍ଦିର ପରିଚାଳକ ବେଣୁଧର ସାହୁଙ୍କୁ ପଚାରିବାରୁ ମେଳା ସମୟରେ କିଛି ଟଙ୍କା ଅଗ୍ରିମ ଦିଆଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଛୁଟିରେ ଥିବାରୁ ଏହି ସମସ୍ୟା ଦେଖାଦେଇଛି। ତୁରନ୍ତ ସମସ୍ୟା ସମାଧାନର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ବିଭିନ୍ନ ବାବଦରେ ବକେୟା ଥିବା ଟଙ୍କା ତୁରନ୍ତ ଦେବା ବ୍ୟବସ୍ଥା କରାଯିବାକୁ ମନ୍ଦିର ପରିଚାଳନା ସବକମିଟିସଭାପତିବିପ୍ର ବିଶି, ଶଶି ପୂଜାରୀ, ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଦାବି କରିଛନ୍ତି।

## ବଲାଙ୍ଗୀର ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ
# ମିଳିଲା ଡିଗ୍ରୀ କଲେଜ ମାନ୍ୟତା

**ବଲାଙ୍ଗୀର ଅଫିସ, ୨୮।୬**

- ଚଳିତବର୍ଷରୁ ୬୦ ସିଟ୍‌ରେ ଆରମ୍ଭ ହେବ ତିନିବର୍ଷିଆ ପାଠ୍ୟକ୍ରମ
- ଜାତୀୟ ପର୍ଯ୍ୟଟନ ମନ୍ତ୍ରଣାଳୟ ତରଫରୁ ମିଳିଲା ଅନୁମତି

ଚଳିତ ଶିକ୍ଷାବର୍ଷଠାରୁ ବଲାଙ୍ଗୀରସ୍ଥିତ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଆଇଏଚ୍‌ଏମ୍)ରେ ତିନିବର୍ଷିଆ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ ହେବ। ଏନେଇ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧିନରେ ଥିବା ନ୍ୟାଶନାଲ କାଉନସିଲ ଫର୍ ହୋଟେଲ ମ୍ୟାନେଜ୍‌ମେଣ୍ଟ ଆଣ୍ଡ କ୍ୟାଟେରିଙ୍ଗ ଟେକ୍‌ନୋଲଜି ତରଫରୁ ଅନୁମତି ମିଳିଛି। ଏସ୍‌ଆଇଏଚ୍‌ଏମ୍ ଅଧ୍ୟକ୍ଷ ଧୀମନ୍ ବାନାର୍ଜୀ ଏକ ଖବରଦାତା ସମ୍ମିଳନୀରେ ଶୁକ୍ରବାର ଏ ନେଇ ସୂଚନା ଦେଇଥିଲେ। ଡିଗ୍ରୀ କୋର୍ସ ପାଇଁ ଅନୁମତି ମିଳିବା ପରେ ଏହି ଅନୁଷ୍ଠାନ ଏକ ଜାତୀୟସ୍ତରର ଅନୁଷ୍ଠାନରେ ପରିଣତ ହୋଇପାରିଛି। ଏହି କଲେଜରେ ଡିଗ୍ରୀ କୋର୍ସ ପାଇଁ ୬୦ଟି ସିଟ୍‌କୁ ମଞ୍ଜୁରୀ ଦିଆଯାଇଛି। ଚଳିତ ଶିକ୍ଷାବର୍ଷରେ ଏପର୍ଯ୍ୟନ୍ତ ୩୬ ଛାତ୍ରୀଛାତ୍ରଙ୍କ ଆଡମିଶନ୍ ହୋଇସାରିଥିବା ଅଧ୍ୟକ୍ଷ ବାନାର୍ଜୀ ସୂଚନା ଦେଇଥିଲେ। ଓଡିଶା ରାଜ୍ୟ ସରକାରଙ୍କ ସହଯୋଗ ଓ କେନ୍ଦ୍ର ସରକାରଙ୍କ ଅନୁମତିରେ ଏହି ଅନୁଷ୍ଠାନ ଜାତୀୟସ୍ତରରେ ଆଗକୁ ସୁନାମ ଅର୍ଜନ କରିବ ବୋଲି ଅଧ୍ୟକ୍ଷ କହିଥିଲେ। ବଲାଙ୍ଗୀର ଭଳି ଜିଲାରେ ଏହି କଲେଜ ଆଗକୁ ନିଶ୍ଚିତ ନିଯୁକ୍ତି ସୃଷ୍ଟି କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଦାଦନ ପ୍ରବଣ ବଲାଙ୍ଗୀର ଜିଲାର ଯୁବକ ଯୁବତୀମାନେ ଏହି କଲେଜରୁ ଶିକ୍ଷାଗ୍ରହଣ କରି ଜାତୀୟ, ଆନ୍ତର୍ଜାତିକସ୍ତରରେ ହୋଟେଲ ବ୍ୟବସାୟ କ୍ଷେତ୍ରରେ ସୁନାମ ଅର୍ଜନ କରି ପାରିବେ ବୋଲି ଅଧ୍ୟକ୍ଷ ବାନାର୍ଜୀ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷଙ୍କ ସହ ଅନ୍ୟ ଷ୍ଟାଫ୍ ଉପସ୍ଥିତ ଥିଲେ। ୧୫ ବର୍ଷ ତଳେ ବଲାଙ୍ଗୀରରେ ଆରମ୍ଭ ହୋଇଥିବା ଏହି କଲେଜରେ ଡିପ୍ଲୋମାରେ ୧୫୦ ଏବଂ ସାର୍ଟିଫିକେଟ୍ କୋର୍ସ ପାଇଁ ୬୦ଟି ସିଟ୍ ରହିଥିଲା। ଏବେ ତିନିବର୍ଷିଆ ଡିଗ୍ରୀ ଶ୍ରେଣୀରେ ୬୦ଟି ସିଟ୍‌ରେ ପାଠପଢ଼ା ଆରମ୍ଭ ହେବ। କଲେଜରେ ଏବେ ଭିତ୍ତିଭୂମିର ବିକାଶ, ହଷ୍ଟେଲ ନିର୍ମାଣ, ଶ୍ରେଣୀଗୃହ ନିର୍ମାଣ ଚାଲିଛି। କଲେଜକୁ ଅଧିକ ଜମି ହସ୍ତାନ୍ତର ସକାଶେ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଜବରଦଖଲ ଯୋଗୁ ଏନେଇ ଅସୁବିଧା ଦେଖାଯାଉଥିବା ଜଣାପଡିଛି। ଏହି ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ଦାବି କରାଯାଇଛି।



ବଲାଙ୍ଗୀର ଏସ୍‌ଆଇଏଚ୍‌ଏମ୍‌ରେ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ଧୀମନ୍ ବାନାର୍ଜୀ ସୂଚନା ଦେଉଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ଜୁନ, ୨୦୧୯



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେ୍ୟାବାସୀଙ୍କ କ୍ୟାରିୟର ପରାମର୍ଶ ଶିବିର

ଭବାନୀପାଟଣା,୨୮।୬ (ଡି.ଏନ.ଏ.)- ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସ୍ଥାନୀୟ ଆଇଟିଆଇଠାରେ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେ୍ୟାବାସୀଙ୍କ ଏକ କ୍ୟାରିୟର ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ପଲିଟେକନିକ କଲେଜ ଅଧକ୍ଷ, ଆଇଟିଆଇ ଅଧକ୍ଷ, ଜିଲା ସହକାରୀ ନିଯୋଜନ ଅଧିକାରୀ ବିଜୟ ଉପାଧାୟ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂ, ଜୁନାଗଡ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ବାଳା ଦେବୀ ଓ ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି ଶାଧନ କର୍ମୀ ଭାବେ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅୟୋଜିତ ଏହି ଶିବିରରେ ଜିଲାର ୧୧ଟି ଶିଶୁଯତ୍ନ କେନ୍ଦ୍ରର ଅନ୍ତେ୍ୟାବାସୀ ବାଳକ ବାଳିକାମାନେ ଯୋଗଦେଇଥିଲେ। ମାଟ୍ରିକ ଓ ଯୁକ୍ତ ୨ ପାସ କରିଥିବା ଅନ୍ତେ୍ୟାବାସୀଙ୍କ ପାଇଁ ଜିଲାରେ ଥିବା ବୈଷୟିକ ଶିକ୍ଷା ଅନୁଷ୍ଠାନଗୁଡିକ ସମ୍ପର୍କରେ ସାଧନ କର୍ମୀମାନେ ଆଲୋଚନା କରିବା ସହ ଅନ୍ତେ୍ୟାବାସୀ ନିଜର ବୈଷୟିକ ତାଲିମ ଗ୍ରହଣ କରିବା ପରେ କ'ଣ ସବୁ ନିଯୁକ୍ତି ସୁଯୋଗ ରହିଛି ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲାରେ ଥିବା ୧୪ଟି ଶିଶୁଯତ୍ନ ଅନୁଷ୍ଠାନରେ ସୁରକ୍ଷା ଓ ଯତ୍ନ ଆବଶ୍ୟକ କରୁଥିବା ଓ ବିଭିନ୍ନ ଦ୍ୱନ୍ଦରେ ଛନ୍ଦି ହୋଇଥିବା ୫୫୦ରୁ ଉର୍ଦ୍ଧ୍ୱ ଶିଶୁ ଅନ୍ତେ୍ୟାବାସୀ ରହୁଛନ୍ତି। ସେଥି ମଧ୍ୟରୁ ଚଳିତ ବର୍ଷ ୩୫ ଜଣ ଶିଶୁ ମାଟ୍ରିକ ପାସ କରିଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଶିଶୁ ଆଇଟିଆଇରେ ଅଧ୍ୟନ କରୁଛନ୍ତି। ଏହି ଶିବିରରେ ଜିଲା ଶିଶୁସୁରକ୍ଷା ୟୁନିଟ ଆନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ବିକାଶର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଣଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ରାଜଲକ୍ଷ୍ମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିବିରାର୍ଥୀ ଆଇଟିଆଇର ବିଭିନ୍ନ ଟ୍ରେଡ୍ ପରିଦର୍ଶନ କରିଥିଲେ।

### ଘରୋଇ ଡାକ୍ତରଖାନାର ଅବହେଳା ଯୋଗୁ ଶିଶୁ କନ୍ୟାର ମୃତ୍ୟୁ
## ଘଟଣାର ତଦନ୍ତ କଲେ ସିଡିଏମଓ

ଭବାନୀପାଟଣା/କୋକସରା, ୨୮।୬ (ଡି.ଏନ.ଏ.)- ଭବାନୀପାଟଣାଠାରେ ଥିବା ଏକ ଘରୋଇ ନର୍ସିଂ ହୋମର ଡାକ୍ତର ଓ ନର୍ସଙ୍କ ଅବହେଳା ଯୋଗୁ ଜନ୍ମିତ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ନେଇ ଶିଶୁର ପରିବାର ଅଭିଯୋଗ କରିବା ସହ ନ୍ୟାୟ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, କଳାହାଣ୍ଡି ଜିଲାପାଳଙ୍କ ସମେତ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ କଳାହାଣ୍ଡି ମୁଖ୍ୟ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ ତରଫରୁ ପୀଡ଼ିତ ପରିବାରଙ୍କୁ ତଦନ୍ତ ପ୍ରକ୍ରିୟାରେ ହାଜର ପାଇଁ ବିଭାଗୀୟ ଚିଠି ସଂଖ୍ୟା ୨୬୬୯ ତା ୨୫।୬।୨୦୧୯ ଅନୁସାରେ ମୃତ ଶିଶୁ କନ୍ୟାର ମା' ପ୍ରିୟଙ୍କା ଅଗ୍ରୱାଲ ଓ ତାଙ୍କ ସ୍ୱାମୀ ରୋହିତ ଅଗ୍ରୱାଲଙ୍କୁ ୨୭।୬।୨୦୧୯ ରିଖରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ଚିଠି କରାଯାଇଥିଲା। ସେମାନଙ୍କ ଅଭିଯୋଗ ଅନୁସାରେ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପୀଡ଼ିତ ପରିବାର ପକ୍ଷରୁ ମୃତ ଶିଶୁ କନ୍ୟାଙ୍କ ବାପା ରୋହିତ ଅଗ୍ରୱାଲ ଓ ତାଙ୍କ କାକ ରାଜେଶ ଅଗ୍ରୱାଲ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ପୂର୍ବ ଅଭିଯୋଗ ଅନୁସାରେ ଘରୋଇ ଡାକ୍ତରଖାନା ଡାକ୍ତରଙ୍କ ଅବହେଳା ଯୋଗୁ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା କଥାକୁ ପୁଣି ଥରେ ଦୋହୋରାଇଥିଲେ। ଭବାନୀପାଟଣାଠାରେ ଥିବା ମା' ମାଣିକେଶ୍ୱରୀ ସ୍ପେଶାଲ ଲିଷ୍ଟ ହସ୍ପିଟାଲ ପକ୍ଷରୁ ମାଲିକ ରବୀନ୍ଦ୍ର ଅଗ୍ରୱାଲ ଓ ତାଙ୍କ ଭାଇ ସନ୍ତୋଷ ଅଗ୍ରୱାଲଙ୍କ ସମେତ ଘରୋଇ ଡାକ୍ତାଖାନାର ସ୍ତ୍ରୀ ରୋଗ ବିଶେଷଜ୍ଞ ଡ଼ା ଦେବାଶିଷ ଦାସ ଓ ଭବାନୀପାଟଣା ସରକାରୀ ଡାକ୍ତରଖାନାର ଏଡିଏମଓ ଡା.. ଜଗୁଲାଲ ଅଗ୍ରୱାଲ ଓ ବିକାଶ ପ୍ରହରାଜ ଏହି ତଦନ୍ତ ପ୍ରକ୍ରିୟାରେ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ । ଅଭିଯୋଗକୁ ଭିତ୍ତି କରି କଳାହାଣ୍ଡି ସିଡିଏମଓ ବନଲତା ଦେବି ପୀଡ଼ିତ ପରିବାର ଓ ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଡାକି ତଦନ୍ତ କରିଥିବା ଜଣାପଡ଼ିଛି ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା
# ଅମ୍ବୁଡ୍‌ସମ୍ୟାନ ସରଜମିନ ତଦନ୍ତ କଲେ

ନୂଆପଡ଼ା ଅଫିସ/ଖଡ଼ିଆଳ,୨୮।୬

ସରକାର ଶ୍ରମିକ ଶ୍ରେଣୀର ଲୋକଙ୍କୁ ବାର୍ଷିକ ଶହେଦିନର ରୋଜଗାର ଗ୍ୟାରେଣ୍ଟି କରିବାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଖଡିଆଳ ବ୍ଲକ ନେହେନା ଗ୍ରାମପଞ୍ଚାୟତରେ ଶ୍ରମିକମାନେ ଏହି ଯୋଜନାରେ କାମ କରିବାର ଆଜକୁ ବର୍ଷେରୁ ଉର୍ଦ୍ଧ୍ୱ ସମୟ ହେବ ପ୍ରାପ୍ୟ ପାଇ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ଖବର ପାଇ ଅମ୍ବୁଡ୍ସମ୍ୟାନ ପଞ୍ଚାୟତ ଗସ୍ତ କରି ସରଜମିନ ତଦନ୍ତ କରିଛନ୍ତି। ତଦନ୍ତ ପରେ ଏହାର ସତ୍ୟତା ଜାଣି ଶ୍ରମିକମାନଙ୍କୁ ତୁରନ୍ତ ପେମେଣ୍ଟ ଦେବା ବ୍ୟବସ୍ଥା କରିବାକୁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାସକ ମଧ୍ୟରେ ପେମେଣ୍ଟ କରାଯିବାକୁ ଉଦ୍ୟମ କରାଯିବ ବୋଲି ପ୍ରଶାସନ ତରଫରୁ କୁହାଯାଇଛି। ପ୍ରକାଶ ଯେ, ଖଡିଆଳ ବ୍ଲକ ଅଧୀନ ନେହେନା ଗ୍ରାମପଞ୍ଚାୟତରେ ଅର୍ଦ୍ଧାଧିକ ଲୋକ ଶ୍ରମିକ ଶ୍ରେଣୀର ରହିଛନ୍ତି । ସରକାରୀ ଭାବେ ଏହି ପଞ୍ଚାୟତରେ ବାର୍ଷିକ ଶହେ ଦିନର ରୋଜଗାର ଦିଆଯାଉଥିବା କୁହାଯାଉଥିବାବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ଅଧିକାରୀମାନଙ୍କ ଲାଭଖୋର ମନୋବୃତି ଯୋଗୁ ପ୍ରକୃତ ଶ୍ରମିକମାନେ ଏଥିରୁ ବଞ୍ଚିତ ରହୁଛନ୍ତି । ଏପରି କି କାମ କରିଥିବା ଶ୍ରମିକମାନେ ବର୍ଷାଧିକକାଳ ପେମେଣ୍ଟ ପାଉ ନ ଥିବାବେଳେ କାମ କରି ନ ଥିବା ଶ୍ରମିକଙ୍କ ଆକାଉଣ୍ଟକୁ ପେମେଣ୍ଟ ଯାଉଛି । ଏଠିକାର ଭିନ୍ନ ଭିନ୍ନ ଗାଁର ୬୪ଜଣ ହିତାଧିକାରୀ ଜମି ମରାମତି କାମ କରିଥିଲେ ହେଁ ଦୀର୍ଘ ଦିନ ଧରି ମଜୁରୀ ଟଙ୍କା ମିଳିପାରିନାହିଁ। ଏହି ଖବର ପାଇ ଅମ୍ବୁଡ୍ସମ୍ୟାନ ଆର. ବିଜୟରାଜ ସଦଳବଳ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ତଦନ୍ତ କରିଥିଲେ। ଅଧିକାରୀମାନଙ୍କୁ ସମସ୍ତ କାର୍ଯ୍ୟର ଫାଇଲ ମାଗିଥିଲେ ମଧ୍ୟ କୌଣସି ଫାଇଲ ମିଳି ନ ଥିବାନେଇ କ୍ଷୁବ୍ଧ ହୋଇଥିଲେ। ଅଭିଯୋଗ କରିଥିବା ଚିଚେର ଗାଁକୁ ଯାଇ ଜମି ମରାମତି କାମ କରିଥିବା ଚାଷୀମାନଙ୍କୁ ପଚାରିଥିଲେ। ତେବେ ମୋଟ ୬୪ ଜଣ ହିତାଧିକାରୀଙ୍କ ଜମିରେ କାମ କରିଥିବା ମୋଟ ୨୫୬ ଜଣ ଶ୍ରମିକଙ୍କ ବାବଦକୁ ୭ ଲକ୍ଷ ୯୫ହଜାର ଟଙ୍କା ବାକି ଥିବା ଜାଣିବାକୁ ପାଇଥିଲେ। ସେହିଭଳି ନେହେନା ଗାଁର ଦେଶର ଟ୍ୟାଙ୍କ ଖନନ କାମରେ ନିୟୋଜିତ ଶ୍ରମିକମାନେ ୭୪ ହଜାର ୬୫୦ ଟଙ୍କା ପାଇ ନ ଥିବା ଜଣାପଡିଥିଲା। ଶ୍ରମିକମାନେ ଆମ୍ବୁଡ୍ସମ୍ୟାନଙ୍କ ନିକଟରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ଉପରେ ତୁରନ୍ତ ପେମେଣ୍ଟ ଦେବା ବ୍ୟବସ୍ଥା ନ କଲେ ଶ୍ରମିକମାନେ ଆନ୍ଦୋଳନ କରିବେ ବୋଲି କହିଥିଲେ। ବିଭାଗୀୟ କର୍ମଚାରୀମାନେ ତୁରନ୍ତ ପେମେଣ୍ଟ ଦେବା ବ୍ୟବସ୍ଥା ନ କଲେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାଇ ଦେଇଛନ୍ତି । ବହୁ ଦିନ ଧରି ବ୍ଲକ ତଥା ଜିଲା ପ୍ରଶାସନ ନିକଟରେ ଏହାକୁ ନେଇ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ଅଧିକାରୀ ଏଠାକୁ ଆସି ନ ଥିବାବେଳେ ପ୍ରଥମ ଥର ପାଇଁ ଆମ୍ବୁଡ୍ସମ୍ୟାନଙ୍କୁ ଦେଖିଥିବାରୁ ଶ୍ରମିକମାନେ ଖୁସି ପ୍ରକଟ କରିଥିଲେ । ତେବେ ସେମାନଙ୍କ ମଜୁରୀ ଟଙ୍କା କେତେ ଶୀଘ୍ର ମିଳିପାରୁଛି ତାହା ଦେଖିବାକୁ ବାକି ରହିଲା ବୋଲି କହିଛନ୍ତି ।



ଚିଚେର ଗାଁରେ ଶ୍ରମିକମାନଙ୍କ ଅଭିଯୋଗ ଗ୍ରହଣ କରୁଛନ୍ତି ଅମ୍ବୁଡ୍ସମ୍ୟାନ ।

**ନେହେନା ଗ୍ରାମପଞ୍ଚାୟତ**
- ମାସକ ମଧ୍ୟରେ ପେମେଣ୍ଟ ହେବ

### ଅଭିଭାବକ, ଶିକ୍ଷକ ସମ୍ମିଳନୀ
# ଅଭିଭାବକ, ଶିକ୍ଷକ ମୁଦ୍ରାର ଦୁଇପାର୍ଶ୍ୱ

ନୂଆପଡା ଅଫିସ,୨୮।୬

ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ଶିକ୍ଷାର ବିକାଶ ସକାଶେ ଅଭିଭାବକ ଏବଂ ଶିକ୍ଷକମାନଙ୍କ ଅବଦାନ ରହିବା ବାନଛନୀୟ । ଏମାନେ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ । ଶିକ୍ଷାଦାନକୁ ତ୍ୱରିତ କରିବାକୁ ଏଦୁହେଁ ଆଗକୁ ଆସିବା ଦରକାର ବୋଲି ଅଧିକାରୀମାନେ କହିଥିଲେ। ଶୁକ୍ରବାର ସ୍ଥାନୀୟ ଅଏଁଲାଜୁବା କ୍ଲଷ୍ଟରର ସାଇପଲା ଶାସ୍ତ୍ରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଅଭିଭାବକ, ଶିକ୍ଷକ ସମ୍ମିଳନୀରେ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଉଦ୍‌ବୋଧନ ଦେଇ ଏହା କହିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ମୁଖ୍ୟଅତିଥି, ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରମଣୀ ତାଣ୍ଡି, ପ୍ରଧାନଶିକ୍ଷକ ଇନ୍ଦିରା ଗିରି, ସିଆରସିସି ଶରତ କୁମାର ପଣ୍ଡା, ଶାସ୍ୱତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଭିଭାବକ ଏବଂ ଶିକ୍ଷକମାନଙ୍କ ବୈଠକ ବାରମ୍ବାର ନିୟମିତ ବ୍ୟବଧାନରେ କରାଗଲେ ବିଭିନ୍ନ ସମସ୍ୟା ସମୀକ୍ଷା କରାଯିବା ସହ ସମାଧାନ ହୋଇପାରିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଏହା ଯଦିବା ଏକ ପୁରୁଣା ବିଦ୍ୟାଳୟ ଏହାର ଗୃହ ନିର୍ମାଣ ତଥା ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଦୃଷ୍ଟି ଦେବାକୁ ଅଧିକାରୀମାନଙ୍କୁ ଅଭିଭାବକମାନେ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ, ସେହିଭଳି ଶୁକ୍ରବାର ଜିଲାବ୍ୟାପି ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଏକକାଳୀନ ବୈଠକ ହୋଇଥିଲା। ଅଧିକାରୀମାନେ ଏହି ବିଦ୍ୟାଳୟକୁ ପର୍ଯ୍ୟବେକ୍ଷଣରେ ଯାଇ କାର୍ଯ୍ୟକ୍ରମରେ ଯୋଗଦେଇ ତଦାରଖ କରିଥିଲେ। ଅଧିକାରୀମାନଙ୍କୁ ନିକଟରେ ପାଇ ଖୁସି ପ୍ରକଟ କରିଥିଲେ । ଏଥିରେ ଗାଁର ସମସ୍ତ ଅଭିଭାବିକା ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ, ପଞ୍ଚାୟତିରାଜ ପ୍ରତିନିଧିମାନେ ଯୋଗଦେଇଥିଲେ।



ଅଭିଭାବକ ଓ ଶିକ୍ଷକ ସମ୍ମିଳନୀରେ ଅତିଥିମାନେ ବସିଛନ୍ତି ।

# ରଥଯାତ୍ରା ପାଇଁ ଶାନ୍ତି କମିଟି ବୈଠକ

ଖଡିଆଳ ଏନ୍‌ଏସି,୨୮।୬ (ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ସହରରେ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଶୁକ୍ରବାର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଡିଆଳ ଥାନା ପରିସରରେ ଏସଡିପିଓ ବିରଞ୍ଚି ନାରାୟଣ ଦେହୁରୀଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର, ଖଡିଆଳ ଆଇଆଇସି କୈଳାଶ ଚନ୍ଦ୍ର ସେଠୀଙ୍କ ସମେତ ତିନି ରଥ ବଡଦଧିବାମନ ମନ୍ଦିର, ପତିତପାବନ ମନ୍ଦିର, ଜଗନ୍ନାଥ ମନ୍ଦିର କମିଟି କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ଏଥିସହ ଖଡିଆଳ ଏନ୍‌ଏସି କର୍ତ୍ତୃପକ୍ଷ, ବିଦ୍ୟୁତ ବିଭାଗ, ପୂର୍ତ୍ତବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସମେତ ଖଡିଆଳ ସହରର ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ରଥଯାତ୍ରା ସମୟରେ ଟ୍ରାଫିକ ବ୍ୟବସ୍ଥା, ରାସ୍ତାଘାଟ ପରିମଳ ବ୍ୟବସ୍ଥା, ବିଦ୍ୟୁତ ସେବା ସହିତ ପାନୀୟ ଜଳର ସୁବ୍ୟବସ୍ଥା କରିବା ଉପରେ ବିଶେଷ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ । ସହରରେ ଟ୍ରାଫିକ ବ୍ୟବସ୍ଥା କଡାକଡି ପାଇଁ ବ୍ୟାପକ ପୋଲିସ ମୁତୟନ ଲାଗି ଖଡିଆଳ ଆଇଆଇସି କୈଳାସ ଚନ୍ଦ୍ର ସେଠୀ କହିଛନ୍ତି ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ବନ ବିଭାଗ ଦ୍ୱାରା ଚୋରାକାଠ ସହ ଗାଡ଼ି ଜବତ

ରାଜଗାଙ୍ଗପୁର, ୨୮।୬ (ଡି.ଏନ.ଏ)- ରାଜଗାଙ୍ଗପୁର ବନବିଭାଗ ଗତ ରାତ୍ରିରେ ବହୁମାତ୍ରାରେ ଚୋରାକାଠ ପଟା ସହ ଏକ ଟାଟା ଏସି ଗାଡିକୁ ଜବତ କରିଛନ୍ତି । ସୂଚନା ମୁତାବକ ଗତ ରାତ୍ରିରେ ରାଜଗାଙ୍ଗପୁର ବନଖଣ୍ଡର ଅଧିକାରୀ ସିଏସ ଗଡନାୟକ ଏବଂ ତାଙ୍କ ଟିମ ରାତ୍ରି ୧୧ଟାରେ ବୟାମ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ଟାଟାଏସି ଗାଡିକୁ ଦେଖିବାକୁ ପାଇଥିଲେ । ଗାଡିଟିରେ କେହି ନଥିବା ବେଳେ ଗାଡିର ଡାଲାରେ ଚୋରା କାଠ ପଟା ବୋଝେଇ ହୋଇଥିବା ଦେଖିବାକୁ ପାଇଥିଲେ । ବନ ଅଧିକାରୀ ଚୋରା କାଠ ପଟା ସହ ଟାଟା ଏସି ଗାଡି ଓଡି ୧୪ ପି- ୦୬୭୪ ଟିକୁ ଜବତ କରିଛନ୍ତି । ଜବତ ହୋଇଥିବା କାଠପଟାର ମାତ୍ର ୫୦ ସେପଟି ହେବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି।

### ଗରିବ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଖାତା, ଡଟ ପ୍ରଦାନ

ବାଲିଶଙ୍କରା, ୨୮।୬ (ଡି.ଏନ.ଏ)- ବାଲିଶଙ୍କରା ବ୍ଲକର ଭଣ୍ଡାରୀଶଙ୍କରା ଗ୍ରାମରେ ବ୍ରିଜ ହୋପ୍ ସଂସ୍ଥା ତରଫରୁ ଗ୍ରାମର ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ପାଠପଢ଼ାର ଖାତା, ଡଟ ମାଗଣାରେ ପ୍ରଦାନ କରାଯିବା ପାଇଁ ସଭା କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବ୍ରିଜ ହୋପ ସଂସ୍ଥାର ମୁଖ୍ୟ କିରନ ଲକ୍ଷ୍ମା ଓ ହିମାଂଶୁ ଭଦ୍ରା ଯୋଗଦେଇ ୫୦ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଖାତା ଡଟ ପ୍ରଦାନ କରିଥିଲେ। ଏହା ସହିତ ଉଦ୍‌ବୋଧନ ଦେଇ କହିଥିଲେ କି, ମାଗଣାରେ ପାଇଥିବା ଛାତ୍ରୀଛାତ୍ର ଭଲ ପାଠପଢ଼ି ଭଲ ମଣିଷ ଟିଏ ହେଲେ ଏହି ସଂସ୍ଥାର ସୁନାମ ରଖି ପାରିବ ଏବଂ ଗ୍ରାମ ଜିଲା ଦେଶ ପାଇଁ ଗରିବ ଲୋକମାନଙ୍କୁ ସାହାର୍ଯ୍ୟ କରିପାରିବ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଶିକ୍ଷକ ସୁରେଶ କାୱା ଉପସ୍ଥିତ ଥିବାବେଳେ ବ୍ରିଜ ହୋପ୍ କର୍ମକର୍ତ୍ତା ଗରୁଡ ସୁନା, ଉମେଶ ମିଞ୍ଜ, ସୁରେଶ ପ୍ରଧାନ ସମ୍ପୂର୍ଣ୍ଣ ସହାୟତା କରିଥିଲେ।

### ସ୍ୱେଚ୍ଛାସେବୀଙ୍କ ପରଲୋକ

ବାଲିଶଙ୍କରା, ୨୮।୬ (ଡି.ଏନ.ଏ)- ବାଲିଶଙ୍କରା ବ୍ଲକର ଭଣ୍ଡାରୀଶଙ୍କରା ଗ୍ରାମର ସ୍ୱେଚ୍ଛାସେବୀ ବୃଦ୍ଧା ମହିଳା ସୁମିତ୍ରା ଶତପଥି (୯୫)ଙ୍କ ପରଲୋକ ହୋଇଯାଇଛି । ସେ ଜଣେ ପରଉପକାରୀ ମିଷ୍ଟଭାଷୀ ମହିଳା ଥିଲେ । ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ତାଙ୍କର ଶବ ସଂସ୍କାରରେ ବଡପୁଅ ବିଶିକେଶନ ଶତପଥି ମୁଖାଗ୍ନି ଦେଇଥିଲେ।

# ମାରଣାସ୍ତ୍ର ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ

**କଲୁଙ୍ଗା ଲ୍ୟାମ୍ପ୍ସ**
- ବ୍ରାହ୍ମଣୀତରଙ୍ଗ ଥାନାରେ ମାମଲା ରୁଜୁ

ବେଦବ୍ୟାସ, ୨୮।୬ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଲ୍ୟାମ୍ପ୍ସରୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ୧୦ରେ ଲୁଟ୍ ହୋଇଛି। ଲ୍ୟାମ୍ପ୍ସର କ୍ୟାସିୟର ସତ୍ୟଭାମା ବେହେରାଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ପ୍ରାୟ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି । ପୋଲିସ ସୂଚନାନୁ ଯାୟୀ ପ୍ରତ୍ୟେକ ଦିନ ଭଳି ଲ୍ୟାମ୍ପ୍ସର କ୍ୟାସିୟର ସତ୍ୟଭାମା ବେହେରା ଲକରରୁ ୩, ୯୭, ୮୧୭ ଟଙ୍କା ନେଇ କ୍ୟାସ କାଉଣ୍ଟରକୁ ଆସୁଥିଲେ। ଠିକ ସେହି ସମୟରେ କଳା ରୁମାଲ ବନ୍ଧା ୩ଜଣ ଅଜଣା ଦୁର୍ବୃତ୍ତ ପଲସର ଗାଡିରେ ଆସିଥିଲେ। କ୍ୟାସିୟରଙ୍କୁ ଏକ ପିସ୍ତଲ ଦେଖାଇ ଭୟଭୀତ କରି ୩ଲକ୍ଷ ୯୭ ହଜାର ୮୧୭ ଟଙ୍କା ଲୁଟ କରି ନେଇଯାଇଥିଲେ । ଏ ନେଇ ଲ୍ୟାମ୍ପ୍ସର କ୍ୟାସିୟର ତୁରନ୍ତ ବ୍ରାହ୍ମଣୀତରଙ୍ଗ ଥାନାକୁ ଖବର କରିଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ.୧୬୩/୧୯) ଭାରତୀୟ ଦଣ୍ଡବିଧି ଆଇନର ବିଭିନ୍ନ ଧାରା ଯଥା ୩୯୨/୩୪ ଓ ଅସ୍ତ୍ରଶସ୍ତ୍ର ନିବାରଣ ଆଇନର ୨୫/୨୭ ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ବଳବତ୍ତର ରଖିଛି । ଏହି ଲୁଟ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି।



ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଲ୍ୟାମ୍ପ୍ସ।

## ବଡ଼ଗାଁ ଅଞ୍ଚଳରୁ ୯୮ ସାପ ଉଦ୍ଧାର

ବଡଗାଁ, ୨୮।୬ (ଡି.ଏନ.ଏ)

ବଡଗାଁ ଅଞ୍ଚଳରେ ଲୋକଙ୍କ ଘରୁ ବହୁ ସଂଖ୍ୟକ ସାପ ଉଦ୍ଧାର କରାଯାଇଛି। ବଡଗାଁର ସାପ ଧରାଳି ମହେନ୍ଦ୍ର ନାଏକ (ମଇନ) ଗତ ୪ ମାସ ମଧ୍ୟରେ ୮୦ଟି ସାପ ଧରିଥିଲା ବେଳେ ବଡଗାଁ ବନ କର୍ମଚାରୀ ଜୟନାରାୟଣ ପ୍ରଧାନ, ହରିହର ସାହୁ, କ୍ଷୀରୋଦ ନାଏକ (ବିଜୁ), ଅନିମେଶ ଷଡଙ୍ଗୀ ୧୮ଟି ସାପ ଉଦ୍ଧାର କରି ଜଙ୍ଗଲରେ ଛାଡିଛନ୍ତି । ବୁଧବାର ଓ ଗୁରୁବାର ବଡଗାଁର ମୁନୁ ସାଙ୍କ ଘରୁ ୧୩ଟି ନାଗସାପ (ଶାବକ ସହିତ) ବନ କର୍ମଚାରୀ ଓ ସାପ ଧରାଳି ମାଇନ ଉଦ୍ଧାର କରିଥିଲେ। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଧରାଯାଇଥିବା ସାପ ମଧ୍ୟରୁ ସର୍ବାଧିକ ନାଗସାପ ଥିଲେ ।



ବଡଗାଁର ମୁନୁ ସାଙ୍କ ଘରୁ ଉଦ୍ଧାର ନାଗସାପ ।

ଫସଲ ବୀମା ସହାୟତା ରାଶି ପାଇବାରୁ ବଞ୍ଚିତ

# ଚାଷୀ ଜିଲାପ୍ରଶାସନର ଦ୍ୱାରସ୍ଥ

ସୁନ୍ଦରଗଡ, ୨୮।୬ (ଡି.ଏନ୍.ଏ)

ଗତବର୍ଷ ଆଶାନୁରୂପ ବର୍ଷା ନ ହେବାରୁ ସୁନ୍ଦରଗଡ ଜିଲା ଟାଙ୍ଗରପାଲି ଓ ସଦର ବ୍ଲକ ଚାଷୀକୁଳ ମରୁଡିର ସମ୍ମୁଖୀନ ହୋଇଥିଲେ। ସରକାରଙ୍କ ତରଫରୁ ବିଭାଗୀୟ ଅଧିକାରୀ ଓ ବୀମା କମ୍ପାନୀ ଅଧିକାରୀମାନେ ଗ୍ରାମର ଚାଷୀମାନଙ୍କ ଉପସ୍ଥିତିରେ କ୍ରପକଟିଂ ରିପୋର୍ଟ ସଂଗ୍ରହ କରି କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପଠାଇଥିଲେ। ହେଲେ ଟାଙ୍ଗରପାଲି ବ୍ଲକର ଅଧିକାଂଶ ପଞ୍ଚାୟତର ଚାଷୀମାନେ ଏପର୍ଯ୍ୟନ୍ତ ଫସଲବୀମା ସହାୟତା ରାଶି ପାଇନାହାନ୍ତି। ଏହି ବ୍ଲକର ମହୁଲପାଲି ଓ ରତନପୁର ଗ୍ରାମପଞ୍ଚାୟତର ଫସଲବୀମା ସହାୟତା ରାଶି ପାଇବାରୁ ବଞ୍ଚିତ ଚାଷୀମାନେ ଶୁକ୍ରବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଚାଷୀମାନେ ପ୍ରଥମେ ଜିଲା ପରିସଂଖ୍ୟାନ ଅଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକଙ୍କୁ ସାକ୍ଷାତ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରି ଯଥାଶିଘ୍ର ଚାଷୀ ମାନଙ୍କୁ ଫସଲବୀମା ରାଶି ପ୍ରଦନ କରାଯିବାକୁ ଦାବି କରିଥିଲେ । ଅଗ୍ରଣୀ ଚାଷୀ ରଘୁନାଥ ପଟେଲ, ଟଙ୍କଧର ନାଏକ, ପ୍ରତିଭା ନାଏକ ,ରବି ନାଏକ, ଭୈରବ ଚନ୍ଦ୍ର ପଟେଲ, ଭାଗିରଥୀ ମାଝି, କୁମୁଦବନ୍ଧୁ ପଟେଲ, ଯୁଧିଷ୍ଠିର ପଟେଲ, ସୁରେନ୍ଦ୍ର ନାଏକ, ନିତ୍ୟଚାନ୍ଦ ତାଣ୍ଡିଆ, ବ୍ରଜେନ୍ଦ୍ର ନାଏକ ପ୍ରମୁଖ ଭାଜପା ନେତା ଡ. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଜିଲାପାଳ ଓ ପରିସଂଖ୍ୟାନ ବିଭାଗ ଅଧିକାରୀଙ୍କୁ ଭେଟି ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।



ଫସଲବୀମା ସହାୟତା ପାଇବା ଲାଗି ଚାଷୀମାନେ ଦାବିପତ୍ର ଦେଉଛନ୍ତି।

## ଅଭିଭାବକ, ଶିକ୍ଷକ ସମ୍ମିଳନୀ

ନୂଆଗାଁ, ୨୮।୬ (ଡି.ଏନ.ଏ)

ଶୁକ୍ରବାର ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲ ଗୁଡିକରେ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ଯୋଜନାରେ ଅଭିଭାବକମାନଙ୍କୁ ସାମିଲ କରାଯାଇଥିଲା। ପ୍ରାୟ ସମସ୍ତ ସ୍କୁଲର ସ୍କଲ କମିଟି ତଥା ଅଭିଭାବକମାନେ ବିଦ୍ୟାଳୟକୁ ଆସି ଶିକ୍ଷକଙ୍କ ସହ ସାକ୍ଷାତ ହେବା ସହ ସରକାରଙ୍କ ଏହି ଯୋଜନା ଗୁଡିକ ସଫଳତା ନେଇ ଆଲୋଚନା କରିଥିଲେ । ପ୍ରତ୍ୟେକ ଦିନ ନିଜ ପିଲାମାନଙ୍କୁ ସ୍କୁଲକୁ ପଠାଇବା ସହ ବିଭିନ୍ନ ସମୟରେ ସ୍କୁଲ ସହ ଜଡିତ ହୋଇ ସ୍କୁଲର ଉନ୍ନତି ଶିକ୍ଷାର ବିକାଶ ତଥା ନିଜ ପିଲାଙ୍କ ଶିକ୍ଷାର ଅଗ୍ରଗତି ଉପରେ ଯତ୍ନବାନ ହେବାକୁ କୁହାଯାଇଥିଲା । ସୋରଡା ନୋଡାଲ ଉପ୍ରା ସ୍କୁଲରେ ଅଭିଭାବକ ଶିକ୍ଷାକମିଟି ସହ ସିଆରସିସି ମଙ୍ଗଳ କେର୍କେଟା, ପ୍ରଧାନଶିକ୍ଷକ ଫିରୋଜଉଦ୍ଦିନ ଖାନ୍ ପ୍ରମୁଖ ଆଲୋଚନା କରିଥିବା ବେଳେ ସରକାରଙ୍କ ବିଭିନ୍ନ ଶିକ୍ଷା ନୀତି ଉପରେ ସିଆରସିସି ଅବଗତ କରିଥିଲେ। ସେହିଭଳି ଗାଇଞ୍ଜର ସ୍କୁଲରେ ପ୍ରଧାନଶିକ୍ଷକ ଅଜୟ କୁମାର ସେଠୀ, ସହକାରୀ ଶିକ୍ଷକ ତଥା ସାଧନକର୍ମୀ ତୋଫାନ କୁମାର ନାୟକ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସେହିଭଳି କୋଇଲାଟୋଲି, ଗୀର୍ନାଟୋଲୀ, ଚିତାପେଡି, ଲୋଆରାମ, ହାତୀବାରି ପ୍ରାଥମିକ ସ୍କୁଲ, ବାରିଲେପ୍ଟା ଭଳି ଶତାଧିକ ସ୍କୁଲରେ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମରେ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପୂର୍ବକ ସରକାରଙ୍କ ଉକ୍ତ ଯୋଜନାକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ବଡଗାଁ ହାଇସ୍କୁଲରେ ପିଟିଏ ସଭା

## ନିୟମିତତା ଉପରେ ଗୁରୁତ୍ୱ

ବଡ଼ଗାଁ, ୨୮।୬ (ଡି.ଏନ.ଏ)

ବଡ଼ଗାଁସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ଅଭିଭାବକ ଓ ଶିକ୍ଷକ ସଂଘର ସଭା ଅନୁଷ୍ଠିତ ହୋଇଛି। ଶିକ୍ଷକ ସତ୍ୟପ୍ରିୟ ପଟେଲ ସଭା ଆରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ସଭାର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଅବଗତ କରାଇଥିଲେ । ଛାତ୍ରୀଛାତ୍ରମାନେ ନିୟମିତ ସ୍କୁଲ ଆସିବା ଓ ଅଭିଭାବକମାନେ ଛାତ୍ରୀଛାତ୍ରଙ୍କ ସମସ୍ୟା ବୁଝି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ସମନ୍ୱୟ ରଖି ସମାଧାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କାଥରିନା ଖାଲଖୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସିଆରସିସି ବାବୁଲାଲ ସାହୁ ଶିକ୍ଷା ପ୍ରଣାଳୀ ଉତ୍ଥାନ ଉପରେ ବୁଝାଇଥିଲେ । ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଉପାଦେୟ ପ୍ରସ୍ତାବ ଦେଇଥିଲେ ।



ବଡ଼ଗାଁ ସଭାରେ ଉପସ୍ଥିତ ଅଭିଭାବକ ।

# ଇଓ, ଜିଆର୍‌ଏସଙ୍କୁ ନ ହଟାଇବା ଯାଏଁ କାମ କରାଯିବ ନାହିଁ

ବଡଗାଁ, ୨୮।୬ (ଡି.ଏନ.ଏ)

ବଡଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ପଞ୍ଚାୟତରେ ଗୋଟିଏ ପରେ ଗୋଟିଏ ଅନିୟମିତତା ହୋଇ ଚାଲିଥିଲେ ମଧ ବ୍ଲକ ଓ ଜିଲା ପ୍ରଶାସନ ଘଣ୍ଟ ଘୋଡାଇ ଆସୁଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଇଓ ଏବଂ ଜିଆର୍‌ଏସ୍‌ଙ୍କ ଯୋଗୁ ପଞ୍ଚାୟତ ବଦନାମ ହେଉଥିବାରୁ ଉଭୟ କର୍ମଚାରୀଙ୍କୁ ଚାକିରୀରୁ ନିଲମ୍ବିତ କରିବାକୁ ଦାବି ହେଉଛି। ଦୁର୍ନୀତି ଉପରେ ନିରପେକ୍ଷ ତଦନ୍ତ କରି ପ୍ରଶାସନ ପଦକ୍ଷେପ ନେବାରେ ବିଳମ୍ବ କରୁଥିବାରୁ ଜନ ଅସନ୍ତୋଷ ବଢ଼ି ଚାଲିଛି। ଏହା ଉପରେ ଆଲୋଚନା ପାଇଁ ଗୁରୁବାର ପୂର୍ବାହ୍ନରେ ପଞ୍ଚାୟତ ପକ୍ଷରୁ ଜରୁରୀକାଳିନ ବୈଠକ ଡକାଯାଇଥିଲା। ଇଓ ବୈଷ୍ଣବ ଉରମାଲ ଓ ଜିଆରଏସ ଡିଳେଶ୍ୱର ସୁନ୍ୟାନୀଙ୍କୁ ବୈଠକକୁ ଆସିବା ପାଇଁ ଡକାଯାଇଥିଲେ ମଧ ସେମାନେ ବୈଠକରେ ଯୋଗଦେଇ ନଥିଲେ। ବୈଠକରେ ଉଭୟ କର୍ମଚାରୀଙ୍କ ଦ୍ୱାରା ହୋଇଥିବା ଅନିୟମିତତା ଉପରେ ଆଲୋଚନା କରାଯାଇ ଶୁକ୍ରବାର ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧିଙ୍କୁ ନେଇ ହୋଇଥିବା ଉକ୍ତ ବୈଠକରେ ସରପଞ୍ଚ ରାଜେଶ୍ୱରୀ କାଲୋ, ନାଏବ ସରପଞ୍ଚ ଦଶରଥ ବେହେରା, ସମିତି ସଭ୍ୟ ରବୀନ୍ଦ୍ର ଲୁଗୁନ, ୱାର୍ଡ ମେମ୍ବର ବୀରେନ୍ଦ୍ର ମାଝୀ, ହେମନ୍ତ ରଉଡିଆ, ସରୋଜିନୀ ସରୁଆ, ଉମାବତୀ ଦଣ୍ଡସେନା, ପୁଷ୍ପଲତା ପ୍ରଧାନ, ଚଞ୍ଚଳା ସା, ଗୀତା, ପ୍ରେମଶିଳା ଗୁଡିଆ ଯୋଗଦେଇଥିଲେ । ପଞ୍ଚାୟତ ଜନପ୍ରତିନିଧିଙ୍କ ଦସ୍ତଖତ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଇଓ ଏବଂ ଜିଆରଏସଙ୍କ ଦୁର୍ନୀତି ଯୋଗୁ ଆମ ପଞ୍ଚାୟତ ସାରା ଜିଲାରେ ବଦନାମ ହେଉଛି । ହିତାଧିକାରୀମାନେ ଠିକ ସମୟରେ ପାଉଣା ପାଉନଥିବା ବେଳେ ଶ୍ରମିକଙ୍କୁ ଠିକ ସମୟରେ ମଜୁରୀ ମିଳିପାରୁ ନାହିଁ । ତେଣୁ ଜିଆରଏସ ସୁନ୍ୟାନୀ ଓ ଇଓ ଉରମାଲଙ୍କୁ ଆମ ପଞ୍ଚାୟତରୁ ନ ହଟାଇବା ଯାଏଁ କୌଣସି ପ୍ରକାର କାର୍ଯ୍ୟ କରାଯିବ ନାହିଁ । ତେବେ ଜିଆରଏସଙ୍କ ଦ୍ୱାରା ୧୦ ବର୍ଷ ମଧ୍ୟରେ ଅନେକ ଦୁର୍ନୀତି ହୋଇଥିବା ଓ ଏନେଇ ଜିଲା ବ୍ଲକ ପ୍ରଶାସନଠାରେ ଅଭିଯୋଗ ସତ୍ତ୍ୱେ ଘଣ୍ଟ ଘୋଡାଇଦେବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଥିଲା। ବର୍ତ୍ତମାନ ପଞ୍ଚାୟତବାସୀ ଓ ଜନ ପ୍ରତିନିଧିମାନେ କାମ ପଛେ ନହେଉ ଉଭୟ କର୍ମଚାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। ଆଗାମୀ କିଛି ଦିନ ପରେ ବ୍ଲକ ଅଫିସ ଘେରାଓ କରିବାକୁ ଯୋଜନା ଚାଲିଥିବା ସୂତ୍ରରୁ ସୂଚନା ମିଳିଛି । ଜିଲା ଓ ବ୍ଲକ ପ୍ରଶାସନ ଅଭିଯୋଗ, ଦାବି ଉପରେ ପଦକ୍ଷେପ ନନେଇ ପରୋକ୍ଷରେ ଅଞ୍ଚଳବାସୀଙ୍କୁ ଜିଦଖୋର ହେବାକୁ ଏକ ପ୍ରକାର ଉସୁକାଇବା ବାସ୍ତବିକ ଦୁର୍ଭାଗ୍ୟଜନକ ।

# ବାଲିଶଙ୍କରା ତହସିଲଠାରେ ଜଙ୍ଗଲ ଜମି ଜନଶୁଣାଣି

ସୁନ୍ଦରଗଡ/ବାଲିଶଙ୍କରା, ୨୮।୬ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲା ବାଲିଶଙ୍କରା ତହସିଲ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଗତ ୨୬ ଓ ୨୭ ତାରିଖ ୨ଦିନ ଧରି ଜଙ୍ଗଲ ଜମି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପାରିକ ବନବାସୀ ବହୁବର୍ଷରୁ ଜଙ୍ଗଲ ଜମି ଦଖଲ କରି ଜୀବିକା ନିର୍ବାହ କରି ଆସୁଥିବା ବେଳେ ସେହି ଜମି ଖଣ୍ଡିଏ ପାଇଁ ଜଙ୍ଗଲ ଅଧିକାର (ସ୍ୱୀକୃତ) ଆଇନ୍ -୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨ ଅନୁଯାୟୀ ସମସ୍ତ ପ୍ରକ୍ରିୟା ସମ୍ପନ୍ନ କରି ଆବେଦନ କରାଯାଇଥିଲା। ହେଲେ ଗତ ଫେବୃଆରୀ ୧୩ରେ ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ଜିଲା ପ୍ରଶାସନର ଅଧ୍ୟକ୍ଷତାରେ ବ୍ଲକସ୍ତରରେ ବ୍ୟକ୍ତିଗତ ଜଙ୍ଗଲ ଜମି ଦାବିକୁ ନାକଚ କରିବା ସମ୍ବନ୍ଧରେ ବର୍ତ୍ତମାନ ଜିଲାର ବିଭିନ୍ନ ବ୍ଲକରେ ଜନଶୁଣାଣି ଶିବିର ଆୟୋଜିତ ହେଉଛି। ଏହି କ୍ରମରେ ବାଲିଶଙ୍କରା ତହସିଲ କାର୍ଯ୍ୟାଳୟ ପ୍ରାଙ୍ଗଣରେ ୨ଦିନ ଧରି ଏହି ଶିବିରରେ ଜଙ୍ଗଲ ଜମି ଶିରୋନାମା ପାଇବା ପାଇଁ ଆବେଦନ କରିଥିବା ଓ କିଛି ଜଣ ଆବେଦନ କରି ଶିରୋନାମା ପାଇଥିବା ସତ୍ତ୍ୱେ ଜନଶୁଣାଣି ପାଇଁ ଉପଖଣ୍ଡସ୍ତରରୁ ଦାବିଦାର ମାନଙ୍କୁ ନୋଟିସ ଦିଆଯାଇଥିଲା। ଆଇନ୍‌ର କେଉଁ ଧାରା ଅନୁଯାୟୀ ଦାବି ଖାରଜ କରାଯାଇଥିବା ଉପଯୁକ୍ତ ପ୍ରମାଣ ପାଇଁ ଦାବିଦାର ମାନେ ଏହି ଶିବିରରେ ଦାବି ରଖିଥିଲେ। ଆଇନ୍ ଅନୁଯାୟୀ କରାଯାଇଥିବା ଗ୍ରାମସଭା ଅନୁସାରେ କମିଟିର କୌଣସି ଦାବିକୁ ଖାରଜ କରିଥିବା ଗ୍ରାମସଭା ବିବରଣୀରେ ଦର୍ଶାଯାଇ ନ ଥିବା ବେଳେ ଉପଖଣ୍ଡସ୍ତରରୁ ଦାବିଦାରମାନଙ୍କୁ କେଉଁ କାରଣରୁ ମନୋମୁଖୀ ଦାବି ଖାରଜ ନିମନ୍ତେ ନୋଟିସ ପ୍ରଦାନ କରାଯାଇଛି। ଏହାକୁ ବିରୋଧ କରି ଶୁଣାଣୀକୁ ଆସିଥିବା ଦାବିଦାରମାନେ ଆଠକୋଶିଆ ଆଦିବାସୀ ଏକତା ମଞ୍ଚ ଜରିଆରେ ଅଧ୍ୟକ୍ଷ ଉପଖଣ୍ଡସ୍ତରୀୟ କମିଟି ସୁନ୍ଦରଗଡକୁ ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଗ୍ରାମସଭା ସ୍ତରରେ ଶୁଣାଣି କରାଯିବା, ଆଇନର ଉଲଙ୍ଘନ କରା ନ ଯିବା, ଉପଯୁକ୍ତ ପ୍ରମାଣପତ୍ର ଦେଇ ନ ଥିବା କାରଣରୁ ଦାବି ନାକଚ କରା ନ ଯିବା,ଏହାଛଡା ଅନ୍ୟାନ୍ୟ ପରମ୍ପରିକ ବନବାସୀଙ୍କ ଆବେଦନର ପ୍ରମାଣପତ୍ର ସଂଲଗ୍ନ ନିମନ୍ତେ ତିନିପିଢି ଅର୍ଥାତ୍ ୭୫ବର୍ଷରୁ ପ୍ରମାଣ ଅଭାବ ଦର୍ଶାଇ ନାକଚ କରାଯାଇଥିବା ନୋଟିସରେ ଉଲ୍ଲେଖ ରହିଛି । କିନ୍ତୁ ସଂଶୋଧିତ ନିୟମର ଧାରା ୧୨(କ) ଉପଧାରା ୧୧ରେ ଉପଖଣ୍ଡ ଅଥବା ଜିଲାସ୍ତରୀୟ କମିଟି ଏଭଳି କୌଣସି ଦାବିପତ୍ର ଯାହା ସହ ନିୟମ ୧୩ରେ ଉଲ୍ଲେଖ ଅନୁଯାୟୀ ଯେ କୌଣସି ୨ଟି ପ୍ରମାଣସଂଲଗ୍ନ ରହିଛି ଓ ଯାହାକୁ ଗ୍ରାମସଭା ଦ୍ୱାରା ସୁପାରିଶ କରାଯାଇଛି ତାକୁ ବିସ୍ତୃତ କାରଣ ଲିଖିତ ଭାବରେ ନ ଜଣାଇ ନାମଞ୍ଜୁର କରାଯାଇପାରିବ ନାହିଁ ବୋଲି ଉଲ୍ଲେଖ ରହିଛି। ଆହୁରି ମଧ୍ୟ କୌଣସି ଦାବିପତ୍ରକୁ ବିଚାରକୁ ନେବା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ପ୍ରକାର ପ୍ରମାଣ ପାଇଁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ଆବାହକ ସୁପ୍ରିୟାନ ଖାଖା ଯୁକ୍ତି ବାଢିଛନ୍ତି। ଏହି ଜନଶୁଣାଣିକୁ ବାଲିଶଙ୍କରା ବ୍ଲକର ବିଭିନ୍ନ ଗ୍ରାମରୁ ୩୩୮ଜଣ ଦାବିଦାର ଉପସ୍ଥିତ ରହିଥିଲେ।



ବାଲିଶଙ୍କରା ତହସିଲ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜଙ୍ଗଲ ଜମି ଜନଶୁଣାଣି ଶିବିର।



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ

## ସଂକ୍ଷେପରେ

### ଜୁଲାଇ ୬ରୁ ଭାଜପାର ନୂତନ ସଦସ୍ୟତା ଅଭିଯାନ

**ରାଉରକେଲା ଅଫିସ,୨୮।୬-** ଷ୍ଟିଲସିଟିରେ ଭାଜପା ସଂଗଠନକୁ ମଜଭୁତ କରିବା ନେଇ ନୂତନ ସଦସ୍ୟତା ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ଗୁରୁବାର ସେକ୍ଟର ୩ ପାର୍ଟି କାର୍ଯ୍ୟାଳୟରେ ସଭାପତି ଜଗବନ୍ଧୁ ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କମିଟିର ନିର୍ଦ୍ଦେଶ ଅନୁସାରେ ଜୁଲାଇ ୬ତାରିଖରୁ ନୂତନ ସଦସ୍ୟତା ଗ୍ରହଣ ଅଭିଯାନ ଆରମ୍ଭ କରାଯିବ। ଏହା ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବ ବୋଲି ବୈଠକରେ କୁହାଯାଇଥିଲା। ସଭାପତି ବେହେରା କହିଥିଲେ ଯେ, ଭାଜପାର ସଦସ୍ୟତା ନେଇ ଅନେକ ଲୋକଙ୍କ ଆଗ୍ରହ ରହିଛି। ଏନେଇ ଲୋକଙ୍କ ପାଖରେ ପହଞ୍ଚିବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏପରି କି ଦଳୀୟ କର୍ମକର୍ତ୍ତାଙ୍କୁ ନିଜ ଦାୟିତ୍ୱ ସମ୍ପର୍କରେ କୁହାଯାଇଥିଲା। ବୈଠକରେ ରାଜ୍ୟ ସମ୍ପାଦକ ଧୀରେନ ସେନାପତି, କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଜିଲା ଉପସଭାପତି ତପନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଅଭିଯାନକୁ କିପରି ସଫଳ କରାଯିବ ସେନେଇ ଆଲୋଚନା କରିଥିଲେ। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସ, ସୁବ୍ରତ ପଟ୍ଟନାୟକ, ଶଶାଙ୍କ ଜେନା, ନାରାୟଣ ମହାନ୍ତି, ରାଇସନ ତିର୍କୀ, ଦିଲୀପ ଦାସ, ଅମରେନ୍ଦ୍ର ଶର୍ମା, ସଞ୍ଜିତ ସାହୁ, ଗଙ୍ଗାଧର ଦାସ, ଲତିକା ପଟ୍ଟନାୟକ, ମଳୟ ମହାପାତ୍ର, ବସନ୍ତ ସାମଲ. ବାବୁଲ ମୁର୍ମୁ, ଅଜୟ କଂସାରି, ଭବାନୀ କବି, କେଦାର ମହାନ୍ତି, କୈଳାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



### କର୍ମଚାରୀଙ୍କ ଘରେ ନଳାପାଣି

**ରାଉରକେଲା ଅଫିସ,୨୮।୬-** ଘରେ ପଶୁଛି ନଳା ପାଣି। ଗନ୍ଧମୟ ପରିବେଶ ନାକେଦମ କଲାଣି। ଚଳିବା ମୁସ୍କିଲ ହୋଇ ପଡୁଛି। ଦୀର୍ଘ ଦିନ ହେଲା ସେକ୍ଟର- ୧୬ ଏ ବ୍ଲକ ଅଞ୍ଚଳରେ ଏଭଳି ପରିସ୍ଥିତି ଲାଗି ରହିଛି। ନଳା ପାଣି ନିଷ୍କସିତ ହୋଇ ନ ହୋଇ କର୍ମଚାରୀଙ୍କ ଘରେ ପଶୁଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳରେ ରହୁଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଖାଲୁଆ ଅଞ୍ଚଳରେ ରହିଥିବା ବାସିନ୍ଦା ସମସ୍ୟାରେ ପଡିଥିବା ବେଳେ ଲଗାଣ ବର୍ଷାରେ ଅବସ୍ଥା ଶୋଚନୀୟ ବୋଲି ଅଭିଯୋଗ ହୋଇଛି। ତୁରନ୍ତ ନାଳ, ନର୍ଦ୍ଦମା ସଫେଇ ପ୍ରତି ଧ୍ୟାନ ନ ଦେଲେ ପରିସ୍ଥିତି ଅଣାୟତ ହେବା ଆଶଙ୍କା କରାଯାଇଛି।

## ଜିଲାର ୩୭ ବିଦ୍ୟାଳୟରେ ଝୁଲିବ ତାଲା
# ଘୋଷଣାରେ ସଫଳ ହେବନି ଯୋଜନା

**ରାଉରକେଲା ଅଫିସ,୨୮।୬**

ରାଜ୍ୟ ଗଣ ଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟକୁ ବନ୍ଦ କରାଯିବ। ଏଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ପାଖ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ। ଆବଶ୍ୟକ ସ୍ଥଳେ ସେମାନଙ୍କ ଉପସ୍ଥାନ ଅନୁସାରେ ଯାତାୟାତ ଖର୍ଚ୍ଚ ବିଭାଗ ପକ୍ଷରୁ ବହନ କରାଯିବ। ନିର୍ଦ୍ଦେଶ ମୁତାବକ, ସୁନ୍ଦରଗଡ଼ ଜିଲାରେ ୩୭ରୁ ଊର୍ଦ୍ଧ୍ୱ ସରକାରୀ ବିଦ୍ୟାଳୟରେ ତାଲା ଝୁଲିବା ସୁନିଶ୍ଚିତ ହୋଇଯାଇଛି। ତେବେ ଅନେକ ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ ଥିବା ବେଳେ ଏହାକୁ କେଉଁ କାମରେ ଉପଯୋଗ କରାଯିବ ସେନେଇ ସ୍ପଷ୍ଟ ଚିତ୍ର ମିଳିପାରିନାହିଁ। ପ୍ରାଥମିକ ଭାବେ ଜଣାପଡିଛି ଯେ, ଏସବୁ ବିଦ୍ୟାଳୟକୁ ସ୍ଥାନୀୟ ପଞ୍ଚାୟତ ଅଧୀନରେ ରହିବ। ସହରାଞ୍ଚଳରେ ଥିବା ବିଦ୍ୟାଳୟକୁ ମ୍ୟୁନିସିପାଲିଟି ବା ମହାନଗର କର୍ତ୍ତୃପକ୍ଷ ଅଧୀନରେ ରହିବ। ତେବେ ବନ୍ଦ କରାଯାଉଥିବା ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ୨ କି.ମି. ମଧ୍ୟରେ ରହିଥିବା ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ। ଏପରି ଅବସ୍ଥାରେ ସୁନ୍ଦରଗଡ଼ ଜିଲାରେ ଥିବା କେତେକ ସ୍କୁଲ ନିକଟରୁ ବିଦ୍ୟାଳୟର ଦୂରତାକୁ ବିଚାରକୁ ନିଆଯାଇ ନାହିଁ। ଜଣେ ପ୍ରାଥମିକ ସ୍କୁଲ ଛାତ୍ର କିପରି ୨କି.ମି ରାସ୍ତା ଅତିକ୍ରମ କରି ବିଦ୍ୟାଳୟ ଆସିବ ସେ ସମ୍ପର୍କରେ ମଧ ଠିକ୍ ସୂଚନା ନାହିଁ। ଅଭିଭାବକ ପିଲାଙ୍କୁ ବିଦ୍ୟାଳୟରେ ଛାଡିବା କଷ୍ଟ ସ୍ୱୀକାର କରି ପାରନ୍ତି। ମାତ୍ର ଛୁଟି ପରେ ସେ କିପରି ଘରକୁ ଫେରିବ ସେନେଇ କିଛି ନିର୍ଯାସ ବାହାରି ପାରି ନ ଥିବା ଜଣାପଡିଛି। ସରକାର ଯାତାୟାତ ଖର୍ଚ୍ଚ ଦେବା କହି ବସି ପଡିଲେ। କିନ୍ତୁ ଆଦିବାସୀ ବହୁଳ ଅଞ୍ଚଳରେ ସ୍କୁଲ ଯିବା ନେଇ ବସ୍, ଅଟୋ କିମ୍ବା ରିକ୍ସା ବ୍ୟବସ୍ଥା ନାହିଁ। ଏପରି କି କିଛି ଅଭିଭାବକଙ୍କ ଘରେ ସାଇକେଲ ମଧ ନ ଥିବା ଜଣାପଡିଛି। ଏପରିସ୍ଥିତିରେ ସରକାରୀ ସ୍କୁଲ ବନ୍ଦ କରିବା ନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି। ସରକାରଙ୍କ ନିଷ୍ପତ୍ତି ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି।

### ଏମାନେ ଯାହା କୁହନ୍ତି

"ସରକାର କ'ଣ ଭାବି ଏଭଳି ନିଷ୍ପତ୍ତି ନେବା ବିଚାର ଯୋଗ୍ୟ। ପିଲା ଅଭାବରୁ ବିଦ୍ୟାଳୟ ବନ୍ଦ କଲେ କିଛି ଅସୁବିଧା ନାହିଁ। ମାତ୍ର ଏହା ସ୍ଥାୟୀ ସମାଧାନ ନୁହେଁ। ରାଜ୍ୟରେ ୯ଶହ ବିଦ୍ୟାଳୟ ଖାଲି ପଡିବ। ଏଠାକାର ଭିତ୍ତିଭୂମି, ଗୃହ, ବିଲ୍ଡିଂ, ପାଠାଗାର, ଖେଳ ପଡ଼ିଆ ଆଦି କେଉଁ କାମରେ ଲାଗିବ ସେକଥା ସରକାର ସ୍ପଷ୍ଟ କରିବା ଆବଶ୍ୟକ। ବାକି ରହିଲା ପାଖ ବିଦ୍ୟାଳୟକୁ ପିଲାଙ୍କୁ ପଠାଯିବା ଘଟଣା। ଏହା ଶୁଣିବାକୁ ଯେତେ ଭଲ ଲାଗୁଛି କାମରେ ସେତିକି ପ୍ରତିଫଳିତ ହେବା ଆବଶ୍ୟକ। କାହିଁକି ସରକାରୀ ବିଦ୍ୟାଳୟରେ ପିଲା ହେଉ ନାହାନ୍ତି ଏହା ପଛରେ କେଉଁ କାରଣ ରହିଛି ସେକଥା ସରକାର କାହିଁକି ଅନୁଧ୍ୟାନ କରୁ ନାହାଁନ୍ତି।

**- ରମେଶ ରାଉତରାୟ, ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ**

"ଶିକ୍ଷା କ୍ଷେତ୍ରରେ ସର୍ବଦା ବିଭ୍ରାନ୍ତି, ବିଭ୍ରାଟ ପରିସ୍ଥିତି ଲାଗି ରହୁଛି। ଏପରି ସ୍ଥିତି ଜାରି ରହିଲେ ସମୟ ଆସିବ ରାଜ୍ୟରେ ଆଉ ସରକାରୀ ସ୍କୁଲ ଦେଖିବାକୁ ମିଳିବ ନାହିଁ। ସରକାରୀ ବିଦ୍ୟାଳୟରେ କାହିଁକି ଶିକ୍ଷାର ମାନ ହ୍ରାସ ପାଉଛି ଏହାର ମୂଳ କାରଣ ଖୋଜା ନ ଯାଇ ଅଯଥାରେ ଗୁଡାଏ ଅଯୌକ୍ତିକ ପଦକ୍ଷେପ ନିଆଯାଉଛି। ଘରୋଇ ସ୍କୁଲ ପ୍ରତି କାହିଁକି ଅଭିଭାବକ ଆକର୍ଷିତ ହେଉଛନ୍ତି ତାର କାରଣ ଖୋଜା ଯାଉ ନାହି। ବିଦ୍ୟାଳୟ ବନ୍ଦ କରି ପାଖ ବିଦ୍ୟାଳୟକୁ ପିଲାଙ୍କୁ ସ୍ଥାନାନ୍ତର କରାଯିବ। ବାସ୍ତବରେ ଏହାର କାର୍ଯ୍ୟକାରିତା ନେଇ ବିତର୍କ ହେବା ଆବଶ୍ୟକ। ଘୋଷଣାରେ କେବେ ଯୋଜନା ସଫଳ ହୁଏ ନାହିଁ।

**- କୁଞ୍ଜବିହାରୀ ରାଉତ, ରାଜ୍ୟ ଶିକ୍ଷକ ନେତା**

"ମନ୍ତ୍ରୀ ବଦଳିଲେ ଏଠି ନିଷ୍ପତ୍ତି ବଦଳୁଛି। କିନ୍ତୁ ଯୋଜନାର ସୁଫଳ ଦେଖିବାକୁ ମିଳୁ ନାହିଁ। ସରକାରୀ ବିଦ୍ୟାଳୟ ନିକଟରେ ଘରୋଇ ସ୍କୁଲ ଖୋଲିବା ଓ ଏହାକୁ ସହାୟତା ପ୍ରଦାନ କରି ସମୃଦ୍ଧ କରିବା ପଛରେ କାହାର ହାତ ରହିଛି ତାହା ତଦନ୍ତ ସାପେକ୍ଷ। କାହିଁକି ସରକାରୀ ଶିକ୍ଷକ ଶିକ୍ଷାଦାନ କରିପାରୁ ନାହାଁନ୍ତି ସେନେଇ ମଧ ତର୍ଜମା ଆବଶ୍ୟକ। ଏହା ନ କରି ସ୍କୁଲ ବନ୍ଦ କଲେ କିଛି ଲାଭ ମିଳିବ ନାହିଁ।

**- ହୃଷୀକେଶ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ**

"ସରକାରଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ନେଇ ସମସ୍ତ ପ୍ରକାର ପ୍ରୟାସ ଆରମ୍ଭ କରାଯାଇଛି। ଯେଉଁଠି ପିଲା ନାହାଁନ୍ତି ସେଠି ବିଭାଗ ଅଯଥା ଖର୍ଚ୍ଚାନ୍ତ ହେଉଛି। ପାଖ ବିଦ୍ୟାଳୟକୁ ପିଲାଙ୍କୁ ସ୍ଥାନାନ୍ତର କରାଗଲେ କିଛି ଅସୁବିଧା ହେବ ନାହିଁ।

**- ଅମୂଲ୍ୟ ପ୍ରଧାନ, ଜିଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ**

"ସ୍କୁଲ ସମୂହ ବନ୍ଦ କରାଯିବା ଶିକ୍ଷା ଅଧିକାର ଆଇନର ଉଲ୍ଲଂଘନ। ଏନେଇ ବହୁବାର ତର୍ଜମା କରିବାର ଥିଲା। ମୂଳ କାରଣ ଏଠି କେବେ ଖୋଜାଯାଉ ନାହିଁ। ବର୍ତ୍ତମାନ ରାଜ୍ୟର ୯ଶହ ସ୍କୁଲ ଭୂତକୋଠି ପାଲଟିବ। କୋଟି କୋଟି ଟଙ୍କା ନଷ୍ଟ ହେବ। ପିଲା ପାଖ ସ୍କୁଲକୁ ଯାଇ ପାଠ ପଢିବା ଏତେ ସହଜ ହେବ ନାହିଁ। ବାସ୍ତବ ଦିଗ ପ୍ରତି ଅନୁଧ୍ୟାନ କରା ନ ଯାଇ ଏଭଳି ନିଷ୍ପତ୍ତି ଠିକ୍ ହେଉ ନାହିଁ। ଘରୋଇ ସ୍କୁଲ ସହ ସରକାରୀ ସ୍କୁଲ କିପରି ସମକକ୍ଷ ହେବ ସେନେଇ ଆବଶ୍ୟକ ପଦକ୍ଷେପ ନିଆଯାଉ। ଏହା ନ କରି ସ୍କୁଲ ବନ୍ଦ ନିଷ୍ପତ୍ତି ଆଦୌ ଠିକ୍ ନୁହେଁ।

**- ରଶ୍ମିବାଳା ରାଉତରାୟ,ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ରାଉରକେଲା**

## ବଜ୍ରପାତରେ ନାବାଳିକା ଗୁରୁତର, ଘର କାନ୍ଥ ଭାଙ୍ଗିଲା

**କୋଲାବିରା,୨୮।୬(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ତହସିଲ ଅଧୀନ ସମାସିଂହା ପଞ୍ଚାୟତ ରଜାମାଲ ଗ୍ରାମର ଗୁରୁବାର ରାତିରେ ବଜ୍ରପାତ ଘଟି ଜଣେ ନାବାଳିକା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୌତମ ମାଝିଙ୍କ ଝିଅ ମିତା ମାଝି(୧୬)।

ମିଳିଥିବା ସୂଚନା ମୁତାବକ, ପ୍ରବଳ ଗରମ ଯୋଗୁ ଗୌତମଙ୍କ ପରିବାର ଲୋକେ ଘର ବାରଣ୍ଡାରେ ଶୋଇଥିଲେ। ସେତିକିବେଳେ ଘଡଘଡି ସହ ବର୍ଷା ହୋଇ ବଜ୍ରପାତ ଘଟିଥିଲା। ଏଥିରେ ମିତା ଗୁରୁତର ଆହତ ହୋଇଥିଲେ। ଏପରି କି ବଜ୍ରପାତରେ ଗୌତମଙ୍କ ଘର କାନ୍ଥ ଭାଙ୍ଗିଯାଇଥିଲା। ପରିବାର ଲୋକେ ମିତାଙ୍କୁ ଉଦ୍ଧାର କରି କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଆସିଥିବା ଜଣାପଡିଛି। ଏନେଇ ଗୌତମ ରାଜସ୍ୱ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ସହ ଘଟଣାର ତଦନ୍ତ କରି କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଛନ୍ତି।

# ପ୍ରାମାଣିକ ସତ୍ୟତଥ୍ୟରେ ପର୍ଯ୍ୟବସିତ ଇତିହାସ

**ରାଉରକେଲା ଅଫିସ,୨୮।୬**




ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ସେକ୍ଟର ୪ସ୍ଥିତ ରାଉରକେଲା ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଓଡ଼ିଶା ଇତିହାସ କଂଗ୍ରେସ ୨୦୧୯ ପାଇଁ ଆଞ୍ଚଳିକ ଅଧିବେଶନ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଅଧ୍ୟାପିକା ସୌମ୍ୟା ସୁଚରିତା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ତଥା ଇତିହାସ ବିଭାଗ ମୁଖ୍ୟ ଡ. ସୁବାସ କାରୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପିକା ସୁଜାତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ଇତିହାସ କଂଗ୍ରେସ ସଭାପତି ଡ. ପ୍ରଫୁଲ୍ଲ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଇତିହାସ କଂଗ୍ରେସ ଚଳିତ ବର୍ଷ ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରୁଥିବାରୁ ଓଡ଼ିଶାର କୋଣ ଅନୁକୋଣରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ କହିଥିଲେ। ଏପରିକି ଏହାର ସଫଳତା ନେଇ ଆଶା ବ୍ୟକ୍ତ କରିଥିଲେ।

ସେ ପୁଣି କହିଥିଲେ, ଇତିହାସ ସର୍ବଦା ପ୍ରାମାଣିକ ସତ୍ୟ ଏବଂ ତଥ୍ୟ ଆଧାରିତ ଏବଂ ନିରପେକ୍ଷ ହୋଇଥିବାରୁ ଏହାର ବିଶେଷ ଗୁରୁତ୍ୱ ରହିଛି। ଏ ଦିଗରେ ଆଗ୍ରହୀଙ୍କୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ ବୋଲି ଅବଗତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜଗନ୍ନାଥ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଇତିହାସ କେବଳ ଅତୀତ ଉପରେ ପର୍ଯ୍ୟବସିତ ନୁହେଁ। ଏହା ବର୍ତ୍ତମାନ ଓ ଭବିଷ୍ୟତର ଜଳ ଦର୍ପଣ ସଦୃଶ। ପ୍ରମାଣିକ ଇତିହାସ ଏବଂ ସାଧାରଣ ଜନତାଙ୍କ ଇତିହାସ ଲେଖିବାକୁ ସେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସେ ଓଡ଼ିଶାର ଜନଜାତିଙ୍କ ପ୍ରବହମାନ ଗତି ଓ ପ୍ରଗତି ନେଇ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟ ଅଧକ୍ଷ କାରୁଆ, ଡ. ଯାଜ୍ଞସେନୀ ଛତ୍ରିଆ, ଅଧ୍ୟାପକ ସଞ୍ଜୟ ମହାପାତ୍ର ପ୍ରମୁଖ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଡ. ପ୍ରଭାତ ମଲ୍ଲିକ, ଡ. ହରିହର ସାହୁ, ଡ. ସରୋଜ ପଣ୍ଡା, ଡ. ପାରେଶ୍ୱର ସାହୁ, ଡ. ପ୍ରମିଳା ମିଶ୍ର, ସୁଜିତ ସେନ, ବାସନ୍ତୀ କୁଜୁର, ଏକଲବ୍ୟ ନାୟକ ପ୍ରମୁଖ ପ୍ରତିନିଧିତ୍ୱ କରିଥିଲେ। ଶେଷରେ ମହାବିଦ୍ୟାଳୟ ଇତିହାସ ଅଧ୍ୟାପକ ତରଣୀ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ଅଧ୍ୟାପକ ରଶ୍ମିରଞ୍ଜନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଅପହୃତା ନାବାଳିକା ଉଦ୍ଧାର, ୨ ଗିରଫ

**ରାଉରକେଲା ଅଫିସ,୨୮।୬**

ଟ୍ୟୁଶନ ପଢିବାକୁ ଯାଇ ଅପହରଣର ଶିକାର ହୋଇଥିବା ସେକ୍ଟର ୬ ଅଞ୍ଚଳର ନାବାଳିକା(୧୫)ଙ୍କୁ ସେକ୍ଟର-୭ ପୋଲିସ ଉଦ୍ଧାର କରିଛି। ଅନ୍ୟପକ୍ଷେ ଘଟଣାରେ ସମ୍ପୃକ୍ତ ସେଖ ୟାଦୁ ଏବଂ ମୁମତାଜ ଓଲଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ, ଗତ ୨୫ରେ ନାବାଳିକା ଜଣଙ୍କୁ ତାଙ୍କ ବାପା ଟ୍ୟୁଶନ ପଢିବା ନେଇ ସେକ୍ଟର-୫ ଅଭିରାମପାଲ୍ଲୀରେ ସନ୍ଧ୍ୟା ସାଢେ ୫ଟାରେ ଛାଡି ଆସିଥିଲେ। ହେଲେ ୬ଟାରେ ୩ଜଣ ଯୁବକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ପରିବାର ଲୋକଙ୍କୁ ଖବର ମିଳିଥିଲା। ଏନେଇ ନାବଳିକାଙ୍କ ବାପା ଖୋଜାଖୋଜି କରିଥିଲେ। ହେଲେ କୌଣସି ପତ୍ତା ପାଇ ନ ଥିଲେ। ଏନେଇ ସେ ସେକ୍ଟର ୭ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୬୭/୨୦୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ ପରେ ଝାରସୁଗୁଡା ରେଳ ଷ୍ଟେଶନରୁ ଗୁରୁବାର ରାତିରେ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏପରି କି ପୋଲିସ ଅପହରଣକାରୀ ସେଖ ଏବଂ ମୁମତାଜଙ୍କୁ ଗିରଫ କରିଥିଲା।



ପୋଲିସ ଅଧିକାରୀ ଜଣଙ୍କ ଗିରଫ ଦୁଇ ଯୁବକଙ୍କୁ ଗଣମାଧ୍ୟମ ଆଗରେ ପ୍ରଦର୍ଶନ କରୁଛନ୍ତି।

### ପାର୍କିଂ ହେଲା କାଳ
## ଟ୍ରେଲର ପଛରେ ପିଟି ହେଲା କାର, ଡ୍ରାଇଭର ଆହତ

**ବ୍ରଜରାଜନଗର, ୨୮।୬ (ଡି.ଏନ.ଏ)**

ଗାନ୍ଧୀ ଛକ ଫାଣ୍ଡି ଅଧୀନ ବର୍ମା ପଟ୍ରୋଲ ପମ୍ପ ନିକଟ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରେଲର ପଛପଟେ ଏକ କାର ଧକ୍କା ଦେଇଥିଲା। ଫଳରେ କାର ଭାଙ୍ଗି ଚୂରମାର ହୋଇଯାଇଥିବା ବେଳେ ଡ୍ରାଇଭର ଜଣକ ଆହତ ହୋଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପୋଲିସର ଅବହେଳା ସାଙ୍ଗକୁ ବେଆଇନ ପାର୍କିଂ ଯୋଗୁ ଏପରି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ ହୋଇଛି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବର୍ଷାରେ ବୁଡ଼ିବ ସୁପର ମାର୍କେଟ ପରିବା ହାଟ

**ରାଉରକେଲା ଅଫିସ,୨୮।୬**

### ଆଶଙ୍କାରେ ବ୍ୟବସାୟୀ

ଫର୍ଟିଲାଇଜର ଟାଉନ୍‌ଶିପ ଅଧୀନ ସେକ୍ଟର-୨୨ ସୁପର ମାର୍କେଟ ଚଳିତ ବର୍ଷାରେ ବୁଡିବା ଆଶଙ୍କା ସୃଷ୍ଟି କରିଛି। ନୂତନ ଭାବେ ନିର୍ମାଣ କରାଯାଇଥିବା ପରିବା ପିଣ୍ଡି ତଳେ ବର୍ତ୍ତମାନ ବର୍ଷା ଜଳ ଲହଡି ଭାଙ୍ଗିଲାଣି। ଏପରିସ୍ଥିତିରେ ବଜାର ଦେଇ ଯାଇଥିବା ଡ୍ରେନ ସଫା କରାଯାଇ ନ ଥିବା ବେଳେ ମୁଖ୍ୟ ନାଳ ମଧ ସଫେଇ ହୋଇନାହିଁ। ଫଳରେ ବର୍ଷା ପାଣି ନିଷ୍କାସନ ନ ହୋଇ ରାସ୍ତାରେ ଭାସୁଛି। ଏପରି ଅବସ୍ଥାରେ ଅଳିଆ ଆବର୍ଜନା ଆସି ବଜାରରେ ଜମା ହୋଇ ରହୁଛି। ଫଳରେ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏପରିସ୍ଥିତିରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଦୋକାନୀଙ୍କୁ ଭଡା ପାଇଁ ତାଗିଦ କରୁଥିବା ବେଳେ ଏହାର ରକ୍ଷଣାବେଷଣ ପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏହା ଦକ୍ଷିଣ ରାଉରକେଲାର ପ୍ରମୁଖ ଦୈନିକ ପରିବା ହାଟ। ଏଠାକୁ ସହର ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରୁ ଦୈନିକ ଶତାଧିକ ଚାଷୀ ନିଜ କଷ୍ଟ ଉତ୍ପାଦିତ ସାମଗ୍ରୀ ଧରି ବେପାର କରିବାକୁ ଆସିଥାନ୍ତି। ବର୍ତ୍ତମାନ ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ବଜାର ଅବସ୍ଥା ନେଇ ଚାଷୀ ଚିନ୍ତା ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ଲଗାଣ ବର୍ଷାରେ ବଜାର ବୁଡିବା ଏକ ପ୍ରକାର ସୁନିଶ୍ଚିତ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ରାଉରକେଲା ସେକ୍ଟର-୨୨ ସୁପର ମାର୍କେଟରେ ପଡ଼ିରହିଥିବା ଅଳିଆ ଆବର୍ଜନା।

## ବ୍ରଜରାଜନଗର ଗୁଳିକାଣ୍ଡ ଘଟଣା
# ଖବରଦାତା ସମ୍ମିଳନୀ ପୂର୍ବରୁ ଅଭିଯୁକ୍ତଙ୍କ ଫଟୋ ଭାଇରାଲ

**ଝାରସୁଗୁଡା ଅଫିସ୍/ଲଖନପୁର, ୨୮।୬ (ଡି.ଏନ୍.ଏ.)**

### ଝାରସୁଗୁଡ଼ା ଜିଲା

- ପଦାରେ ପଡିଛି ପୋଲିସର ଗୋପନୀୟତା
- ଅଧିକାରୀଙ୍କ କାର୍ଯ୍ୟରେ ଏସ୍‌ପିଙ୍କ ଅସନ୍ତୁଷ୍ଟ
- ଘଟଣାର ତଦନ୍ତ, କାର୍ଯ୍ୟାନୁଷ୍ଠାନ ଦାବି

ଝାରସୁଗୁଡା ଜିଲା ବ୍ରଜରାଜନଗରର ଅମିତ୍ ଧଳ ଗୁଳିକାଣ୍ଡର ୩ ଦିନ ପରେ ପୋଲିସ୍ ଘଟଣାର ପର୍ଦ୍ଦାଫାଶ କରିଛି। ଏନେଇ ପୋଲିସ ପକ୍ଷରୁ ଗୁରୁବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ଅଶ୍ୱିନୀ ମହାନ୍ତି ଗୁଳିକାଣ୍ଡ ଘଟଣା ସମ୍ପର୍କରେ ସର୍ବଶେଷ ତଥ୍ୟ ରଖିଥିଲେ । ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ୪ଜଣ ଅଭିଯୁକ୍ତଙ୍କୁ ପୋଲିସ ଖବରଦାତା ସମ୍ମିଳନୀରେ ହାଜର କରିଥିଲା। ତଦନ୍ତରେ ବାଧାସୃଷ୍ଟି ହେବା ଦୃଷ୍ଟିରୁ ପୋଲିସ ୪ଜଣ ଅଭିଯୁକ୍ତଙ୍କ ମୁହଁରେ କଳା କପଡା ବାନ୍ଧି ଖବରଦାତା ସମ୍ମିଳନୀରେ ହାଜର କରିଥିଲା । ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ବିଭିନ୍ନ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଚାର ପ୍ରସାର ପାଇଁ ଫଟୋ ଉତ୍ତୋଳନ କରିଥିଲେ । ଏହା ପୂର୍ବରୁ ୪ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣ ଅଭିଯୁକ୍ତଙ୍କ ମୁହଁ ଖୋଲାଥିବା ଫଟୋ ସହିତ ବନ୍ଧୁକ, ଗୁଳି ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ଅଭିଯୁକ୍ତଙ୍କ ଏହି ଭାଇରାଲ୍ ଫଟୋ ପୁଣି ଥାନା ହାଜତରେ ଉଠାଯାଇଥିବା ଫଟୋଚିତ୍ରରୁ ସ୍ପଷ୍ଟ ହୋଇଛି। ଏନେଇ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା କେତେକ ଖବରଦାତା ଫଟୋ ଭାଇରାଲ୍‌କୁ ନେଇ ଏସ୍‌ପି ମହାନ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଜାଣିବା ପରେ ଏସ୍‌ପି ମହାନ୍ତି କେତେଜଣ ତଦନ୍ତକାରୀ ପୋଲିସ ଅଧିକାରୀଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୂଚନା ଥାଉକି ଗତ ୨୪ତାରିଖ ରାତିରେ ଦୁର୍ବୃତ୍ତମାନେ ଅମିତ୍ ଧଳଙ୍କୁ ଗୁଳି କରି ଫେରାର ହୋଇଯାଇଥିଲେ। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ନେଇ ସ୍ଥାନୀୟ ଲୋକେ ଗାନ୍ଧୀ ଛକରେ ଜାତୀୟ ରାଜପଥ ଅବରୋଧ କରିଥିଲେ । ପୋଲିସ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଗୁଳିକାଣ୍ଡ ଘଟାଇ ଅଭିଯୁକ୍ତମାନେ ଘଟଣାସ୍ଥଳରେ ଛାଡିଯାଇଥିବା ବାଇକ୍‌କୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ୩ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ଧରାପଡିଥିବା ୩ଜଣଙ୍କୁ ପୋଲିସ ପଚରାଉଚୁରା କରିବା ପାଇଁ ଜିଲାର ଏକ ସୁରକ୍ଷିତ ଥାନାକୁ ଅଣାଯାଇଥିଲା। ଅଭିଯୁକ୍ତଙ୍କୁ ଜେରା କରିବାରେ ଜିଲାର ବହୁ ଦକ୍ଷ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ଏପରି କି ପଡୋଶୀ ଜିଲାର ଜଣେ ପୋଲିସ ଅଧିକାରୀଙ୍କୁ ଡକରାଯାଇଥିଲା । ଅଭିଯୁକ୍ତମାନେ ବହୁ ସୁରକ୍ଷା ମଧ୍ୟରେ ରହିଥିବା ବେଳେ କିଏ କେମିତି ଥାନା ହାଜତରୁ ଫଟୋ ଉତ୍ତୋଳନ କଲା । ପୁଣି ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ପୋଲିସର ଗୋପନୀୟତା ପଦାରେ ପଡିଛି। ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ଜୁନ୍, ୨୦୧୯



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ। -ଗୁରୁ ନାନକ



## ସଂକ୍ଷେପରେ

### ଲାଲ୍‌ବାହିନୀ ଗୁଳିମାଡ଼ରେ ୩ ଯବାନ ଶହୀଦ

- ରାସ୍ତାରେ ଯାଉଥିବା ଭ୍ୟାନ୍‌ରେ ବାଜିଲା ୫ ଗୁଳି
- ଜଣେ ଛାତ୍ର ମୃତ, ଜଣେ ଆହତ

**ମାଲକାନଗିରି, ୨୮।୬(ଡି.ଏନ.ଏ.):** ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ଭେରମଗଡ ଥାନା ଅଞ୍ଚଳରେ ଲାଲ୍‌ବାହିନୀ ଓ ପୋଲିସ ମଧ୍ୟରେ ଶୁକ୍ରବାର ଗୁଳି ବିନିମୟ ହୋଇଛି। ଏଥିରେ ୩ଜଣ ଯବାନ ଶହୀଦ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟ ଜଣେ ଯବାନଙ୍କ ପରିଚୟ ମିଳିପାରିନାହିଁ। ପରିଚୟ ମିଳିଥିବା ସମ୍ପୃକ୍ତ ୨ ଯବାନ ହେଲେ ଓ.ପି. ସାଜ ଓ ମହାଦେବ ପାଟିଲ। ଏହି ଗୁଳି ବିନିମୟ ବେଳେ ଜିବି ତେଲମ ନାମକ ଜଣେ ଛାତ୍ରଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଜଣେ ଯବାନ ଓ ଜଣେ ଛାତ୍ର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଭେରମଗଡ ଥାନା କେସକୁତୁଲ ଗ୍ରାମରେ ମାଓବାଦୀମାନେ ଥିବା ଖବର ପାଇ ୧୯୯ ବାଟାଲିୟନର ସିଆରପିଏଫ ଯବାନମାନେ କୋମ୍ବିଂ ଅପେରଶନରେ ଯାଇଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ଯବାନମାନେ ଏହାର ପ୍ରତି ଜବାବ ଦେଇ ପାଲଟା ଗୁଳି ଚଳାଇଥିଲେ। ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିବାବେଳେ ଭେରମଗଡ ସାପ୍ତାହିକ ହାଟକୁ ଯାଉଥିବା ଏକ ଯାତ୍ରୀବାହୀ ଭ୍ୟାନ ଫଶି ଯାଇଥିଲା। ଭ୍ୟାନରେ ୫ଟି ଗୁଳି ବାଜିଥିଲା। ଗୋଟିଏ ଗୁଳି ଭ୍ୟାନରେ ଥିବା ଛାତ୍ର ଜିବି ତେଲମଙ୍କ ଦେହରେ ବାଜିଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଛାତ୍ର ଆହତ ହୋଇଥିଲେ। ଆହତ ଛାତ୍ର ଓ ଯବାନ ମଦନ ଲାଲଙ୍କୁ ପ୍ରଥମେ ଭେରମଗଡ ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ ରାୟପୁର ପଠାଯାଇଥିବା ଜଣାପଡିଛି। ଖବର ପାଇ ଅଧିକ ଫୋର୍ସ ଘଟଣା ସ୍ଥଳକୁ ଯାଇ ସର୍ଚ୍ଚ ଅପେରଶନ ଚଳାଇଛନ୍ତି।

### ଜଳିଗଲା ପୌର ପରିଷଦ ଗୋଦାମ

**ମାଲକାନଗିରି, ୨୮।୬(ଡି.ଏନ.ଏ.):** ମାଲକାନଗିରି ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ଗୋଦାମରେ ଶୁକ୍ରବାର ନିଆଁ ଲାଗିଯାଇଥିଲା। ଫଳରେ ବହୁ ସାମଗ୍ରୀ ସହ କାଗଜପତ୍ର ପୋଡି ନଷ୍ଟ ହୋଇଯାଇଛି। ୮ଟି ବାଇକ୍ ମଧ୍ୟ ପୋଡ଼ି ଛାରଖାର ହୋଇଯାଇଛି। ନିଆଁ ଲାଗିବା ପରେ ଏକ ବିସ୍ଫୋରଣ ହୋଇଥିଲା। କର୍ମଚାରୀମାନେ ବାହାରକୁ ଚାଲିଆସିଥିଲେ। ଏନେଇ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ, ଏହାକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରାୟ ୨ ଘଣ୍ଟା ଲାଗିଥିଲା। ଗୋଦାମରେ ନିଆଁ କିଭଳି ଲାଗିଲା ତାହା ଅସ୍ପଷ୍ଟ ରହିଛି। ଗୋଦାମରେ ଫିନାଇଲ, ବ୍ଲିଚିଂ ପାଉଡର,ଡି.ଡି.ଟି ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରଖାଯାଇଥିଲା। ପ୍ରଥମେ ଗୋଦାମରେ ନିଆଁ ଲାଗିବା ପରେ ଏହା ବ୍ୟାପୀ ସମ୍ମୁଖରେ ଥିବା ବାଇକ୍‌ଗୁଡ଼ିକରେ ଲାଗି ଯାଇଥିଲା। ଫଳରେ ୪ ଜଣ ବ୍ୟାଙ୍କ କର୍ମଚାରୀଙ୍କ ସହ ଅନ୍ୟ ଲୋକମାନଙ୍କର ମିଶି ମୋଟ ୮ଟି ବାଇକ୍ ଓ ଗୋଟିଏ ସାଇକେଲ ପୋଡ଼ି ନଷ୍ଟ ହୋଇଯାଇଛି। ଆଇସିଆଇସିଆଇ ବ୍ୟାଙ୍କ କର୍ମଚାରୀ ଅଶୋକ କୁମାର ପ୍ରଧାନ, କିଶୋର ମଣ୍ଡଳ, ରବି ତେଜା, କୃତିବାସ ମହାରଣାଙ୍କ ସହ ଅଭିମନ୍ୟୁ ନାୟକ, ଶଙ୍କରୀ କିର୍ତ୍ତନ, ଦୀପକ ହାଲଦାର ଓ ଇବ୍ରାହିମ ଖାନଙ୍କ ବାଇକ୍ ପୋଡ଼ି ଯାଇଛି। ସ୍ୱାଧୀନ କୁମାର ପଟ୍ଟନାୟକଙ୍କ ସାଇକେଲ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ୨ ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଛି। କେଉଁ କାରଣରୁ ନିଆଁ ଲାଗିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୌର ନିର୍ବାହୀ ଅଧିକାରୀ ଏମ.ନିଳକଣ୍ଠ ନାଇଡୁ କହିଛନ୍ତି।

## ଘାଟିରାସ୍ତାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ଥାନା ଘେରିଲେ ଆଦିବାସୀ

**କନ୍ଧମାଳ,୨୮।୬(ଡି.ଏନ.ଏ)**

ବୌଦ୍ଧ ଓ କନ୍ଧମାଳ ଜିଲା ସୀମାନ୍ତ ନାରାୟଣପ୍ରସାଦ ଓ ସୁଟାଣୀ ଘାଟିରେ ଲୁଣ୍ଠନ, ଅତ୍ୟାଚାର, ଡାକାୟତି ଓ ଚୋରି ହେଉଛି। ଏ ଦିଗରେ ପୋଲିସ ପ୍ରଶାସନ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ୬ଟି ପଞ୍ଚାୟତର ଆଦିବାସୀମାନେ କନ୍ଧମାଳ ଥାନା ଘେରାଉ କରିଥିଲେ।

ସୂଚନା ଅନୁସାରେ, କନ୍ଧମାଳ ଓ ବୌଦ୍ଧ ଜିଲା ସୀମାନ୍ତ କନ୍ଧମାଳ ଅଞ୍ଚଳରେ ଉଭୟ ଜିଲାର ଲୋକମାନଙ୍କ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ରହିବା ସହ ଯାତାୟାତ ପ୍ରତିଦିନ ହୋଇଥାଏ। ବାଲନ୍ଦାପଡାରୁ କନ୍ଧମାଳ ରାସ୍ତା ମଧ୍ୟରେ ଉଭୟ ଜିଲାର ଜନସାଧାରଣ ବ୍ୟବସାୟ କରୁଛନ୍ତି। ବର୍ତ୍ତମାନ କିଛି ଦିନ ହେବ ନାରାୟଣ ପ୍ରସାଦ ( ଟଙ୍ଗିଆନିସା ) ଓ ସୁଟାଣୀ ଘାଟିରେ ଦିନକୁ ଦିନ ଲୁଣ୍ଠନ, ଡକାୟତି, ରାହାଜାନି ଓ ହତ୍ୟା ଘଟଣା ବଢିବାରେ ଲାଗିଛି। ଫଳରେ ଦୁଇଟି ଘାଟିରେ ଜନସାଧାରଣ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏ ନେଇ ଶୁକ୍ରବାର କନ୍ଧମାଳ ଜିଲାର ଛଅଟି ପଞ୍ଚାୟତର ବାଲନ୍ଦାପଡା, ଲୁଲସିଂ, କ୍ରାଣ୍ଡିବାଲି, ପକାରୀ, ପାହିରାଜୁ ଓ କୁଲରୀମାଣ୍ଡି ଗ୍ରାମପଞ୍ଚାୟତର ଜନସାଧାରଣ ଆଞ୍ଚଳିକ ଦୁର୍ନୀତି ନିବାରଣ ପରିଚଳାନା କମିଟି ଗଠନ କରି ଥାନା ଘେରାଉ କରିଥିଲେ। ଉକ୍ତ ଅଞ୍ଚଳରେ ପୋଲିସ ମୁତୟନ କରି ସୁରକ୍ଷା ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ଯଦି ସୁରକ୍ଷା ଦିଆ ନ ଯାଏ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଏହାସହ ଥାନା ଅଧିକାରୀଙ୍କ ଜରିଆରେ ବୌଦ୍ଧ ଏସପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।



ଆଦିବାସୀମାନେ ଥାନା ଘେରାଉ କରିଛନ୍ତି।

## ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣା

# ନିରାପତ୍ତା କମିଶନରଙ୍କ ତଦନ୍ତ ଆରମ୍ଭ

**ରାୟଗଡା ଅଫିସ୍, ୨୮।୬**

ଗତ ୨୫ତାରିଖରେ ରାୟଗଡ଼ା କେଉଟଗୁଡା ଓ ସିଙ୍ଗାପୁର ରୋଡ ଷ୍ଟେଶନ୍ ମଧ୍ୟରେ ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ରେଳବାଇ ନିରାପତ୍ତା କମିଶନର। ଶୁକ୍ରବାର କମିଶନର ଆର୍.କେ ଶର୍ମାଙ୍କ ନେତୃତ୍ୱରେ ଏକ ଟିମ୍ କୋଲକାତାରୁ ଆସି ଏହି ତଦନ୍ତ କରିଥିଲେ। ଉକ୍ତ ଟିମ୍ ପ୍ରଥମେ ସିଙ୍ଗାପୁର ରୋଡ ରେଳ ଷ୍ଟେଶନ୍‌କୁ ଯାଇଥିଲେ। ଦୁର୍ଘଟଣା ଦିନ ଟ୍ରେନ ଚଳାଚଳର ସମୟାବଳୀ ସହ ଅନ୍ୟାନ୍ୟ ବୈଷୟିକ ଦିଗ ସମ୍ପର୍କରେ ଷ୍ଟେଶନ୍ କର୍ମଚାରୀଙ୍କୁ ପଚାରିଥିଲେ। ତେବେ ପଚରାଉଚୁରା ବେଳେ ଷ୍ଟେଶନ୍ ପରିଚାଳକ ଏସ୍.ଆର୍ ମହାନ୍ତି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ କମିଶନର ଶର୍ମା ଘୋର ଅସନ୍ତୋଷ ବ୍ୟକ୍ତ କରିବା ସହ ଏହିଭଳି ତ୍ରୁଟି ଯୋଗୁ ଦୁର୍ଘଟଣା ବଢୁଛି ବୋଲି କହିଥିଲେ। ସିଙ୍ଗାପୁର ରୋଡ ଷ୍ଟେଶନ୍ ଠାରେ ଦରପୋଡା ଅବସ୍ଥାରେ ଥିବା ଇଞ୍ଜିନର ଅନୁସନ୍ଧାନ କରିଥିଲେ। ପରେ ସେଠାରୁ ବାହାରି କେଉଟଗୁଡା ଷ୍ଟେଶନ୍ ଯାଇଥିଲେ। ସେଠାରେ ମଧ୍ୟ ଉକ୍ତ ଦିନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଡାକି ପଚରାଉଚୁରା କରିଥିଲେ। କେଉଁଭଳି ସ୍ଥିତିରେ ସିଗ୍‌ନାଲ ପ୍ରଦାନରେ ଭୁଲ ରହିଲା ଓ ଷ୍ଟେଶନ୍ ପରିଚାଳକଙ୍କ ଦାୟିତ୍ୱ କ'ଣ ରହିଥିଲା ତାହାକୁ ପ୍ରାଥମିକତା ଦିଆଯାଇଥିଲା। ତେବେ ଉଭୟ ଷ୍ଟେଶନ୍‌ରେ ତଦନ୍ତ ବେଳେ କର୍ମଚାରୀମାନଙ୍କୁ କମିଶନରଙ୍କ ଟିମ୍ ଗୁଡେଇ ତୁଡେଇ ପ୍ରଶ୍ନ କରିଥିଲେ। ଏଥିସହ ୨ ଦରପୋଡା ଟ୍ରେନର ଇଞ୍ଜିନରୁ କିଛି ନମୁନା ମଧ୍ୟ ସଂଗ୍ରହ କରାଯାଇଥିଲା। ଏହି ଟିମ୍ ସେଠାରୁ ଫେରି ରାୟଗଡା ରେଲୱେ ବିଶ୍ରାମ ଗୃହଠାରେ ମଧ୍ୟ ତଦନ୍ତ କରିଥିଲେ। ରାୟଗଡା ସିଙ୍ଗାପୁର ରୋଡ ଓ କେଉଟଗୁଡା ଷ୍ଟେଶନର ଡ଼କାଯାଇଥିବା ୬୧ଜଣ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରୁ କେତେଜଣ ରାୟଗଡାଠାରେ ଉପସ୍ଥିତ ଥିଲେ। ସେମାନଙ୍କୁ ମଧ୍ୟ ପଚରାଉଚରା କରିଥିଲେ। ଅନ୍ୟମାନଙ୍କୁ ବିଶାଖାପାଟଣା ଡକାଯାଇଥିବା ଜଣାପଡିଛି। ଏହି ତଦନ୍ତ ୩ ଦିନ ଧରି ଚାଲୁ ରହିବ। କମିଶନର ଶର୍ମାଙ୍କ ନେତୃତ୍ୱରେ ଏହି ଟିମ୍‌ରେ ପୂର୍ବତଟ ରେଳପଥର ମୁଖ୍ୟ ନିରାପତ୍ତା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଉପମୁଖ୍ୟ ନିରାପତ୍ତା ଅଧିକାରୀ ମଦନମୋହନ ପଟ୍ଟନାୟକ, ମୁଖ୍ୟ ଟ୍ରାଫିକ୍ ଇନ୍ସପେକ୍ଟର ବି.କେ. ପାଢ଼ୀ ରହିଥିଲେ।

## ସମଲେଶ୍ୱରୀ ଟ୍ରେନ୍‌ରେ ଯାନ୍ତ୍ରିକ ତ୍ରୁଟି

**ଜୟପୁର,୨୮।୬(ନି.ପ୍ର./ଡି.ଏନ୍.ଏ.)**

ଜଗଦଲପୁର-ହାୱଡ଼ା ସମଲେଶ୍ୱରୀ ଟ୍ରେନ୍ ଯାନ୍ତ୍ରିକ ତ୍ରୁଟି ପାଇଁ ଶୁକ୍ରବାର କୋରାପୁଟ ଜିଲା କୋଟପାଡ଼ ରୋଡ୍-ଜୟପୁର ଷ୍ଟେସନ ମଧ୍ୟରେ ୭ ଘଣ୍ଟା ଅଟକି ରହିଛି। ଭୋର୍ ସାଢ଼େ ୪ଟାରେ ଜଗଦଲପୁର ଷ୍ଟେସନ ଛାଡ଼ିଥିବା ଏହି ଟ୍ରେନ୍ ମାତ୍ର ଅଧଘଣ୍ଟାର ରାସ୍ତା ଅତିକ୍ରମ କରିବା ପରେ ପାୱାର ଫେଲ୍ ହୋଇଯିବାରୁ କୋଟପାଡ଼-କୁସୁମି ମଧ୍ୟରେ ଅଟକି ରହିଥିଲା। ଜଗଦଲପୁରର ବୈଷୟିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ ଜୟପୁର ଷ୍ଟେସନରୁ ୨ଟି ଇଞ୍ଜିନ ସେଠାକୁ ପଠାଯାଇଥିଲା। କିନ୍ତୁ ତାହା ମଧ୍ୟ ଫେଲ୍ ମାରିଥିଲା। ପରେ ଅନ୍ୟ ଏକ ଇଞ୍ଜିନ ଯାଇ ଟ୍ରେନ୍‌କୁ ଆଣିଥିଲା। ଭୋର ସାଢ଼େ ୫ଟାରେ ଜୟପୁର ଷ୍ଟେସନରେ ପହଞ୍ଚିବାକୁ ଥିବା ଟ୍ରେନ୍ ଦିନ ସାଢ଼େ ୧୨ରେ ପହଞ୍ଚିଥିଲା। ଏହାପରେ ଟ୍ରେନ୍ ହାୱଡ଼ା ଅଭିମୁଖେ ଯାତ୍ରା କରିଥିଲା ବୋଲି ଜୟପୁର ଷ୍ଟେସନ ସୁପରିଣ୍ଟେଣ୍ଡେଣ୍ଟ ଜନ୍ କୁଜୁର ସୂଚନା ଦେଇଛନ୍ତି।


୭ ଘଣ୍ଟା ବିଳମ୍ବରେ ପହଞ୍ଚିଲା ଜୟପୁର ଷ୍ଟେଶନ


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

CAPITAL FINANCE LTD.
Helpline Number
8859690149

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ, କୃଷି, ବ୍ୟବସାୟ, ସମ୍ପତି, କୁକୁଡ଼ାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
85058-11813
85058-50178
bharatloanonline@gmail.com
A-28 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

JEEVAN JYOTI FINANCE PVT. LTD.
2% ସୁଧ 40% ଛାଡ଼
8765256101

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଟାୱାର ଲଗାଇ
70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସମ୍ପର୍କ କରନ୍ତୁ
Call / SMS Now
7895985440

BUSINESS
90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା
8929313996
7042350747

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା
9584226773
9468038873

Bhartiya Infotech Network Company
Address:- Head Office G-79 Aadrsh Nagar Karol Bagh
9078839971

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର।
9719339390

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିକୁ ଦାବି ମୁତାବକ ପୁରସ୍କାର
ମିଆଁ ମଲଖାନ ଜୀ
8860596444
8860599820

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।